# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୬/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, June 6/2019 | ★★★★

୪୫ଶ ଭାଗ ୧୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






Call 7219821111 or visit : www.bajajauto.com/doubleshagun | For Institutional / Bulk orders, please send an e-mail to corporatesales@bajajauto.co.in | **Offer valid till 15th June 2019.**

*CT100 KS ଆଲୟ CBS ଏକ୍ସ ଶୋରୁମ୍ ଓଡ଼ିଶା ମୂଲ୍ୟ. ସର୍ତ୍ତ ଓ ନିୟମାବଳୀ ଲାଗିବ । ଫ୍ରୀ 5 ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ CT100 ES, CT100 KS ଆଲୟ, Platina 100 ES ଆଉ Platina 110 ସକାଶେ ମିଳୁଛି, କେବଳ ବଛା ବଛା ପ୍ରଦେଶରେ । ଫ୍ରୀ 5 ବର୍ଷର ୱାରେଣ୍ଟୀ ଯାବତୀୟ ବଜାଜ ବାଇକ୍ ସକାଶେ ସବୁ ପ୍ରଦେଶରେ ମିଳୁଛି । ବିଶଦ ବିବରଣୀ ପାଇଁ ଦେଖନ୍ତୁ www.bajajauto.com/doubleshagun । ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫରକୁ ସଂଶୋଧନ କରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । ତୃତୀୟ ପକ୍ଷ ବୀମା ଓ ବାଧ୍ୟତାମୂଳକ ପର୍ସନାଲ୍ ଆକ୍ସିଡେଣ୍ଟ କଭର୍ ମାଗଣା ବୀମା ଅଫର୍ ଅନ୍ତର୍ଭୁକ୍ତ ନୁହେଁ । ଇନ୍ସ୍ୟୋରର୍ ମାନଙ୍କ ସୂଚୀ ନିଦର୍ଶକ ଅଟେ, ଯାହା ପ୍ରତି ବିକ୍ରେତା ଡୀଲର୍‌ଙ୍କ ଠାରେ ଭିନ୍ନ ହୋଇପାରେ । ଉଦ୍ଧୃତ ବୀମା ସଞ୍ଚୟ ରାଶି ବିକ୍ରେତା ଡୀଲର୍ ବା ଇନ୍ସ୍ୟୋରର୍ ମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । **ବଜାଜ ଅଟୋ କୌଣସି ପ୍ରକାରର ବୀମା ପଲିସୀ ବିକ୍ରୀରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମ୍ପୃକ୍ତ ନୁହେଁ ।** ପେଟିଏମ୍ ଅଫର୍ ପେଟିଏମ୍ ତଥା ସମ୍ବନ୍ଧିତ ଡୀଲର୍ ଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ । ପେଟିଏମ୍ ଅଫର୍ କେବଳ ବଛା ବଛା ଉତ୍ପାଦ ଓ ବଛା ବଛା ଡୀଲର୍‌ଶିପ୍ ଠାରେ ପ୍ରଯୁଜ୍ୟ । ପେଟିଏମ୍ ଅଫର୍ ମିଳିବା ଡୀଲର୍‌ଙ୍କ ବିବେଚନା ଉପରେ ନିର୍ଭର କରେ । **ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ପ୍ରୋସେସିଙ୍ଗ ଫୀସ୍ ଅତିରିକ୍ତ ।

**Authorised Dealers for Bajaj Auto Ltd.:** Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Kanika Chack SONTHALIA BAJAJ 2305020 • Badambadi SURAJ BAJAJ 8093066603 • Kendrapada SREE BALDEVJEW BAJAJ 9861174045 • Rahama MAITREE BAJAJ 9668801781, Nayagarh MSB Bajaj 7873925390 • Keonjhar JR BAJAJ 9439008692 / 06766254999• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. **Authorised Service Centre:** Balianta 9337112977, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 9776142222, Tangi 8984562569, Nirakarpur 9861203564, Sakhigopal 9853942290, Phulnakhara 9437410737, Salepur 9040452661, Jagatsinghpur 9437273939,JajpurTown 9937888777, Bhuban 9438570111, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Bidanasi 9437877622, Athgarh 9937289417, Bidharpur 7008503281, Banki 8895278126, Rambha 7381099445.

# ROYAL HIGHER SECONDARY SCHOOL OF SCIENCE & TECHNOLOGY

## (Royal College of Science & Technology)

## BHUBANESWAR

Estd.-2003



553

Anil Jena (92.17%)

**The No.1**

**+2 Science** College in Odisha

**(Fully Residential)**

(17th Batch Admission Open)



548

Arjeet Pradhan (91.33%)

## OUR TOP PERFORMERS IN CHSE-2019

538  Subham

536  Tapaswini

530  Prangya

529  Smruti

526  Akankhya

526  Jagajyoti

519  Soumyakanta

514  Ronalisha

508  Sonali

505  Satyam

505  Samiksha

503  Sujay

502  Satabdi

Our Result 99.65%

Many more

Sunday Open

**E-ADMISSION IN +2 SCIENCE FOR SESSION 2019-20** Apply Common Application Form (Online)as per Govt. Notification on dt. 06.06.2019

### Odisha Topper in +2 Science (2018)

RANK 1

CHSE, Odisha 2018



570

Siddhanta Ku. Sahu (95%)

All time Record

### Our outstanding Royalites who have successfully cracked NEET-2019

1. Sital Kumar Prusty - 618 Marks
2. Sidhanta Kumar Sahoo - 617 Marks
3. Debasis Sahoo - 608 Marks
4. Abhisek Sahoo - 591 Marks
5. Smruti Ranjan Dhala - 588 Marks
6. Satyajit Jena - 566 Marks
7. Siddhartha Sekhar Das - 540 Marks
8. Chinmay Rout - 535 Marks

Many More..

### ROYAL SCHOLARSHIP-2019

(For +2 Science)

| Sl. No. | % of Mark Secured | Scholarship |
|---|---|---|
| 1. | 85% to 89.99% | 10,000/- |
| 2. | 90% to 94.99% * | 50,000/-* |
| 3. | 95% and Above * | 1,00,000/-* |
| 4. | Top Ten Students (Entrance Basis) only for 90% or above* | Free for 2 years.* |

* Terms and Conditions Apply

### FOR +3 SCIENCE

(Under Utkal University)

( **Hons.**seats available in Phy, Chem., Math., Bot., Zool, Comp.Sc. & Geology)

100% Residential



Archita Harichandan

(Journey from 59 % to 89.63%)

Contact : **ROYAL COLLEGE OF SCIENCE & TECHNOLOGY**

A-125, Mancheswar Industrial Estate, Rasulgarh,Bhubaneswar- 10

Mob.: 9658064058, 9937791247, 8763001919, 8763001818

E-mail : royalcollegebbsr1@gmail.com, website: www.royal-college.org

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୬/୨୦୧୯ | Bhubaneswar, Thursday, June 6/2019 | ପୃଷ୍ଠା-୧




## ମୁହଁ ଖୋଲିଲେ ଦିଶା

ଟାଇଗରଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ମୁହଁ ଖୋଲିଛନ୍ତି ଦିଶା । ଆମ ଭିତରେ କେବଳ ବନ୍ଧୁତା ରହିଛି ବୋଲି ସେ କହିଛନ୍ତି ।

୧୪

୧୭

## ଛେତ୍ରୀଙ୍କ ରେକର୍ଡ

ଅଧିନାୟକ ସୁନୀଲ ଛେତ୍ରୀ ଭାରତ ପାଇଁ ସର୍ବାଧିକ ଅନ୍ତର୍ଜାତୀୟ ଫୁଟବଲ ମ୍ୟାଚ୍ ଖେଳିବାର ରେକର୍ଡ ହାସଲ କରିଛନ୍ତି।



## ହାସ୍ୟ ଅଭିନେତା ଦିନ୍ୟାର୍ କଣ୍ଟ୍ରାକ୍ଟରଙ୍କ ଦେହାନ୍ତ



ନୂଆଦିଲ୍ଲୀ,୫।୬: ହାସ୍ୟ ଅଭିନେତା ଦିନ୍ୟାର୍ କଣ୍ଟ୍ରାକ୍ଟରଙ୍କ ବୁଧବାର ସକାଳେ ଦେହାନ୍ତ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। 'ତାରାକ୍ ମେହତା କା ଉଲ୍‌ଟା ଚଶ୍‌ମା', 'ଖିଚ୍‌ଡ଼ି', 'ଦୋ ଔର୍ ଦୋ ପାଞ୍ଚ' ଭଳି ଅନେକ ଟେଲି ସିରିୟଲ୍‌ରେ ନିଜ ଅଭିନୟର ଯାଦୁ ଛାଡ଼ିଯାଇଥିବା ଏହି ହାସ୍ୟ ଅଭିନେତା ବୟସାଧିକ ଯୋଗୁ ନାନା ରୋଗରେ ପଡ଼ିଥିଲେ। ବୁଧବାର ଅପରାହ୍ଣରେ ଓ୍ୱର୍ଲିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ସ୍କୁଲ କ୍ୟାରିୟରରୁ ନିଜର ଅଭିନୟ ☞ପୃଷ୍ଠା-୨

### ■ ଅନିଶ୍ଚିତତାରେ ପୌର ନିର୍ବାଚନ

# ସମସ୍ୟାରେ ଘାଣ୍ଟି ହେଉଛନ୍ତି ସହରବାସୀ

**ଭୁବନେଶ୍ୱର (ବ୍ୟୁରୋ)/ କଟକ ଅଫିସ୍, ୫।୬**

ବାତ୍ୟା ଫନୀକୁ ମାସେ ବିତିଗଲାଣି। ବ୍ୟାପକ କ୍ଷତି ଘଟାଇଥିବା ପୁରୀ, କଟକ, ଖୋର୍ଦ୍ଧା ଜିଲାର ପୌର ସଂସ୍ଥାଗୁଡ଼ିକରେ ବାସ କରୁଥିବା ଲୋକମାନଙ୍କର ଦୁର୍ଦ୍ଦଶା କମୁନାହିଁ। ଟିକେ ମୌଳିକ ସୁବିଧା ପାଇବା ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଗତ ୮ ମାସରୁ ଊର୍ଦ୍ଧ୍ୱ ହେବ ରାଜ୍ୟର ୩ ମହାନଗର ସମେତ ୯୩ ଏନ୍‌ଏସି ଓ ମ୍ୟୁନିସିପାଲିଟିରେ ନିର୍ବାଚନ ହୋଇପାରିନାହିଁ। ସ୍ଥାନ ସଂରକ୍ଷଣକୁ ନେଇ ଉପୁଜିଥିବା ବିବାଦରେ ପୌରସଂସ୍ଥାଗୁଡ଼ିକ ଫସିଯାଇଛନ୍ତି । କେବେ ସୁଦ୍ଧା ନିର୍ବାଚନ ହେବ ସେ ନେଇ ସରକାରଙ୍କ ପକ୍ଷରୁ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ। କାଉନସିଲ ଓ କର୍ପୋରେଶନଗୁଡ଼ିକର କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ପ୍ରଶାସନିକ ଅଧିକାରୀମାନଙ୍କ ଉପରେ ସରକାର ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଜଣେ ପ୍ରଶାସନିକ ଅଧିକାରୀଙ୍କ ଉପରେ ଏକାଧିକ ଦାୟିତ୍ୱ ରହିଥିବାରୁ ଲୋକମାନଙ୍କ ସମସ୍ୟା ବୁଝିବାକୁ ସେମାନଙ୍କ ପାଖରେ ବେଳ ନାହିଁ। ଫଳରେ ବର୍ଜ୍ୟବସ୍ତୁ ପରିଚାଳନା, ପାନୀୟ ଜଳ ଯୋଗାଣ, ରାସ୍ତା ପାର୍ଶ୍ୱ ଆଲୋକୀକରଣ, ଡ୍ରେନ୍ ସଫେଇ ଭଳି ମୌଳିକ କାର୍ଯ୍ୟ ସୁଚାରୁ ରୂପେ କରାଯାଇପାରୁନାହିଁ। ବିଭିନ୍ନ ସମସ୍ୟା ସମାଧାନ କରିବା ଦିଗରେ ସହରବାସୀ ମୁଖ୍ୟତଃ ନିଜ ଓ୍ୱାର୍ଡ଼ର ଜନପ୍ରତିନିଧିମାନଙ୍କ ଉପରେ ନିର୍ଭର କରିଥାଆନ୍ତି। ଲୋକମାନଙ୍କର ସେମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରହିଥାଏ। କାଉନସିଲ ଓ କର୍ପୋରେଶନ କାର୍ଯ୍ୟକାଳ ଶେଷ ହୋଇ ଯାଇଥିବାରୁ ସମସ୍ୟା ସମାଧାନ କରିବା ଦିଗରେ ଜନ ପ୍ରତିନିଧିମାନେ ସେଭଳି ଆଗ୍ରହ ଦେଖାଉ ନାହାନ୍ତି। କର୍ମଚାରୀ ଅଭାବ ଆଳ ଦେଖାଇ ପୌର ପ୍ରଶାସକମାନେ ମଧ୍ୟ ଦାୟିତ୍ୱରୁ ନିଜକୁ ଦୂରେଇ ରଖୁଛନ୍ତି। ବାତ୍ୟା ବିତିବାର ମାସକ ପରେ କୁଢ କୁଢ ବର୍ଜ୍ୟବସ୍ତୁ ଦୀର୍ଘ ଦିନ ହେବ ବିଭିନ୍ନ ଓ୍ୱାର୍ଡରେ ପଡି ରହିଛି। ଏଥିଯୋଗୁ ପରିବେଶ ମଧ୍ୟ ବିଗିଡିବାରେ ଲାଗିଛି। ଜନପ୍ରତିନିଧିଙ୍କ ନିକଟରେ ନିଜର ସମସ୍ୟା ଉପସ୍ଥାପନ କରୁଥିବା ସାଧାରଣ ଲୋକେ ଏବେ ଏକ ପ୍ରକାର ଅସହାୟ ହୋଇପଡିଛନ୍ତି। ବିଶେଷ କରି ପୁରୀ, ଖୋର୍ଦ୍ଧା ଓ କଟକ ଜିଲାରେ ଥିବା ପୌରସଂସ୍ଥାଗୁଡ଼ିକ ବାତ୍ୟା ଯୋଗୁ ଅଧିକ ପ୍ରଭାବିତ ହୋଇଛି। ଆଉ ଦିନ କେଇଟା ପରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟକୁ ପ୍ରବେଶ କରିବ। ଏ



- ■ ଆବର୍ଜନା ହଟୁନି, ଡ୍ରେନ୍ ସଫେଇ ହେଉନି
- ■ ଫନୀ ପରେ ପୌରସେବା ପାଇଁ ଲୋକେ ଡହଳବିକଳ
- ■ ପୌର ଆଇନ ସଂଶୋଧନ ବିଲ୍ ଆଗତ ପ୍ରସ୍ତୁତି ଚାଲିଛି

ପର୍ଯ୍ୟନ୍ତ ଡ୍ରେନ ସଫା କାର୍ଯ୍ୟ ଶେଷ ହୋଇ ପାରି ନ ଥିବାରୁ ସମସ୍ୟା ଆହୁରି ଜଟିଳ ହେବା ନେଇ ଜଳଜଳ ଦିଶିଲାଣି। ସହର ପୁନଃ ବିଦ୍ୟୁତୀକରଣ ଏବେ ବି ଅସଜଡା ହୋଇ ରହିଛି। କେତେକ ମୁଖ୍ୟ ରାସ୍ତାକୁ ବାଦ୍ ଦେଲେ ସହରର ପ୍ରାୟ ଅଧିକାଂଶ ଓ୍ୱାର୍ଡରେ କିଟି କିଟି ଅନ୍ଧକାର। ଷ୍ଟ୍ରିଟ୍‌ଲାଇଟ୍ ନ ଥିବାରୁ ଚୋରି, ଡକାୟତି ଭଳି ଅସାମାଜିକ କାର୍ଯ୍ୟକଳାପ ବଢିଚାଲିଛି। ଏଭଳି ସହରବାସୀ କେବଳ ଭଗବାନ ଉପରେ ଭରସା କରି ରହିଛନ୍ତି।

ଅନ୍ୟପକ୍ଷରେ ପୌର ନିର୍ବାଚନକୁ ନେଇ ରାଜ୍ୟ ସରକାର ହରଡ଼ଘଣାରେ ପଡିଛନ୍ତି। କୌଣସି ପରିସ୍ଥିତିରେ ପୌର ପରିଷଦ କିମ୍ବା ମହାନଗର ନିଗମରେ ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ରାୟ ଦେଇଥିଲେ। ଏହାସତ୍ତ୍ୱେ ରାଜ୍ୟର ୫୫ ପୌରସଂସ୍ଥାରେ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ରହିଛି। କାର୍ଯ୍ୟକାଳ ଶେଷ ହୋଇଥିବା ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ ସମେତ ୯୩ ଏନ୍‌ଏସି ଓ ☞ପୃଷ୍ଠା-୨

### ଆଇସିସି ବିଶ୍ୱକପ୍





# ଭାରତ ବିଜୟୀ

ସାଉଥାମ୍ପଟନ, ୫।୬: ବୋଲରଙ୍କ ଚମତ୍କାର ପ୍ରଦର୍ଶନ ପରେ ରୋହିତ ଶର୍ମାଙ୍କ ଶତକ ବଳରେ ଭାରତ ବୁଧବାର ଅନୁଷ୍ଠିତ ଆଇସିସି ବିଶ୍ୱକପ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୬ ଉଇକେଟରେ ପରାସ୍ତ କରିଛି। ରୋଜବାଉଲର ସ୍ଲୋ ପିଚ୍‌ରେ ବ୍ୟାଟିଂ କଷ୍ଟସାଧ ହେଉଥିବାବେଳେ ରୋହିତ କ୍ୟାରିୟରର ୨୩ତମ ଦିନିକିଆ ଶତକ ହାସଲ କରି ନିଜ ଦକ୍ଷତାର ପ୍ରମାଣ ଦେବା ସହ ଭାରତକୁ ବିଜୟ ସ୍ୱାଦ ଚଖାଇଛନ୍ତି। ଯୁଜବେନ୍ଦ୍ର ଚହଲ ୪ଟି ଏବଂ ଯଶପ୍ରୀତ ବୁମ୍‌ରା ଓ ଭୁବନେଶ୍ୱର କୁମାର ୨ଟି ଲେଖାଏ ଉଇକେଟ ନେଇ ଦକ୍ଷିଣ ଆଫ୍ରିକା ଇନିଂସକୁ ୫୦ ଓଭରରେ ୨୨୭/୯ରେ ସୀମିତ ରଖିଥିଲେ। ଜବାବରେ ଭାରତ ରୋହିତଙ୍କ ଅପରାଜିତ ଶତକ(୧୨୨ ରନ, ୧୪୪ ବଲ, ୧୩ ଚୌକା, ୨ ଛକା) ବଳରେ ୪୭.୩ ଓଭରରେ ୪ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରି ନେଇଥିଲା। ଅନ୍ୟ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ମହେନ୍ଦ୍ର ସିଂ ଧୋନୀ ୩୪, ଲୋକେଶ ରାହୁଲ ୨୬, ଅଧିନାୟକ ବିରାଟ କୋହଲି ୧୮ ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୫* ରନ ସ୍କୋର କରିଥିଲେ। ସ୍ମରଣୀୟ ଶତକୀୟ ଇନିଂସ ପାଇଁ ରୋହିତ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)


**ଆଜିର ସମ୍ପାଦକୀୟ**

ପାପୀମାନଙ୍କ ନର୍କ


**ଆଜିର ମନ୍ତବ୍ୟ**

"ଅନ୍ୟ ରାଜ୍ୟଗୁଡ଼ିକରେ ତାମିଲକୁ ଇଚ୍ଛାଧୀନ ଭାଷା ଭାବେ ବ୍ୟବହାର କରାଯାଉ।

-ଇ.କେ. ପାଲାନିସ୍ୱାମୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 05.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 105 | 165 | 175 |
| CTC | 105 | 165 | 175 |
| DKL | 103 | 162 | 172 |
| BDK | 103 | 162 | 172 |
| BLS | 103 | 162 | 172 |
| ANG | 103 | 162 | 172 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers


■ ୩ ନୂଆ କ୍ୟାବିନେଟ କମିଟି ଗଠିତ

## ବିକାଶ, ନିଯୁକ୍ତି, ସୁରକ୍ଷାକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୫।୬**

ଦେଶରେ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି ନୂତନ କର୍ମନିଯୁକ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ପଦକ୍ଷେପ ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର। ଏଥିସହ ଜାତୀୟ ନିରାପତ୍ତାକୁ ମଧ୍ୟ ସରକାର ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏହିକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ୩ଟି ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ କମିଟି ଗଠନ କରାଯାଇଛି। ମୋଦି ଏହି ୩ କମିଟିର ଅଧ୍ୟକ୍ଷ ରହିବେ ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ଭାରତର ଅର୍ଥନୀତି ଧିମା ହୋଇଯାଇଥିବାବେଳେ ବେକାରି ସମସ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ମୋଦି ସରକାରଙ୍କୁ ବାରମ୍ବାର ଟାର୍ଗେଟ କରିଆସୁଛନ୍ତି। ବିକାଶ ହାର ବଢ଼ାଇବା ଓ ନୂଆ ନିଯୁକ୍ତି ସୃଷ୍ଟି ☞ପୃଷ୍ଠା-୨

# ନଳିନ ଖଣ୍ଡେଲଓ୍ୱାଲ ନିଟ୍ ଟପ୍ପର

**ଭୁବନେଶ୍ୱର, ୫।୬(ବ୍ୟୁରୋ)**

ଡାକ୍ତରୀ ନାମଲେଖା ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ବୁଧବାର ପ୍ରକାଶ ପାଇଛି। ରାଜସ୍ଥାନର ନଳିନ ଖଣ୍ଡେଲଓ୍ୱାଲ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଥିବାବେଳେ ବଲାଙ୍ଗୀରର ଆଶୁତୋଷ ପଣ୍ଡା ଓଡ଼ିଶା ଟପ୍ପର ହୋଇଛନ୍ତି। ନଳିନ ୭୨୦ରୁ ମୋଟ ୭୦୧ ନମ୍ବର ରଖି ର୍‍ୟାଙ୍କ୍ ୧ ପାଇଛନ୍ତି। ଦିଲ୍ଲୀର ଭାବିକ ବନଶାଲ ଦ୍ୱିତୀୟ ଓ ଉତ୍ତରପ୍ରଦେଶର ଅକ୍ଷତ କୌଶିକ ତୃତୀୟ ର୍‍ୟାଙ୍କ୍ ପାଇଛନ୍ତି। ଉଭୟ ୭୦୦ନମ୍ବର ରଖିଥିଲେ ମଧ୍ୟ ଜୀବ ବିଜ୍ଞାନରେ ଅକ୍ଷତଙ୍କଠାରୁ ଭାବିକ ଅଧିକ ନମ୍ବର ରଖିଥିବାରୁ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ ଓଡ଼ିଶା ଟପ୍ପର ଆଶୁତୋଷ ମୋଟ ୬୮୨ନମ୍ବର ରଖି ସର୍ବଭାରତୀୟସ୍ତରରେ ୭୩ ର୍‍ୟାଙ୍କ ପାଇଛନ୍ତି। ଫିଜିକ୍ସରେ ୯୯.୯୯, କେମେଷ୍ଟ୍ରିରେ ୯୯.୮୨, ବାୟୋଲୋଜିରେ ୯୯.୯୬ ପର୍ସେଣ୍ଟାଇଲ ରଖିଛନ୍ତି। ଆଶୁତୋଷ ମୋଟ ୯୯.୯୯ ପର୍ସେଣ୍ଟାଇଲ ରଖିଛନ୍ତି। ତେଲେଙ୍ଗାନାର ମାଧୁରୀ ରେଡ୍ଡୀ ଜି. ଝିଅମାନଙ୍କ ମଧ୍ୟରେ ପ୍ରଥମ ହୋଇଛନ୍ତି। ସେ ମୋଟ ୬୯୫ ନମ୍ବର ରଖି ସର୍ବଭାରତୀୟସ୍ତରରେ ସପ୍ତମ ସ୍ଥାନରେ ରହିଛନ୍ତି। ସେହିପରି ଭିନ୍ନକ୍ଷମଙ୍କ ମଧ୍ୟରେ ରାଜସ୍ଥାନର ଭେରାରାମ ପ୍ରଥମ ହୋଇଛନ୍ତି। ସେ ମୋଟ ୬୦୪ ନମ୍ବର ରଖିଛନ୍ତି।

ଦେଶରେ ମୋଟ ୧୪,୧୦,୭୫୫ ଛାତ୍ରୀଛାତ୍ର ନିଟ୍ ପରୀକ୍ଷା ଦେଇଥିବାବେଳେ ୭,୯୭,୪୦୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪,୪୫,୭୬୧ ଛାତ୍ରୀ ଓ ୩,୫୧,୨୭୮ଜଣ ଛାତ୍ର ରହିଛନ୍ତି। ଓଡ଼ିଶାରେ ମୋଟ ୩୫,୦୩୩ଜଣ ଆବେଦନ କରିଥିବାବେଳେ ୩୨,୩୭୮ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୯.୪୪ ପ୍ରତିଶତ ଅର୍ଥାତ୍ ୧୯,୨୪୪ଜଣ ନିଟ୍ କ୍ୱାଲିଫାଏ କରିଛନ୍ତି। ସୂଚନାଯୋଗ୍ୟ, ସାରା ଭାରତରେ ଗତ ମେ ୫'ତାରିଖରେ ନିଟ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କିନ୍ତୁ ଓଡ଼ିଶାରେ 'ଫନୀ' ଯୋଗୁ ପରୀକ୍ଷାକୁ ଘୁଞ୍ଚାଯାଇଥିଲା। ମେ' ୨୦ରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

**ଆଶୁତୋଷ ପଣ୍ଡା ଓଡ଼ିଶା ଟପ୍ପର**



ନଳିନ ଖଣ୍ଡେଲଓ୍ୱାଲ



ଆଶୁତୋଷ ପଣ୍ଡା

# କେନ୍ଦ୍ରାପଡ଼ାରେ ୨ଦିନ ଇଣ୍ଟରନେଟ୍ ସେବା ବନ୍ଦ

**କେନ୍ଦ୍ରାପଡା ଅଫିସ, ୫।୬**

ସାମାଜିକ ଗଣମାଧ୍ୟମରେ ଉତ୍ତେଜନାମୂଳକ ଖବର ପ୍ରସାରଣ ରୋକିବା ପାଇଁ କେନ୍ଦ୍ରାପଡ଼ା ସହର ଓ ଏହାର ଆଖାପାଖ ଅଞ୍ଚଳରେ ୪୮ ଘଣ୍ଟା ଅର୍ଥାତ୍ ୨ ଦିନ ପାଇଁ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି। ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲାଙ୍କ ନିର୍ଦ୍ଦେଶନାମା (୧୪୦୩/ସି) ଅନୁଯାୟୀ ବୁଧବାର ପୂର୍ବାହ୍ନ ୧୧ଟା ୩୦ରୁ ଏହି କଟକଣା ଲାଗୁ ହୋଇଛି। ଦୁଇଦିନ ପୂର୍ବେ ଦୁଇ ଭିନ୍ନ ସମ୍ପ୍ରଦାୟର ଯୁବକଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳକୁ ନେଇ ଚାଲିଥିବା ଉତ୍ତେଜନା ନେଇ ଟୁଇଟର, ହ୍ୱାଟସଆପ୍, ଫେସ୍‌ବୁକ୍ ଆଦିରେ କେତେକ ଆପତ୍ତିଜନକ ଖବର ପରିବେଷଣ ହେଉଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ସେପଟେ ଘଟଣାର ସମାଧାନ ପାଇଁ ସନ୍ଧ୍ୟାରେ ଏସ୍‌ପି ନୀତିଶେଖର ଉଭୟ ☞ପୃଷ୍ଠା-୨

**୨ ସମ୍ପ୍ରଦାୟର ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା**

- ■ ସାମାଜିକ ଗଣମାଧ୍ୟମରେ ଉତ୍ତେଜନାମୂଳକ ଖବର ପ୍ରସାରଣ ରୋକିବାକୁ ଉଦ୍ୟମ
- ■ ବର୍ଷା ଯୋଗୁ ସ୍ଥଗିତ ରହିଲା ଶାନ୍ତିକମିଟି ବୈଠକ

# ୪୮ ଘଣ୍ଟାରେ କେରଳ ଛୁଇଁବ ମୌସୁମୀ

**ଭୁବନେଶ୍ୱର, ୫।୬(ବ୍ୟୁରୋ)**

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବା ସମ୍ଭାବନା ରହିଛି। ଏହାର ଦୁଇ ସପ୍ତାହ ଅର୍ଥାତ୍ ଆସନ୍ତା ୧୫ରୁ ୧୮ ତାରିଖ ମଧ୍ୟରେ ରାଜ୍ୟକୁ ମୌସୁମୀ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ରହିବ ନାହିଁ ବୋଲି ଘରୋଇ ସଂସ୍ଥା ସ୍କାଏମେଟ୍ ଅନୁମାନ କରିଛି। ଏହା ଛଡ଼ା ଏଲ ନିନ୍ୟୋ ମୌସୁମୀକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଏଥିଯୋଗୁ ରାଜ୍ୟରେ ମଧ୍ୟ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ଆକଳନ କରାଯାଇଛି। ତେବେ ପାଣିପାଗ ବିଭାଗ ଏହାକୁ ଖଣ୍ଡନ କରିଛି। ଦେଶର କେତେକ ଭାଗରେ ସ୍ୱଳ୍ପ ବୃଷ୍ଟିପାତ ଅନୁମାନ କରିଥିବା ବେଳେ ମଧ୍ୟ ଭାରତୀୟ ରାଜ୍ୟଗୁଡ଼ିକରେ ବର୍ଷା ସ୍ୱାଭାବିକ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଚଳିତ ବର୍ଷ ପ୍ରାକ୍ ମୌସୁମୀ ବର୍ଷାରେ ବ୍ୟତିକ୍ରମ ଦେଖାଦେଇଛି। ପ୍ରାକ୍ ମୌସୁମୀ ବର୍ଷା ହ୍ରାସ ପାଇବା ସହିତ ମୌସୁମୀ ଆଗମନରେ ବିଳମ୍ବ ଦେଖାଦେଇଛି। ସାଧାରଣତଃ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ୧୩୧.୫ମିଲି ମିଟର ହୋଇଥାଏ। ଚଳିତବର୍ଷ ଏ ପର୍ଯ୍ୟନ୍ତ ମାତ୍ର ୯୯ ମିଲିମିଟର ପ୍ରାକ୍ ମୌସୁମୀ ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି।

ରାଜ୍ୟରେ ପାଗ ପରିବର୍ତ୍ତନ ହୋଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ପ୍ରଚଣ୍ଡ ଗ୍ରୀଷ୍ମରୁ ଆଶ୍ୱସ୍ତି ମିଳିଛି। ପାରଦ ୪୦ଡିଗ୍ରୀ ସେଲସିୟସ୍ ତଳକୁ ଖସି ଯାଇଛି। ☞ପୃଷ୍ଠା-୨

- ■ କମୁଛି ପ୍ରାକ୍ ମୌସୁମୀ ବର୍ଷା
- ■ ମରୁଡ଼ି ଆଶଙ୍କା
- ■ ପୁଣି ବଢ଼ିଲା ତାତି
- ■ ଝାରସୁଗୁଡ଼ା ୪୫.୨ ଡିଗ୍ରୀ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଚିପୁଲ
ପରିବାରବର୍ଗ


ପ୍ରିୟଙ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ କୋଲ୍ ଇଣ୍ଡିଆ ୬୦୭ ମିଲିୟନ ଟନ କୋଇଲା ଉତ୍ପାଦନ କରିପାରିଛି।

**-କୋଇଲା ମନ୍ତ୍ରଣାଳୟ**

## ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ ରାଜ୍ୟକୁ ଚିଠି ଲେଖିଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୬(ବ୍ୟୁରୋ)- କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ସାରା ଦେଶରେ ଲାଗୁ ହୋଇ ସାରିଛି। ହେଲେ ଅଦ୍ୟାବଧି ଦିଲ୍ଲୀ, ଓଡ଼ିଶା, ତେଲେଙ୍ଗାନା ଏବଂ ପଶ୍ଚିମବଙ୍ଗ ଏହାକୁ ଲାଗୁ କରିନାହାନ୍ତି। ଏହି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନ ବୁଧବାର ଚିଠି ଲେଖି ଯୋଜନା ଲାଗୁ କରିବା ପାଇଁ ଅନୁରୋଧ କରିଛନ୍ତି। ଦିନକ ପୂର୍ବରୁ ଆୟୁଷ୍ମାନ ଯୋଜନା ସିଇଓ ଇନ୍ଦୁଭୂଷଣ ଏବଂ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

### ପ୍ରଥମ ପୃଷ୍ଠାରୁ...

## ସମସ୍ୟାରେ ଘାଣ୍ଟି ...

ମ୍ୟୁନିସିପାଲିଟିରେ ନିର୍ବାଚନ କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଥିଲେ। ସେଥିପାଇଁ ୱାର୍ଡ ପୁନର୍ଗଠନ ଓ ସ୍ଥାନ ସଂରକ୍ଷଣ ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯାଇଥିଲା। ଏ ନେଇ ୨୦୧୮ ଫେବୃୟାରୀ ୧୫ରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଏପ୍ରିଲ ୩୦ ତାରିଖ ସୁଦ୍ଧା ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯାଇଥାନ୍ତା। ମାତ୍ର ହାଇକୋର୍ଟଙ୍କ ରହିତାଦେଶ ଯୋଗୁ ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ଏହାପରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ସୁପ୍ରିମକୋର୍ଟ ୨୦୧୯ ଜାନୁୟାରୀ ୨୪ ତାରିଖରେ ଏହାକୁ ଖାରଜ କରିଦେଇଥିଲେ। ରାଜ୍ୟ ସରକାରଙ୍କ ନିକଟରେ ପୌର ଆଇନ ସଂଶୋଧନ କରିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ। ଏ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆସନ୍ତା ବିଧାନସଭାରେ ସଂଶୋଧନ ବିଲ୍ ଆଗତ କରିବା ପାଇଁ ପ୍ରସ୍ତୁତ ଚଳାଇଛି। ସଂଶୋଧିତ ବିଲ୍ ପାରିତ ହେବା ପରେ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହେବ। ଏ ସମ୍ପର୍କରେ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ (ପୌର ପ୍ରଶାସନ) ସଂଗ୍ରାମଜିତ୍ ନାୟକ କହିଛନ୍ତି ଯେ, ଆସନ୍ତା ବିଧାନସଭାରେ ଓଡ଼ିଶା ପୌର ନିର୍ବାଚନ ସଂଶୋଧନ ବିଲ୍ ଆଗତ କରାଯିବା ପାଇଁ ପ୍ରସ୍ତୁତି ଚାଲିଛି। ବିଧାନସଭାରେ ବିଲ୍ ପାରିତ ହେବା ପରେ ଖୁବ୍‌ଶୀଘ୍ର ନିର୍ବାଚନ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ନିର୍ବାଚନ ବିଳମ୍ବ ଓ ପୌରସଂସ୍ଥାଗୁଡ଼ିକରେ ଦେଖାଦେଇଥିବା ପ୍ରଶାସନିକ ସ୍ଥାଣୁତାକୁ ନେଇ ପୂର୍ବତନ କର୍ପୋରେଟରମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜନସାଧାରଣଙ୍କୁ ପୌର ସେବା ଠିକ୍ ସମୟରେ ମିଳିପାରୁନାହିଁ। ସମସ୍ୟାଗୁଡ଼ିକୁ ସମାଧାନ କରିବା ଦିଗରେ ଯଥେଷ୍ଟ ବିଳମ୍ବ ହେଉଥିବା କହିଛନ୍ତି। ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ.୩୫ର ପୂର୍ବତନ କର୍ପୋରେଟର ମହାମାୟା ସ୍ୱାଇଁ କହିଛନ୍ତି ଯେ, ବାତ୍ୟା ପରେ ସହରରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। କର୍ପୋରେଶନ କାର୍ଯ୍ୟକାଳ ଶେଷ ହେବା ପରଠାରୁ ଆମେମାନେ ପ୍ରତ୍ୟକ୍ଷ ଭାବେ ସମସ୍ୟା ସମାଧାନ ଦିଗରେ ଦାୟିତ୍ୱ ତୁଲାଇପାରୁନାହୁଁ। ଲୋକମାନଙ୍କ ସମସ୍ୟା କର୍ପୋରେଶନ ବୈଠକରେ ଆଲୋଚନା କରାଯାଇ ସମାଧାନ ହେଉଥିଲା, ବର୍ତ୍ତମାନ ତାହା ସମ୍ଭବ ହେଉନାହିଁ। ୱାର୍ଡ ନଂ. ୩୬ର ପୂର୍ବତନ କର୍ପୋରେଟର ନରେନ କୁମାର ସାହୁ କହିଛନ୍ତି ଯେ, କର୍ପୋରେଶନ କାର୍ଯ୍ୟକାଳ ଶେଷ ହେବା ପରେ ସମସ୍ୟା ବଢ଼ିଛି। ବାତ୍ୟା ପରେ ଏହା ଆହୁରି ଅଧିକ ହୋଇଛି। ୱାର୍ଡଗୁଡ଼ିକରେ ଷ୍ଟ୍ରିଟ୍‌ଲାଇଟ ଏପର୍ଯ୍ୟନ୍ତ ଲାଗିପାରିନାହିଁ। ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସେହିପରି ୱାର୍ଡ ନଂ. ୧୨ର ପୂର୍ବତନ କର୍ପୋରେଟର ସଞ୍ଜୟ କୁମାର ସେଠୀ କହିଛନ୍ତି ଯେ, ଲୋକମାନଙ୍କ ସମସ୍ୟା ଜଣାଇବା ପାଇଁ ଆମ ପାଖରେ କୌଣସି ଫୋରମ ନାହିଁ। କେତେକ ପ୍ରଶାସନିକ ଅଧିକାରୀଙ୍କୁ ଖୋସାମତ କରି ୱାର୍ଡରେ କିଛିଟା କାର୍ଯ୍ୟ କରୁଛୁ। ଲୋକମାନଙ୍କର ମୌଳିକ ସମସ୍ୟା ଦୂର କରିବା ସମ୍ଭବ ହେଉନାହିଁ। ଯଥାଶୀଘ୍ର ନିର୍ବାଚନ କରାଯାଇପାରିଲେ ସହରର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇପାରିବ।

ସେହିପରି କଟକ ମହାନଗର ନିଗମ (ସିଏମସି) କର୍ପୋରେଶନ କାର୍ଯ୍ୟକାଳ ଶେଷ ହେବାକୁ ଇତିମଧ୍ୟରେ ୩ ମାସ ୨୩ ଦିନ ବିତିଛି। ସିଏମ୍‌ସିର ପ୍ରଶାସନିକ ଦାୟିତ୍ୱ ନେଇଛନ୍ତି କେନ୍ଦ୍ରାଞ୍ଚଳ ଆରଡିସି ଅନିଲ କୁମାର ସାମଲ। ସିଏମ୍‌ସି କର୍ପୋରେଶନର କାର୍ଯ୍ୟକାଳ ଶେଷ ହେବା ପରଠାରୁ ପୌରସେବା ଠପ୍ ହୋଇଯାଇଥିବା ସହରବାସୀ ଅଭିଯୋଗ କରିଛନ୍ତି। ସହରର ବିଭିନ୍ନ ୱାର୍ଡରେ ଡ୍ରେନେଜ ସଫେଇ ହେଉ ନ ଥିବାରୁ ଆବର୍ଜନା ଭର୍ତ୍ତି ହୋଇ ବିଭିନ୍ନ ଜାଗାରେ ପାଣି ଜମିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବା ବରିଷ୍ଠ ନାଗରିକ ଜଗମୋହନ ମହାନ୍ତି କହିଛନ୍ତି।

ଅସରାଏ ବର୍ଷାରେ କଟକ ସହର ଜଳବନ୍ଦୀ ହୋଇଥାଏ। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହି ସମସ୍ୟାରୁ ସହରବାସୀଙ୍କୁ ମୁକ୍ତି ମିଳୁନାହିଁ। ଖୁବ୍‌ଶୀଘ୍ର ମୌସୁମୀ ଆସିବ। ତେଣୁ ଜଳବନ୍ଦୀ ସମସ୍ୟାକୁ ନେଇ ସହରବାସୀ ଏବେଠୁ ଚିନ୍ତାରେ ପଡ଼ିଥିବା କହିଛନ୍ତି ଯୁବକ କାର୍ତ୍ତିକ ବେହେରା। ବର୍ତ୍ତମାନ ସଙ୍ଗିନ ସମୟରେ ସିଏମ୍‌ସି ଏକପ୍ରକାର ମୁରବୀବିହୀନ ହୋଇଯାଇଛି। ପ୍ରଶାସନ ଲୋକଙ୍କ ପାଖକୁ ଯାଇପାରୁନାହିଁ, ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଫନୀ ବାତ୍ୟା ସମୟରେ। ସିଏମ୍‌ସି ବାତ୍ୟାକୁ ମୁକାବିଲା କରିବା ପାଇ ପ୍ରସ୍ତୁତ ଥିବା ଡିଣ୍ଡିମ ପିଟିଥିଲା। କିନ୍ତୁ ବାସ୍ତବରେ ସହରବାସୀ ଗୁରୁତର ଭାବେ ଦୁର୍ଦ୍ଦଶା ଭୋଗିଲେ ବୋଲି କହିଛନ୍ତି ବସ୍ତିନେତା ବୃନ୍ଦାବନ ଦାସ ଆଜାଦ୍। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଳବନ୍ଦୀ ସମସ୍ୟାରୁ କିପରି ମୁକ୍ତି ମିଳିପାରିବ ସେ ନେଇ ବାରମ୍ବାର ବୈଠକ ବସିଥିଲେ ମଧ୍ୟ ଏବେ ବି ସହରରେ ଡ୍ରେନେଜ ସଫେଇ କାର୍ଯ୍ୟ ସରିପାରିନାହିଁ। ଏହି ସମୟ ମଧ୍ୟରେ ସିଏମ୍‌ସି ପ୍ରଶାସନିକ ଅଧିକାରୀ ତଥା କେନ୍ଦ୍ରାଞ୍ଚଳ ଆରଡିସି ସାମଲଙ୍କ ଅଧକ୍ଷତାରେ ଜାଇକା ଏବଂ ସିଏମସି ଅଧିକାରୀଙ୍କ ସହ ବୈଠକ ହୋଇଥିଲା। ଜୁନ ୫ ସୁଦ୍ଧା ସହରର ସମସ୍ତ କାମ ସାରିବାକୁ କହିଥିଲେ। ବୁଧବାର ଆର୍‌ଡିସି ଦେଇଥିବା ଡେଡ୍‌ଲାଇନ ପୂରିଛି। କିନ୍ତୁ ଏବେବି ଅଧିକାଂଶ ସ୍ଥାନରେ ସଫେଇ ହୋଇନାହିଁ। ଉଦାହରଣ ଭାବେ ଲିଙ୍କ୍‌ରୋଡ-ବାଦାମବାଡ଼ି ରାସ୍ତାକୁ ଦେଖିଲେ ଜଣାପଡ଼ୁଛି। ପୂର୍ବତନ କର୍ପୋରେଟର ଗିରିବାଳା ବେହେରା କହିଛନ୍ତି, ସହରରେ କୋଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ। ଫନୀରେ ଲୋକଙ୍କୁ ସହଯୋଗ କରିବାରେ ପ୍ରଶାସନ ବିଫଳ ହୋଇଛି। ଲୋକେ ନିଜ ଉଦ୍ୟମରେ ବିପର୍ଯ୍ୟୟର ମୁକାବିଲା କରୁଛନ୍ତି। ପାଣି, ଆଲୋକୀକରଣ, ଆବର୍ଜନା ଉଠାଇବା, ଡ୍ରେନେଜ ସଫେଇ ପ୍ରଶାସନ କରିପାରୁନାହିଁ। ବୈଠକ ହେଉଛି କିନ୍ତୁ ଫଳାଫଳ ଶୂନ୍ୟ। ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ କହିଛନ୍ତି, ଜନପ୍ରତିନିଧି ନ ଥିବାରୁ ଯେଉଁ ସ୍ପିଡ୍‌ରେ କାମ ହେବା କଥା ସେହି ହାରରେ କାମ ହେଉନାହିଁ।

ହାଇକୋର୍ଟ ଆଡଭୋକେଟ ଅଶ୍ୱିନୀ ଦାସ କୁହନ୍ତି, ରାଜ୍ୟରେ ଗତ ସେପ୍ଟେମ୍ବର ୨୯ ତାରିଖରୁ ପୌର ପରିଷଦ ଭଙ୍ଗ ହେଲାଣି। ମ୍ୟୁନିସିପାଲିଟି ଆଇନ କହୁଛି ପୌର ପରିଷଦ ଭଙ୍ଗାଯିବାର ୬ ମାସ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବା କଥା। କିନ୍ତୁ ଇତିମଧ୍ୟରେ ୯ ମାସ ବିତିଲାଣି। ନିର୍ବାଚନ ଘୁଞ୍ଚାଇବା ପାଇଁ ସରକାର ଅଧ୍ୟାଦେଶ ମଧ୍ୟ ଆଣିନାହାନ୍ତି। ତେଣୁ ଏଭଳି ସ୍ଥିତିରେ ଏହା ଏକ ଆଇନଗତ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଦାସ କହିଛନ୍ତି। ଆଡଭୋକେଟ କ୍ଷୀରୋଦ ରାଉତ କୁହନ୍ତି, ସ୍ୱାୟତ୍ତ ଶାସନର ଅର୍ଥ ହେଉଛି ଲୋକଙ୍କ ହାତରେ ଶାସନର ଡୋର। କିନ୍ତୁ ଏବେ ସିଏମ୍‌ସିରେ ଶାସନର ଡୋର ଅଧିକାରୀଙ୍କ ହାତରେ। ଏହା ସ୍ୱାୟତ୍ତ ଶାସନ ଆଇନକୁ ଉପହାସ ବୋଲି ରାଉତ କହିଛନ୍ତି। ସିଏମ୍‌ସି କମିଶନର ଶରତ ନାୟକ କୁହନ୍ତି, ୱାନ ମ୍ୟାନ କାଉନସିଲ୍ ହେବା ପରଠାରୁ ଆକ୍ସନ ପ୍ଲାନ ଅନୁଯାୟୀ କାର୍ଯ୍ୟ କରାଯାଉଛି। ଆଗକୁ ମଧ୍ୟ ସେହିଭଳି କାର୍ଯ୍ୟ ଜାରି ରହିବ।

## ୪୮ ଘଣ୍ଟାରେ କେରଳ ...

ଆକାଶ ମେଘାଚ୍ଛନ୍ନ ରହିବା ସହିତ ରାଜ୍ୟର ଅଧିକାଂଶ ଭାଗରେ ଘଡ଼ଘଡ଼ି ସହ ପ୍ରାକ୍ ମୌସୁମୀ ବର୍ଷା ହେଉଛି। ତେବେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାରେ ପୁଣି ଗ୍ରୀଷ୍ମ ଲେଉଟିଛି। ବୁଧବାର ୧୧ଟି ସହରରେ ପାରଦ ୪୦ ଡିଗ୍ରୀ ସେଲସିୟସ୍ ଉପରେ ରହିଛି। ଝାରସୁଗୁଡାରେ ସର୍ବାଧିକ ୪୫.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୪୨.୧, ସମ୍ବଲପୁର ୪୩.୨, ସୁନ୍ଦରଗଡ ୪୧, ହୀରାକୁଦ ୪୨.୯, ଭବାନୀପାଟଣା ୪୦, ବଲାଙ୍ଗୀର ୪୦, ଫୁଲବାଣୀ ୪୦, ଟିଟିଲାଗଡ ୪୨.୨, ମାଲକାନଗିରି ୪୦.୬ ଏବଂ ସୋନପୁରରେ ସର୍ବାଧିକ ୪୧.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ, ବାଲେଶ୍ୱର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବା ସମ୍ଭାବନା ରହିଛି। ଏଥିସହିତ ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର ଓ ଅନୁଗୋଳ ଆଦି ଜିଲାର କେତେକ ସ୍ଥାନରେ ବଜ୍ରପାତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସତର୍କ କରିଛି।

## ବିକାଶ, ନିଯୁକ୍ତି...

କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ବୁଧବାର ୨ଟି ନୂଆ କ୍ୟାବିନେଟ କମିଟି ଗଠନ କରିଛନ୍ତି। ସେ ଏହି ଦୁଇଟି କମିଟିର ଅଧ୍ୟକ୍ଷ ରହିବେ। ନିବେଶ ଏବଂ ଅଭିବୃଦ୍ଧି ସଂକ୍ରାନ୍ତ ୫ ଜଣିଆ କ୍ୟାବିନେଟ କମିଟିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ସଡ଼କ, ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ଏବଂ ରେଳମନ୍ତ୍ରୀ ପୀୟୁଷ ଗୋୟଲ ରହିଛନ୍ତି। ସେହିପରି ନିଯୁକ୍ତି ଏବଂ ଦକ୍ଷତା ବିକାଶ ସଂକ୍ରାନ୍ତ ଅନ୍ୟ ଏକ ୧୦ ଜଣିଆ କ୍ୟାବିନେଟ କମିଟିରେ ଶାହ, ସୀତାରାମନ, ଗୋୟଲଙ୍କ ସମେତ କୃଷି ଏବଂ କୃଷି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମର, ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ 'ନିଶଙ୍କ', ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ମହେନ୍ଦ୍ରନାଥ ପାଣ୍ଡେ, ଶ୍ରମ ରାଷ୍ଟ୍ରମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାର ଏବଂ ଗୃହ ଓ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ପ୍ରମୁଖଙ୍କୁ ସାମିଲ କରାଯାଇଛି। ସୂଚନାଯୋଗ୍ୟ ଯେ, ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସରେ ଦେଶର ଆର୍ଥିକ ବିକାଶ ହାର ୫.୮%କୁ ହ୍ରାସ ପାଇଛି। ଏଥିସହି ସମ୍ପୂର୍ଣ୍ଣ ଆର୍ଥିକବର୍ଷରେ ଏହା ୬.୮%କୁ କମିଛି, ଯାହା କି ୫ ବର୍ଷର ସର୍ବନିମ୍ନ ସ୍ତର କୁହାଯାଉଛି। ପୂର୍ବରୁ ଏହି ଅବଧିରେ ଦେଶର ଜିଡିପି ୭.୨% ରହିବ ବୋଲି ସରକାର ପୂର୍ବାନୁମାନ କରିଥିଲେ, ଯାହା ଭୁଲ୍ ବୋଲି ପ୍ରମାଣିତ ହୋଇଛି।

ସେହିପରି ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ମଧ୍ୟ ଗଠନ କରାଯାଇଛି। ଜାତୀୟ ନିରାପତ୍ତା ଓ ବହିର୍ବ୍ୟାପାର ପ୍ରସଙ୍ଗଗୁଡ଼ିକର ପରିଚାଳନା ନିମନ୍ତେ ଗଠିତ ଏହି କମିଟିରେ ମୋଦି ଅଧ୍ୟକ୍ଷ ଥିବାବେଳେ ରାଜନାଥ, ସୀତାରାମନ ଓ ଶାହଙ୍କ ସମେତ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସଦସ୍ୟ ଭାବେ ଅଛନ୍ତି। କେନ୍ଦ୍ରରେ ନୂଆ ସରକାର ଗଠନ ହେଲେ ଏଭଳି କ୍ୟାବିନେଟର ଗଠନ ବା ପୁନର୍ଗଠନ କରାଯାଇଥାଏ।

## କେନ୍ଦ୍ରାପଡ଼ାରେ ୨ଦିନ ...

ସମ୍ପ୍ରଦାୟର ମୁରବିମାନଙ୍କୁ ଶାନ୍ତିକମିଟି ବୈଠକକୁ ଡାକିଥିଲେ। ମାତ୍ର ଅପରାହ୍ନରୁ ଝଡ଼ବର୍ଷା ଆରମ୍ଭ ହୋଇଯିବାରୁ ଅନେକେ ବୈଠକରେ ଯୋଗଦେଇପାରି ନ ଥିଲେ। ଫଳରେ ଏହାକୁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ସହରର ବଡ଼ହାଟଠାରେ ଦୁଇ ସମ୍ପ୍ରଦାୟର ଯୁବକ ହାତାହାତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଗୁରୁତର ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ବାପା କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାକୁ ନେଇ ଆହତ ଯୁବକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ଆହତ ଯୁବକଙ୍କ ୫୦ରୁ ଊର୍ଦ୍ଧ୍ୱ ସମର୍ଥକ ମଙ୍ଗଳବାର ସନ୍ଧ୍ୟାରେ ଟାଉନ ଥାନା ଘେରାଉ କରିଥିଲେ। ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଜିଲା ଓ ପୋଲିସ ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ସେମାନେ ସହର ମଧ୍ୟରେ ଶୋଭାଯାତ୍ରା କରି ଫେରିଥିଲେ। ତେବେ ସହର ମଧ୍ୟରେ ଶୋଭାଯାତ୍ରା କରିବା କାରଣରୁ ଅପର ଗୋଷ୍ଠୀର ଲୋକମାନେ ଏହାର ବିରୋଧ କରିଥିଲେ। ଯାହାକୁ ନେଇ ସହର ମଧ୍ୟରେ ପୁଣି ଉତ୍ତେଜନା ସୃଷ୍ଟି ହୋଇଥିଲା। ବୁଧବାର ଇଦ୍ ପର୍ବ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିବା ବେଳେ ପୂର୍ବ ଘଟଣାକୁ ନେଇ ସହରରେ ଚାପା ଉତ୍ତେଜନା ଲାଗିରହିଛି। ଏଥିପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ସୂଚନାଥାଉ କି, ଗତ ଜାନୁୟାରୀ ୨୩ ତାରିଖରେ ନେତାଜୀ ସୁଭାଷଚନ୍ଦ୍ର ବୋଷ ଜୟନ୍ତୀ ପାଳନକୁ ନେଇ ଦୁଇ ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ ୨୪ ତାରିଖରୁ ସହର ମଧ୍ୟରେ କର୍ଫ୍ୟୁ ଜାରି କରାଯିବା ସହ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଥିଲା।

## ହାସ୍ୟ ଅଭିନେତା ଦିନ୍ୟାର୍...

ଆରମ୍ଭ କରିଥିବା କଣ୍ଟ୍ରାକ୍ଟର ୧୯୬୬ରେ ଏହାକୁ ପ୍ରଫେଶନାଲ କ୍ୟାରିୟର ଭାବେ ଗ୍ରହଣ କରିଥିଲେ। ଥିଏଟରରୁ ବଡ଼ ପରଦାକୁ ସେ ଆସି ବହୁ ଗୁଜରାଟୀ ଓ ହିନ୍ଦୀ ନାଟକ ଓ ସିରିୟଲରେ ସେ ଅଭିନୟ କରିଥିଲେ। 'ଚୋରି ଚୋରି ଚୁପ୍‌କେ ଚୁପ୍‌କେ', 'ଖିଲାଡ଼ି', 'ବାଦ୍‌ଶାହ' ଭଳି ଅନେକ ଚଳଚ୍ଚିତ୍ରରେ ସେ ତାଙ୍କର ନିଖୁଣ ଅଭିନୟର ଯାଦୁ ଛାଡ଼ିଦେଇଛନ୍ତି। ୨୦୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ସେ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକଟ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ପୁନର୍ବସୁ ନକ୍ଷତ୍ରସ୍ଥ ଚନ୍ଦ୍ର କର୍ମକ୍ଷେତ୍ର, ପରିବାର ଓ ଆର୍ଥିକ ଦିଗ ସକାଶେ କିଛିଟା ବ୍ୟତିକ୍ରମ ମଧ୍ୟ ପରିଲକ୍ଷିତ ହୋଇପାରେ। ସବୁ କିଛି ଭଲ ମଧ୍ୟରେ ଖର୍ଚ୍ଚ ପରିମାଣ ବୃଦ୍ଧି, ଦୂରଯାତ୍ରା ଓ ସ୍ଥାନାନ୍ତରର ସୂଚନାରୁ ସାମୟିକ ଚିନ୍ତିତ ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ହଠାତ୍ ବଦଳିଯିବ।

**ବୃଷ** ଆଜିର ଶନି ଓ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ଅଫିସରେ ସହକର୍ମୀଙ୍କ ସହ ମତାନ୍ତର ଘଟିବାର ସମ୍ୟକ ସୂଚନା ରହିଛି। ପରିବାର ସକାଶେ ଆକସ୍ମିକ ଆବଶ୍ୟକତା କାରଣରୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇଦେବ। କେତେକ କାରଣକୁ ନେଇ ଇଚ୍ଛା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**ମିଥୁନ** ବୁଧଙ୍କ ସହ ରାହୁ ଓ ମଙ୍ଗଳ ଏକାଧାରରେ ଦୈହିକ ସ୍ୱାସ୍ଥ୍ୟ ଓ ମାନସିକ ସ୍ଥିତିକୁ ବିଗାଡି ଦେଇପାରନ୍ତି। ଋଣ ପରିଶୋଧ କରିବା ସକାଶେ ବିଭିନ୍ନ ପ୍ରକାର ଧନ୍ଦା କରିବା ଲାଗି ମନ ବଳାଇବେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜି ପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ଅନୁକୂଳ ଗ୍ରହ ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯାଇ ନିୟନ୍ତ୍ରଣ ମଧ୍ୟରେ ରହିବ। ପରିବାରର କେତେକ ବ୍ୟତିକ୍ରମ କଥା ଓ ଆର୍ଥିକ ସମସ୍ୟାକୁ ବୁଝାମଣା ଭିତିରେ ସୁଧାରିନେବେ। କଳା, ସାହିତ୍ୟ, ସଙ୍ଗୀତ ତଥା ଚଳଚ୍ଚିତ୍ର, ସାମ୍ବାଦିକତା କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ** ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ପରାମର୍ଶକୁ ଗ୍ରହଣ କରିବା ଭଲ ହେବ। ପରିବାରରେ ପିଲାମାନଙ୍କ ଇଚ୍ଛା ଓ ଅଭିଳାଷକୁ କେନ୍ଦ୍ରକରି ସରଗରମ ଆଲୋଚନା କରିପାରନ୍ତି। ଆତ୍ମୀୟମାନଙ୍କ ସକାଶେ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ ବରଂ ଓଲଟି ନିନ୍ଦାଗାନ କରିବେ।

**କନ୍ୟା** ଭାଗ୍ୟ ଓ କର୍ମସ୍ଥାନ ଏକାଧିକ ଗ୍ରହମାନଙ୍କ ପ୍ରଭାବଯୁକ୍ତ ହେତୁ ଆପଣଙ୍କ ଆଶା ପୂରଣ ଅବଶ୍ୟ ହୋଇପାରିବ। ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିପାରନ୍ତି। କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିବା ଫଳରେ ସହକର୍ମୀମାନଙ୍କ ଅପ୍ରିୟଭାଜନ ହୋଇପାରନ୍ତି।

**ତୁଳା** ସମାଗମ ସ୍ଥିତିରେ ଚନ୍ଦ୍ର ଯୋଗୁ ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ଦୃଷ୍ଟିକୋଣ ବଦଳି ଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବା ପରି ଆଶଙ୍କା ଦେଖାଦେବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି। ଘର ପାଇଁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଶନି ଓ ରାହୁଙ୍କ ଦ୍ୱାରା କବଳିତ ଚନ୍ଦ୍ର ଯୋଗୁ ଅତୀତର କୌଣସି ଘଟଣାକୁ କେନ୍ଦ୍ରକରି ମନଟା ଗୋଳେଇଘାଣ୍ଟି ଲାଗିବ। ଅଫିସ୍ କାମର ଜଞ୍ଜାଳ ମଧ୍ୟ ବଳିପଡିବ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ଲୋକଙ୍କୁ ପରଖି ଯାହା କରିବା କଥା କରନ୍ତୁ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପ୍ରତିବନ୍ଧକ ଓ ସମସ୍ୟାକୁ ଦୂରେଇ ନେବେ।

**ଧନୁ** ରାଶି ଅପେକ୍ଷା ସପ୍ତମସ୍ଥାନ ପ୍ରଭାବଶାଳୀ ଯୋଗୁ ଆଜିର ଯାତ୍ରା,ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା ଆପଣଙ୍କ ସକାଶେ ବିଶେଷ ଅନୁକୂଳ ରହି ନ ପାରେ। ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରୁ ସମସ୍ୟା ଓ ପ୍ରତିବନ୍ଧକ ଦୂର ହୋଇଯିବ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର** ପ୍ରତିକୂଳ ଗ୍ରହଙ୍କ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ର ଓ କାର୍ଯ୍ୟ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ରହିବ। ଅବଶ୍ୟ ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇପାରନ୍ତି। ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଶିକ୍ଷା, ଆନୁଷ୍ଠାନିକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** ବିଭିନ୍ନ ପ୍ରତିବନ୍ଧକ ଓ ପରୋକ୍ଷ ଶତ୍ରୁତା ରହିଥିଲେ ମଧ୍ୟ ଆପଣଙ୍କ କାମ ପାଇଁ ତାହାର କୌଣସି କୁପ୍ରଭାବ ରହିବନାହିଁ। ତଥାପି ବିନା ଖର୍ଚ୍ଚରେ କିମ୍ବା ସରଳ ଓ ସହଜରେ କୌଣସି କାମ ହାସଲ କରିବା ଆଜି ଦୁରୂହ ହୋଇପାରେ। ପରିବାରରେ କାହାର ସ୍ୱାସ୍ଥ୍ୟହାନି କାରଣରୁ ମନ ସ୍ଥିର ରହି ପାରିବ ନାହିଁ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** କର୍ମକ୍ଷେତ୍ର ପ୍ରତି ଗ୍ରହଦୃଷ୍ଟି ପ୍ରଭାବ ଅସଜଡ଼ା ସ୍ଥିତିକୁ ସଜାଡି ନେବାରେ ସାହାଯ୍ୟ କରିବ। ଶିକ୍ଷା, ଅଧ୍ୟୟନ, ଅଧ୍ୟାପନା, ଆଲୋଚନା ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାତ୍ରା, ବ୍ୟବସାୟ, ମାଲିମକଦ୍ଦମା, ସଙ୍ଗଠନ, ଲେଖାପଢ଼ାରେ ସମସ୍ୟା ସମାଧାନ ହୋଇଯିବ। କୌଣସି ନୂତନଭାବେ କାମଟିଏ ଆରମ୍ଭ କରିବା ସକାଶେ ମନ ବଳାଇପାରନ୍ତି।

ଆଜି ଜ୍ୟେଷ୍ଠ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ଗୁରୁବାର, ଜୁନ୍ ୬ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୦୧ମି. ଗତେ ଘ୧୧।୩୮ମି. ମଧ୍ୟେ, ଘ୧।୧୫ମି. ଗତେ ଘ୨।୫୨ମି. ମଧ୍ୟେ ଅମୃତବେଳା। ଦିବା ଘ୬।୪୭ମି. ମଧ୍ୟେ ଘ୧୧।୩୮ମି. ଗତେ, ଘ୧।୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୨୪ମି. ଗତେ ଘ୩।୦୩ମି. ମଧ୍ୟେ ରାହୁକାଳ।

**classifieds Everyday**
**0674-2580101, 2549302**

real estate

**SALE**

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ ରେ ମିଳୁଛି। ଯୋଗାଯୋଗ 8908492594. D-12707

**Triplex & Duplex at Ranga Bazar. Near BJEM English Medium School-II. Price start@45lakhs. Call: 9040046767, 9040007267.** D-12764

Prime property at Khandagiri (land and building) 2 storied with under ground cost Rs.1.50 crore (negotiable) contact: 9338579645. D-64971

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 9370292040. D-66395

3BHK apartment ready for sale near Pratap Nagari, Cuttack- Bhubaneswar NH facing. Built up 1400 sqft. and garage. Contact: 6372939596, 7978625048. Email: landbank.19@gmail.com (Broker excuse) D-66558

Prime land on Puri Konark marine drive on N.H 2800 sqft. cost 35lakhs. Contact: 9338579645. D-64972

2BHK flat Goutam Nagar, Bhubaneswar near BMC office Mausima Temple prime location fully furnished price Rs.65 lakhs (negotiable). Contact: 9338579645. D-64973

Now Matrimonial ads. only on Wednesday & Sunday Book 1 Get 1 FREE

4BHK duplex with gated community at Balianta (land-1400 construction-2200 @ 55Lakh and 2600 @ 65Lakh). Contact Mplanets: 9938219397, 9861022055. D-12824

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାଙ୍କୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702

1200 sqft. land, 900 sqft. construction 25,00,000/- simplex 6km. from Nakhara, Brahmanjharilo LIC approved. 9861281504. D-66701

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

to-let

Bhubaneswar ଯେକୌଣସି ମାର୍କେଟ ଅଞ୍ଚଳରେ ମିଲ୍କ ପାର୍ଲର ଲାଗି 150-200 sqft ମଧ୍ୟରେ ଖାଲି ଦୋକାନ ଘର ଭଡ଼ାରେ ଆବଶ୍ୟକ। ଯୋଗାଯୋଗ: 9437581042, 9439839132. D-12799

healthcare

Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Full body massage with refreshment at your own home step- 7873336383. D-12825

Experience full body massage with us (expert). Call: 7377048581, 0674- 2597822. D-66555

Full body massage with refreshment, expert therapist. 7381239385, 0674-2540855. D-66554

Newly opening ayurvedic body massage smart therapist, Shree herbal. 7750020754. D-66557

Sampark ayurvedic massage club fully relaxed by smart lady, home service available. 8280102993. D-65898

Summer special mesmerizing offer expert therapeutic refreshing massage appointment. 9668374480. D-66560

Herbal full body massage by smart/expert therapist. Contact: 8338067247. D-66556

**BUSINESS**

Get electronics & grocery product of 40% discount. Call: 07478268108. D-12792

**AFFIDAVIT**

By an Affidavit before Notary Public Bhubaneswar I, Pusparani Acharya, A/140, Sahid Nagar, Bhubaneswar have changed my surname from Acharya to Tripathy after my marriage to Late Basanta Kumar Tripathy. Henceforth, I shall be known as Pusparani Tripathy for all purposes. D-66237

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ସଂକ୍ଷେପରେ

### ଦାନ୍ତ ଫିଲିଂ ପାଇଁ କ୍ୟାପିଟାଲ ହସ୍ପିଟାଲରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୬(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲରେ ବୁଧବାର ଦାନ୍ତ ଚିକିତ୍ସା କରିଛନ୍ତି। ଗତ ଡିସେମ୍ବରରେ ତାଙ୍କ ଦାନ୍ତଗୁଡ଼ିକର ରୁଟ୍ କେନାଲ କରାଯାଇଥିଲା। ଏହାର ପରବର୍ତ୍ତୀ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ହସ୍ପିଟାଲ ଯାଇଥିଲେ। ପ୍ରାୟ ଅଧଘଣ୍ଟା ମୁଖ୍ୟମନ୍ତ୍ରୀଙ୍କ ଦାନ୍ତ ଚିକିତ୍ସା ଚାଲିଥିଲା। ଡାକ୍ତର ସୌମେନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି, ଡିସେମ୍ବରରେ ରୁଟ୍ କେନାଲ ଚିକିତ୍ସା ପରେ ଆଗପଟ ଉପର ଦାନ୍ତରେ ଆବଶ୍ୟକ ବିଲ୍ଡ ଅପ୍ ଫିଲିଂ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରାୟ ସବୁ ଦାନ୍ତ ଭଲ ଥିବା ଡାକ୍ତର ଷଡ଼ଙ୍ଗୀ କହିଛନ୍ତି।




■ ଅଧାରୁ ଅବକାଶ ଜଳ ପିଙ୍ଗଣ ନେଇଆସିଲେ ସେବକ

## ମହାପ୍ରଭୁଙ୍କର ହେଲା ମହାସ୍ନାନ, ନୀତି ବିଳମ୍ବ

**ପୁରୀ ଅଫିସ, ୫।୬:** ଶ୍ରୀମନ୍ଦିରରେ ବୁଧବାର ଅବକାଶ ନୀତି ଚାଲିଥିବାବେଳେ ଜଣେ ସେବକ ଅଧାରୁ ଅବକାଶ ଜଳ ପିଙ୍ଗଣ ନେଇଆସିଥିଲେ। ଫଳରେ ନୀତି ବିଭ୍ରାଟ ହେବାରୁ ମହାପ୍ରଭୁଙ୍କର ମହସ୍ନାନ ହୋଇଛି। ଦ୍ୱିତୀୟଥର ଲାଗି ଠାକୁରଙ୍କ ଅବକାଶ ନୀତି ପ୍ରାୟ ଦେଢ ଘଣ୍ଟା ବିଳମ୍ବ ହୋଇଛି।

ସୂଚନା ମୁତାବକ, ସକାଳେ ଠାକୁରଙ୍କ ଅବକାଶ ନୀତି ଚାଲିଥିଲା। ପାଳିଆ ସିଂହାରୀ ସେବକମାନେ ଜଳ ଲାଗି କରୁଥିଲେ। ଆହୁରି କିଛି ସମୟ ଜଳ ଲାଗ ବାକି ରହିଥିଲା। ଏହି ସମୟରେ ଜଣେ ଖୁଣ୍ଟିଆ ସେବକ ଅବକାଶ ଜଳ ପିଙ୍ଗଣକୁ ଉଠାଇ ଆଣିଥିଲେ। ଏଥିଯୋଗୁ ନୀତିରେ ବ୍ୟାଘାତ ଘଟିଥିଲା। ସେହିଠାରେ ନୀତି ଅଟକାଇ ମହାସ୍ନାନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପୂଜାପଣ୍ଡା ସେବକଙ୍କୁ ଡକାଯାଇଥିଲା। ସାଧାରଣତଃ ପୂଜାପଣ୍ଡା ସେବକମାନେ ଅବକାଶ ବଢିବା ପରେ ରୋଷହୋମରେ ଯୋଗଦେଇଥାନ୍ତି। କିନ୍ତୁ ଅବକାଶ ଚାଲିଥିବାରୁ ପୂଜାପଣ୍ଡା ଆସି ନ ଥିଲେ। ସେ ପହଞ୍ଚିବା ପରେ ମହାସ୍ନାନ ପାଇଁ ପ୍ରସ୍ତୁତି ହୋଇଥିଲା। ଅବକାଶ ସମୟରେ ଠାକୁର ଲୁଗା ଓ ଚାଦର ପରିଧାନ କରିଥିଲେ। ମହାସ୍ନାନ ଯୋଗୁ ଠାକୁରଙ୍କ ମଇଲମ କରାଯାଇଥିଲା। ଠାକୁରଙ୍କୁ କେବଳ ଲୁଗା ପରିଧାନ (ଏକ କାନିଆ) କରାଯାଇଥିଲା। ପୁଣି ମହାସ୍ନାନ ଲାଗି ଭିତର ଧୁଆ ହୋଇଥିଲା। ମହାସ୍ନାନ ପରେ ପୁଣିଥରେ ଅବକାଶ ଲାଗି ଲୁଗା ଓ ଚାଦର ପିନ୍ଧାଯାଇଥିଲା। ଏଥିଯୋଗୁ ପ୍ରାୟ ଦେଢ ଘଣ୍ଟା ବିଳମ୍ବ ହୋଇଥିଲା। ତେବେ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରକାର ବିଳମ୍ବ କିମ୍ବା ବିଭ୍ରାଟ ଯେପରି ନ ହୁଏ ସେଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ସେବକମାନଙ୍କୁ ଚେତାବନୀ ଦେଇଛି। ଏହାସତ୍ତ୍ୱେ ବେଳେବେଳେ କେତେଜଣ ସେବକଙ୍କ ଯୋଗୁ ନୀତିରେ ବିଳମ୍ବ ଘଟୁଛି। ସମ୍ପୃକ୍ତ ସେବାୟତ ଅଧାରୁ ଅବକାଶ ଜଳ ପିଙ୍ଗଣ ନେଇ ଆସିବାରୁ ମହାସ୍ନାନ ହୋଇ ପୁଣିଥରେ ଠାକୁରଙ୍କର ଅବକାଶ ହେଲା। ତେଣୁ ନୀତି ବିଳମ୍ବ ହୋଇଥିଲା ଏବଂ ପରେ ସ୍ୱାଭାବିକ ହୋଇଥିବା ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

■ ମନୋଜ ହତ୍ୟାକାଣ୍ଡ: ହତ୍ୟା ପ୍ରତିଶୋଧର ପରିଣାମ

## ମାଷ୍ଟରମାଇଣ୍ଡ ସୁଲ୍‌ତାନ ସମେତ ୫ ଗିରଫ

**ବ୍ରହ୍ମପୁର ଅଫିସ,୫।୬**

ଆସିକା ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ମନୋଜ ଜେନା ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ବ୍ରହ୍ମପୁର ପୋଲିସ। ଏଥିରେ ସାମିଲ ଥିବା ୨ ଅଭିଯୁକ୍ତ ବୁଲୁ ଓରଫ ଗଣେଶ ନାହାକ ଓ ହୃଷୀକେଶ ପାତ୍ରଙ୍କୁ ପୋଲିସ ପୂର୍ବରୁ ଏନ୍‌କାଉଣ୍ଟର କରିଥିବାବେଳେ ବୁଧବାର ମାଷ୍ଟରମାଇଣ୍ଡ ସୁଲ୍‌ତାନ ଓରଫ ସୁନୀଲ କୁମାର ନାହାକଙ୍କ ସମେତ ଅନ୍ୟ ୪ ସୁପାରିକିଲରଙ୍କୁ ଗିରଫ କରିଛି। ସେମାନେ ହେଲେ ଆନନ୍ଦ ସ୍ୱାଇଁ, ଶଙ୍କର ରାଉତ, ଶିବରାମ ବେହେରା ଓ କାର୍ତ୍ତିକ ନାହାକ। ଅଭିଯୁକ୍ତଙ୍କଠାରୁ କେତେକ ମାରଣାସ୍ତ୍ର ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି ।


ଜବତ ସାମଗ୍ରୀ ସହ ଗିରଫ ଅଭିଯୁକ୍ତମାନେ

- ଷଡ଼ଯନ୍ତ୍ରକାରୀ ଭାଲୁ ଫେରାର
- ୩ ମାଉଜର, ଗୁଳି, ବାଇକ୍
- ୧୦ ମୋବାଇଲ, ଛୁରି ଜବତ

ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ ସାଧାରଣ ନିର୍ବାଚନ ଭୋଟ ଗଣତି ପୂର୍ବଦିନ ଅର୍ଥାତ୍ ମେ ୨୨ରେ ମନୋଜ କେତେକ ସହଯୋଗୀଙ୍କ ସହିତ କାରରେ ଭୁବନେଶ୍ୱରରୁ ବ୍ରହ୍ମପୁର ଫେରୁଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ମନୋଜ ୧୬ନଂ. ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍ ଅକ୍ସଫୋର୍ଡ ସ୍କୁଲ ନିକଟରେ ଗାଡି ପାର୍କ କରି ପରିସ୍ରା କରିବାକୁ ଯାଇଥିଲେ। ୨ଟି ବାଇକ୍‌ରେ ୬ ଜଣ ଦୁର୍ବୃତ୍ତ ହଠାତ୍ ସେଠାରେ ପହଞ୍ଚି ମନୋଜଙ୍କ ଗଳା କାଟିଦେବା ସହ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଅପରାଧ ଘଟାଇ ଅଭିଯୁକ୍ତମାନେ ଆନ୍ଧ୍ର ଆଡ଼କୁ ୨ଟି ବାଇକ୍‌ରେ ଦ୍ରୁତଗତିରେ ଯାଉଥିବାବେଳେ ଗୋଳନ୍ଥରା ନିକଟରେ ଗୋଟିଏ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେମାନେ ସେଠାରେ ବାଇକ୍ ଓ ଏକ ମାଉଜର ଛାଡ଼ି ଚମ୍ପଟ ମାରିଥିଲେ, ଯାହାକୁ ପୋଲିସ ଜବତ କରିଥିଲା। ମନୋଜଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିବା ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମେ ୨୩ ବିଳମ୍ବିତ ରାତିରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ଭାଲୁ ଓ ସୁଲ୍‌ତାନଙ୍କ ସମେତ ୭ ଜଣଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ୧୦୧/୧୯ରେ ମାମଲା ରୁଜୁ ହୋଇଥିଲା। ସେପଟେ ଅନୁସନ୍ଧାନ ବେଳେ ଅଭିଯୁକ୍ତମାନେ ଆସିକା ଅଞ୍ଚଳର ବୋଲି ପୋଲିସ ସ୍ପଷ୍ଟ କରିଥିଲା। ମେ ୩୧ ରାତି ପ୍ରାୟ ସାଢ଼େ ୧୧ଟାରେ କେତେଜଣ ଅଭିଯୁକ୍ତଙ୍କ ସହିତ ଗୋଳନ୍ଥରା ଥାନା ରଣ୍ଢା ନିକଟ ଅମିତ ହସ୍ପିଟାଲ ପାଖରେ ପୋଲିସର ଗୁଳି ବିନିମୟ ହୋଇଥିଲା। ଏଥିରେ ବୁଲୁ ନାହାକ ଓ ହୃଷୀକେଶ ପାତ୍ର ଆହତ ହୋଇଥିଲେ। ଉଭୟଙ୍କୁ ପଚରାଉଚରା କରିବା ପରେ ପୋଲିସକୁ କେତେକ ତଥ୍ୟ ମିଳିଥିଲା। ହତ୍ୟାକାଣ୍ଡ ମାଷ୍ଟରମାଇଣ୍ଡ ଆସିକା ଥାନା ନୂଆଗାଁ ବଡ଼ସାହିର ସୁଲ୍‌ତାନ ବୋଲି ପୋଲିସ ଜାଣିବାକୁ ପାଇଥିଲା। ପରେ କେତେଜଣ ଅଭିଯୁକ୍ତଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର ଜାରି କରିବା ସହ ୪ଟି ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ସିଲ କରିଥିଲା। ମଦ ବ୍ୟବସାୟୀ ଭାଲୁ ଓ ସୁଲ୍‌ତାନ ମନୋଜଙ୍କୁ ମାରିବାକୁ ଯୋଜନା କରିଥିଲେ। ଏହାପରେ ପୋଲିସ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା।

ଏସ୍‌ପି କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିନାକ ମିଶ୍ର କହିଛନ୍ତି, କୋରାପୁଟ ଜିଲା ଲକ୍ଷ୍ମୀପୁରରେ ଅଭିଯୁକ୍ତମାନଙ୍କ ଉପସ୍ଥିତି ନେଇ ପୋଲିସକୁ ସୂଚନା ମିଳିଥିଲା। ସେଠାରୁ ଆନନ୍ଦ, ଶଙ୍କର, ଶିବରାମ ଓ କାର୍ତ୍ତିକଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ସୁଲତାନଙ୍କୁ ବାଲୁଗାଁ ରେଳଷ୍ଟେଶନରୁ ଧରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ୩ ମାଉଜର, ୩ ଅଫୁଟା ଗୁଳି, ୩ ବାଇକ୍, ୨ ରକ୍ତଭିଜା ଛୁରି, ୨ ହେଲ୍‌ମେଟ, ୧୦ ମୋବାଇଲ ଫୋନ, ୩୫୦୦ ଟଙ୍କା ଜବତ କରାଯାଇଛି। ହତ୍ୟାକାଣ୍ଡ ସ୍ଥଳରୁ ୩ ଗୋଟି ଖୋକା ଜବତ କରାଯାଇଛି। ହତ୍ୟା ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଆସିକା ଅଞ୍ଚଳର ମଦ ବ୍ୟବସାୟୀ ଭାଲୁ ଓରଫ ଭଗବାନ ସାହୁ ଫେରାର ଥିବା ଏସ୍‌ପି ସୂଚନା ଦେଇଛନ୍ତି। ୨୦୧୨ରେ କୌଣସି କାରଣକୁ ନେଇ ଭାଲୁଙ୍କ ଭାଇଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ମନୋଜ ଓ ତାଙ୍କର ଜଣେ ସହଯୋଗୀ ସମ୍ପୃକ୍ତ ଥିବା ଏସ୍‌ପି ସୂଚନା ଦେଇଛନ୍ତି, ଯାହାର ପ୍ରତିଶୋଧ ନେବା ପାଇଁ ଭାଲୁ ବିଭିନ୍ନ ସମୟରେ ସୁଯୋଗ ଖୋଜୁଥିଲେ ବୋଲି ପୋଲିସ କହିଛି। ଶେଷରେ ସେ ଷଡ଼ଯନ୍ତ୍ର କରି ମନୋଜଙ୍କୁ ସୁପାରିକିଲରଙ୍କ ଦ୍ୱାରା ହତ୍ୟା କରିଛନ୍ତି ବୋଲି ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି ।

ପୂର୍ବ ଶତ୍ରୁତା ଓ ମଦ ବ୍ୟବସାୟକୁ କେନ୍ଦ୍ରକରି ଲାଗି ରହିଥିବା ପୁଞ୍ଜୀଭୂତ ଅସନ୍ତୋଷରୁ ମନୋଜଙ୍କୁ ହତ୍ୟା କରାଯାଇଥିବା ପୋଲିସ ସ୍ପଷ୍ଟ କରିଛି। ମୁଖ୍ୟ ଖଳନାୟକ ଭାଲୁ ଧରାପଡ଼ିବା ପରେ ଏହି ହତ୍ୟାକାଣ୍ଡ ପାଇଁ କେତେ ଟଙ୍କା ଡିଲ୍ ହୋଇଥିଲା ତାହା ଜଣାପଡ଼ିବ ବୋଲି ଏସ୍‌ପି ମିଶ୍ର କହିଛନ୍ତି। ଏହି ଘଟଣାରେ ଗିରଫ ସଂଖ୍ୟା ୭ରେ ପହଞ୍ଚିଛି ।

■ ଦାରିଙ୍ଗବାଡ଼ି ଅଞ୍ଚଳରେ ପୁଣି ଲଜ୍ଜା

## ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ଜଣେ ଗିରଫ

**ଦାରିଙ୍ଗବାଡି,୫।୬(ଡି.ଏନ.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ପୁଣି ଏକ ଲଜ୍ଜ୍ୟାଜନକ ଘଟଣା ଘଟିଛି। ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ଜଣେ ବିବାହିତ ବ୍ୟକ୍ତି ଗତ କିଛିମାସ ତଳେ ତାଙ୍କୁ ବଳାତ୍କାର କରିଥିବା ମଙ୍ଗଳବାର ସନ୍ଧ୍ୟାରେ ଥାନାରେ ଛାତ୍ରୀଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଦାରିଙ୍ଗବାଡ଼ି ପୋଲିସ ନଂ.୫୪/୧୯ରେ ମାମଲା ରୁଜୁ କରି ତଦନ୍ତ କରିବା ସହ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଉକ୍ତ ଥାନା ଅଞ୍ଚଳ ଡଡଡ଼ମାହା ଗ୍ରାମର ଜିରିମୟ ପ୍ରଧାନ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଗତ ୮ମାସ ତଳେ ନାବାଳିକା ଜଣକ ଏକୁଟିଆ ବିଦ୍ୟାଳୟକୁ ଯାଉଥିବା ବେଳେ ଜିରିମୟ ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଏନେଇ କାହାକୁ କହିଲେ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ନାବାଳିକା ଜଣକ ଘଟଣା ସମ୍ପର୍କରେ କାହାରିକୁ ନ କହି ଚୁପ୍ ରହିଥିଲେ। କିଛିଦିନ ହେଲା ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ନାବାଳିକା ଜଣକ ଗର୍ଭବତୀ ଥିବା ଜଣାପଡ଼ିଥିଲା। ପରିବାର ଲୋକ ଏ ନେଇ ନାବାଳିକାଙ୍କୁ ପଚାରିବାରୁ ସେ ସମସ୍ତ ଘଟଣା କହିଥିଲେ। ଏ ନେଇ ଗ୍ରାମରେ ଏକ ବୈଠକ କରି ଘଟଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗିରଫ କରିଥିବା ଜିରିମୟଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରିମାଇନା କରିବା ପରେ କୋର୍ଟ ଚାଲାଣ କରିଛି। ନାବାଳିକାଙ୍କୁ ଫୁଲବାଣୀ ମେଡିକାଲରେ ଡାକ୍ତରିମାଇନା କରାଯାଇଥିବା ପୋଲିସ କହିଛି।

■ ପାରିବାରିକ କଳହର କରୁଣ ପରିଣତି

## ସାନଭାଇର କଟୁରି ଚୋଟରେ ବଡ଼ ମୃତ

**ନୟାଗଡ଼ ଅଫିସ,୫।୬**

ପାରିବାରିକ କଳହର ପରିଣତି କେତେ ଭୟଙ୍କର ହୋଇପାରେ ତାହା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ଶରଣକୁଳ ଥାନା ଚଢ଼େୟାପଲ୍ଲୀ ଗ୍ରାମରେ। ମଙ୍ଗଳବାର ରାତିରେ ଗ୍ରାମର ଜଣେ ଯୁବକଙ୍କ କଟୁରି ଚୋଟରେ ତାଙ୍କ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁବେର ସାହୁ(୩୨)। ପୋଲିସ ସୂତ୍ରରୁ ପ୍ରକାଶ ଯେ, କୁବେର ବିଭିନ୍ନ କାରଣକୁ ନେଇ ଘରେ କଳି ଝଗଡ଼ା କରନ୍ତି। ଏପରିକି ସାନଭାଇ ଧନେଶ୍ୱର ସାହୁ(୨୫)ଙ୍କ ସହିତ ମଧ୍ୟ ଗଣ୍ଡଗୋଳ କରନ୍ତି। ୫ଦିନ ପୂର୍ବରୁ କୁବେର ସ୍ତ୍ରୀ କୁନି ସାହୁ ଓ ୫ବର୍ଷର ଝିଅକୁ ନେଇ ଶ୍ୱଶୁରଘର ଇଟାମାଟି ଯାଇଥିଲେ। ସେଠାରେ ସେ ପିଲାଙ୍କୁ ଛାଡି ଘରକୁ ଫେରିଥିଲେ। ଏପରିସ୍ଥଳେ ମଙ୍ଗଳବାର ସକାଳେ ଦୁଇ ଭାଇଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ରାତିରେ ଚଢ଼େୟାପଲ୍ଲୀ ଗ୍ରାମରେ ଯାତ୍ରା ହେଉଥିବାରୁ ଧନେଶ୍ୱର ମା'ବାପାଙ୍କ ସହ ସେଠାକୁ ଯାଇଥିଲେ। ଘରେ କୁବେର ଏକାକୀ ଥିବାରୁ ସେ ଛାତ ଉପରେ ଶୋଇଥିଲେ। ରାତ୍ର ପ୍ରାୟ ୧୧ଟା ସମୟରେ ଧନେଶ୍ୱର ଘରକୁ ଆସି ଛାତ ଉପରେ ଶୋଇଥିବା ବଡଭାଇଙ୍କୁ କଟୁରିରେ ହାଣି ହତ୍ୟା କରିଥିଲେ। ପରେ ରାତ୍ର ୧୨ଟା ୧୦ ସମୟରେ ଶରଣକୁଳ ଥାନାକୁ ଆସି ଧନେଶ୍ୱର ଆତ୍ମସମର୍ପଣ କରିଥିଲେ। ବୁଧବାର ସକାଳେ ଶରଣକୁଳ ପୋଲିସ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। କୁବେରଙ୍କୁ ପରିବାର ଲୋକେ ମିଶି ହତ୍ୟା କରିଥିବା ସ୍ତ୍ରୀ କୁନି ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ୪୪/୧୯ରେ ମାମଲା ରୁଜୁ କରି ଧନେଶ୍ୱରଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ କଟୁରି ଜବତ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ କିରଣ ହେମ୍ବ୍ରମ ପ୍ରକାଶ କରିଛନ୍ତି।


ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ଟିମ୍ ପହଞ୍ଚି ପରିବାର ଲୋକଙ୍କୁ ପଚରାଉଚରା କରୁଛି।

## ବ୍ୟବସାୟୀଙ୍କଠାରୁ ୧ ଲକ୍ଷ ଟଙ୍କା ଲୁଟ୍ ପୋଲିସ କର୍ମଚାରୀ ଗିରଫ

**ସମ୍ବଲପୁର,୫।୬(ବ୍ୟୁରୋ)**

ସମ୍ବଲପୁର ଧନୁପାଲି ଥାନା ପୋଲିସ ଏକ ଲୁଟ୍ ଘଟଣାରେ ଜଣେ ପୋଲିସ କନଷ୍ଟେବଲଙ୍କୁ ଗିରଫ କରିଛି। ତାଙ୍କ ନାମ ଲୋକନାଥ ବେହେରା। ପ୍ରକାଶ ଅଗ୍ରୱାଲ ନାମକ ଛତିଶଗଡ଼ର ଜଣେ ବ୍ୟବସାୟୀଙ୍କ ପାଖରୁ ସେ ୧ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା । ଏ ନେଇ ଏକ ମାମଲା (ନଂ.୨୦୭/୧୯) ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ରକାଶ ଆଲ୍ଲାହାବାଦ ବ୍ୟାଙ୍କରେ ଟଙ୍କା ଜମା କରିବାକୁ ଯାଇଥିଲେ। ହେଲେ ଟଙ୍କା ପରିମାଣ ଅଧିକ ହେବାରୁ ବ୍ୟାଙ୍କ ମ୍ୟାନେଜର ଜମା ହୋଇ ପାରିବ ନାହିଁ କହିଥିଲେ। ଏଥିରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ପୋଲିସକୁ ଖବର ଦେଇଥିଲେ। ଖବର ପାଇ କନ୍‌ଷ୍ଟେବଲ ବେହେରା ବ୍ୟାଙ୍କକୁ ଯାଇ ପ୍ରକାଶଙ୍କୁ ନିଛାଟିଆ ସ୍ଥାନକୁ ନେଇ ୧ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ପ୍ରକାଶ ବିରୋଧ କରିବାରୁ ସେ ତାଙ୍କୁ ଧମକ ଚମକ ଦେଇ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏହିଘଟଣା ପରେ ପ୍ରକାଶ ଧନୁପାଲି ଥାନାରେ ଅଭିଯୋଗ କରିଥିଲେ।





## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ପାପୀମାନଙ୍କ ନର୍କ

‘‘ମା! ବାପା ଅଫିସରେ କ’ଣ କରନ୍ତି,’’ ପୁଅ ପଚାରିଲା ମାଆକୁ। ‘‘ସେ ମାଙ୍କଡ଼ମାନଙ୍କୁ ଡରାନ୍ତି,’’ ମା’ ଉତ୍ତର ଦେଲେ। ବନ୍ୟପ୍ରାଣୀଙ୍କୁ ନେଇ କେତେ ଅଦ୍ଭୁତ ବୃତ୍ତିସବୁ ରହିଛି ? ଜାଣିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିବ।

* ପ୍ରତ୍ୟହ ସକାଳେ ମୁଁ ଯେତେବେଳେ ଶାସ୍ତ୍ରୀ ଭବନରେ ଥିବା ମୋ କାର୍ଯ୍ୟାଳୟକୁ ଯାଏ, ସେତେବେଳେ ମୁଁ ଜଣେ ଲୋକକୁ ପେଚା ବୋବେଇବା ପରି ବୋବେଇବାର ଶୁଣେ। ସେ ଦିନସାରା ପେଚା ପରି ବୋବେଇ ଚାଲିଥାଏ। କାରଣ ତାଙ୍କ କାମ ହେଲା ମାଙ୍କଡ଼ମାନଙ୍କୁ ଘଉଡ଼େଇବା। ମାଙ୍କଡ଼ମାନେ ତାକୁ ଦେଖିଲେ ଡରି ପଳାନ୍ତି। ତେବେ ମାଙ୍କଡ଼ମାନେ ତାଙ୍କ ସ୍ୱର ଶୁଣି ପଳାନ୍ତି ନା ତାଙ୍କ ହାତରେ ଥିବା ବଡ଼ ବାଡ଼ି ଖଣ୍ଡକ ଦେଖି ଡରି ପଳାନ୍ତି ତାହା ବିତର୍କର ବିଷୟ। ଲୋକଟି ମାଙ୍କଡ଼ମାନଙ୍କୁ ଘଉଡ଼ାଇଦେବା ପରେ ସେମାନେ ମୋ ଅଫିସ କୋଠା ଉପରକୁ ଓ ମୋ ଝରକା ପାଖକୁ ଚାଲିଆସନ୍ତି। ସେଠାରେ ମୁଁ ସେମାନଙ୍କୁ ଖାଇବାକୁ ଦିଏ। ବେଆଇନ ମାଙ୍କଡ଼ ଅପହରଣକାରୀମାନେ ଏ କୋଠାରୁ ସେ କୋଠା ବୁଲି ଲଙ୍ଗୁର ମାଙ୍କଡ଼ମାନଙ୍କୁ ଧରି ନେଇଯାନ୍ତି। ରିସସ୍ ମାଙ୍କଡ଼ମାନଙ୍କୁ ଦୂରରେ ରଖିବା ପାଇଁ ସେମାନେ ଏହି ମାଙ୍କଡ଼ଙ୍କୁ ନେଇ ଗେଟ୍‌ରେ ବାନ୍ଧିଦିଅନ୍ତି। ମନ୍ଦିରମାନଙ୍କରେ କିଛି ଲୋକଙ୍କୁ ମଜୁରି ଦେଇ ରଖାଯାଇଥାଏ, ଯେଉଁମାନେ ମାଙ୍କଡ଼ ଭଳି ବେଶପୋଷାକରେ ସଜେଇ ହୋଇ ଅନ୍ୟ ମାଙ୍କଡ଼ଙ୍କୁ ହୁରାଡ଼ିବା କାମ କରନ୍ତି।

* ସ୍ନେକ୍ ମିଲ୍କରମାନେ ସାପ ଓ ଅନ୍ୟ ସରୀସୃପଙ୍କଠାରୁ ବିଷ ବାହାର କରିବା କାମରେ ନିଯୁକ୍ତ ହୋଇଥାନ୍ତି। ଏହି ବିଷ ଚିକିତ୍ସା କ୍ଷେତ୍ରରେ ବିନିଯୋଗ ହୁଏ। ସାଧାରଣ ହୃଦ୍‌ଘାତ, ରକ୍ତ କ୍ଲଟ୍ କରିବାକୁ ନ ଦେବା ଓ ସାପକାମୁଡ଼ା କ୍ଷେତ୍ରରେ ଏହି ବିଷରୁ ପ୍ରସ୍ତୁତ ଔଷଧ ବ୍ୟବହୃତ ହୁଏ ଏବଂ ପ୍ରତିବର୍ଷ ବହୁ ପରିମାଣର ସାପବିଷ ଆବଶ୍ୟକ ପଡ଼େ। ସେଥିପାଇଁ ସ୍ନେକ୍ ମିଲ୍କରମାନେ ଦିନସାରା ଘୂରିବୁଲନ୍ତି ସାପ ଧରିବା ପାଇଁ। ସାପକୁ ଧରି ତା’ ମୁହଁକୁ ମେଲାକରି ବେକକୁ ଚିପି ଏକ ପ୍ଲାଷ୍ଟିକ୍ ଜାର୍‌ରେ ବିଷ ବାହାର କରନ୍ତି। ଏହି କାମ କରୁକରୁ ବେଳେବେଳେ ସାପ କାମୁଡ଼ା ବି ଖାଆନ୍ତି। ଭାରତରେ ତାମିଲନାଡୁର ଇରୁଲାମାନେ ସାପ ଚମଡ଼ା ପାଇଁ ସାପ ଧରନ୍ତି। ସେମାନଙ୍କୁ ସାପ ବିଷ ସଂଗ୍ରହ କରି ବିକିବା ପାଇଁ ତାଲିମ ଦିଆଯାଇଛି। ୧୯୭୮ ମସିହାରେ ଇରୁଲା ସାପଧରାଳିମାନେ ଇରୁଲା ସ୍ନେକ୍-କ୍ୟାଚର୍ସ କୋ-ଅପରେଟିଭ୍ ଗଠନ କରିଛନ୍ତି। ସେମାନଙ୍କୁ ସାପ ଧରି ଗିଣ୍ଡିସ୍ଥିତ ସ୍ନେକ୍ ପାର୍କକୁ ବିକ୍ରି କରିବା ପାଇଁ ଅନୁମତି ମିଳିଛି, ଯେଉଁଠି ସେମାନଙ୍କଠାରୁ ବିଷ ସଂଗ୍ରହ କରାଯାଏ।

* ବ୍ରାଜିଲର ମଶା ଗବେଷକମାନେ ମ୍ୟାଲେରିଆ ମଶାଙ୍କ କାମୁଡ଼ିବା ଅଭ୍ୟାସ ଉପରେ ଗବେଷଣା କରନ୍ତି। ଏଥିପାଇଁ ସେମାନେ ନିଜକୁ ମଶା କାମୁଡ଼ିବାର ସୁଯୋଗ ଦିଅନ୍ତି। ସେମାନେ ମଶାରି ଭିତରେ ବସି ମଶାରିର ତଳପଟରେ ମାଶା ଆସିବା ପାଇଁ ବାଟ ଛାଡ଼ିଥାନ୍ତି। ମଶା ଭିତରେ ପଶି ଆଉ ବାହାରି ପାରେ ନାହିଁ। ମଶା ଯେମିତି ଗୋଡ଼କୁ କାମୁଡ଼ନ୍ତି ସେମାନେ ତାକୁ ଏକ ମାଉଥ୍ ଟ୍ୟୁବ୍‌ରେ ଧରି ଏକ ପାତ୍ରରେ ରଖନ୍ତି। ସେମାନେ ଏହିପରି ୩ ଘଣ୍ଟା ଭିତରେ ୫୦୦ ପର୍ଯ୍ୟନ୍ତ ମଶା ଧରନ୍ତି। ଏଥିପାଇଁ ସେମାନଙ୍କୁ ଅତି କମ୍‌ରେ ୩୦୦୦ କାମୁଡ଼ା ସହିବାକୁ ପଡ଼େ। ଅନେକ ଗବେଷକଙ୍କୁ ମ୍ୟାଲେରିଆ ବି ହୁଏ।

* କୀଟତତ୍ତ୍ୱ ଗବେଷଣାଗାର ପକ୍ଷରୁ ଜଣେ ଏଭିଆନ୍ ଭମିଟୋଲୋଜିଷ୍ଟଙ୍କୁ ନିଯୁକ୍ତି ଦିଆଯାଇଥାଏ। ତାଙ୍କର କାମ ହେଲା ରୋଗଣା ଉଡ଼ନ୍ତା ଚଢ଼େଇଙ୍କ ବାନ୍ତିର ନମୁନା ସଂଗ୍ରହ କରିବା, ଯାହାଦ୍ୱାରା ଏଭିଆନ୍ ଫ୍ଲୁ (ସଂକ୍ରାମକ ସର୍ଦ୍ଦି) ରୋଗର ବିଶ୍ଳେଷଣ କରାଯାଇପାରିବ। ତା’ର ମାନେ ହେଲା କେଉଁଠି ଚଢ଼େଇ ବାନ୍ତି କରିଛି, ତାହା ପାଇବା ପାଇଁ ବାହାଡ଼, ଜଙ୍ଗଲ, ପଡ଼ିଆ ପ୍ରଭୃତି ସବୁଆଡ଼େ ଖୋଜିବୁଲିବା।

* ୨୦୧୪ରେ ଚାଇନାରେ ସିଚୁଆନସ୍ଥିତ ଜ୍ୟାଣ୍ଟ ପାଣ୍ଡା ରିସର୍ଚ୍ଚ ସେଣ୍ଟର ଘୋଷଣା କଲା ଯେ ଏହା ପୃଥିବୀ ସାରା ପାଣ୍ଡା ଛୁଆ କେୟାର୍‌ଟେକରଙ୍କ ସନ୍ଧାନ କରୁଛି। ଅନେକ ପ୍ରାର୍ଥୀ ଆବେଦନ କଲେ। ସେମାନଙ୍କ ମଧ୍ୟରୁ ଅନେକ କଟିବା ପରେ କିଛି ଲୋକ ନିଯୁକ୍ତି ପାଇଲେ। ବିଜ୍ଞାପନରେ କୁହାଯାଇଥିଲା ଯେ, ଏହି କେୟାର୍‌ଟେକରମାନଙ୍କ କାମ ହେଲା ୩୬୫ ଦିନ ପାଣ୍ଡାମାନଙ୍କ ସହିତ କଟାଇବା ଏବଂ ସେମାନଙ୍କ ସୁଖଦୁଃଖରେ ଭାଗ ନେବା।

* ତେବେ ତାହା ଚାଇନାର ବିୟର ବାଇଲ୍ ସେଣ୍ଟରରେ କାମ କରିବାଠାରୁ ଭଲ। ଭାଲୁମାନଙ୍କ ପେଟରେ ଗଲ୍ ବ୍ଲାଡର (ପିତ୍ତାଶୟ) ପର୍ଯ୍ୟନ୍ତ ଏକ ନଳୀ ଭର୍ତ୍ତି କରାଯାଇଥାଏ। ସେମାନଙ୍କ ପିତ୍ତାଶୟରେ ଯେଉଁ ପିତ୍ତ ଜମା ହୁଏ, ତାକୁ ସେଇ ନଳୀ ସାହାଯ୍ୟରେ କଢ଼ାଯାଏ। ଏଥିରେ ସେମାନଙ୍କୁ ଅତିଶୟ କଷ୍ଟ ହୁଏ କିନ୍ତୁ ସେମାନେ ମରନ୍ତି ନାହିଁ। ଏହି ପିତ୍ତକୁ ଏକ ଜାରରେ ସଂଗ୍ରହ କରି ଚାଇନାର ପାରମ୍ପରିକ ଔଷଧ ଶିଳ୍ପକୁ ବିକ୍ରୟ କରାଯାଏ।

* ଠେକୁଆମାନଙ୍କ ଲୋମ ଉପାଡ଼ିବା ଆଉ ଏକ ଜଘନ୍ୟ କାମ। ଚାଇନା ଓ ଫ୍ରାନ୍ସର ଲୋକମାନେ ଛୋଟ ଛୋଟ ପିଞ୍ଜରାରେ ଠେକୁଆ ପାଳିଥାନ୍ତି। ପ୍ରତି ଛଅ ସପ୍ତାହରେ ଲୋମ ଉପାଡ଼ିବା ଲୋକମାନେ ସେମାନଙ୍କୁ ବାହାରକୁ ଆଣନ୍ତି। ସେମାନେ ଯନ୍ତ୍ରଣାରେ ଚିତ୍କାର କରୁଥିବା ବେଳେ ଟେବୁଲ ଉପରେ ଏକ ଯନ୍ତାରେ ସେମାନଙ୍କୁ ଧରି ଲୋମ ଉପାଡ଼ନ୍ତି। କେଇଟା ଟଙ୍କା ପାଇଁ ଦିନସାରା ଠେକୁଆମାନଙ୍କୁ ନିର୍ଯାତନା ଦେବା କି ଜଘନ୍ୟ ବୃତ୍ତି ?

* କେତେକ ଚଳଚ୍ଚିତ୍ରରେ କୀଟପତଙ୍ଗ ଦରକାର ପଡ଼ନ୍ତି। ସେଗୁଡ଼ିକୁ ସଂଗ୍ରହ କରିବା ପାଇଁ ଇନ୍‌ସେକ୍ଟ ରାଙ୍ଗ୍‌ଲରମାନଙ୍କୁ ନିଯୁକ୍ତି ଦିଆଯାଇଥାଏ। ସେମାନେ ଚଳଚ୍ଚିତ୍ର, ପ୍ରଦର୍ଶନୀ ପ୍ରଭୃତି ପାଇଁ ପିମ୍ପୁଡ଼ି, ଅସରପା, ମାଛି ଇତ୍ୟାଦି ପାଳନ କରନ୍ତି। ରାଙ୍ଗ୍‌ଲର ଖାଦ୍ୟ ପ୍ରଭୃତିର ଲୋଭ ଦେଖେଇ କୀଟପତଙ୍ଗମାନଙ୍କୁ ଯୁଆଡ଼େ ଯିବାକୁ ନିର୍ଦ୍ଦେଶ କରନ୍ତି ସେମାନେ ସିଆଡ଼େ ଯାଆନ୍ତି। ସେମାନେ କୀଟପତଙ୍ଗମାନଙ୍କୁ ସେପରି ତାଲିମ ଦେଇଥାନ୍ତି।

* ଥାଇଲାଣ୍ଡରେ ପ୍ରଜାପତିଙ୍କ ଡେଣାରେ ଅନେକ ପ୍ରକାର ଗହଣା ତିଆରି ହୁଏ। ଆପଣ ଏପରି ଗହଣା ବିମାନବନ୍ଦରରେ ବିକ୍ରି ହେଉଥିବାର ଦେଖିପାରିବେ। ଏହି ଶିଳ୍ପରେ କିଛି ଲୋକ ନିଯୁକ୍ତ ଥାନ୍ତି ଯେଉଁମାନେ ଜିଅନ୍ତା ପ୍ରଜାପତିଙ୍କ ଡେଣା ଉପାଡ଼ି ତାକୁ ଏକ ପ୍ଲାଷ୍ଟିକ୍ ଖୋଳ ଭିତରେ ରଖନ୍ତି, ଯାହାର ଧାରରେ ସୁନାର ଆସ୍ତରଣ ଦିଆହୋଇଥାଏ। ସେଥିରେ ହୁକ ଇତ୍ୟାଦି ଲଗେଇ କାନ ରିଙ୍ଗ୍ ଇତ୍ୟାଦି ତିଆରି କରାଯାଏ।

* କିଛି ଲୋକ ଜିଅନ୍ତା ସାପକୁ ଏକ ବୋର୍ଡରେ କଣ୍ଟା ମାରି ଧରିରଖି ତାଙ୍କ ଦେହରୁ ଚମଡ଼ା ଛାଲନ୍ତି। ଏହି ଚମଡ଼ାରୁ ଜୋତା, ମନିପର୍ସ, ହାତବ୍ୟାଗ୍ ପ୍ରଭୃତି ତିଆରି ହୁଏ, ଯାହାକୁ ଧନୀ ଲୋକମାନେ କିଣନ୍ତି। କୁମ୍ଭୀର ଦେହରୁ ବି ସେହିପରି ଚମଡ଼ା ଉତରାଯାଏ।

* କେରଳରେ ବିଭିନ୍ନ ଉତ୍ସବ ସମୟରେ ହାତୀ ବେଶକାରୀମାନଙ୍କୁ ଭଡ଼ାରେ ଅଣାଯାଇଥାଏ। ସେମାନେ ହାତୀଙ୍କୁ ରଙ୍ଗ କରିବା, ପୋଷାକ ପିନ୍ଧାଇବା ଓ ସଜାଇବା କାମ କରନ୍ତି। ଏହିସବୁ ହାତୀ ଉତ୍ସବରେ ଭାଗ ନିଅନ୍ତି। ପୋଷା ହାତୀମାନଙ୍କୁ ବିଭିନ୍ନ ଉତ୍ସବରେ ଭାଗନେବା ପାଇଁ ଦେଶର ବିଭିନ୍ନ ସ୍ଥାନକୁ ପଠାଯାଏ। ଏହି ପୋଷାକ ଗରମ ଲାଗୁଥିବାରୁ ପ୍ରତିବର୍ଷ ଅତି କମ୍‌ରେ ଦଶଟି ହାତୀ ବିଦ୍ରୋହ କରନ୍ତି ଓ ଅନିୟନ୍ତ୍ରିତଭାବେ ଦୌଡ଼ନ୍ତି। ସେମାନଙ୍କୁ ମାରିଦିଆଯାଏ କିମ୍ବା ମାସାଧିକ କାଳ ଦଣ୍ଡ ଦିଆଯାଏ।

ଆମର ଜୀବନ କେତେ ଛୋଟ କିନ୍ତୁ ଆମେ ଏହାକୁ କିପରି ନଷ୍ଟ କରିଚାଲିଛୁ! ଜଣେ ଜ୍ଞାନୀ ଗୁରୁ ୩୦ ବର୍ଷ ତଳେ ମୋତେ କହିଥିଲେ, ଏ ପୃଥିବୀ ହେଉଛି ପାପୀମାନଙ୍କ ପାଇଁ ନର୍କ। ଏହିସବୁ ବୃତ୍ତି ବିଷୟରେ ଥରେ ଚିନ୍ତା କରନ୍ତୁ। ଏହା ନର୍କଠାରୁ କୌଣସି ଗୁଣରେ କମ୍ କି ?

Email: gandhim@nic.in

# ନିଃସଙ୍ଗ ଶୈଶବ ଓ ବାର୍ଦ୍ଧକ୍ୟ



ଅରୁଣ ଦାସ

ମୋର ଜଣେ ସାଙ୍ଗର ବଡ଼ଭାଇ ଦିଲ୍ଲୀରେ ରୁହନ୍ତି। ପେସାରେ ସେ ଜଣେ ଡାକ୍ତର ଓ ତାଙ୍କ ଧର୍ମପତ୍ନୀ ଏକ ବହୁଦେଶୀୟ କମ୍ପାନୀରେ କାର୍ଯ୍ୟ କରନ୍ତି। ନିଜ ବାପା ବୋଉ ଓ ଅନ୍ୟ ପରିବାର ସଦସ୍ୟ କଟକରେ ରହୁଥିବାରୁ ଦିଲ୍ଲୀରେ ଥିବା ଘରେ ସେମାନେ ନିଜ ୨ ବର୍ଷର ଶିଶୁପୁତ୍ରକୁ ଜଣେ ମହିଳା ସେବିକା ପାଖରେ ଛାଡିଦେଇ ଏଇ ଦମ୍ପତି ନିଜ କର୍ମକ୍ଷେତ୍ରକୁ ବାହାରି ଯାଆନ୍ତି ଓ ପ୍ରତିଦିନ ସନ୍ଧ୍ୟାରେ ଘରକୁ ଫେରନ୍ତି। କିଛିଦିନ ପରେ ଏ ଦୁହେଁ ଅନୁମାନ କଲେ ଯେ ତାଙ୍କ ଶିଶୁପୁତ୍ରଟିର ଓଜନ ହ୍ରାସ ପାଉଛି ଓ ପୂର୍ବାପେକ୍ଷା ସେ ଅଧିକ ଚିଡ଼ିଚିଡ଼ା ସ୍ୱଭାବ ଦେଖାଉଛି। ଯେହେତୁ ନିଜେ ଜଣେ ଡାକ୍ତର ପରୀକ୍ଷା କରି ଜାଣିପାରିଲେ ଯେ ତାଙ୍କ ଶିଶୁପୁତ୍ରର ଖାଦ୍ୟ ଅଭାବଜନିତ ସମସ୍ୟାରୁ ଏପରି ପରିସ୍ଥିତି ଉପୁଜିଛି। ସ୍ୱାମୀ-ସ୍ତ୍ରୀ ଦୁହେଁ ଉଚ୍ଚ ବେତନ ପାଉଛନ୍ତି। ଟଙ୍କା ପଇସାର ଅଭାବ ନାହିଁ। ହେଲେ ପିଲାଟି କେମିତି ଖାଦ୍ୟ ଅଭାବ ସଙ୍କଟରେ ପଡ଼ିଲା ? ଏ କଥାକୁ ଗଭୀର ଭାବରେ ଚିନ୍ତାକଲାରୁ ଏଇ ଦମ୍ପତି, ମହିଳା ସେବିକାଟି ଉପରେ ସନ୍ଦେହ ପ୍ରକଟ କଲେ। ସେବିକାଟିର ଅଜ୍ଞାତରେ ଏମାନେ ଘରେ ସିସିଟିଭି ଲଗେଇ ନିଜେ ନିଜର କର୍ମକ୍ଷେତ୍ରକୁ ବାହାରିଗଲେ। ଯେତେବେଳେ ସନ୍ଧ୍ୟାରେ ଏମାନେ ଆସି ସିସି ଟିଭି ରେକର୍ଡିଂର ଚିତ୍ର ଦେଖିବସିଲେ ସେତେବେଳେ ଏ ଦୁହେଁ ଯେତିକି ଆଶ୍ଚର୍ଯ୍ୟ ହେଲେ ତା’ଠାରୁ ଆହୁରି ମର୍ମାହତ ହେଲେ ମଧ୍ୟ। କାରଣ ସେବିକା ଜଣକ ଏ.ସି. ଲଗେଇ ଆରାମରେ ଦୀର୍ଘ ସମୟ ଧରି ଶୋଇ ଯାଉଥିବା ବେଳେ ପିଲାଟି ତା’ କୁନି ପାଦରେ ଥିରି ଥିରି ଚାଲି ଏ ଘର ସେ ଘର ଯାଇ ବିଭିନ୍ନ ଆସବାବ ପତ୍ରରେ ହାତ ମାରୁଛି ଓ ମଝିରେ ମଝିରେ ରାହା ଧରି କାନ୍ଦୁଛି। ଶିଶୁମାନେ ସ୍ୱଳ୍ପ ସମୟ ବ୍ୟବଧାନରେ ଖାଦ୍ୟ ଖାଇବା ଆବଶ୍ୟକ କରୁଥିବା ବେଳେ ସେବିକା ଜଣକ ତାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଇବାକୁ ନ ଦେବାରୁ ଏମିତି ଏକ ପରିସ୍ଥିତି ସୃଷ୍ଟି ହେଲା। ନିଜ କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଏମାନେ ସିନା ସେବିକା ଜଣକୁ କାମରୁ ବିତାଡିତ କରିଦେଲେ କିନ୍ତୁ ଆଉ କୌଣସି ସେବିକାଙ୍କୁ ନିଯୁକ୍ତି ଦେବାକୁ ଏମାନଙ୍କର ମନ ବଳିଲା ନାହିଁ। ଶେଷରେ କୌଣସି ଉପାୟ ନ ପାଇ କଟକରେ ଥିବା ନିଜ ମାତାପିତାଙ୍କୁ ନେଇ ପାଖରେ ରଖିଲେ।

ଏବେ ସମୟ ଏମିତି ବଦଳିଯାଇଛି। ପ୍ରତିଟି ମଣିଷ ନିଜ ଜୀବନ ଜୀବିକାକୁ ଗୁରୁତ୍ୱ ଦେଇ ଯୌଥ ପରିବାରକୁ ଆଉ ଆଦରିବାକୁ ପ୍ରସ୍ତୁତ ନୁହନ୍ତି। ବାର୍ଦ୍ଧକ୍ୟରେ ପୀଡ଼ିତ ମାତାପିତା ଅଧିକାଂଶ ସହରର କୋଣଅନୁକୋଣରେ ନିଃସଙ୍ଗ, ନିର୍ଜନ ଜୀବନ ବିତାଉଥିବା ବେଳେ ପୁଅ, ବୋହୂ ଓ ଝିଅ ସମସ୍ତେ ବାହାରେ। ସେବକ ଓ ସେବିକାମାନଙ୍କ ସହାୟତାକୁ ଆଶ୍ରା କରି ସମୟ କାଟୁଛନ୍ତି ଏମାନେ। ଯେତେବେଳେ ଶିଶୁମାନଙ୍କୁ ନିଜ ମାତାପିତା ଜଣେ ସେବିକା ପାଖରେ ଛାଡିଦେଇ ନିଜ କର୍ମସ୍ଥଳକୁ ଚାଲି ଯାଉଛନ୍ତି, ସେତେବେଳେ ଏଇ ଶିଶୁମାନେ ବଡ଼ ହେଲାପରେ ନିଜ ମାତାପିତାଙ୍କୁ କୌଣସି କେୟାରଟେକର ପାଖରେ ବା ଜରାଶ୍ରମରେ ଛାଡି ବାହାରେ ନ ରହିବେ କାହିଁକି? ଶିଶୁମାନେ ସାଧାରଣତଃ ନିଜ ଜେଜେ, ଆଈଙ୍କ ପାଖରେ ଖୁସିରେ ଖେଳିବାକୁ ଭଲ ପାଉଥିବା ବେଳେ ଯୌଥ ପରିବାରର ଅନ୍ୟ ଛୋଟବଡ଼ ପିଲାଙ୍କ ସହିତ ଖେଳିଲେ ବଢ଼ିଲେ ସେମାନଙ୍କ ମାନସିକ ବିକାଶ ଘଟିଥାଏ। କିନ୍ତୁ ଗୋଟିଏ ଘରେ ଏକୁଟିଆ ମାତାପିତାଙ୍କ ସହ ବଢ଼ିଥିବା ପିଲାର ଏତେ ମାତ୍ରାରେ ଗୁଣଜ୍ଞାନର ବିକାଶ ହୁଏନାହିଁ। ବରଂ ଈର୍ଷା, ସ୍ୱାର୍ଥପରତା, ସଙ୍କୀର୍ଣ୍ଣତା ଓ ଲାଜକୁଳା ସ୍ୱଭାବ ଏମାନଙ୍କୁ ଗ୍ରାସିଥାଏ। ସେହିପରି ବୟସ୍କମାନେ ପରିଣତ ବୟସରେ ନିଜ ନାତିନାତୁଣୀଙ୍କ ସହ ସମୟ ବିତେଇଲେ ଭାରି ଖୁସି ଅନୁଭବ କରନ୍ତି। ପ୍ରତ୍ୟେକ ମାଆବାପା ନିଜ ପୁଅଝିଅଙ୍କୁ ବାହା ଦେଇ ସାରିଲା ପରେ ସେଇ ମଧୁର ମୁହୂର୍ତ୍ତକୁ ଅପେକ୍ଷା କରିଥାଆନ୍ତି, କେତେବେଳେ ସେମାନେ ନାତି ବା ନାତୁଣୀଟିଏର କୁଆଁ କୁଆଁ ସ୍ୱର ଶୁଣିବେ। ମାତ୍ର ସମୟ ସ୍ରୋତରେ ପରିବାରଗୁଡ଼ିକ ଆଜି ବିକ୍ଷିପ୍ତ। ନିଜର ସାମାଜିକ, ଆର୍ଥିକ ମାନଦଣ୍ଡର ବିକାଶ ପାଇଁ ସମସ୍ତେ ଆଜି ଧାଇଁବାରେ ଲାଗିଛନ୍ତି। ଯିଏ ଗୋଟିଏ ହାଣ୍ଡିଶାଳକୁ ଆଦରି ପଡ଼ିରହିଲା, ସେ ପଛରେ ପଡ଼ିଲା। ଯିଏ ଏକାଠି ଥିବା ପରିବାର ବୃତ୍ତରୁ ବାହାରି ଦୂରକୁ ଚାଲିଗଲା ସେ ବଡ଼ମଣିଷ ହେଲା। ସମସ୍ତଙ୍କୁ ତଥା ବିଭିନ୍ନ ଅବସ୍ଥାର ପରିବାର ସଦସ୍ୟଙ୍କୁ ଏକାଠି ରଖି ଚଳିବା କଷ୍ଟସାଧ। ସମସ୍ତଙ୍କର କର୍ମଶୈଳୀ ଭିନ୍ନ। ତେଣୁ ପରିସ୍ଥିତି ଓ ବିଭିନ୍ନ ପାରିପାର୍ଶ୍ୱିକ ସମସ୍ୟା ମଣିଷକୁ ଭିନ୍ନ ଭିନ୍ନ ଜାଗାରେ ବାସ କରିବାକୁ ବାଧ କରୁଛି। ଏସବୁ କଥା ହୁଏ ତ ସ୍ୱୀକାର କରାଯାଇପାରେ। କିନ୍ତୁ ଅର୍ଥ ଅନ୍ୱେଷଣ ଓ ନିଜେ ସ୍ୱାଧୀନ ଭାବରେ ଜିଇବା ଯେତିକି ଜରୁରୀ ତାହାଠାରୁ ପରିବାର ସଦସ୍ୟମାନଙ୍କୁ ଉପଯୁକ୍ତ ସମୟ ଦେବା ସହ ସେମାନଙ୍କ ଭଲମନ୍ଦ ବୁଝିବାର ଦାୟିତ୍ୱ ବେଶି ଜରୁରୀ। ଏକାଠି ରହିବାର ପାରିବାରିକ ଆବେଗ ହିଁ ଆମ ଭାରତୀୟ ସଂସ୍କୃତିର ମୂଲ୍ୟବୋଧ। କିନ୍ତୁ ଆମେ ସମୟ ସ୍ରୋତରେ ସ୍ନେହ, ପ୍ରେମ ଓ ଭଲ ପାଇବାର ବନ୍ଧନ ତୁଟେଇ ବସ୍ତୁବାଦୀ ବିଦେଶୀ ସଂସ୍କୃତିର ମାୟାରେ ପଡିଛେ। ଏହା ଧୀରେ ଧୀରେ ଆମକୁ ଯନ୍ତ୍ରଣାମୟ ଓ ତିକ୍ତତାର ଜୀବନ ଜିଇବାକୁ ବାଟ କଢ଼ାଉଛି। ତେଣୁ ଖୁବ୍ ଶୀଘ୍ର ଏପରି ସ୍ୱାର୍ଥାନ୍ୱେଷୀ ଜୀବନଶୈଳୀରୁ ବାହାରି ଆମକୁ ସେଇ ସ୍ନେହ, ପ୍ରେମଭରା ଆବେଗମୟ ଯୌଥ ପରିବାର ସଂସ୍କୃତିକୁ ଫେରିବାକୁ ହେବ।

ମୋ-୭୮୭୩୭୧୯୦୫୬

## ଏଇ ଭାରତରେ

ଦୁଇ ମହିଳାଙ୍କୁ ପସନ୍ଦ ଆସିଲା ଗୋଟିଏ ପୋଷାକ। ତାହାକୁ କିଣିବା ପାଇଁ ଉଭୟେ ଚପଲରେ ପିଟାପିଟି ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଝିମିଟି ଖେଳରୁ ମହାଭାରତ ସୃଷ୍ଟିହେବା ଭଳି ସାଧାରଣ କଥାକୁ ନେଇ ଦୁଇ ମହିଳା ଚୁଟି ଧରାଧରି ପର୍ଯ୍ୟନ୍ତ କଥା ଯାଇଥିଲା। ସାଧାରଣ କଥାକୁ କେନ୍ଦ୍ରକରି ମଣିଷପଣିଆ ବଳିପଡିଥିଲା। ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶରେ। ସ୍ଥାନୀୟ ବିଜ୍‌ନୋରସ୍ଥିତ ନାଜିଆବାଦ୍‌ରେ ଏକ ପୋଷାକ ଦୋକାନରେ ଦୁଇଜଣ ମହିଳା ଗୋଟିଏ ପୋଷାକକୁ ପସନ୍ଦ କରିଥିଲେ। ଏହାକୁ ନେବା ପାଇଁ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଯାଇଥିଲା। ପରେ ସେମାନେ ହାତାହାତି ଓ ଠେଲାପେଲା ହୋଇଥିଲେ। ଦୋକାନୀ ମାମଲା ରଫାଦଫା କରିବା ଲାଗି ମହିଳା ଦୁଇଜଣଙ୍କୁ ବୁଝାଇଥିଲେ। ମାତ୍ର ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ମାମଲା ଥାନାରେ ପହଞ୍ଚିଥିଲା। ପୋଲିସ ଉଭୟଙ୍କୁ ବୁଝାଶୁଝା କରି ଘରକୁ ପଠାଇଥିବା କୁହାଯାଉଛି। ଦୁଇ ମହିଳା ଚପଲରେ ପରସ୍ପରକୁ ପିଟୁଥିବାର ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ଆସ ଭାରତର ପ୍ରାଚୀନପନ୍ଥୀ ଧର୍ମଧ୍ୱଜୀ
ଧର୍ମ ତୁମର ଦିଲ୍ଲୀ ଧୂଳିରେ ଗଲାଣି ହଜି।
ଯେଉଁ ଧୂଳି ପରେ ଲୋଟାଇଲ ଦେହ ଅସ୍ଥିସାର
ଭାରତ ବକ୍ଷେ ଝରାଇଲ ଚିର ରକ୍ତଧାର।
ସେ ରୁଧିର ଆଉ ରୋଧିବାକୁ କା’ର ଶକତି କୁହ
ଆରେ ନିର୍ଲ୍ଲଜ ନିର୍ମମ ଜାତି, ପୋଛରେ ଲୁହ !

(ରକ୍ତ-ସ୍ରୋତ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର



ଡ. ସୁବାସ ଚନ୍ଦ୍ର ପାତ୍ର

# ଗଣପ୍ରତାରଣାର ଖେଳ

୨୦୧୯ରେ ନିର୍ବାଚନ ତା’ ବାଟରେ ଚାଲିଗଲା, ହେଲେ ଛାଡ଼ି ଦେଇଗଲା ଅନେକ ଅସମାହିତ ପ୍ରଶ୍ନ। ନିର୍ବାଚନ ଏକ ପରୀକ୍ଷା ପରି, ପରୀକ୍ଷା ହେଲା, ତା’ର ଫଳ ବି ବାହାରିଲା। ରାଜନୈତିକ ଦଳଗୁଡ଼ିକ ଯେ ଯାହାର ବାଟରେ ଜିତିଲେ କିନ୍ତୁ ହାରିଗଲା ଭାରତ। ଲଜ୍ଜିତ ହେଲା ତା’ର ଗଣତନ୍ତ୍ର।

ସବୁ ନିର୍ବାଚନଠୁ ଏ ନିର୍ବାଚନ ଥିଲା ପୃଥକ୍। ଏହା ଏକ ନିର୍ବାଚନ ନ ଥିଲା, ଥିଲା ଏକ ପ୍ରସଙ୍ଗବିହୀନ ବର୍ତ୍ତମାନକୈନ୍ଦ୍ରିକ ରାଜନୈତିକ କୋଳାହଳ। ଏଥିରେ ଭାରତର ରାଜନୈତିକ ବା ଅର୍ଥନୈତିକ ଭବିଷ୍ୟତ ନେଇ କୌଣସି ଯୋଜନା ବା ପ୍ରତିଶ୍ରୁତିବଦ୍ଧତାର କଥା ନ ଥିଲା। ପ୍ରତିଦିନ ଭାଷଣବାଜିରେ ପ୍ରସଙ୍ଗ ସୃଷ୍ଟି ହେଉଥିଲା, ତାକୁ ନେଇ ବାଦବିବାଦ ହେଉଥିଲା ଏବଂ ତାହା ଅପ୍ରସଙ୍ଗ ହେଲା ପରେ ପୁଣି ଏକ ବୟାନ ରାଜନୈତିକ ଉତ୍ତାପ ସୃଷ୍ଟି ପାଇଁ ହାଜର ହୋଇଯାଉଥିଲା। ନିଯୁକ୍ତି ହେଉ ବା ବିଜ୍ଞାନ ଓ ପ୍ରଯୁକ୍ତି, ପରିବେଶ, ଅର୍ଥନୀତି, ବୈଦେଶିକ ନୀତି, ପ୍ରାକୃତିକ ସମ୍ବଳକୁ ନେଇ ଦୀର୍ଘମିଆଦୀ ନୀତି ଅବା ନିର୍ବାଚନ ସଂସ୍କାର ହେଉ, ଏ ସବୁ ବିଷୟକୁ ନେଇ କେହି ପାଟି ଫିଟାଉ ନ ଥିଲେ। ଶେଷରେ ଏକ ଚରମ ନୈତିକ ସ୍ଖଳନର ସର୍ବକାଳୀନ ଉଦାହରଣ ରୂପେ ଉଭା ହେଲା ଏକ ବିତର୍କ- ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ଦେଶଭକ୍ତ କି ନୁହେଁ।

ବିଗତ ନିର୍ବାଚନ ଏକ ଯାନ୍ତ୍ରିକ, ମିଆଦପୂର୍ତ୍ତିଜନିତ ଏକ ପାଞ୍ଚବର୍ଷିଆ ରୁଟିନ କାର୍ଯ୍ୟକ୍ରମ ଥିଲା ନା ଏହି ପରୀକ୍ଷା ମାଧ୍ୟମରେ ଜନସାଧାରଣ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସେମାନଙ୍କ ମତଦାନ କରୁଥିଲେ ନା ସୀମିତ ଅର୍ଥରେ ପଛେ ହେଉ, ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ତଥା ଏହା ମାଧ୍ୟମରେ ନିଜ ନିଜ ଆକାଂକ୍ଷା ପୂରଣ ଦିଗରେ କିଛି ସଂକେତ ପ୍ରଦାନ କରିବାକୁ ସୁଯୋଗ ପାଇଥିଲେ ? କୁହାଯାଏ ଏକ ନିୟମିତ ବ୍ୟବଧାନରେ ନିର୍ବାଚନ ଦେଶର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଦୃଢ଼ୀଭୂତ କରେ। ଜନମତକୁ ନଜରଅନ୍ଦାଜ କରୁଥିବା ଜନତାଙ୍କ ପିଠିରେ ପାଦ ରଖି ଆତ୍ମସେବାର ଶିଢ଼ି ଚଢ଼ିବାକୁ ପ୍ରୟାସ କରୁଥିବା ସ୍ୱାର୍ଥପର ରାଜନେତାଙ୍କ ପାଇଁ ନିର୍ବାଚନ ଏକ ଚାବୁକ ପ୍ରହାର ପରି କାମ କରେ। ହେଲେ ଆମ ଦେଶର ଅନୁଷ୍ଠିତ ନିର୍ବାଚନମାନ ଏ ପ୍ରକାର ଭୂମିକା ନିର୍ବାହ କରେ କି? ନିର୍ବାଚନ ହିଁ ଗଣତନ୍ତ୍ରର ସବୁଠୁ ବଡ଼ ପରୀକ୍ଷା ଆଉ ନିର୍ବାଚନ କମିଶନ ହିଁ ପରୋକ୍ଷରେ ଗଣତନ୍ତ୍ରର ସବୁଠୁ ବଡ଼ ରକ୍ଷକ। ନିର୍ବାଚନ ବେଳେ ଜଣାପଡୁ ନ ଥିଲା ଦେଶରେ ଗଣତନ୍ତ୍ର ବିରାଜମାନ ବୋଲି ବରଂ ଲାଗୁଥିଲା ସର୍ବତ୍ର ଅର୍ଥତନ୍ତ୍ର, ସ୍ୱୈରତନ୍ତ୍ର, ମାଂସପେଶୀତନ୍ତ୍ରର ଖୁଲମ୍‌ଖୁଲା ଆଧିପତ୍ୟ। ନିର୍ବାଚନ ବେଳେ ଜବତ ବିପୁଳ କଳାଧନ ହିଁ ପ୍ରମାଣ କରେ କେଡ଼େ ଅଗଣତାନ୍ତ୍ରିକ ଥିଲା ଏ ନିର୍ବାଚନ। ଏ ସବୁର ନୀରବଦ୍ରଷ୍ଟା ସାଜିଥିଲେ ନିର୍ବାଚନ କମିଶନ।

ଗଣତନ୍ତ୍ର କେବେ ଘୋଷଣା କରିଥିଲା ବୈଷମ୍ୟ ଉପରେ ରାଜନୈତିକ ଅଧିକାର ପ୍ରତିଷ୍ଠିତ ? କେବେ କହିଥିଲା ରାଜନୈତିକ ଅଧିକାର ମାନେ ଖାଲି ଭୋଟ ଦେବା ? କେତେଜଣ ସଚ୍ଚୋଟ, ପ୍ରତିଭାଧର, ନିର୍ଦ୍ଦିଷ୍ଟ ତଥା ସ୍ୱଷ୍ଟ ଚିନ୍ତନଯୁକ୍ତ ନାଗରିକ ଆଜି ନିର୍ବାଚନରେ ପ୍ରାର୍ଥୀ ହୋଇ ବିଜୟ ହାସଲ କରିପାରିବେ ? ଅର୍ଥାତ୍ କିଛି ଲୋକ ସବୁଦିନ ଭୋଟ ଦେଉଥିବେ, ଆଉ କିଛି ଲୋକ ସବୁଦିନ ପ୍ରାର୍ଥୀ ହେଉଥିବେ, ବିଜୟଲାଭ ବି କରୁଥିବେ। ନିର୍ବାଚନ ଏକ ଧର୍ମଯୁଦ୍ଧ। ଏ ନୈତିକ ଯୁଦ୍ଧରେ ତତ୍ତ୍ୱାବଧାରକ ହେଲେ ନିର୍ବାଚନ କମିଶନ, ଯାହାଙ୍କ ଦେଖିବା ଦାୟିତ୍ୱ ହେଲା ଦୁଇଯୋଦ୍ଧା ବା ଯୋଦ୍ଧାମାନେ ଗୋଟିଏ ସମତଳରେ ରହିବେ, ଜଣେ ଅନ୍ୟ ଜଣଙ୍କଠୁ ଅଯଥା ସୁବିଧାଜନକ ସ୍ଥିତିରେ ଯେମିତି ନ ରହିବେ। ଦୁଃଖର କଥା ନିର୍ବାଚନ କମିଶନ ଏ ଦିଗଟିକୁ କେବେ ଦେଖନ୍ତି ନାହିଁ ଅବା ସରକାର ନିର୍ବାଚନ ସଂସ୍କାର ମାଧ୍ୟମରେ ଏ କଥାଟିକୁ ସୁନିଶ୍ଚିତ କରିବାକୁ କେବେ ପଦକ୍ଷେପ ନିଅନ୍ତି ନାହିଁ। କୌଣସି ରାଜନୈତିକ ଦଳ ମଧ୍ୟ ଏ କ୍ଷେତ୍ରରେ ଆଗ୍ରହ ଦେଖାନ୍ତି ନାହିଁ। କାରଣ ରାଜନୈତିକ ଦଳଗୁଡ଼ିକ ହିଁ ସୁବିଧାଜନକ ସ୍ଥିତିରେ ଥାଆନ୍ତି। ଉଦାହରଣ ସ୍ୱରୂପ ଜଣେ ଲୋକ ସଭା ପ୍ରାର୍ଥୀ ୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିର୍ବାଚନରେ ଖର୍ଚ୍ଚ କରପାରିବେ। ଦଳୀୟ ପ୍ରାର୍ଥୀ ହୋଇଥିଲେ ଏ ପରିମାଣର ଅର୍ଥରାଶି ସମସ୍ୟା ନୁହେଁ, କିନ୍ତୁ ଚଳିତ ନିର୍ବାଚନରେ ରାୟଗଡ଼ା ବିଧାନସଭା ମଣ୍ଡଳୀରୁ ନିର୍ବାଚିତ ମକରନ୍ଦ ମୁଦୁଲିଙ୍କ ଭଳି ସ୍ୱାଧୀନ ପ୍ରାର୍ଥୀ, ଯାହାଙ୍କ ସମଗ୍ର ଜମା ୧୫ହଜାର ଟଙ୍କା, ଏତେକ ଅର୍ଥ କେଉଁଠୁ ପାଇବେ ? ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଅଛନ୍ତି, ମୁଖ୍ୟମନ୍ତ୍ରୀ ଅଛନ୍ତି, ‘ନକ୍ଷତ୍ର ପ୍ରଚାରକ’ମାନେ ଅଛନ୍ତି। ପ୍ରଧାନମନ୍ତ୍ରୀ ଅବା ମୁଖ୍ୟମନ୍ତ୍ରୀ ପ୍ରଚାର କରିବାକୁ ଆସିଲେ କିଛି ଜନବଳ, କିଛି ଖର୍ଚ୍ଚ ପ୍ରୋଟୋକଲ ନାମରେ ଅମଳ ହୋଇଯାଏ। ସ୍ୱପ୍ନାବିଷ୍ଟ, ପରିବର୍ତ୍ତନକାମୀ ଯୋଗ୍ୟ ମକରନ୍ଦମାନେ ରାଜନୈତିକ ଦଳ ତୁଳନାରେ ସବୁଦିନ କାହିଁକି ଅନାଥ ହୋଇ ରହିବେ ? ପୂର୍ବ ନିର୍ବାଚନରେ ପ୍ରତିଯୋଗିତାର ଫଳ ହେଉ ବା କୌଣସି ମାପଦଣ୍ଡରେ ଗମ୍ଭୀରତାର ସହ ନିର୍ବାଚନ ଲଢୁଥିବା ନିର୍ଦ୍ଦଳୀୟ ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ କାହିଁକି ସରକାର ବହନ ନ କରିବେ? କାହିଁକି ସେମାନଙ୍କ ଷ୍ଟାର ପ୍ରଚାରକଙ୍କ କଥା ରାଷ୍ଟ୍ର ନ ବୁଝିବ? ଖାଲି ସେତିକି ନୁହେଁ ରାଜନୈତିକ ଦଳଗୁଡ଼ିକ ଯେହେତୁ ସରକାର ବା ଛାୟା ସରକାରରେ ଥାଆନ୍ତି, ସେମାନଙ୍କୁ କମ୍ପାନୀ ବା ଧନିକ ବ୍ୟକ୍ତିବିଶେଷ ବର୍ତ୍ତମାନ ବା ଭବିଷ୍ୟତ ଫାଇଦା ପାଇଁ ଚାନ୍ଦା ଦେବେ। ନିର୍ଦ୍ଦଳୀୟ ପ୍ରାର୍ଥୀ ବର୍ଷଯାକର ଯଥାର୍ଥ, ଉଚିତ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ଅର୍ଥ ପାଇବେ କେଉଁଠୁ? ଅର୍ଥାତ୍ ସରଳ ଭାବରେ କହିଲେ ଦଳରୁ ଲଢ଼ ନ ହେଲେ ବୁଡ଼ି ମର।

ବିଗତ ନିର୍ବାଚନ ଥିଲା ଏକ ଗଣପ୍ରତାରଣାର ଖେଳ। ଆଜିର ଶିକ୍ଷିତ ନାଗରିକମାନେ ସବୁ ଦେଖୁଥିଲେ ଏବଂ ପ୍ରତାରିତ ହେବାରେ ଆମୋଦ ଲାଭ କରୁଥିଲେ। ପ୍ରକାଣ୍ଡ ପ୍ରକାଣ୍ଡ ଏକାଧିକ ନିର୍ବାଚନୀ ମଞ୍ଚ, ପ୍ରଚାର ପାଇଁ ରୋଡ୍ ଶୋ, ମନୋନୟନ ଦାଖଲ ପାଇଁ ରୋଡ୍ ଶୋ, ଭୋଟଦାନ ପାଇଁ ଯିବାକୁ ରୋଡ୍ ଶୋ, ଫେରିବାକୁ ରୋଡ୍ ଶୋ, ଗୋଟିଏ ଗୋଟିଏ ନିର୍ବାଚନମଣ୍ଡଳୀରୁ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀମାନଙ୍କର ଏକାଧିକବାର ନିର୍ବାଚନ ପ୍ରଚାର ମାଧ୍ୟମରେ ପ୍ରତିପକ୍ଷକୁ ଗୋଟିଏ ଅବତଳରୁ ଘୋଷାରି ପକାଇବାର ଅପଚେଷ୍ଟା ଏସବୁ ଅନ୍ତରାଳରେ ଥିବା ଅନୈତିକତାକୁ ତଥାକଥିତ ବୁଦ୍ଧିଜୀବୀମାନେ ପ୍ରକାରାନ୍ତରେ ଉପଭୋଗ କରୁଥିଲେ ଏବଂ ନିଜ ପସନ୍ଦର ପ୍ରାର୍ଥୀ ସପକ୍ଷରେ କେତେ ଭିଡ଼ ଜମୁଛି ତାହାର ଚିତ୍ର ସାମାଜିକ ଗଣମାଧ୍ୟମରେ ବାଣ୍ଟୁଥିଲେ। କିନ୍ତୁ ଏ ଆମୋଦ ପଛରେ ଯେ ଆତ୍ମପ୍ରତାରଣା ବେଶି ଆମୋଦ କମ୍ ତା’ର ଆତ୍ମ-ସମୀକ୍ଷା କେହି କରୁ ନ ଥିଲେ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼,
ବାଲେଶ୍ୱର, ମୋ- ୯୪୩୭୩୭୬୨୧୯,
subashbls56@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରମିକଙ୍କ ଅବସ୍ଥା ବଦଳୁନି

ମହାଶୟ,

ସମୟ ବଦଳୁଛି, ତା’ ସଙ୍ଗେ ସଙ୍ଗେ ବଦଳୁଛି ଦେଶର ପରିସ୍ଥିତି। କିନ୍ତୁ ତା’ ସାଙ୍ଗକୁ ତାଳ ଦେଇପାରୁନି ଶ୍ରମିକଙ୍କ ଅବସ୍ଥା। ଶ୍ରମିକମାନେ ଦେଶର ପ୍ରଗତିରେ ମୁଖ୍ୟ ଭୂମିକା ନେଇଥାନ୍ତି। କିନ୍ତୁ ସେହି ଶ୍ରମିକ ଆଜି ତା’ର ଉପଯୁକ୍ତ ପ୍ରାପ୍ୟ ପାଉନି। କମ୍ପାନୀ ଓ ଠିକାଦାରମାନେ ମନଇଚ୍ଛା ଦରମା/ମଜୁରି କାଟୁଛନ୍ତି। ତା’ ସାଙ୍ଗକୁ ବେଡି ଉପରେ କୋରଡା ମାଡ ଭଳି ବାରଘଣ୍ଟିଆ ଡ୍ୟୁଟି, ଯାହାକି ଶ୍ରମିକମାନଙ୍କ ଦୁରବସ୍ଥାକୁ ବହୁଗୁଣିତ କରୁଛି। ଏମିତିକି ମହିଳା ଶ୍ରମିକମାନେ ମଧ୍ୟ ବାରଘଣ୍ଟିଆ ଡ୍ୟୁଟି କରୁଛନ୍ତି। ଇତିହାସରେ ଶ୍ରମିକ ଆନ୍ଦୋଳନ ଓ ଏହାର ଭୟାବହତାର ଅନେକ ଉଦାହରଣ ରହିଛି। ଭବିଷ୍ୟତରେ ଏହାର ପୁନରାବୃତ୍ତି ହେବା ଅସମ୍ଭବ ନୁହେଁ। ଏଣୁ ସମସ୍ତେ ଚେତିବା ଆବଶ୍ୟକ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

### ବୋଉର ପଣତକାନି

ଧରିତ୍ରୀରେ ରୁଦ୍ରପ୍ରସନ୍ନ ରଥଙ୍କ ‘ବୋଉର ଶାଢ଼ି’ ନିବନ୍ଧଟି ପାଠ କଲି, ଖୁବ୍ ଭଲ ଲାଗିଲା। ପୁଅ ରୋଜଗାର କରି ବୋଉ ପାଇଁ ଖଣ୍ଡେ ଶାଢ଼ି ଆଣିବା ବେଳକୁ ତା’ର ପ୍ରକୃତରେ ଶାଢ଼ି ପିନ୍ଧିବାର ସରାଗ ନ ଥାଏ। ସେ କେବଳ ତା’ର ପିଲାମାନେ କିପରି ଭଲ ପିନ୍ଧିବେ, ଭଲ ଖାଇବେ, ଭଲ ପଢ଼ିବେ ଏହି ନିଶାରେ ଥାଇ ବୁଢ଼ୀ ହୋଇଯାଏ। ତେବେ ପରିତାପର ବିଷୟ ଓଡିଆ ପରିବାରରେ ଏବେ ଝିଅମାନେ ନୂତନ ଫେଶନରେ ଶାଲଓ୍ୱାର କମିଜ ପିନ୍ଧୁଛନ୍ତି। ବିବାହ ବେଳେ ପାଞ୍ଚ ଦଶଖଣ୍ଡ ଶାଢ଼ି ଦିଆ ହୁଏ। ତା’ପରେ ଭଲ ଭଲ ଦାମୀ ଶାଢ଼ି ବି କିଣା ହୁଏ ଓ ବନ୍ଧୁବାନ୍ଧବ ବି ଶାଢ଼ି ଦିଅନ୍ତି। କିନ୍ତୁ ସେସବୁ ଅଲମାରିରେ ସାଇତା ହୁଏ। କାରଣ ଶାଢ଼ି କେହି ପିନ୍ଧିବାକୁ ଭଲ ପାଉନାହାନ୍ତି। ଯେଉଁ ପଣତକାନି ଶାଢ଼ିରେ ଥାଏ ତାହା ଆଧୁନିକ ପୋଷାକରେ ନ ଥାଏ। ଆମ ପରମ୍ପରା ବୁଡ଼ିବା ସହ ସ୍ନେହମମତା ବି ହଜିଯାଉଛି।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୬ ଜୁନ୍ ୧୯୯୪

- ଇଣ୍ଡୋନେସିଆର ପୂର୍ବ ଜାଭା ପ୍ରଦେଶରେ ଭୂମିକମ୍ପ ପରେ ସମୁଦ୍ର ଲହଡି ମାଡି ଆସିବା ଫଳରେ ୧୭୦ ଜଣ ଲୋକ ଭାସିଯାଇ ପ୍ରାଣ ହରାଇଛନ୍ତି।
- ଲଜ୍ଜା ଉପନ୍ୟାସ ପାଇଁ ମୌଳବାଦୀଙ୍କ ଆକ୍ରୋଶର ଶିକାର ହୋଇ ବାଂଲାଦେଶର ବିଶିଷ୍ଟ ସାହିତ୍ୟିକା ତସଲିମା ନସରିନଙ୍କ ଆତ୍ମଗୋପନ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୬ ଜୁନ, ୨୦୧୯



## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ବାଙ୍କୀ,୫।୬(ବି.ପ୍ର.): ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ବୁଧବାର ସକାଳେ ମହାନଦୀର ଜାତମୁଣ୍ଡିଆ-ସୁବର୍ଣ୍ଣପୁର ସେତୁ ତଳୁ ଉଦ୍ଧାର କରାଯାଇଛି। ସେ ହେଲେ ବାଙ୍କୀ ଥାନା ଅଧୀନ କରବର ଗ୍ରାମର ମାଛ ବ୍ୟବସାୟୀ କବି ବେହେରା(୪୪)। କବିଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ସେମାନେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଖବର ପାଇ ଡମପଡ଼ା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ମୃତଦେହକୁ ଉପରକୁ ଆଣିଥିଲେ। ପରେ ବାଙ୍କୀ ଥାନା ଅଧିକାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଙ୍କୀ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ-୬/୧୯ରୁଜୁ ହୋଇଛି। ସୂଚନାଯୋଗ୍ୟ, ସୋମବାର କବି ନିକଟସ୍ଥ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ଘରକୁ ନ ଫେରିବାରୁ ତାଙ୍କ ଭାଇ ପ୍ରଦୀପ ବେହେରା ଥାନାରେ ନିଖୋଜ ଅଭିଯୋଗ କରିଥିଲେ।

■ ଏମ୍‌ପି, ବିଧାୟକଙ୍କ ସମ୍ବର୍ଦ୍ଧନା ସଭାରେ ବିଭ୍ରାଟ

# ସଭାପତିତ୍ୱକୁ ନେଇ କର୍ମୀଙ୍କ ମଧ୍ୟରେ ଉତ୍ତେଜନା

ନାଉଗାଁ, ୫।୬(ସ୍ୱ.ପ୍ର.)



ସମ୍ବର୍ଦ୍ଧନା ସଭା ଚାଲିଥିବାବେଳେ କର୍ମୀମାନେ ହୋହଲ୍ଲା କରୁଛନ୍ତି।

■ଆସିଲେନି ଜିଲା ବିଜେଡି ସଭାପତି

■ଅଧାରୁ ପଳାଇଲେ ବ୍ଲକ ବିଜେଡି ସଭାପତି

ନାଉଗାଁ ବ୍ଲକ ସୂର୍ଯ୍ୟ ମଣ୍ଡପ ପରିସରରେ ବୁଧବାର ବ୍ଲକ ବିଜେଡି ପକ୍ଷରୁ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଓ ଜିଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିପାଇଁ ମଙ୍ଗଳବାରଠାରୁ ଜୋରଦାର ପ୍ରସ୍ତୁତି ହୋଇଥିଲେ ମଧ୍ୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ଯୋଗୁ ଉତ୍ସବରେ ବିଭ୍ରାଟ ଦେଖାଦେଇଥିଲା। ପ୍ରକାଶ ଯେ, ମଙ୍ଗଳବାର ବ୍ଲକ ବିଜେଡି ସଭାପତି ସୁଜିତ ମଲିକଙ୍କ ନେତୃତ୍ୱରେ ସଭାରେ ବହୁ କର୍ମୀ ଯୋଗଦେବା ପାଇଁ ମଙ୍ଗଳବାର ଡାକବାଜୀ ଯନ୍ତ୍ର ଯୋଗେ ପ୍ରଚାର କରାଯାଇଥିଲା। ସମ୍ବର୍ଦ୍ଧନା ଦେବା ପାଇଁ ବ୍ଲକର ୧୬ ପଞ୍ଚାୟତର ବହୁ ସମର୍ଥକ ବିଧାୟକ ଓ ଏମ୍‌ପିଙ୍କୁ ଅପେକ୍ଷା କରିଥିଲେ। ତେବେ ସେମାନେ ପହଞ୍ଚିବା ପରେ କର୍ମୀମାନେ ଧସେଇ ପଶିବାରୁ କିଛି ସମୟ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ବିଧାୟକ ନିଜେ ଏହାର ସମାଧାନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସଙ୍କ ସଭାପତିତ୍ୱରେ ସଭା ହେବାକୁ ନେଇ କେତେଜଣ କର୍ମୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ବ୍ଲକ ସଭାପତି ସୁଜିତ ମଲିକଙ୍କୁ ସଭାରେ ଅଣଦେଖା କରାଯାଇଥିଲା। କାର୍ଯ୍ୟକ୍ରମ ବୁଝାବୁଝି କରୁଥିବା ସୁଜିତ ହଠାତ୍ ଉକ୍ତ ସ୍ଥାନ ଛାଡ଼ି ପଳାଇଥିଲେ। ତାଙ୍କୁ ଡାକବାଜୀ ଯନ୍ତ୍ର ଯୋଗେ ସଭାସ୍ଥଳକୁ ଆସିବା ପାଇଁ ନିବେଦନ କରାଯାଇଥିଲେ ମଧ୍ୟ ସେ ଆସି ନ ଥିଲେ। ଏହାକୁ ନେଇ ତାଙ୍କ ସମର୍ଥକମାନେ ବିରୋଧ କରିଥିଲେ। ଏପରିକି ସଭା ବାହାରେ ଚୌକି ପିଙ୍ଗାପିଙ୍ଗି କରିଥିଲେ। ସେହିପରି ସମ୍ବର୍ଦ୍ଧନା ସଭାରେ ଜିଲା ବିଜେଡି ସଭାପତି ଅମରେନ୍ଦ୍ର ଦାସ ଯୋଗଦେଇ ନ ଥିଲେ। ତେଣୁ ତାଙ୍କ ସମର୍ଥକମାନେ ନିରାଶା ବ୍ୟକ୍ତ କରିଥିଲେ। ଜିଲା ସଭାପତି ଯୋଗ ନ ଦେବା ସମ୍ପର୍କରେ ଜିଲାପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ କହିଛନ୍ତି ଯେ, ଯେଉଁମାନେ ସମ୍ବର୍ଦ୍ଧନା ସଭା ଦାୟିତ୍ୱରେ ଥିଲେ ସେମାନେ ଡାକିବା କଥା। କିନ୍ତୁ କ'ଣ ହୋଇଛି ସେ ସମ୍ପର୍କରେ କିଛି କହିପାରିବେ ନାହିଁ। ସେହିପରି ହଠାତ ସଭାସ୍ଥଳ ଛାଡ଼ି ପଳାଇବା ସମ୍ପର୍କରେ ମଲିକ କହିଛନ୍ତି ଯେ, ତାଙ୍କର ବ୍ୟକ୍ତିଗତ କାର୍ଯ୍ୟ ଥିବାରୁ ପଳାଇଥିଲେ। ସେଭଳି କିଛି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇନାହିଁ। ଅଲଣା ପଞ୍ଚାୟତଠାରୁ ବିଧାୟକ ଓ ଏମ୍‌ପିଙ୍କୁ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ଅଜୟ ମହାନ୍ତି, ପ୍ରଦୀପ୍ତ ସ୍ୱାଇଁ, ପ୍ରକାଶ ବଡ଼ିଆ, ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଦସ୍ୟା ଏଲିନା ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅମିତା ସ୍ୱାଇଁ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, କନକ ପ୍ରଭା ଲେଙ୍କା, ଜ୍ୟୋତି ପ୍ରକାଶ ନାୟକ ଓ ପୃଥୀରାଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା

ବାଙ୍କୀ, ୫।୬(ସ୍ୱ.ପ୍ର.)

ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ବୁଧବାର ଡମପଡ଼ା ବ୍ଲକର ଦୁର୍ଗାପୁର ପଞ୍ଚାୟତ ପରିଦର୍ଶନ କରି ସମସ୍ତ ଜନସାଧାରଣଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି। ବରିଷ୍ଠ ନେତା ସମରେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସୁନାଦେଇ ମୁଣ୍ଡିଆଠାରୁ ବାହାରି ରାମଚନ୍ଦ୍ରପୁର, ଦୁର୍ଗାପୁର, ଶବର ସାହିରେ ପହଁଞ୍ଚିଥିଲା। ସମସ୍ତ ସ୍ଥାନରେ ଜନସାଧାରଣ ବିଧାୟକ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହିଳାମାନେ ହୁଳହୁଳି ଦେଇ ସ୍ୱାଗତ କରିଥିଲେ। ବିଧାୟକ ତ୍ରିପାଠୀ ଜନସାଧାରଣଙ୍କ ସମସ୍ୟା ଅଗ୍ରାଧିକାର ଭିତ୍ତିରେ ସମାଧାନ କିରବା ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ। ପରେ ବିଧାୟକ ତ୍ରିପାଠୀ ରଗଡି, ଗୋପାଳପୁର ପଞ୍ଚାୟତ ପରିଦର୍ଶନରେ ଯାଇ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ସହଯୋଗ ପ୍ରତି କୃତଜ୍ଞାତ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ପ୍ରଣବ ପଟେଲ, ତ୍ରିଲୋଚନ ରାଉତ, ଦୁର୍ଗାପୁର ସରପଞ୍ଚ ଅଦ୍ୱୈତ ପ୍ରସାଦ ମହାପାତ୍ର, ସମିତିସଭ୍ୟା ପ୍ରବାସିନୀ ଜେନା, ଲଳିତ ମହାପାତ୍ର, ରଞ୍ଜିତ ମହାପାତ୍ର, ଯୁଧିଷ୍ଠିର ଦାସ, ଗୋପୀନାଥ ନାୟକ, କୃଷ୍ଣଚନ୍ଦ୍ର ରଣା, ଭୃଗୁରାମ ରାଉତ, ବାବୁଲି ଦାସ, ଜ୍ୟୋତି ରଞ୍ଜନ ସାହୁ, ଗୋପାଳପୁର ସରପଞ୍ଚ ଉଷାରାଣୀ ସାହୁ, ସମିତି ସଭ୍ୟା ରଞ୍ଜିତା ବିଶ୍ୱାଳ ଓ ଦିବାକର ପଟ୍ଟନାୟକଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।




■ ଜମାରାଶି ୨ ଗୁଣ କରିବାକୁ କହି ଠକେଇ ମାମଲା

# ଅଭିଯୁକ୍ତ ନିହାରଙ୍କୁ କୋର୍ଟ ଚାଲାଣ

ଜଗତ୍‌ସିଂହପୁର ଅଫିସ, ୫।୬

ରିଲାଇଟ୍ ଟ୍ରେଡ୍ ଷ୍ଟୋର ନାମକ ଏକ ସଂସ୍ଥା ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଅର୍ଥ ହଡ଼ପ କରିଥିବା ନେଇ ଗତ ୩ ତାରିଖରେ ଅଭିଯୋଗ ହୋଇଥିଲା। ଏହି ସଂସ୍ଥାର ଆକାଉଣ୍ଟରେ ଟଙ୍କା ଜମା କଲେ ୧ ବର୍ଷରେ ଜମାରାଶିର ୨ ଗୁଣ ମିଳିବ ବୋଲି ଲୋଭ ଦେଖାଇ ଶତାଧିକ ଲୋକଙ୍କଠାରୁ ଅର୍ଥ ହଡପ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଅଭିଯୋଗକୁ ଗୁରୁତ୍ୱ ଦେଇ ଜଗତ୍‌ସିଂହପୁର ପୋଲିସ ଅଭିଯୁକ୍ତ ନିହାର ରଞ୍ଜନ ମହାନ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା। ମଙ୍ଗଳବାର ଏହି ମାମଲାର ମୋଡ଼ ବଦଳିଛି। ପାଖାପାଖି ୧୭ ଜଣ ଜମାକାରୀ ରିଲାଇଟ୍ ଟ୍ରେଡ୍ ଷ୍ଟୋର ନୁହେଁ, କେବଳ ନିହାରଙ୍କ ନାମରେ ଅର୍ଥ ହଡ଼ପ ଅଭିଯୋଗ ଆଣିଛନ୍ତି। ଏହାକୁ ଗୁରୁତ୍ୱ ଦେଇ ପୋଲିସ ଦଫା ୪୨୦ ଆଇପିସିରେ ମାମଲା ସଂଖ୍ୟା ୨୦୨/୧୯ ରୁଜୁ କରି କରିବା ସହ ନିହାରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

ବାଲିକୁଦା ଥାନା ଗୋଗଲର ସୁଧିର କୁମାର ମଲ୍ଲିକ, ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋପାଳପୁରର ଅଜୟ କୁମାର ଲେଙ୍କାଙ୍କ ସମେତ ଅନ୍ୟ ୧୫ ଜଣ ନିହାରଙ୍କ ନାମରେ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ଗତବର୍ଷ ଅଗଷ୍ଟ ମାସରେ ସ୍ଥାନୀୟ ଏକ ମଣ୍ଡପରେ ନିହାର, ସୁଧିର କୁମାର ମଲ୍ଲିକ, ସମର ବଲ୍ଲଭ ଦାସ ପ୍ରମୁଖଙ୍କ ଆବାହକତ୍ୱରେ ଏକ ବୈଠକ ହୋଇଥିଲା। ଏଥିରେ ନିହାର ତାଙ୍କ ମୋବାଇଲ ଦେଖାଇବା ସହ କଥା କହି ଲୋକଙ୍କ ବିଶ୍ୱାସ ଜିଣିବାକୁ ଚେଷ୍ଟା କରିଥିଲେ। ଅର୍ଥ ଜମା କଲେ କିପରି ଲାଭ ମିଳିବ ତାହା ବୁଝାଇଥିଲେ। ପରେ ସେମାନେ କିଛି କିଛି ଟଙ୍କା ଦେଇଥିଲେ। ପ୍ରତିବଦଳରେ ମଧ୍ୟ ଜମାକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିଲା। ପରେ ସୁଧିରଙ୍କ ଉପସ୍ଥିତିରେ ନିହାରଙ୍କୁ ସେମାନେ ଅଧିକ ଟଙ୍କା ଦେଇଥିଲେ। କିନ୍ତୁ ଏହାପରେ ଆଉ ଟଙ୍କା ଆସିଲା ନାହିଁ। ମହାନ୍ତିଙ୍କ ସହ ଯୋଗାଯୋଗ ପାଇଁ ଜମାକାରୀ ଫୋନ କଲେ ମଧ୍ୟ ସେ ଉଠାଇ ନ ଥିଲେ। ଏବେ ଏକତ୍ରିତ ହୋଇ ପୋଲିସର ସହାୟତା ନେଇଛନ୍ତି। ଗତ ୩ ତାରିଖରେ କିନ୍ତୁ ପାଖାପାଖି ୫ ଜଣ ନିହାରଙ୍କ ନାମରେ ପୃଥକ ଅଭିଯୋଗ କରିଥିଲେ। ଏଥିରେ ଦର୍ଶାଇଥିଲେ ଯେ, ରିଲାଇଟ୍ ଟ୍ରେଡ୍ ଷ୍ଟୋର ନାମକ ସଂସ୍ଥା ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଅର୍ଥ ହଡପ କରିଛି। ଏହି ସଂସ୍ଥା ଆକାଉଣ୍ଟରେ ସର୍ବନିମ୍ନ ୨,୩୬୦ ଟଙ୍କା ଜମା କଲେ ୧୧ ମାସରେ ତାଙ୍କୁ ୪,୫୦୦ ଟଙ୍କା ମିଳିବ ବୋଲି ଲୋଭ ଦେଖାଇ ଶତାଧିକ ଲୋକଙ୍କଠାରୁ ୨୦ ଲକ୍ଷ ଟଙ୍କା ହଡପ କରାଯାଇଥିଲା। କିନ୍ତୁ ଟଙ୍କା ନ ପାଇବାରୁ ଲୋକେ ନିହାରଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ସୂଚନାଯୋଗ୍ୟ, ରିଲାଇଟ ଟ୍ରେଡ୍ ଷ୍ଟୋର ଆକାଉଣ୍ଟରେ କେହି ସର୍ବନିମ୍ନ ରାଶି ଜମା କଲେ ଏହାର ସାମଗ୍ରୀ ମିଳେ। ଏଥିସହ ବ୍ୟକ୍ତିଙ୍କୁ ଚେନ୍ ପ୍ରକ୍ରିୟାରେ ସାମିଲ କରାଯାଏ। ତାଙ୍କୁ କୋଡ୍ ନମ୍ବର ମିଳିଯାଏ। ଏହି କୋଡ୍ ନମ୍ବର ତଳକୁ ଯେଉଁମାନେ ରୁହନ୍ତି, ଅନୁରୂପ ପ୍ରକ୍ରିୟାରେ ସେମାନଙ୍କୁ ଯୋଡି ଦିଆଯାଏ ଓ ସେମାନଙ୍କଠାରୁ ଜମାରାଶିର ୧୦% ମିଳିବା ବ୍ୟବସ୍ଥା ରହିଛି। ଏହି ଅନୁଯାୟୀ କେତେକ ଅଭିଯୋଗକାରୀ ଜମା କରିଥିବା କୁହାଯାଉଛି।

## ଇଦ୍‌ର ଶୁଭେଚ୍ଛା ଜଣାଇଲେ ବିଧାୟକ

ସାଲେପୁର, ୫।୬(ଡି.ଏନ.ଏ.): ସାଲେପୁର ଅଞ୍ଚଳରେ ବୁଧବାର ମୁସଲ୍‌ମାନ ସମ୍ପ୍ରଦାୟ ଇଦ୍-ଉଲ-ଫିତର ପାଳନ କରିଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁସଲ୍‌ମାନ ଭଉଣୀଭାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବେହେରା ନାଦୋଳ ପଞ୍ଚାୟତର ଇଦ୍‌ଗାକୁ ଯାଇ ମୁସଲ୍‌ମାନ ଭାଇଙ୍କ ସହିତ କିଛି ସମୟ କଟାଇବା ସହିତ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

ହାଉସିଂ ଆଣ୍ଡ ଅର୍ବାନ୍ ଡେଭଲପମେଣ୍ଟ କର୍ପୋରେସନ ଲିମିଟେଡ (ହୁଡ୍‌କୋ)

(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

ହଡକୋ

ରିଜିଓନାଲ ଅଫିସ: ୩ୟ ମହଲା, ଦୀନ୍‌ଦୟାଲ ଭବନ, ଅଶୋକ ନଗର, ଜନପଥ, ଭୁବନେଶ୍ୱର – ୭୫୧୦୦୯

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ -୨୦୦୨ର ନିୟମ ୬ (୨) ଓ ୮ (୬) ଅଧୀନରେ ଇ-ନିଲାମ ମାଧ୍ୟମରେ ଜମି ଓ ବିଲ୍‌ଡିଂ ତଥା ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର ସମ୍ପତ୍ତିର ଇ-ନିଲାମ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି। ମିଳିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ପଦାଧିକାରୀଙ୍କ ନିକଟରେ ଇଏମ୍‌ଡି ଓ କାଗଜପତ୍ର ଦାଖଲ (ଅନ୍‌ଲାଇନ୍)ର ଶେଷ ତାରିଖ ଓ ସମୟ ୦୮ ଜୁଲାଇ, ୨୦୧୯ ଅପରାହ୍ନ ୪.୦୦ ଘଟିକା କିମ୍ବା ତାହା ପୂର୍ବ ସୁଦ୍ଧା ।**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ସରଫେସି ଆକ୍ଟ), ୨୦୦୨ (ନଂ.୫୪ ଅଫ୍ ୨୦୦୨) ଅଧୀନରେ ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ, ଇଡେଲୱିସ ଏବଂ ପିଏନ୍‌ବି (ମିଳିତ ଋଣଦାତା)ଙ୍କ ନିକଟରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତି/ଗୁଡ଼ିକର ବିକ୍ରୟ:- ଯେହେତୁ, ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ, ଇଡେଲୱିସ ଏବଂ ପିଏନ୍‌ବି (ମିଳିତ ଋଣଦାତା)ଙ୍କ କ୍ଷମତାପ୍ରାପ୍ତ ପଦାଧିକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩ (୨) ଅଧୀନରେ ଜାରି ନୋଟିସ୍ ଅଧୀନରେ ନିମ୍ନଲିଖିତ ଋଣ ଖାତାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ, ଇଡେଲୱିସ ଏବଂ ପିଏନ୍‌ବି (ମିଳିତ ଋଣଦାତା) ଧାର୍ଯ୍ୟରାଶି ତଥା ସୁଧ ଆଦାୟ ପାଇଁ "ଯେପରି ଅଛି ଯାହା ଯେମିତି ଅଛି ଭିତ୍ତିରେ" ବିକ୍ରୟ କରିବାର ଅଧିକାର ସହିତ ତା୩୦।୧୦।୨୦୧୩ରିଖ ଦିନ ପ୍ରତୀକାତ୍ମକ ଦଖଲ ଏବଂ ତା୧୭।୦୩।୨୦୧୫ରିଖ ଦିନ ପ୍ରକୃତ ଦଖଲକୁ ନେଇଛନ୍ତି ଏବଂ ଯେହେତୁ ପରିଣାମସ୍ୱରୂପ ନିମ୍ନଲିଖିତ ଋଣ ଖିଲାପକାରୀମାନେ ବାକିରାଶି ପୈଠ କରିବାରେ ବିଫଳ ହେବାରୁ ଏହି ଅଧିନିୟମର ଧାରା ୧୩ (୪) ଅଧୀନରେ ପ୍ରଦତ୍ତ କ୍ଷମତାବଳରେ କ୍ଷମତାପ୍ରାପ୍ତ ପଦାଧିକାରୀ/ନିମ୍ନସ୍ୱାକ୍ଷରକାରୀ ଏହି ସମ୍ପତ୍ତି/ଗୁଡ଼ିକୁ ବିକ୍ରୟ କରି ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ, ଇଡେଲୱିସ ଏବଂ ପିଏନ୍‌ବି (ମିଳିତ ଋଣଦାତା)ଙ୍କ ଧାର୍ଯ୍ୟରାଶି ଓ ସୁଧ ଆଦାୟ କରିବାକୁ ପ୍ରସ୍ତାବ କରିଛନ୍ତି। ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଏହି ବିକ୍ରୟ ୱେବ୍‌ପୋର୍ଟାଲ୍ (https://hudcoauction.auctiontiger.net)ରେ ଦିଆଯାଇଥିବା ଇ-ନିଲାମ ପ୍ଲାଟଫର୍ମ ଜରିଆରେ ସଞ୍ଚାଳନ କରାଯିବ।

| ଶାଖାର ନାମ ଓ ଖାତା/ ବନ୍ଧକଦାତା/ଋଣଗ୍ରହୀତାଙ୍କ ନାମ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ (ଟ.) ଇଏମ୍‌ଡି ବିଡ୍ ବୃଦ୍ଧି ପରିମାଣ (ଟ. ଲକ୍ଷରେ) | ବକେୟା ରାଶି ଏବଂ ଡିମାଣ୍ଡ ନୋଟିସ୍ ତାରିଖ ତା୦୫।୦୭।୨୦୧୩ରିଖ | ଇ-ନିଲାମର ତାରିଖ, ସମୟ/ ଇ-ନିଲାମ ପୋର୍ଟାଲ୍ |
|---|---|---|---|---|
| (୧) ହୁଡ୍‌କୋ ରିଜିଓନାଲ ଅଫିସ, ୩ୟ ମହଲା, ଦୀନଦୟାଲ ଭବନ, ଅଶୋକ ନଗର, ଜନପଥ, ଭୁବନେଶ୍ୱର। ସ୍କିମ୍ ନଂ.୧୮୮୯୫ (୨) ଇଣ୍ଡିଆନ୍ ବ୍ୟାଙ୍କ, ମୁଖ୍ୟ ଶାଖା, ଅଶୋକ ନଗର, ଭୁବନେଶ୍ୱର। ଋଣ ଖାତା ନଂ. ୭୧୭୧୨୬ଏସ୍‌୨୮୯ (୩) ବିଓଆଇ, ଭୁବନେଶ୍ୱର, ଋଣ ଖାତା ନଂ. ଓଏସ୍‌ଏସ୍‌୦୩୦୧୧୦୦୦୦୦୪୬ (ଆସାଇନର୍ ଇଡେଲୱିସ (ଏଆର୍‌ସି), ଇଡେଲୱିସ୍ ହାଉସ୍ ଅଫ୍ ସିଏସ୍‌ଟି ରୋଡ୍, କାଲିନା, ମୁମ୍ବାଇ। (୪) ପିଏନ୍‌ବି ଝାରସୁଗୁଡ଼ା ଶାଖା, ଝାରସୁଗୁଡ଼ା। ଋଣ ଖାତା ସଂ. ୨୨୧୮୦୦୧ସି୦୦୦୦୦୦୧୨<br>**ବନ୍ଧକଦାତା/ ଋଣଗ୍ରହୀତାଙ୍କ ନାମ ଓ ଠିକଣା**<br>ମେସର୍ସ ଜୈନ ଷ୍ଟିଲ୍ ଆଣ୍ଡ ପାୱାର୍ ଲିମିଟେଡ୍, ଏହାର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ମନୋଜ କୁମାର ଜୈନ, ୩୯, ସେକ୍ସପିୟର୍ ସରଣୀ, ପ୍ରେମଲତା, ୫ମ ମହଲା, କୋଲକାତା-୭୦୦୦୧୭ଙ୍କ ଜରିଆରେ | ପ୍ଲଟ୍ ନଂ. ୧୩୫୯ ଏ.୯.୨୦, ଖାତା ନଂ.୧୫୩/୩୦୨, ପ୍ଲଟ୍ ନଂ. ୧୪୬୫ ଏ.୦.୨୫, ଖାତା ନଂ. ୫୪, ପ୍ଲଟ୍ ନଂ. ୧୩୬୬ ଏ.୮.୭୨, ପ୍ଲଟ୍ ନଂ. ୧୪୬୬ ଏ.୧.୭୨ , ଖାତା ନଂ. ୧୫୩/ ୩୦୩, ପ୍ଲଟ୍ ନଂ. ୧୩୯୪ ଏ.୦.୬୮, ୧୩୯୬ ଏ.୦.୮୦, ୧୩୯୯ ଏ.୧.୨୮, ୧୪୭୦ ଏ.୦.୫୪, ୧୪୧୬ ଏ.୦.୪୮, ଖାତା ନଂ. ୧୫୩/ ୩୦୭,ପ୍ଲଟ୍ ନଂ. ୧୪୬୪ ଏ.୦.୧୧, ଖାତା ନଂ. ୧୫୩/ ୩୨୫, ପ୍ଲଟ୍ ନଂ. . ୧୩୮୫ ଏ.୧.୧୦, ୧୩୮୬ ଏ.୩.୪୨, ଖାତା ନଂ. ୧୫୩/ ୩୦୬, ପ୍ଲଟ୍ ନଂ. ୧୩୯୨ ଏ.୦.୭୩, ୧୩୯୩ ଏ.୬.୫୮, ୧୩୯୫ ଏ.୦.୩୪, ଖାତା ନଂ. ୧୫୩/ ୩୦୫, ପ୍ଲଟ୍ ନଂ. ୧୪୪୯ ଏ.୦.୬୫, ୧୪୫୧ ଏ.୦.୩୦, ୧୪୫୨ ଏ.୦.୫୪, ୧୪୫୩ ଏ.୦.୧୬, ୧୪୫୪ ଏ.୦.୨୨, ୧୪୫୫ ଏ.୦.୮୩, ୧୪୫୬ ଏ.୦.୨୪, ୧୪୫୭ ଏ.୦.୨୨, ଖାତା ନଂ. ୧୫୩/ ୩୦୯, ପ୍ଲଟ୍ ନଂ. ୧୪୧୭/ ୨୬୩୧ ଏ.୦.୦୫, ଖାତା ନଂ. ୧୫୩/୩୧୩, ପ୍ଲଟ୍ ନଂ. ୧୪୧୭ ଏ.୦.୪୩, ୧୪୧୮ ଏ.୦.୧୦, ୧୪୬୯ ଏ.୧.୦୩, ଖାତା ନଂ. ୧୫୩/ ୩୧୦ ମୌଜା ଦୁର୍ଲଗା, ପ୍ଲଟ୍ ନଂ. ୮୨୬ ଏ.୦.୨୪, ୮୨୭ ଏ.୦.୪୮, ୮୨୮ ଏ.୦.୬୦, ୮୨୯ ଏ.୦.୫୩, ୮୩୦ ଏ.୦.୬୦, ୮୩୧ ଏ.୦.୧୧, ଖାତା ନଂ. ୧୦୩/ ୫୮ ମୌଜା ସାଲେଟିକ୍ରା, ପ୍ଲଟ୍ ନଂ. ୧୪୬୧ ଏ.୦.୩୯, ୧୪୬୨ ଏ.୦.୨୬, ଖାତା ନଂ. ୧୫୩/ ୩୧୧, ପ୍ଲଟ୍ ନଂ. ୧୪୫୧/ ୨୬୫୨ ଏ.୦.୩୦, ୧୪୫୫/୨୬୫୩ ଏ.୦.୦୯, ଖାତା ନଂ. ୧୫୩/ ୩୧୪, ପ୍ଲଟ୍ ନଂ. ୧୪୧୯ ଏ.୦.୪୨, ୧୪୬୩ ଏ.୦.୪୪, ୧୩୮୮ ଏ.୩.୦୫, ୧୩୯୧ ଏ.୦.୨୦, ୧୩୯୭ ଏ.୦.୪୩, ୧୩୯୮ ଏ.୦.୩୯, ୧୩୮୯ ଏ.୦.୩୭, ୧୩୯୦ ଏ.୦.୧୨, ଖାତା ନଂ. ୧୫୩/ ୩୦୮,ପ୍ଲଟ୍ ନଂ. ୧୩୮୩ ଏ.୧.୨୨, ୧୩୮୭ ଏ.୦.୬୪, ୧୪୨୧ ଏ.୦.୪୨, ୧୪୨୮ ଏ.୦.୮୮, ୧୩୮୭/ ୨୩୦୨ ଏ.୦.୬୮, ୧୪୨୧/ ୨୦୬୩ ଏ.୦.୧୭, ୧୪୫୧/ ୨୦୬୯ ଏ.୦.୧୩, ଖାତା ନଂ. ୧୫୩/ ୩୧୨ ମୌଜା ଦୁର୍ଲଗା ଏବଂ ପ୍ଲଟ୍ ନଂ. ୩୮୯୬ ଏ.୦.୮୯, ଖାତା ନଂ. ୮୭୧/୪୬୩ ମୌଜା: ପଞ୍ଚପଡ଼ା, ଝାରସୁଗୁଡ଼ା ଜିଲ୍ଲା ଏବଂ ଏସ୍‌ଆର୍‌ଓ ଝାରସୁଗୁଡ଼ା, ରାଜ୍ୟ- ଓଡ଼ିଶାରେ ଅବସ୍ଥିତ ଜମି ଓ ବିଲ୍‌ଡିଂ ସମ୍ବଳିତ ସ୍ଥାବର ସମ୍ପତ୍ତିଗୁଡ଼ିକର ସମସ୍ତ ଭାଗ ଓ ଅଂଶବିଶେଷ। ମୋଟ ଜମିର ପରିମାପ ଏ.୫୪.୮୭ ଓ ଏହା ସହିତ ତାହା ଉପରେ ନିର୍ମିତ ବିଲ୍‌ଡିଂ। ଚଉହଦୀ: ଉତ୍ତରରେ – ସଡ଼କ ଏବଂ ଘରୋଇ ଖାଲି ଜମି, ଦକ୍ଷିଣରେ- ନାଳ ଓ ଖାଲି ଜମି, ପୂର୍ବରେ – ସଡ଼କ ଓ ଖାଲି ଜମି, ପଶ୍ଚିମରେ- ଖାଲି ଜମି। | ଜମି ଓ ବିଲ୍‌ଡିଂ (ସ୍ଥାବର ସମ୍ପତ୍ତି)<br>ସଂରକ୍ଷିତ ମୂଲ୍ୟ ଟ.୩୩୧୦.୫୮ ଲକ୍ଷ (ତେତିଶ କୋଟି ଦଶ ଲକ୍ଷ ଅଠାବନ ହଜାର ଟଙ୍କା ମାତ୍ର) ।<br>ଇଏମ୍‌ଡି ରାଶି ଟ.୩୩୧.୦୬ ଲକ୍ଷ (ତିନି କୋଟି ଏକତିରିଶ ଲକ୍ଷ ଛଅ ହଜାର ଟଙ୍କା ମାତ୍ର ।)<br>ବିଡ୍ ବୃଦ୍ଧି ପରିମାଣ<br>ଟ.୧୦.୦୦ ଲକ୍ଷ (ଦଶ ଲକ୍ଷ ଟଙ୍କା ମାତ୍ର) କିମ୍ବା ତାହାର ଗୁଣିତକ। | ସମ୍ପୃକ୍ତ ଋଣଦାତାମାନଙ୍କର ଡିମାଣ୍ଡ ନୋଟିସ୍ ତାରିଖ ୦୫।୦୭।୨୦୧୩ ଅନୁଯାୟୀ ଟ.୪୨,୬୦,୪୫,୦୪୭.୧୪ (ବୟାଳିଶ କୋଟି ଷାଠିଏ ଲକ୍ଷ ପଇଁଚାଳିଶ ହଜାର ସତଚାଳିଶ ଟଙ୍କା ଚଉଦ ପଇସା ମାତ୍ର) ତଥା ଚୂଡ଼ାନ୍ତ ପୈଠ ତାରିଖ ପର୍ଯ୍ୟନ୍ତ ସୁଧ, କମ୍ପାଉଣ୍ଡ ଓ ଜରିମାନାମୂଳକ ସୁଧ ଏବଂ ଅତିରିକ୍ତ ଆନୁଷଙ୍ଗିକ ଖର୍ଚ୍ଚ ଇତ୍ୟାଦି। | ତା୦୯।୦୭।୨୦୧୯ରିଖ ପୂର୍ବାହ୍ନ ୧୦.୩୦ ଘଟିକାରୁ ଅପରାହ୍ନ ୦୧.୩୦ ଘଟିକା https://hudcoauction.auctiontiger.netରେ ଏବଂ ଯଦି କୌଣସି କ୍ଷେତ୍ରରେ ଇ-ନିଲାମ ବନ୍ଦ ହେବା ସମୟର ଶେଷ ପାଞ୍ଚ ମିନିଟ୍‌ରେ କୌଣସି ବିଡ୍ ଦାଖଲ ହୁଏ ତେବେ ସମାପ୍ତି ସମୟ ସ୍ୱଚାଳିତ ଭାବେ ୫ ମିନିଟ୍ ବୃଦ୍ଧି ହୋଇଯିବ (ଇ-ନିଲାମ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ ପ୍ରତିଥର), ଅନ୍ୟଥା ଏହା ସ୍ୱଚାଳିତ ଭାବେ ବନ୍ଦ ହୋଇଯିବ। |

**ନିୟମ ଓ ସର୍ତ୍ତାବଳୀ:**

ଇ-ନିଲାମ 'ଯେପରି ଅଛି ଯେଉଁଠାରେ ଅଛି ଭିତ୍ତି' ଓ 'ଯେପରି ଅଛି ଯାହା ଅଛି ଭିତ୍ତି'ରେ ନିଲାମ କରାଯିବ।

ଯଦି ବିକ୍ରୟ ତାରିଖ ପୂର୍ବରୁ ଧାର୍ଯ୍ୟ ଟଙ୍କା ସମ୍ପୂର୍ଣ୍ଣ ଦିଆ ନ ଯାଏ ତେବେ ଉପରୋକ୍ତ ତାରିଖରେ ଏହି ସମ୍ପତ୍ତିର ବିକ୍ରୟ/ନିଲାମ କରିବା ସମ୍ପର୍କରେ ଉପରୋକ୍ତ ଋଣୀ/ଗ୍ୟାରେଣ୍ଟର / ଆଇନତଃ ଉତ୍ତରାଧିକାରୀଙ୍କ ପାଇଁ ଏହା ମଧ୍ୟ ନୋଟିସ ଅଟେ । ଏତଦ୍ୱାରା ଋଣୀ/ ଗ୍ୟାରେଣ୍ଟରଙ୍କୁ ଇ-ନିଲାମ ତାରିଖ ପୂର୍ବରୁ ବର୍ତ୍ତମାନର ସୁଧ ଓ ଆନୁଷଙ୍ଗିକ ଖର୍ଚ୍ଚ ସହ ଉପରୋକ୍ତ ରାଶିକୁ ପୈଠକରିବା ପାଇଁ ଜଣାଇ ଦିଆଯାଉଛି ନଚେତ ସମ୍ପତ୍ତିକୁ ନିଲାମ/ବିକ୍ରି କରିଦିଆଯିବ ଓ ବାକି ଦେଣା (ଯଦି ଅନ୍ୟ କିଛି ଥାଏ) ତେବେ ତାକୁ ସୁଧ ମୂଳ ଇତ୍ୟାଦି ସହ ଆଦାୟ କରାଯିବ। ନିଲାମର ସର୍ତ୍ତାବଳୀ ଏବଂ ନିଲାମର ଆବଶ୍ୟକୀୟ କାଗଜପତ୍ର ସମ୍ପର୍କରେ ଜାଣିବାକୁ ହେଲେ ଦୟାକରି ଋଣଦାତାଙ୍କ ୱେବ୍‌ସାଇଟ୍ www.hudco.org, www.indianbank.in, pnbindia.biz/ pnbindia.in, http://www.edelweissarc.com ଏବଂ www.tenders.gov.in ର ଲିଙ୍କ୍ 'ଇ-ନିଲାମ' (ମେସର୍ସ ଜୈନ ଷ୍ଟିଲ୍ ଆଣ୍ଡ ପାୱାର୍ ଲିଃ ଖାତା) ପରିଦର୍ଶନ କରନ୍ତୁ/ଦେଖନ୍ତୁ। ସଫଳ ବିଡର୍/କ୍ରେତା ସ୍ଥାବର ସମ୍ପତ୍ତି ପାଇଁ ଆୟକର ଅଧିନିୟମ, ୧୯୬୧ର ଧାରା ୧୯୪ଆଇଏ ଅନୁଯାୟୀ ବିକ୍ରି ମୂଲ୍ୟର @୧% ହାରରେ ଟିଡିଏସ୍ କାଟିବେ ଏବଂ ଫର୍ମ ୨୬କ୍ୟୁବିରେ ଚାଲାଣ ମାଧ୍ୟମରେ ତାହାକୁ ଜମା କରିବେ ତଥା ଟିଡିଏସ୍ ପ୍ରମାଣପତ୍ରର ମୂଳ ରସିଦକୁ ଋଣଦାତାଙ୍କ ନିକଟରେ ଦାଖଲ କରିବେ।

ଆଗ୍ରହୀ ବିଡର୍‌ମାନେ ମିଳିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀ ଶ୍ରୀ ମଧୁକର ଉଗେମୁଗେ, ଏଜିଏମ୍ (ପ୍ରକଳ୍ପ), ହୁଡ୍‌କୋ, ଦୀନଦୟାଲ ଭବନ, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଓଡ଼ିଶାଙ୍କ ସହ କାର୍ଯ୍ୟାଳୟ ନିର୍ଘଣ୍ଟରେ ମୋବାଇଲ ନଂ. ୯୮୯୩୨୦୩୯୧୮, ଫୋନ୍ ନଂ.-୦୬୭୪-୨୫୩୭୨୮୭ ଏବଂ ଇମେଲ୍ ଆଇଡି- bbro@hudco.orgରେ ଯୋଗାଯୋଗ କରିପାରନ୍ତି।

ତାରିଖ: ୬ ଜୁନ୍, ୨୦୧୯
ସ୍ଥାନ: ଭୁବନେଶ୍ୱର

ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ,
ଇଡେଲୱିସ୍ (ଏଆର୍‌ସି) ଏବଂ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ (ମିଳିତ ଋଣଦାତା)

## ବଉଳାଙ୍ଗ ହାଇସ୍କୁଲରେ ବନ୍ଧୁମିଳନ

କୁଜଙ୍ଗ, ୫।୬(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ୍ ବଉଳାଙ୍ଗସ୍ଥିତ ସୁରବାଳା ଉଚ୍ଚ ବିଦ୍ୟାଳୟରେ ୨୦୧୬ ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁ ମିଳନ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ସବୁଜ ବାହିନୀ ଶିକ୍ଷକ ପ୍ରଦୀପ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ବଂଶୀଧର ନାୟକ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିସର ସଫାସୁତୁରା ଓ ସବୁଜ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ନୃସିଂହ ଚରଣ ବାହାଲିଆ, ପ୍ରମୋଦ କୁମାର ସାମନ୍ତରାୟ, ବିଭୂତି ଭୂଷଣ ଦାସଙ୍କ ସହ କର୍ମଚାରୀ ନତ୍ୟାନନ୍ଦ ଜେନା ଓ ଦିବାକର ମଲିକ ପ୍ରମୁଖ ଯୋଗଦେଇ ବିଗତ ଦିନର ସ୍ମୃତି ମନେପକାଇଥିଲେ। ପ୍ରାକ୍ତନ ଛାତ୍ର ସୌମ୍ୟରଞ୍ଜନ ପୁହାଣ, ବୀଣାପାଣି ଦଳାଇ, ମାନସୀ ଷଡ଼ଙ୍ଗୀ, ଆୟେଶା ପରିଜା, ଚିନ୍ମୟ ରାଉତ, ରଶ୍ମିତା ମଲିକ୍, ରୁବିନା ବେହେରା, ରୋଜାଲିନ୍ ଦଳାଇ, ଲକି ସେନାପତି, ମଧୁସ୍ମିତା ରାଉତ, ଶତାବ୍ଦି ମହାପାତ୍ର, ମଧୁସ୍ମିତା, ସିଦ୍ଧାନ୍ତ ମହାପାତ୍ର, ଚନ୍ଦନ ସ୍ୱାଇଁ, ବିଶ୍ୱଜିତ ମଲ୍ଲ ଓ ସୁନନ୍ଦା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ପରିବେଶ ଦିବସ

ବାଙ୍କୀ,୫।୬(ସ୍ୱ.ପ୍ର.): କଟକ ଲାୟନ୍ସ କ୍ଲବ ପ୍ଲାଟିନମ୍ ପକ୍ଷରୁ ବାଙ୍କୀ ପ୍ରତିଭା ବିକାଶ କେନ୍ଦ୍ରଠାରେ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବ ଲୋକସମ୍ପର୍କ ଅଧିକାରୀ ଗୌତମ ମିଶ୍ରଙ୍କ ପରିଚାଳନାରେ ଏକ ଆଲୋଚନାଚକ୍ର ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ପ୍ରକୃତିବନ୍ଧୁ ପ୍ରାଧାପକ ମନୋଜ କୁମାର ମହାପାତ୍ର ମୁଖ୍ୟଅତିଥିଭାବେ ଯୋଗଦାନ କରି ପ୍ରତ୍ୟେକ ଜନସାଧାରଣ ଚାରାରୋପଣ କରିବା ସହ ପ୍ରକୃତିକୁ ସନ୍ତୁଳନ କରିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଅଧାପକ ସତ୍ୟଜିତ୍ ଦାସ ଯୋଗଦାନ କରି ମଣିଷ ତା'ର ସୁଖପାଇଁ ପ୍ରକୃତିର କ୍ଷତି ନ କରି ସରସ ସୁନ୍ଦର କରିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ପ୍ରକୃତି ବନ୍ଧୁ ଦୀପକ୍ କୁମାର ସାମନ୍ତରାୟ, ପ୍ରଭାସ ମଲ୍ଲିକ, ଉଲ୍ଲାସ ଚନ୍ଦ୍ର ବେହେରା, ଲଳୀତ ମୋହନ ପଣ୍ଡା ପ୍ରମୁଖ ଯୋଗଦାନ କିର ବାୟୁ ପ୍ରଦୂଷଣ ରୋକିବା ଓ ପରିବେଶକୁ ସୁସ୍ଥ ରଖିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ମତପ୍ରକାଶ କରିଥିଲେ। ଶେଷରେ ଦିଗ୍‌ବିଜୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହାପରେ କେନ୍ଦ୍ର ପରିସରରେ ଚାରାରୋପଣ କରାଯାଇଥିଲା।

**ଏସ୍.ଇ. ରେଳପଥ ଟେଣ୍ଡର**

ଖୋଲା ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଟିଇ-ଏଚ୍‌କ୍ୟୁ-ଏନ୍‌ଆଇଟି-ଡବ୍ଲ୍ୟୁ-୦୫-୩-୧୯, ତାରିଖ: ୩୦।୦୫।୨୦୧୯ ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ଇଞ୍ଜିନିୟର/ଟିଆର୍.II, ଦକ୍ଷିଣ ପୂର୍ବ ରେଳପଥ, କୋଲକାତାଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି। **କାର୍ଯ୍ୟର ନାମ:** ଫ୍ଲାଶ୍ ବଟ୍ ୱେଲ୍‌ଡିଂ ପ୍ଲାଣ୍ଟ, ଦକ୍ଷିଣ ପୂର୍ବ ରେଳପଥ, ଝାରସୁଗୁଡ଼ା ପରିସରରେ ବିଜୁଳି ଚାଳିତ ନୂଆ ହୋଇଷ୍ଟ, କଣ୍ଟ୍ରୋଲ ପ୍ୟାନେଲ ବୋର୍ଡ, କେବଲିଂ, କଣ୍ଟ୍ରୋଲ କ୍ୟାବିନ୍ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟର ବ୍ୟବସ୍ଥା ସହିତ ୨୦ ରେଳ ପ୍ୟାନେଲ ପାଇଁ ଲିଫ୍ଟିଂ ଆରେଞ୍ଜମେଣ୍ଟର ପରିବର୍ଦ୍ଧନ। **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୧,୧୦,୪୦,୫୨୪.୯୦। **ଅମାନତ ଜମା ରାଶି:** ₹୨,୦୫,୨୦୦/-। **ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୦୩।୦୭।୨୦୧୯ରିଖ ୧୫.୦୦ ଘଟିକାରେ। **ୱେବ୍‌ସାଇଟ୍ ବିବରଣୀ:** ଉପରୋକ୍ତ କାର୍ଯ୍ୟ ପାଇଁ ଇ-ଟେଣ୍ଡରିଂ ତଥା ଅନ୍‌ଲାଇନ୍ ଅଂଶଗ୍ରହଣର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ। (PR-255)

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ସିଗ୍‌ନାଲିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଟେଣ୍ଡର ବିଜ୍ଞପ୍ତି ନଂ.- ୪୧-ଏସ୍‌ଏନ୍‌ଟି-ପିଆର୍‌ଓଜେ-ଟେଣ୍ଡର-୨୦୧୯, ତାରିଖ: ୦୩।୦୬।୨୦୧୯**

**କାର୍ଯ୍ୟ:** ଏସ୍.ଇ.ସି. ରେଳପଥର ରାୟପୁର ଡିଭିଜନର ଲାଖୋଲି ଷ୍ଟେଶନଠାରେ ଆଇଓଟି ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଏବଂ ଏନର୍ଜି ସର୍ଭିସେସ୍ ଲିଂକୁ ସୁବିଧାଜନକ କରିବା ଲାଗି ୟାର୍ଡ ମଡିଫିକେସନ୍ ଫେଜ୍-II କାର୍ଯ୍ୟ ନିମନ୍ତେ ସେଣ୍ଟ୍ରାଲ ପ୍ୟାନେଲ୍ ଇଣ୍ଟରଲକିଙ୍ଗ୍ (ସିପିଆଇ) ସହିତ ଏମ୍‌ଏସିଏଲ୍ ସିଗ୍‌ନାଲିଂ ସିଷ୍ଟମର ଡିଜାଇନ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ, ସୁଡ଼ଙ୍ଗ ଖୋଳିବା, ସିଗ୍‌ନାଲିଂ/ପାୱାର କେବୁଲ ବିଛାଇବା, ସିଗ୍‌ନାଲ ଓ ଲୋକେସନ୍ ହଟ୍‌ଗୁଡ଼ିକ ପାଇଁ ଫାଉଣ୍ଡେଶନ୍‌ର କାଷ୍ଟିଂ, କଣ୍ଟ୍ରୋଲ୍ ତଥା ଇଣ୍ଡିକେଶନ୍ ପ୍ୟାନେଲ୍, ଏମ୍‌ଏସ୍‌ଏଲ୍‌ଏସ୍ ପୋଷ୍ଟ, ଆପାରାଟସ୍ କେସ୍, ରିଲେ ର୍ୟାକ୍ ସ୍ଥାପନ, ପାୱାର ଇକ୍ୱିପମେଣ୍ଟ ଲଗାଇବା, ଟ୍ରାକ୍ ସର୍କିଟ୍, ଏମ୍‌ଏସ୍‌ଡିଏସି, ଇଲେକ୍ଟ୍ରିକ୍ ପଏଣ୍ଟ ମେଶିନ ଇତ୍ୟାଦିର ରିଲେ ସ୍ଥାପନ।

**ଟେଣ୍ଡର ମୂଲ୍ୟ:** ₹୨,୫୬,୮୮,୩୮୦.୫୦/- (₹ ଦୁଇ କୋଟି ଛପନ ଲକ୍ଷ ଅଠାଅଶୀ ହଜାର ତିନିଶହ ଅଶୀ ଟଙ୍କା ପଚାଶ ପଇସା ମାତ୍ର)। ଇଏମ୍‌ଡି : ₹୨,୭୮,୪୫୦/- (₹ ଦୁଇଲକ୍ଷ ଅଠସ୍ତରି ହଜାର ଚାରିଶହ ପଚାଶ ମାତ୍ର)।

**ଟେଣ୍ଡର ସମାପ୍ତି ତାରିଖ:** ତା୧୦।୦୭।୨୦୧୯ରିଖ ୧୫.୧୫ ଘଟିକା ପର୍ଯ୍ୟନ୍ତ।

ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ 'ଇ' ଟେଣ୍ଡର କାଗଜପତ୍ରର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆମ ୱେବ୍‌ସାଇଟ୍ https://www.ireps.gov.inରେ ଯୋଗାଯୋଗ କରନ୍ତୁ।

ଡେପୁଟି ଚିଫ୍ ସିଗ୍‌ନାଲ୍ ଆଣ୍ଡ ଟେଲିକମ୍. ଇଂ./ପିଆର୍‌ଓଜେ
ଏସ୍.ଇ.ସି. ରେଳପଥ, ବିଲାସପୁର

CPR/10/116

ସ୍ୱଚ୍ଛ ଭାରତ ଅଭିଯାନ

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳିକା ମୃତ

**ମହାକାଳପଡ଼ା, ୫।୬ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ଅଧୀନ ସୁନୀତି ପଞ୍ଚାୟତ ବେଣାକନ୍ଧା ଗ୍ରାମର ଉଦୟ ପ୍ରଧାନଙ୍କ ଝିଅ ଉମାରାଣୀ(୭)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ପୂର୍ବାହ୍ନରେ ଉମାରାଣୀ ଘର ନିକଟ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ତାଙ୍କୁ ନିକଟସ୍ଥ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏ ନେଇ ତନ୍ତିଆପାଳ ମେରାଇନ୍ ଥାନାରେ ଏକ ମାମଲା ରୁଜୁ ହୋଇଛି। ଖବରପାଇ ପୂର୍ବତନ ସରପଞ୍ଚ ମନୋଜ ପାତ୍ର ଉମାରାଣୀଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ନିରଞ୍ଜନଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

**ରାଜକନିକା, ୫।୬ (ଡି.ଏନ୍.ଏ):** ହାଟସାହି ନୋଡାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିରଞ୍ଜନ ବେହେରାଙ୍କୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ ଅବସରରେ ତାଙ୍କୁ ମାନପତ୍ର ଓ ୫ହଜାର ଟଙ୍କାର ଚେକ୍ ଦିଆଯାଇ ପୁରସ୍କୃତ କରାଯାଇଛି। ପରିବେଶବିତ୍ ଗୋପୀନାଥ ଦାଶ, କବି ନୃସିଂହ ବେହେରା, ବିଭୂତି ଭୂଷଣ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ପରିକ୍ଷୀତ ପଡିଆରୀ ଓ ନଚ୍ଛେନ୍ଦ୍ର ବଳ, ଲକ୍ଷ୍ମୀଧର ରାଉତ, ସଞ୍ଜୟ କୁମାର ସାମଲ, ଅନ୍ନଦା ପ୍ରସାଦ ରାଉତ, ଲୋକନାଥ ସାମଲ ନିରଞ୍ଜନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନାହିଁ ଯାଆଁଳ ଉତ୍ପାଦନ କେନ୍ଦ୍ର

# ପଡ଼ୋଶୀ ରାଜ୍ୟ ଉପରେ ଚାଷୀ ନିର୍ଭର

**ମହାକାଳପଡ଼ା, ୫।୬ (ଡି.ଏନ୍.ଏ.)**



ଗ୍ରାମାଞ୍ଚଳରେ ମାଛ ଚାଷ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଋଣ ଯୋଗାଇ ଦିଆଯିବା ସହ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ମହାକାଳପଡ଼ା ଅଞ୍ଚଳରେ ମତ୍ସ୍ୟଚାଷୀଙ୍କୁ ପୋଖରୀ ଖୋଳାଠାରୁ ଆରମ୍ଭ କରି ଉତ୍ପାଦନ ବୃଦ୍ଧି ଆଦି ପାଇଁ ଚାଷୀମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ହେଲେ ଖରା ଦିନରେ ପ୍ରାୟତଃ ନଦୀରେ ପାଣି ଶୁଖିଯିବା ଯୋଗୁ ଯାଆଁଳ ମିଳୁ ନଥିବା ଯୋଗୁ ଇଞ୍ଜେକସନ ଦିଆଯାଇ କୃତ୍ରିମ ଉପାୟରେ ଉତ୍ପାଦିତ ଯାଆଁଳ ଉପରେ ଚାଷୀମାନେ ନିର୍ଭର କରୁଛନ୍ତି।

ପଶ୍ଚିମବଙ୍ଗ ଓ ବାଂଲାଦେଶ ଆଦି ସ୍ଥାନରେ କୃତ୍ରିମ ଉପାୟରେ ମାଛ ଯାଆଁଳ ଉତ୍ପାଦନ କରାଯାଇ ଓଡ଼ିଶାକୁ ଆସୁଛି। ଏଠାକାର ଚାଷୀ ଚଢ଼ା ଦରରେ ସେହି ଯାଆଁଳ କିଣି ଚାଷ କରୁଛନ୍ତି। ପଶ୍ଚିମବଙ୍ଗର କାନ୍ଥି, ହୁଗୁଳି, ନଇହାଟ ଓ ବଡ ତାଲା ବଜାର ଓ ବାଂଲାଦେଶର ବିଭିନ୍ନ ସ୍ଥାନରୁ ଏହି ଯାଆଁଳ ଆସି ମହାକାଳପଡ଼ା ସମେତ ଅନ୍ୟ ଅଞ୍ଚଳରେ ବିକ୍ରି ହେଉଥିବା ଦେଖାଯାଉଛି। ଉକ୍ତ ଅଞ୍ଚଳରେ କୃତ୍ରିମ ପ୍ରଣାଳୀରେ ଯାଆଁଳ ଉତ୍ପାଦନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଚାଷୀମାନଙ୍କୁ ବହାର ଯାଆଁଳ ଉପରେ ନିର୍ଭର କରିବାକୁ ପଡୁଛି। ଏହା କିଲୋଗ୍ରାମ ପ୍ରତି ୨ହଜାରରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି କରାଯାଉଥିବା ପଶ୍ଚିମବଙ୍ଗର ଜନୈକ ବ୍ୟବସାୟୀ ସୂଚନା ଦେଇଛନ୍ତି। ମହାକାଳପଡ଼ା ବ୍ଲକର ବଟୀଘର, ଖରିନାସୀ, ରାମନଗର, ବଉଳକଣୀ, ଜମ୍ବୁ, ସୁନୀତି, ଗଗୁଆ, ପେଟ୍‌ଛେଲା, ବାରଡ଼ାଙ୍ଗ ଆଦି ପଞ୍ଚାୟତରେ ଚାଷୀମାନେ ଏହି ଯାଆଁଳ କିଣି ଚାଷ କରୁଥିବା ଦେଖିବାକୁ ମିଳୁଛି। ବ୍ଲକ ଅଞ୍ଚଳରେ କୃତ୍ରିମ ପଦ୍ଧତିରେ ଯାଆଁଳ ଉତ୍ପାଦନ ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଗଲେ ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ଚାଷୀମାନେ କହିଛନ୍ତି। ଏଥିସହ ଖରାଦିନେ ମତ୍ସ୍ୟଚାଷୀଙ୍କୁ ସରକାରଙ୍କ ତରଫରୁ ରିହାତି ମୂଲ୍ୟରେ ଯାଆଁଳ ଯୋଗାଇଦେବାକୁ ବାବାଜୀ ବେହେରା, ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁନ୍ଦର ମୋହନ ସିଂ, ସଦାଶିବ ରାଉତଙ୍କ ସମେତ ବହୁ ଚାଷୀ ଦାବି କରିଛନ୍ତି।

# ଜଣେ ଅଧିକାରୀରେ ଚାଲିଛି ୩ କାର୍ଯ୍ୟାଳୟ

**ଆଳି, ୫।୬ (ଡି.ଏନ୍.ଏ.)**

**ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ**

ଆଳି ବ୍ଲକରେ ୩ ସରକାରୀ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ପଦବୀରେ ମାତ୍ର ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି, ଯାହକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଆଳି ତହସିଲଦାର ଜୟନ୍ତ କୁମାର ପୃଷ୍ଟି ଆଳି ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ବେଳେ ନିକଟରେ ତାଙ୍କୁ ବ୍ଲକର ମହିଳା ଶିଶୁ ବିକାଶ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ତହସିଲ କାର୍ଯ୍ୟ ଠିକ୍‌ରେ ହୋଇ ପାରୁ ନଥିବା ବେଳେ ଅନ୍ୟ ଦୁଇଟିଯାକ ଅଫିସରେ ବି ସମାନ ଅବସ୍ଥା ସୃଷ୍ଟି ହୋଇଛି। ସ୍କୁଲ, କଲେଜ ପିଲାମାନେ ବିଭିନ୍ନ ଫର୍ମ ପକାଇବା ସହ ନାମଲେଖା ପାଇଁ ଆବଶ୍ୟକ ହେଉଥିବା ଜାତିଗତ ପ୍ରମାଣପତ୍ର ଓ ରୋଜଗାର ପ୍ରମାଣପତ୍ର ଆଦି ବାହାର କରିବାକୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବା ଦେଖାଯାଉଛି। ଏପରିକି ଅନେକ ପିଲା ବହୁ ସମୟରେ ଫେରି ଯାଉଛନ୍ତି। ଦୂରଦୂରାନ୍ତରୁ ବହୁ ଲୋକ ବିଭିନ୍ନ କାର୍ଯ୍ୟ ନେଇ ତହସିଲ ଅଫିସ୍, ବିଡିଓ ଅଫିସ୍ ଏବଂ ମହିଳା ଓ ଶିଶୁ ବିକାଶ ଅଫିସ୍‌କୁ ଯାଇ ଫେରୁଥିବା ବେଳେ ଏ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତିନୋଟି ପଦବୀ ପାଇଁ ଜଣେ ଅଫିସରଙ୍କୁ ନିଯୁକ୍ତ କରିବା ଯୋଗୁ ଲୋକମାନେ ସମସ୍ୟା ଭୋଗୁଛନ୍ତି। ଫଳରେ ବିଡିଓ ଓ ମହିଳା ଓ ଶିଶୁ ବିକାଶ ଅଧିକାରୀ ପଦବୀରେ ଅନ୍ୟ ଦୁଇ ଅଧିକାରୀଙ୍କୁ ନିଯୁକ୍ତି କରିବାକୁ ଜନସାଧାରଣ ଅଭିଯୋଗ କରିଛନ୍ତି।




ଧ-୧୨୮୩୯

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**


(ଚିପୁଲ୍)

**ବିଭାନ୍‌ସ ବିଦିତ୍ ଶତପଥୀ**
ଆଜି ତୋ ଜନ୍ମଦିନରେ ଅନେକ ଅନେକ ଆଶୀର୍ବାଦ, ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ବିଶ୍ୱନାଥ ଓ ଶ୍ରୀ ସାଇଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ, ବାବା ବୈଦ୍ୟନାଥଙ୍କ ଦୟାରୁ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
ଶୁଭେଚ୍ଛା ସହ: ବାବା, ମାମା, ମା, ବାପା, ମାଉସୀ, ଅଜା, ଆଈ, ମାମୁ, ମାଇଁ, ପୁପୁଲି, ଡୁଡୁଲି ଏବଂ ଅନ୍ୟାନ୍ୟ ପରିବାରବର୍ଗ। ଧ-୬୩୭୭୨

**୫୦ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



**ପ୍ରଫୁଲ୍ଲ କୁମାର ମହାନ୍ତି**
**ଶ୍ରୀମତୀ ଆହ୍ଲାଦିନୀ ମହାନ୍ତି**
ଟିକରପଡ଼ା, ମହାନ୍ତି ସାହି, ପୁରୀ-୨
ଆପଣଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଧ-୬୪୦୬୪


# ପରିବେଶ ସୁରକ୍ଷା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ



ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୫।୬**

**ବିଶ୍ୱ ପରିବେଶ ଦିବସ**

ରାଜନଗର ବନ୍ୟ ପ୍ରାଣୀ ଡିଭିଜନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଅତିଥିମାନେ କହିଥିଲେ ଯେ, ବିଶ୍ୱତାପନ ଓ ଜଳବାୟୁର ଅହେତୁକ ପରିବର୍ତ୍ତନ ମାନବ ସମାଜ ପାଇଁ ଆହ୍ୱାନ ସୃଷ୍ଟି କରିଛି । ଏଣୁ ପ୍ରତ୍ୟେକ ମଣିଷ ନିଜ ପରିବେଶ ଓ ପ୍ରକୃତିକୁ ସୁରକ୍ଷା ଦେବା ପାଇଁ ସଂକଳ୍ପ ନେବାର ସମୟ ଆସିଛି। ରାଜନଗର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ଡିଏଫଓ ବିପିନ ବିହାରୀ ବେହେରା, ଉପ-ଜିଲାପାଳ ସଞ୍ଜୟ କୁମାର ମିଶ୍ର, ପରିବେଶବିତ୍ ବିରଜା ପ୍ରସାଦ ପତି, ରବୀନ୍ଦ୍ର କୁମାର ଜେନା ଅତିଥି ଭାବେ ଯୋଗଦେଇ ପରିବେଶ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଆଶିଷ କୁମାର ସେନାପତି, ଜଗନ୍ନାଥ ଦାସ, ପରିବେଶବିତ୍ ବିଜୟ କବି, ପୂଣ୍ୟଶ୍ଳୋକ ସେନାପତି ପ୍ରମୁଖ ଯୋଗଦେଇ ନିଜ ନିଜ ମତ ରଖିଥିଲେ। ଚଳିତବର୍ଷ ପରିବେଶ ସୁରକ୍ଷା ଲାଗି ଜନ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପରିବେଶବିତ୍ ଭାସ୍କର ରାଉତରାୟ, ଗଦାଧର ମଲ୍ଲିକ, ନିରଞ୍ଜନ ବେହେରା, ଉଦୟନାଥ ଚୌଧୁରୀ, ଚକ୍ରଧର ପାତ୍ର, ଜେନାମଣି ବଳଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଦୋଷ କୁମାର ପଟ୍ଟନାୟକ, ବିଜୟ କୁମାର ପରିଡା, ହରେକୃଷ୍ଣ ମଲ୍ଲିକ, ଶ୍ରୀରାମପଦ ଅରବିନ୍ଦ ମିଶ୍ର, ଅମରେଶ ପ୍ରଧାନ, ଗବେଷକ ପ୍ରସନ୍ନ କୁମାର ନାୟକ, ମହନ୍ତ କୁମାର ମଲ୍ଲିକ, ବିଜୟ କୁମାର ପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଇକୋ କ୍ଲବ ତରଫରୁ ପ୍ରକାଶିତ ମୁଖପତ୍ର 'ସବୁଜ ସକାଳ'କୁ ଲୋକାର୍ପିତ କରାଯାଇଥିଲା।

# ଶାନ୍ତି, ସୌହାର୍ଦ୍ଦ୍ୟ ପାଇଁ ସମୂହ ପ୍ରାର୍ଥନା



ମହାକାଳପଡ଼ା ବିଧାୟକ ଡେରାବିଶରେ ମୁସଲମାନ ଭାଇମାନଙ୍କୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି। ଇଦ୍‌ଗାହ ପଡ଼ିଆ ବାହାରେ ବିଧାୟକ ପ୍ରତାପ ଦେବ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି।

**ଡେରାବିଶ(ସ୍ୱ.ପ୍ର.)/ଆଳି/ପାଟକୁରା, (ଡି.ଏନ.ଏ) ୫।୬**

ମୁସଲମାନ ସମ୍ପ୍ରଦାୟର ମୁଖ୍ୟ ପର୍ବ ଇଦ୍-ଉଲ୍-ଫିତର୍ ଡେରାବିଶ ଅଞ୍ଚଳର ବିଭିନ୍ନ ସ୍ଥାନରେ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଗୋଲରାହାଟ ପଞ୍ଚାୟତସ୍ଥିତ ଦେଓବନ୍ଦି ଜୁମା ମସଜିଦ୍, ସୁନିବରେଲି ମସଜିଦ୍, ଛଚିଣା, ବାଲିଆ, ସବଳଙ୍ଗ କଣିପଡ଼ା, କାଉପଡ଼ା, ଓଲଢ଼ି ମିର୍ଜାନଗର, ମନ୍ତ୍ରିପଡ଼ା, ହଳଦିଆ, ନିଆମତପୁର, ମିର୍ଜାପାଟଣା, ମଦିନାବାଗ ପ୍ରମୁଖ ମସଜିଦ୍‌ରେ ସକାଳଠାରୁ ପୂର୍ବାହ୍ନ ସାଢ଼େ ୧୦ଟା ମଧ୍ୟରେ ସମୂହ ନମାଜ ପାଠ କରାଯାଇଥିଲା। ଏଥିରେ ବିଶ୍ୱକଲ୍ୟାଣ, ଭ୍ରାତୃତ୍ୱଭାବ, ଶାନ୍ତି ଓ ସୌହାର୍ଦ୍ଦ୍ୟ ସମୂହ ପ୍ରାର୍ଥନା କରିଥିଲେ। ନମାଜ ପାଠ ପରେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ପାଟକୁରା ବିଧାୟକ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ ରାଉତ, ପାଟକୁରା କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ପ୍ରମୁଖ ମୁସଲମା ନ ଭାଇମାନଙ୍କୁ ଭେଟି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

ସେହିପରି ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତସ୍ଥିତ ଆଳି ଇଦଗାହ ପଡ଼ିଆରେ ପ୍ରାୟ ୧୦ ହଜାର ମୁସଲିମ ଭାଇମାନେ ଏକାଠି ହୋଇ ନମାଜ ପାଠ କରିଥିଲେ। ପଡ଼ିଆ ବାହାରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, ୪ ନଂ. ଜୋନ ଜିଲାପରିଷଦ ସଭ୍ୟା ସତ୍ୟଭାମା ମଲିକ, ଯୁବନେତା ଭୀଷ୍ମ ମହାନ୍ତି, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ମେଣ୍ଢପୁର ସରପଞ୍ଚ ପ୍ରତାପ କୁମାର ସାହୁ, ସମିତିସଭ୍ୟ ସେକ୍ ଆୟୁବ, ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ, ଅଟାଳ ସରପଞ୍ଚ ଅଚ୍ୟୁତାନନ୍ଦ ବଳ, ବିଜେଡି ସଭାପତି ଜଗତାନନ୍ଦ ବଳ ପ୍ରମୁଖ ପହଞ୍ଚି ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମେଣ୍ଢପୁର ପଞ୍ଚାୟତର ଗୋପ, ପଦନପୁର, ରସୁଲପୁର, କଳାପାହାଡ ଆଦି ସ୍ଥାନରେ ଖୁବ୍ ଧୁମଧାମରେ ଇଦ୍‌ପର୍ବ ପାଳିତ ହୋଇଯାଇଛି।

ସେହିପରି ଗରଦପୁର ବ୍ଲକର ନୂଆପଡ଼ା, ତେଣ୍ଡାକୁଡ଼ା, ଚାଟରା, ନଇନପୁର, ପଳସୁଧା ଆଦି ମସ୍‌ଜିଦରେ ସମୂହ ନମାଜ ପାଠ କରାଯାଇଥିଲା। ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ବିଜେଡି ନେତା ସଞ୍ଜୟ ଅଗ୍ରୱାଲା, ରାଜେଶ ଦାସ, ଅରବିନ୍ଦ ମହାପାତ୍ର, ଗରଦପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ବାସୁଦେବ ବେହେରା ପ୍ରମୁଖ ମୁସଲମାନ ଭାଇମାନଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ।


ପାଟକୁରାରେ ସମୂହ ନମାଜ ପାଠ।

# ବିପଦସଙ୍କୁଳ ଘରେ ଚାଲିଛି ଡାକସେବା

**ମାର୍ଶାଘାଇ, ୫।୬ (ଡିଏନଏ):** ମାର୍ଶାଘାଇର କେନ୍ଦ୍ର ସ୍ଥଳରେ ବ୍ରିଟିଶ ଅମଳରୁ ପ୍ରତିଷ୍ଠା କରାଯାଇଥିବା ଡାକଘର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ କର୍ମଚାରୀମାନେ ସେହି ବିପଦସଙ୍କୁଳ ଘରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ତିନି ତାଲା ବିଶିଷ୍ଟ ଏହି ଏଚ୍‌ଏସ୍‌ଜି-୨ କାଟାଗୋରୀର ସବ୍‌ପୋଷ୍ଟ ଅଫିସ ଗୃହର ସମ୍ମୁଖ ଭାଗର ପୂର୍ବପଟ ପିଲାର ଦବି ଯିବା ସହିତ ସେହି ପିଲାରର ଅନେକ ସ୍ଥାନରେ ଲୁହାଛଡ ଏବଂ ରିଙ୍ଗ ଦେଖାଗଲାଣି । ମଝି ତାଲାରେ କାନ୍ଥରେ ବ୍ୟବହାର କରାଯାଇଥିବା ଲୁହାଛଡର ଜାଲି ବାହାରକୁ ଦେଖାଯାଉଛି। ସେହି ଲୁହା ଜାଲିଗୁଡିକ କଳଙ୍କି ଲାଗି ଗଲାଣି। ଘରର ପଛ ଦ୍ୱାର ପାଖର ବିମ୍ ଦବି ଯାଇଥିବାରୁ କବାଟ ବନ୍ଦ କରିବା ସମ୍ଭବପର ହେଉନାହିଁ। ପୋଷ୍ଟମାଷ୍ଟର ବସୁଥିବା ସ୍ଥାନର ଉପରି ଭାଗ ଛାତରେ ପ୍ରାୟ ୬ ଫୁଟ ଲମ୍ବର ବଡଧରଣର ଫାଟ ସୃଷ୍ଟି ହୋଇଛି। ଏହି ପୋଷ୍ଟ ଅଫିସ ଅଧୀନ ୧୧ଟି ଶାଖା ଅଫିସରୁ ଡାକ ଆଣି ଷ୍ଟାମ୍ପିଂ କରାଯାଉଥିବା ସ୍ଥାନ ନିକଟରେ କାନ୍ଥରେ ଅନେକ ଫାଟ ସୃଷ୍ଟି ହୋଇଛି। ପାଚେରୀର ଏକ ସ୍ଥାନ ବଜାରର ମୁଖ୍ୟ ରାସ୍ତା ପଟକୁ ଢଳି ରହିଛି । ଏହା ଯେ କୌଣସି ମୁହୂର୍ତ୍ତରେ ଭାଙ୍ଗି ପଡିବାର ଆଶଙ୍କା ରହିଛି। ପୋଷ୍ଟମାଷ୍ଟରଙ୍କ ରହଣି ପାଇଁ ନିର୍ମାଣ ହୋଇଥିବା ଉପର ମହଲା ଜରାଜୀର୍ଣ୍ଣ ହୋଇପଡିଛି । ପ୍ରାୟ ୧୦ବର୍ଷ ହେବ ଏହି ମହଲା ଏପରି ବିପଦସଙ୍କୁଳ ଅବସ୍ଥାକୁ ଆସି ଯାଇଛି। ଦୁର୍ବଳ ପିଲାର ପଟକୁ ପୋଷ୍ଟ ଅଫିସ କୋଠା ଢଳି ରହିଲା ଭଳି ଦୃଶ୍ୟମାନ ହେଉଛି। ପ୍ରାୟ ୫୦ ବର୍ଷ ପୂର୍ବେ ମୋଟା ମୋଟା ଲୁହା ଛଡ ବ୍ୟବହାର କରାଯାଇ ଏହି ସବ୍ ପୋଷ୍ଟ ଅଫିସ କୋଠା ପୁନଃ ନିର୍ମାଣ କରାଯାଇଥିଲା।


ଜରାଜୀର୍ଣ୍ଣ ଅବସ୍ଥାରେ ପୋଷ୍ଟ ଅଫିସ୍।

ବ୍ରିଟିଶ ଅମଳରେ ନିର୍ମିତ ଗୃହ ଭାଙ୍ଗି ଜରାଜୀର୍ଣ୍ଣ ହୋଇ ପଡିବା ପରେ କିଛି ଦିନ ଭଡା ଘରେ ଡାକଘର କାର୍ଯ୍ୟ ଚାଲୁଥିଲା । ପରେ ୩ ତାଲା ବିଶିଷ୍ଟ ନୂଆ ଘର ତିଆରି ହୋଇ ସେଠାରେ ପୋଷ୍ଟ ଅଫିସ କାର୍ଯ୍ୟ କରି ଆସୁଛି। ହେଲେ ସେହି କୋଠା ଏବେ ବିପଦସଙ୍କୁଳ ଅବସ୍ଥାକୁ ଆସିଗଲାଣି । ଏ ନେଇ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ପରେ ପ୍ରାୟ ୪ ବର୍ଷ ତଳେ ନାମକୁ ମାତ୍ର ମରାମତି କରାଯାଇଥିଲା। ପରେ ଏହାକୁ କମ୍ପ୍ୟୁଟରୀକରଣ ପୋଷ୍ଟ ଅଫିସ ଭାବରେ ଉଦ୍‌ଘାଟନ କରାଯାଇଥିଲା। ଏବେ କୋଠା ବିପଦସଙ୍କୁଳ ହୋଇ ପଡିଥିବା ନେଇ ଭାରପ୍ରାପ୍ତ ପୋଷ୍ଟମାଷ୍ଟର ଅମୀୟ ରଞ୍ଜନ ପୃଷ୍ଟି ଗତ ଏପ୍ରିଲ ୨୪ ତାରିଖରେ କଟକ ନର୍ଥ ଜୋନ୍‌ର ସିଭିଲ୍ ଇଞ୍ଜିନିୟର(ପୋଷ୍ଟାଲ),ଆସିଷ୍ଟାଣ୍ଟ ଡାଇରେକ୍ଟର ମୁଖ୍ୟ ମହାଡାକପାଳ ଭୁବନେଶ୍ୱରଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ତୁରନ୍ତ ସବ୍ ପୋଷ୍ଟ ଅଫିସ କୋଠା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।






# ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧବାର୍ଷିକୀ

**ପାଟକୁରା, ୫।୬ (ଡି.ଏନ୍.ଏ.)**



ସ୍ମୃତିସଭାରେ ଭାଜପା ନେତା ବିଜୟ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।

ପାଟକୁରାର ପୂର୍ବତନ ବିଧାୟକ ତଥା ବିଶିଷ୍ଟ ସମାଜବାଦୀ ନେତା ସ୍ୱର୍ଗତ ଚକ୍ରଧର ଶତପଥୀଙ୍କ ୧୩ଶ ଶ୍ରାଦ୍ଧବାର୍ଷିକ ଉତ୍ସବ ତାଙ୍କ ଜନ୍ମସ୍ଥାନ ଗରଦପୁର ବ୍ଲକ କଳାବୁଦା ଗ୍ରାମରେ ପାଳିତ ହୋଇଯାଇଛି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନଟବର କାନୁନ୍‌ଗୋଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ହିରଣ୍ୟ ମହାନ୍ତି, ଭାଜପା ନେତା ନାରାୟଣ ପ୍ରସାଦ ସ୍ୱାଇଁ, ସାମାଜିକ କର୍ମୀ ଶୈଳେନ୍ଦ୍ର ମହାନ୍ତି, ଦେବେନ୍ଦ୍ର ଶତପଥୀ, ଭାଜପା ନେତା ପ୍ରସନ୍ନ ପଣ୍ଡା, ଅମୀୟ ପରିଜା, ଚିତ୍ତରଞ୍ଜନ ଚୌଧୁରୀ, ନୃସିଂହ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଶତପଥୀ ଜଣେ ଆଦର୍ଶ ରାଜନେତା, ଆଦର୍ଶ ଶିକ୍ଷକ ଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।




## ମନେ ପଡ଼ନ୍ତି

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଲୋକନାଥ ରଥ**
ସିଦ୍ଧମହାବୀର ମୈତ୍ରୀବିହାର, ପୁରୀ
ଆବିର୍ଭାବ: ୨୭।୦୩।୧୯୪୩
ତିରୋଧାନ: ୦୯।୦୬।୨୦୧୩
ଆପଣଙ୍କ ତ୍ୟାଗ, ନିଷ୍ଠା, ଓ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ ପାଇଁ ଦିଗ୍‌ଦର୍ଶନ ହୋଇ ଚିରଦିନ ରହିବେ। ଷଷ୍ଠ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀବର୍ଗ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୩୭୭୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଉପେନ୍ଦ୍ର ବହିଦାର**
ଅବସରପ୍ରାପ୍ତ OSRTC କର୍ମଚାରୀ, ବଲାଙ୍ଗୀର
ଅସୁରମୁଣ୍ଡା, ସୋନପୁର
ଆବିର୍ଭାବ: ୧୫।୦୫।୧୯୩୫
ତିରୋଧାନ: ୨୬।୦୫।୨୦୧୯
ଚାଷକୁ ଅତିରିକ୍ତ କର୍ମମୟ ଜୀବନ ବୋଲି ବାଛିଥିଲେ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସାନପୁଅ- କଷ୍ଟ ବହିଦାର, ସାନବୋହୂ- ସଂଜୁ ବହିଦାର, ନାତୁଣୀ- ରେଣ୍ଟା, ନାତି- ଶିବୁ, ସମୁଦୁଣୀ- ସୁଷମା ପଟ୍ଟନାୟକ ଓ ସମସ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୧୨୮୪୧

**ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅଂଶୁମାନ ସାହୁ**
ଆବିର୍ଭାବ: ୧୧।୦୫।୨୦୦୧
ତିରୋଧାନ: ୨୭।୦୫।୨୦୧୯
ଅଗ୍ନିବର୍ଷା ସମୟରେ କୋଳକୁ ଆସିଲୁ, ଜନ୍ମ ମାସର ୧୬ ଦିନ ପରେ ପରକରି ଚାଲିଗଲୁ, ଯୁକ୍ତ ୨ ପରୀକ୍ଷା ଦେଇଥିଲୁ, ଫଳାଫଳ ଶୁଣିବା ପୂର୍ବରୁ ଅକାଳରେ ଚାଲିଗଲୁ। ଫଳାଫଳ ଶୁଣିବାକୁ ଆମେ ସିନା ଅପେକ୍ଷା କଲୁ କିନ୍ତୁ ଦଇବ ତୋତେ ଆମ କୋଳରୁ ଛଡ଼ାଇ ନେଲା। ତୋର ଅକାଳ ବିୟୋଗ ଆମକୁ ଯେତିକି ମର୍ମାହତ କରିଛି ତାହାଠାରୁ ବେଶି ଦୁଃଖ ଆଣିଛି ଜେଜେ ମା' ଏବଂ ବାପାଙ୍କୁ ଆଣିଛି। ତୁ ସିନା ଛାଡ଼ିଗଲୁ କିନ୍ତୁ ତୁ ଗଲାଠାରୁ ଘରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ନିଷ୍ଠୁର ଭଗବାନଙ୍କ ନିକଟରେ ଏମିତି ପ୍ରାର୍ଥନା କରୁଛି, ତୋ ଆତ୍ମା ଯେଉଁଠାରେ ଥାଉ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଅମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ। ଏତିକି କାମନା କରୁଛି, ବୋଉ ଅନୁପମା ସାହୁ, ବାପା ସତ୍ୟାନନ୍ଦ ସାହୁ, ସାନଭାଇ ଆୟୁଷ୍ମାନ୍ ସାହୁ, ଭଉଣୀ ରୋଜି, ସୋମ୍, ଇଷା, ସୁମନ, ଶ୍ରଦ୍ଧା, ଖୁସୀ, ଓଁମ, ଶୁଭମ, ପୁନମ୍, ଓ ମାମୁ, ମାଇଁ ସପରିବାରବର୍ଗ।
ଧ-୧୨୮୪୨



"ଏସ୍‌ପି-ବିଏସ୍‌ପି ମେଣ୍ଟ ପରୀକ୍ଷାମୂଳକ ଥିଲା। ଏହା ସବୁବେଳେ ସଫଳ ହୋଇ ନ ଥାଏ। ମେଣ୍ଟ ପରସ୍ପରର ଦୁର୍ବଳତା ଜାଣିବାରେ ସହାୟକ ହୋଇଥାଏ।

- ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ



# ଇଦ୍ ପାଳନବେଳେ ହିଂସା

ଶ୍ରୀନଗର,୫।୬(ପି.ଟି.)

ପବିତ୍ର ଇଦ୍-ଉଲ୍-ଫିତର ସାରା ଦେଶରେ ଆନନ୍ଦ ଓ ଉତ୍ସାହର ସହ ପାଳନ କରାଯାଉଥିବାବେଳେ ଜମ୍ମୁ-କଶ୍ମୀରର କେତେକ ସ୍ଥାନରେ ହିଂସା ଦେଖିବାକୁ ମିଳିଛି। ସ୍ଥାନୀୟ ବିକ୍ଷୋଭକାରୀ ଓ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଉପତ୍ୟକାରେ ଇଦ୍ ପାଳନର ଉତ୍ସାହକୁ ଫିକା କରିଦେଇଛି।

ରମଜାନ ମାସର ଶେଷ ଦିନ ବୁଧବାର ଶ୍ରୀନଗରସ୍ଥିତ ହଜରତବଲ ମସ୍‌ଜିଦ୍‌ରେ ହଜାର ହଜାର ମୁସଲମାନ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ସାମୂହିକ ପ୍ରାର୍ଥନା କରିଥିଲେ। ସେହିପରି ନୌଓ୍ବାହାଟ୍ଟାସ୍ଥିତ ଜାମିଆ ମସ୍‌ଜିଦ ଓ ଜିଲା ସଦରମହକୁମାଗୁଡ଼ିକରେ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରୀନଗର ପୁରୁଣା ସହର, କୁପଓ୍ବାଡ଼ା, ସୋପୋର ଓ ଅନନ୍ତନାଗରେ ଇଦ୍ ପ୍ରାର୍ଥନା ପରେ ସ୍ଥାନୀୟ ଯୁବକମାନେ ସୁରକ୍ଷା ବଳକୁ ଟାର୍ଗେଟ କରି ଟେକାମାଡ଼ କରିଥିଲେ। ମୁଖାପିନ୍ଧା ବିକ୍ଷୋଭକାରୀ ଜେଇଏମ୍ ମୁଖ୍ୟ ମାସୁଦ ଆଝାର ଓ ନିହତ ଆତଙ୍କବାଦୀ କମାଣ୍ଡର ଜାକିର ମୁସାଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ଏହାସହ ପାକିସ୍ତାନର ଜାତୀୟ ପତାକା ଓ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ (ଆଇଏସ୍) ପତାକା ଧରି ଉପତ୍ୟକାର ସ୍ୱାଧୀନତା ପାଇଁ ମଧ୍ୟ ସ୍ଲୋଗାନ ଦେଇଥିଲେ। ଯୁବକମାନେ ଜାମିଆ ମସ୍‌ଜିଦ୍‌ରୁ ଏକ ଶୋଭାଯାତ୍ରାରେ ଯାଉଥିବାବେଳେ ସୁରକ୍ଷା ବଳ ସେମାନଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲା। ଫଳରେ ସେମାନେ ଯବାନଙ୍କ ଉପରକୁ ଟେକାମାଡ଼ କରିଥିଲେ। ଶେଷରେ ଯବାନମାନେ ଲୁହବୁହା ବାଷ୍ପ ଓ ପେଲେଟ ଗନ୍ ବ୍ୟବହାର କରିବାକୁ ବାଧ୍ୟ ହୋଇଥିଲେ। ସୁରକ୍ଷା ବଳ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସର୍ବାଧିକ ସଂଯମ ରହିଥିଲା। ପୋଲିସ ସେମାନଙ୍କୁ ଚିହ୍ନଟ କରି ଧରିବା ପାଇଁ ଉଦ୍ୟମ ଚଳାଇଛି। ଐତିହାସିକ ଜାମିଆ ମସ୍‌ଜିଦ୍‌ରେ ବିଚ୍ଛିନ୍ନତାବାଦୀ ନେତା ମିରଓ୍ବାଇଜ୍ ଉମର କହିଛନ୍ତି, ଆମ ଲୋକେ ବହୁତ ତ୍ୟାଗ କରିସାରିଲେଣି। ଭାରତ ଓ ପାକିସ୍ତାନ ମଧ୍ୟରେ ତାତ୍ପର୍ଯ୍ୟପୂର୍ଣ୍ଣ ଆଲୋଚନା ନ ହେବା ଯାଏ ସମସ୍ୟା ଲାଗିରହିବ। ତେଣୁ କେନ୍ଦ୍ରର ନୂଆ ସରକାର କଶ୍ମୀର ସମସ୍ୟାର ସମାଧାନ ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରନ୍ତୁ।

ଅନ୍ୟପକ୍ଷରେ ପୁଲଓ୍ବାମା ଜିଲାରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ମହିଳା ନିହତ ହୋଇଛନ୍ତି। ସିଙ୍ଗୁ-ନରବାଲ ନିବାସୀ ନିଗିନା ବାନୋ ଆତଙ୍କବାଦୀଙ୍କ ଗୁଳିରେ ଟଳିପଡ଼ିଥିବାବେଳେ ଜଣେ ପୁରୁଷ ଗୁରୁତର ହୋଇଥିଲେ। ତାଙ୍କୁ ହସ୍ପିଟାଲକୁ ନିଆଯାଇଛି।



ନୌଓ୍ବାହାଟ୍ଟାରେ ଆଇଏସ୍ ପତାକା ଦେଖାଉଛନ୍ତି ସ୍ଥାନୀୟ ଯୁବକ।

**କଶ୍ମୀର ଅଶାନ୍ତ**

- ମୁଖାଧାରୀ ଦେଖାଇଲେ ଆଇଏସ୍, ପାକିସ୍ତାନ ପତାକା
- ଆତଙ୍କବାଦୀଙ୍କ ସପକ୍ଷରେ ସ୍ଲୋଗାନ
- ବିକ୍ଷୋଭକାରୀ-ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ
- ଆତଙ୍କବାଦୀଙ୍କ ଗୁଳିମାଡ଼ରେ ମହିଳା ନିହତ

## ସଂକ୍ଷେପରେ

### ପ୍ରତିରକ୍ଷା ବଜେଟ କମାଇବ ପାକ୍

**ଇସ୍‌ଲାମାବାଦ,୫।୬(ପି.ଟି.)**-ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ପକ୍ଷରୁ ଏକ ଅପ୍ରତ୍ୟାଶିତ ପଦକ୍ଷେପ ନିଆଯିବା ପାଇଁ ସ୍ଥିର କରାଯାଇଛି। ଆସନ୍ତା ଆର୍ଥିକବର୍ଷରେ ପାକିସ୍ତାନର ପ୍ରତିରକ୍ଷା ବଜେଟ ହ୍ରାସ କରିବା ପାଇଁ ସେଠାକାର ସେନା ଓ ସରକାର ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନୀ ସେନାର ମିଡିଆ ୱିଙ୍ଗ୍ ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍) ମହାନିର୍ଦ୍ଦେଶକ ମେଜର ଜେନେରାଲ ଆସିଫ୍ ଗଫୁର ମଙ୍ଗଳବାର ଏକ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏହି ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି।

### ଅଯୋଧ୍ୟା ଯିବେ ଉଦ୍ଧବ

**ମୁମ୍ବାଇ,୫।୬(ପି.ଟି.)**-ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଦଳର ସମସ୍ତ ୧୮ ନବନିର୍ବାଚିତ ଲୋକ ସଭା ସଦସ୍ୟଙ୍କୁ ନେଇ ଅଯୋଧ୍ୟା ଭ୍ରମଣରେ ଯିବେ। ଗତବର୍ଷ ନଭେମ୍ବରରେ ଉଦ୍ଧବ ଅଯୋଧ୍ୟା ଯାଇ ଲୋକ ସଭା ନିର୍ବାଚନ ପୂର୍ବରୁ ତୁରନ୍ତ ସେଠାରେ ରାମମନ୍ଦିର ନିର୍ମାଣ କରାଯିବା ଲାଗି ଦାବି କରିଥିଲେ। ସେତେବେଳେ ଶିବସେନା ଓ ଏହାର ସହଯୋଗୀ ଭାଜପା ମଧ୍ୟରେ ସମ୍ପର୍କ ଭଲ ନ ଥିଲା। ପରେ ଲୋକ ସଭା ନିର୍ବାଚନ ଲାଗି ଦୁଇ ଦଳ ପୁଣି ଏକାଠି ହୋଇଥିଲେ। ରାମ ମନ୍ଦିର ସେମାନଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ସେତେବେଳେ ଶିବସେନା କହିଥିଲା। ଆସନ୍ତା ୧୭ରୁ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେଉଥିବାବେଳେ କେଉଁ ଦିନ ଶିବସେନା ଏମ୍‌ପିମାନେ ଅଯୋଧ୍ୟା ଯିବେ ଏବଂ ଦଳର କ'ଣ ଆଭିମୁଖ୍ୟ ରହିବ ତାହା ଉଦ୍ଧବ ଖୁବ୍‌ଶୀଘ୍ର ସ୍ପଷ୍ଟ କରିବେ ବୋଲି ଦଳର ମିଡିଆ ସେଲ୍ ଦାୟିତ୍ୱରେ ଥିବା ହର୍ଷାଲ ପ୍ରଧାନ କହିଛନ୍ତି।

### ପଶ୍ଚିମବଙ୍ଗରେ ମ୍ୟୁନିସିପାଲିଟି କବ୍‌ଜା କଲା ଭାଜପା

**କୋଲକାତା,୫।୬(ପି.ଟି.)**-ପଶ୍ଚିମବଙ୍ଗରେ ପ୍ରଥମ ଥର ଲାଗି ଭାଜପା ଏକ ମ୍ୟୁନିସିପାଲିଟିକୁ କବ୍‌ଜା କରିଛି। ଲୋକ ସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଭାଟପଡା ପୌରପାଳିକାର ଅଧିକାଂଶ ତୃଣମୂଳ କଂଗ୍ରେସ କାଉନସିଲର ଭାଜପାରେ ସାମିଲ ହେବା ଫଳରେ ଏହା ଗୈରିକ ଦଳ ନିୟନ୍ତ୍ରଣକୁ ଆସିଛି। ଉକ୍ତ ମ୍ୟୁନିସିପାଲିଟିର କାର୍ଯ୍ୟକାଳ ୨୦୨୦ ପର୍ଯ୍ୟନ୍ତ ରହିଛି। ମଙ୍ଗଳବାର ବସିଥିବା ବୋର୍ଡ ବୈଠକରେ ୩୪ ୱାର୍ଡରୁ ଭାଜପାକୁ ୨୬ ଭୋଟ ମିଳିଥିଲା। ଅନ୍ୟ ୮ କାଉନସିଲର ଅନୁପସ୍ଥିତ ଥିଲେ।

### କର୍ଣ୍ଣାଟକ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଯୋଜନା

**ବେଙ୍ଗାଲୁରୁ,୫।୬(ପି.ଟି.)**-କର୍ଣ୍ଣାଟକର ଶାସକ କଂଗ୍ରେସ-ଜେଡିଏସ୍ ମେଣ୍ଟରେ ସଙ୍କଟ ଦେଖାଦେଇଥିବାବେଳେ ଏହାକୁ ଦୂର କରିବା ଲାଗି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଅସନ୍ତୁଷ୍ଟ ବିଧାୟକ ରାମଲିଙ୍ଗା ରେଡ୍ଡୀଙ୍କୁ ଏହି ସମ୍ପ୍ରସାରଣ ବେଳେ ମନ୍ତ୍ରୀପଦ ସୁଯୋଗ ମିଳିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା ସୂଚନା ଦେଇଛନ୍ତି। କଂଗ୍ରେସ-ଜେଡିଏସ୍ ମେଣ୍ଟରେ ଲାଗି ରହିଥିବା ଅସନ୍ତୁଷ୍ଟ ଦୂର ଲାଗି ସିଦ୍ଦରମେୟା ଏବଂ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀଙ୍କ ମଧ୍ୟରେ ଆଲୋଚନା ହୋଇଛି। କିଛି ଅସନ୍ତୁଷ୍ଟ ନେତାଙ୍କୁ ବାଟ ଛାଡିଦେବା ଲାଗି କେତେଜଣ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କୁହାଯାଇପାରେ। ପ୍ରଥମେ ୩ ଖାଲି ପଦବୀ ପୂରଣ ପରେ ଆବଶ୍ୟକ ପଡିଲେ ମନ୍ତ୍ରୀମାନଙ୍କ ବିଭାଗରେ ଅଦଳବଦଳ କରାଯିବ।

### ଇତିହାସର ଆଇନାରେ

### ଜୁନ୍ ୬ର ପ୍ରମୁଖ ଘଟଣା

୧୯୮୧ ମସିହା ଜୁନ୍ ୬ ତାରିଖରେ ବିହାରରେ ଭୟଙ୍କର ଟ୍ରେନ ଦୁର୍ଘଟଣା ଘଟି ୫୦୦ ଲୋକଙ୍କ ପ୍ରାଣହାନି ଘଟିଥିଲା। ଯାତ୍ରୀବାହୀ ଟ୍ରେନରେ ୯୦୦ ଲୋକ ଯାତ୍ରା କରୁଥିଲେ। ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ହୋଇ ବାଗ୍‌ମତି ନଦୀରେ ଖସିପଡ଼ିଥିଲା।

୧୯୯୩ ମସିହା ଜୁନ୍ ୬ ତାରିଖରେ ମଙ୍ଗୋଲିଆରେ ପ୍ରଥମ ଥର ଲାଗି ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ଏନ୍‌ଡିପି-ଏମ୍‌ଏସ୍‌ଡିପି ପାର୍ଟି ବିଜୟ ଲାଭ କରିଥିଲା। ରାଷ୍ଟ୍ରପତିଭାବେ ପୁଲସାନ୍‌ମାଗିନ୍ ଓଚିର୍‌ବାଟ୍ ନିର୍ବାଚିତ ହୋଇଥିଲେ।

## ■ତାଲିକା ଜାରିକଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

# ଟାର୍ଗେଟରେ ୧୦ ଆତଙ୍କବାଦୀ

ନୂଆଦିଲ୍ଲୀ,୫।୬(ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରରୁ ଆତଙ୍କବାଦର ମୂଳପୋଛ ପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ସଂକଳ୍ପବଦ୍ଧ। ଏଥିଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଦାୟିତ୍ୱ ନେବା ପରେ ତତ୍ପରତା ଦେଖାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ୧୦ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀଙ୍କ ତାଲିକା ଜାରି କରାଯାଇଛି।

ଜମ୍ମୁ-କଶ୍ମୀର ପୋଲିସ, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି)କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ୧୦ ଜଣିଆ ଆତଙ୍କବାଦୀଙ୍କ ତାଲିକା ପ୍ରଦାନ କରାଯାଇଛି। ଏଥିରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍), ଲଶ୍କର-ଇ-ତୋଇବା (ଏଲ୍‌ଇଟି), ହିଜ୍‌ବୁଲ୍ ମୁଜାହିଦ୍ଦିନ୍ ଏବଂ ଅଲ୍ ବଦର୍ ଆତଙ୍କବାଦୀଙ୍କ ନାମ ରହିଛି। ୧୦ ଶୀର୍ଷ ଆତଙ୍କବାଦୀଙ୍କ ମଧ୍ୟରୁ ୬ ଜଣ ହିଜ୍‌ବୁଲର ହୋଇଥିବାବେଳେ ୨ ଜେଇଏମ୍ ଏବଂ ଏଲ୍‌ଇଟି ଓ ଅଲ୍ ବଦର ସଙ୍ଗଠନର ଜଣେ ଲେଖାଏ ରହିଛନ୍ତି। ଏଲ୍‌ଇଟି କମାଣ୍ଡର ୱାସିମ୍ ଅହମ୍ମଦ ଓରଫ୍ ଓସାମା ଓ ହିଜ୍‌ବୁଲ କମାଣ୍ଡର ରିୟାଜ୍ ନାଇକୁ ଓରଫ ମହମ୍ମଦ ବିନ୍ କାସିମ୍ ଶୋପିଆନ୍ ଜିଲାରେ ସକ୍ରିୟ ରହିଛନ୍ତି। ସେହିପରି ହିଜ୍‌ବୁଲ୍‌ର ଅନନ୍ତନାଗ ଜିଲା କମାଣ୍ଡର ମହମ୍ମଦ ଅସ୍ରଫ୍ ଖାନ୍, ବାରାମୂଲା ଜିଲା କମାଣ୍ଡର ମେହରାଜ-ଉଦ୍ଦିନ, ଶ୍ରୀନଗର କ୍ୟାଡର ଡକ୍ଟର ସୈଫୁଲ୍ଲା, ପୁଲଓ୍ବାମା ଜିଲା କମାଣ୍ଡର ଅର୍ଶଦ-ଉଲ୍-ହକ୍ ଓ ଅଜାଜ୍ ଅହମ୍ମଦ ମଲିକ୍ ମଧ୍ୟ ଉକ୍ତ ତାଲିକାରେ ରହିଛନ୍ତି। ଅନୁରୂପ ଭାବେ ଜାଭେଦ ମାଟ୍ଟୁ, ଜାହିଦ୍ ଶେଖ୍ ଓ ପାକିସ୍ତାନୀ ଆତଙ୍କବାଦୀ ହାଫିଜ୍ ଉମରଙ୍କ ନାମ ମଧ୍ୟ ଏଥିରେ ରହିଛି। ସେମାନଙ୍କୁ ନିପାତ କରିବା ପାଇଁ ସୁରକ୍ଷା ବଳ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି।

ଗତ ୧ ତାରିଖରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ସ୍ୱରାଷ୍ଟ୍ର ସଚିବ ରାଜୀବ ଗଉବା, ଗୋଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ରାଜୀବ ଜୈନ, ବହିର୍ବ୍ୟାପାର ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ମୁଖ୍ୟ ଅନିଲ ଧସମାନା ପ୍ରମୁଖ ଉପସ୍ଥିତ ଥିଲେ। ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତି ସମୀକ୍ଷା ପରେ ଶାହ ଆତଙ୍କବାଦ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଜାମା ମସ୍‌ଜିଦ୍‌ରେ ପାକ୍ ବହିର୍ବ୍ୟାପାର ସଚିବ

ନୂଆଦିଲ୍ଲୀ,୫।୬(ପି.ଟି.)

ତିନିଦିନିଆ ଭାରତ ଗସ୍ତରେ ଆସିଥିବା ପାକିସ୍ତାନର ବହିର୍ବ୍ୟାପାର ସଚିବ ସୋହାଇଲ୍ ମେହମୁଦ ବୁଧବାର ନୂଆଦିଲ୍ଲୀସ୍ଥିତ ସପ୍ତଦଶ ଶତାବ୍ଦୀର ଜାମା ମସ୍‌ଜିଦ୍‌ରେ ଇଦ୍ ପ୍ରାର୍ଥନା କରିଛନ୍ତି। ଦିଲ୍ଲୀର ଛାତ୍ରଙ୍କ ସହ ସେ ସାମୂହିକ ପ୍ରାର୍ଥନାରେ ଭାଗନେଇଛନ୍ତି। ଏହି ଅବସରରେ ଦୁଇଦେଶ ମଧ୍ୟରେ ଆଲୋଚନା ଜରିଆରେ ମତଭେଦ ଦୂର ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଗତ ଏପ୍ରିଲରେ ବହିର୍ବ୍ୟାପାର ସଚିବ ଭାବେ ଦାୟିତ୍ୱ ନେବା ପୂର୍ବରୁ ମେହମୁଦ ଭାରତରେ ପାକିସ୍ତାନର ଉଚ୍ଚାୟୁକ୍ତ ଭାବେ ଅବସ୍ଥାପିତ ଥିଲେ।

## ବାଂଲାଦେଶ ସୀମାରେ ମିଠା ଦିଆନିଆ

ଅଗରତାଲା/ଅଜଓ୍ବଲ,୫।୬(ପି.ଟି.)

ପବିତ୍ର ଇଦ୍-ଉଲ୍-ଫିତର ପାଳନ ଅବସରରେ ବୁଧବାର ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଏବଂ ବାଂଲାଦେଶ ସୀମା ଗାର୍ଡ (ବିଜିବି) ମଧ୍ୟରେ ମିଷ୍ଟାନ୍ନ ଆଦାନ ପ୍ରଦାନ କରାଯାଇଛି। ଉଭୟ ପକ୍ଷ ମିଠା ଓ ଫୁଲ ଦେଇ ପରସ୍ପରକୁ ଅଭିନନ୍ଦନ ଜଣାଇଛନ୍ତି। ବାଂଲାଦେଶ ସହ ରହିଥିବା ପଶ୍ଚିମବଙ୍ଗ, ତ୍ରିପୁରା, ଆସାମ, ମିଜୋରାମ ଓ ମେଘାଳୟର ୪,୦୯୬ କି.ମି. ସୀମାର ବିଭିନ୍ନ ସ୍ଥାନରେ ଉଭୟ ପଟର ସୁରକ୍ଷା ବଳ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ କରାଯାଇଛି।



ମସ୍କୋରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଚାଇନା ପ୍ରତିପକ୍ଷ କରମର୍ଦ୍ଦନ କରୁଛନ୍ତି।

# ଥମୁନି ଭାଷା ବିବାଦ

ଲକ୍ଷ୍ନୌ,୫।୬(ପି.ଟି.)

**ତାମିଲକୁ ସରକାରୀ ଭାଷା କରିବା ଲାଗି ଷ୍ଟାଲିନ୍‌ଙ୍କ ଦାବି**



**ଅନ୍ୟ ରାଜ୍ୟରେ ତାମିଲକୁ ଇଚ୍ଛାଧୀନ ଭାଷା କରାଯାଉ: ପାଲାନିସ୍ୱାମୀ**



କେନ୍ଦ୍ର ସରକାରଙ୍କ ତ୍ରିଭାଷୀ ସୂତ୍ରକୁ ଜୋରଦାର ବିରୋଧ ପରେ ସମସ୍ତ କେନ୍ଦ୍ରୀୟ ସରକାରୀ କାର୍ଯ୍ୟାଳୟରେ ତାମିଲକୁ ସରକାରୀ ଭାଷା ଭାବେ ବ୍ୟବହାର କରିବା ଲାଗି ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ ବୁଧବାର ଦାବି କରିଛନ୍ତି। ଅନ୍ୟପକ୍ଷରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏଡାପ୍ପାଡି କେ. ପାଲାନିସ୍ୱାମୀ ତାମିଲ ଭାଷାକୁ ଅନ୍ୟ ରାଜ୍ୟଗୁଡ଼ିକରେ ଇଚ୍ଛାଧୀନ ଭାଷା ଭାବେ ଶିକ୍ଷାଦାନ କରାଯିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟୁଇଟ୍ କରି ଅନୁରୋଧ କରିଛନ୍ତି। ତାମିଲକୁ କେନ୍ଦ୍ର ସ୍ତରରେ ସରକାରୀ ଭାଷା କରିବା ଲାଗି ଆମେ ଶପଥ ନେବା ଉଚିତ ଏବଂ ଏଥିପାଇଁ ଡିଏମ୍‌କେ ସମର୍ଥନ ଜାରି ରଖିବ ବୋଲି ଷ୍ଟାଲିନ୍ ଖବରଦାତାମାନଙ୍କୁ କହିଛନ୍ତି।

ତ୍ରିଭାଷୀ ସୂତ୍ର ନାମରେ କେନ୍ଦ୍ର ସରକାର ହିନ୍ଦୀଶିକ୍ଷାକୁ ଜବରଦସ୍ତ ଲାଗୁ କରିବାକୁ ଉଦ୍ୟମ କରୁଥିଲେ। ତାମିଲନାଡୁରେ ବିରୋଧ ପରେ ଉକ୍ତ ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇଛନ୍ତି। ଅଣହିନ୍ଦୀ ଭାଷୀ ରାଜ୍ୟରେ ହିନ୍ଦୀକୁ ଜବରଦସ୍ତ ଲଦିଦେବା ଘଟଣାରେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା କେନ୍ଦ୍ର ସରକାରଙ୍କୁ କଡା ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ ତାମିଲନାଡୁରେ ଉତ୍ତେଜନା ଲାଗି ରହିଥିବାବେଳେ ମୁଖ୍ୟମନ୍ତ୍ରୀ ପାଲାନିସ୍ୱାମୀ ତାମିଲକୁ ଇଚ୍ଛାଧୀନ ଭାଷା ଭାବେ ଅନ୍ୟ ରାଜ୍ୟରେ ପ୍ରଚଳନ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହାକୁ ନେଇ ବିବାଦ ଦେଖାଦେବା ପରେ ସେ ଉକ୍ତ ଟୁଇଟ୍‌କୁ ଲିଭାଇଦେଇଛନ୍ତି।

## ଆର୍‌ଏଲ୍‌ଡି ଏକାକୀ ଉପନିର୍ବାଚନ ଲଢ଼ିବ

ଲକ୍ଷ୍ନୌ,୫।୬(ପି.ଟି.)

ଉତ୍ତରପ୍ରଦେଶର ୧୧ଟି ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଥିବାବେଳେ ସମାଜବାଦୀ ପାର୍ଟି (ଏସ୍‌ପି) ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମେଣ୍ଟରୁ ଓହରିଯାଇ ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ଦିନକ ପରେ ମେଣ୍ଟର ତୃତୀୟ ସହଯୋଗୀ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ମଧ୍ୟ ଆଗାମୀ ଉପନିର୍ବାଚନ ଏକାକୀ ଲଢ଼ିବା ଲାଗି ବୁଧବାର ଘୋଷଣା କରିଛି। ତେବେ ମେଣ୍ଟ ଅତୁଟ ରହିବ ବୋଲି ଆର୍‌ଏଲ୍‌ଡି ଅଧ୍ୟକ୍ଷ ମାସୁଦ ଅହମ୍ମଦ ଆଶାବ୍ୟକ୍ତ କରିଛନ୍ତି। ଦଳ କେତୋଟି ଆସନରେ ଉପନିର୍ବାଚନ ଲଢ଼ିବ ସେ ନିଷ୍ପତ୍ତି ଏହାର ମୁଖ୍ୟ ଚୌଧରୀ ଅଜିତ ସିଂ ଏବଂ ଜୟନ୍ତ ଚୌଧରୀ ନେବେ। ଏ ସମ୍ପର୍କରେ ବୈଠକରେ ଆଲୋଚନା ହେବ ବୋଲି ଅହମ୍ମଦ କହିଛନ୍ତି। ଆରଏଲ୍‌ଡି ସମାଜବାଦୀ ପାର୍ଟି ସହ ଥିଲା ଏବଂ ଅଖିଳେଶଙ୍କ କୋଟାରୁ ଆମକୁ ଲୋକ ସଭା ନିର୍ବାଚନ ଲଢ଼ିବାକୁ ଆସନ ମିଳିଥିଲା ବୋଲି ସେ କହିଛନ୍ତି।

# ଟିଏମ୍‌ସି ନେତାଙ୍କୁ ହତ୍ୟା

କୋଲକାତା,୫।୬

**ସିସିଟିଭିରେ ଗୁଳିକାଣ୍ଡ ଦୃଶ୍ୟ**

ଉତ୍ତର କୋଲକାତାର ନିମଟାଠାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଜଣେ ନେତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଏହି ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ହତ୍ୟାକାଣ୍ଡ ଲାଗି ଭାଜପା ଓ ଟିଏମ୍‌ସି ପରସ୍ପରକୁ ଦୋଷ ଦେଇଛନ୍ତି।

ମଙ୍ଗଳବାର ରାତି ସାଢ଼େ ୭ଟା ବେଳେ ଟିଏମ୍‌ସି ନେତା ନିର୍ମଳ କୁଣ୍ଡୁ ଏକ ଚା' ଦୋକାନ ନିକଟରେ ସ୍ଥାନୀୟ ଲୋକମାନଙ୍କ ସହ କଥା ହେଉଥିବାବେଳେ ଦୁଇ ଅଜଣା ଲୋକ ଏକ ବାଇକରେ ଆସି ତାଙ୍କୁ ଲକ୍ଷ୍ୟ କରି ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। କୁଣ୍ଡୁଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଉତ୍ତର ଦମଦମ୍ ପୌରାଞ୍ଚଳର ୬ ନମ୍ବର ୱାର୍ଡରେ ଟିଏମ୍‌ସିର ମୁଖ୍ୟ ଥିବା କୁଣ୍ଡୁଙ୍କୁ ଭାଜପା ହତ୍ୟା କରିଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷ ଉକ୍ତ ଅଭିଯୋଗକୁ ଖଣ୍ଡନ କରି ଟିଏମ୍‌ସିରେ ଗୋଷ୍ଠୀ ବିବାଦରୁ ଏଭଳି ହତ୍ୟାକାଣ୍ଡ ହୋଇଥିବା କହିଛନ୍ତି। ଜଣେ ଅଭିଯୁକ୍ତଙ୍କ ଘରକୁ ଲୋକେ ଭଙ୍ଗାରୁଜା କରିଛନ୍ତି। ପୋଲିସ କେତେକଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ନମାଜ ପାଠବେଳେ କାର୍ ମାଡ଼ିଗଲା: ୧୭ ଆହତ

**ନୂଆଦିଲ୍ଲୀ,୫।୬(ପି.ଟି.)**-ଇଦ୍ ପାଳନ ଅବସରରେ ବୁଧବାର ପୂର୍ବ ଦିଲ୍ଲୀର ଖୁରେଜି ଅଞ୍ଚଳରେ ଥିବା ଏକ ମସ୍‌ଜିଦରେ ନମାଜ ପାଠ ଚାଲିଥିବାବେଳେ ଦ୍ରୁତଗାମୀ କାର ମାଡିଯିବାରୁ ୧୭ ଜଣ ଆହତ ହୋଇଛନ୍ତି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସୁରକ୍ଷାରେ ତ୍ରୁଟିକୁ ନେଇ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆହତ ୧୭ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଡ୍ରାଇଭରଙ୍କୁ ଚିହ୍ନଟ କରାଯାଇଛି ଓ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ଉପକମିଶନର ମେଘନା ଯାଦବ କହିଛନ୍ତି। ଇଦ୍‌ବେଳେ ସୁରକ୍ଷାରେ କିପରି ତ୍ରୁଟି ଘଟିଲା ତାହାର ତଦନ୍ତ ଚାଲିଥିବା ସେ କହିଛନ୍ତି।





ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଆଂଶିକ ମେଘୁଆ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଅପରାହ୍ଣରେ ଘଡଘଡି ସହ ବର୍ଷା ଓ ପବନ ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୬ | ୨୫.୪ |
| ଚାନ୍ଦବାଲି | ୩୭.୭ | ୨୯.୮ |
| କଟକ | ୩୬.୫ | ୨୬.୬ |
| ପାରାଦ୍ୱୀପ | ୩୨.୫ | ୨୮.୯ |
| ଭୁବନେଶ୍ୱର | ୩୭.୨ | ୨୮.୪ |
| ଗୋପାଳପୁର | ୩୧.୨ | ୨୭.୮ |
| ପୁରୀ | ୩୪.୦ | ୨୮.୬ |
| ଅନୁଗୋଳ | ୪୨.୧ | ୨୪.୦ |
| ବାରିପଦା | ୩୭.୦ | ୨୮.୦ |
| ଝାରସୁଗୁଡ଼ା | ୪୫.୨ | ୨୮.୫ |
| କେନ୍ଦୁଝର | ୩୭.୭ | ୨୫.୨ |
| ସମ୍ବଲପୁର | ୪୩.୨ | ୨୯.୧ |
| ସୁନ୍ଦରଗଡ଼ | ୪୧.୦ | ୨୨.୦ |
| ହୀରାକୁଦ | ୪୨.୯ | ୨୯.୦ |
| ତାଳଚେର | ୩୯.୧ | ୨୭.୦ |
| ଭବାନୀପାଟଣା | ୪୦.୦ | ୨୮.୫ |
| ବଲାଙ୍ଗୀର | ୪୦.୦ | ୨୬.୦ |
| କୋରାପୁଟ | ୩୪.୬ | ୨୧.୬ |
| ଫୁଲବାଣୀ | ୪୦.୦ | --- |
| ଟିଟିଲାଗଡ଼ | ୪୨.୨ | --- |
| ମାଲକାନଗିରି | ୪୦.୬ | ୨୩.୦ |
| ସୋନପୁର | ୪୧.୨ | ୨୩.୦ |
| ଦାରିଙ୍ଗିବାଡ଼ି | ୩୫.୦ | ୨୩.୦ |

ଡିଗ୍ରୀ ସେଲ୍‌ସିୟସ୍

## ■ ଭାରତରେ ବଢ଼ୁଛି ବାୟୁ ପ୍ରଦୂଷଣ

# ବର୍ଷକୁ ନେଉଛି ଲକ୍ଷେ ଶିଶୁଙ୍କ ଜୀବନ





ନୂଆଦିଲ୍ଲୀ,୫।୬

ବାୟୁ ପ୍ରଦୂଷଣର ମାତ୍ରା ବୃଦ୍ଧି ଏବେ ପରିବେଶକୁ ବିଗାଡ଼ିଦେଲାଣି। ଏଥିଯୋଗୁ ପ୍ରତିବର୍ଷ ଭାରତରେ ୫ ବର୍ଷରୁ କମ୍ ବୟସର ପ୍ରାୟ ୧ ଲକ୍ଷ ଶିଶୁ ପ୍ରାଣ ହରାଉଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଦେଶରେ ୧୨.୫ ପ୍ରତିଶତ ମୃତ୍ୟୁ ଏଥିଯୋଗୁ ହେଉଥିବା ପ୍ରକାଶ। ପରିବେଶ ସମ୍ପର୍କିତ ଥିଙ୍କ ଟ୍ୟାଙ୍କ ସିଏସ୍‌ଇ'ର ଷ୍ଟେଟ୍ ଅଫ୍ ଇଣ୍ଡିଆଜ୍ ଏନ୍‌ଭାର୍ନମେଣ୍ଟ ରିପୋର୍ଟ କହୁଛି, ଭାରତର ପ୍ରତି ୧୦ ହଜାରରେ ୮.୫ ଶିଶୁ ୫ ବର୍ଷ ପୂରିବା ପୂର୍ବରୁ ଏଥିଯୋଗୁ ପ୍ରାଣ ହରାଉଛନ୍ତି। ଝିଅମାନଙ୍କ କ୍ଷେତ୍ରରେ ଏହି ହାର ୯.୬ ଥିବା ଦର୍ଶାଯାଇଛି। ବାୟୁ ପ୍ରଦୂଷଣକୁ ରୋକିବା ଲାଗି ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଏପର୍ଯ୍ୟନ୍ତ ସଫଳ ରୂପ ନେଇ ନ ଥିବା ଦର୍ଶାଯାଇଛି।

ଗ୍ଲୋବାଲ୍ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୧୭ରେ ବାୟୁ ପ୍ରଦୂଷଣ ଯୋଗୁ ଭାରତରେ ୧.୨ ନିୟୁତ ଲୋକ ପ୍ରାଣ ହରାଇଛନ୍ତି। ଗ୍ରୀନ୍‌ପିସ୍ ରିପୋର୍ଟରେ ଦେଶର ରାଜଧାନୀ ସହର ନୂଆଦିଲ୍ଲୀକୁ ଭାରତର ସବୁଠାରୁ ପ୍ରଦୂଷିତ ସହରଭାବେ ପରିଗଣିତ କରାଯାଇଛି। ତେବେ ଏହି ରିପୋର୍ଟକୁ ପୂର୍ବତନ ପରିବେଶ ମନ୍ତ୍ରୀ ତଥା ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଖାରଜ କରିଛନ୍ତି। ୨୦୧୩ରୁ ଇ-ଭେହିକଲ ପ୍ରଚଳନ କରାଯାଇଥିବାବେଳେ ଉଦ୍ଦେଶ୍ୟ ପୂରଣ କରିବା କ୍ଷେତ୍ରରେ ଏହା ବହୁ ପଛରେ ପଡ଼ିଥିବା କୁହାଯାଇଛି।

ଜଳବାୟୁ ପରିବର୍ତ୍ତନ ବିଶ୍ୱ ଅର୍ଥନୀତି ଲାଗି ଏବେ ବିପଦ ସୃଷ୍ଟିକରିଛି। ଭାରତର ସବୁଜ ଗୃହ ବାଷ୍ପ ନିର୍ଗମନ ୨୦୧୦ରୁ ୨୦୧୪ ମଧ୍ୟରେ ୨୨ ପ୍ରତିଶତ ବୃଦ୍ଧି ପାଇଛି। ଶିଳ୍ପ ଓ ଶକ୍ତି କ୍ଷେତ୍ର ବୃଦ୍ଧି, ଜଙ୍ଗଲ ନିଆଁ ପରିବେଶକୁ ଅଧିକ ପ୍ରଦୂଷିତ କରିପକାଉଛି। ଏଥିପ୍ରତି ସତର୍କ ଓ ସଚେତନ ନ ହେଲେ ପରିସ୍ଥିତି ଅଧିକ ବିଗିଡ଼ିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଥିପ୍ରତି ସରକାର ଓ ବ୍ୟକ୍ତିବିଶେଷ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ଦର୍ଶାଯାଇଛି।

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୱେବ୍‌ସାଇଟରେ ଡ. ରାମଚନ୍ଦାନୀ

ଧରିତ୍ରୀ ପ୍ରଭାବ

**ଚିପିଲିମା,୫।୬(ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ମେଡିକାଲ କଲେଜ ଓ ହସ୍ପିଟାଲର ସିନିୟର ରେସିଡେଣ୍ଟ ଡାକ୍ତର ଶଙ୍କର ରାମଚନ୍ଦାନୀ ସବୁବେଳେ ଅନ୍ୟ ଡାକ୍ତରମାନଙ୍କଠାରୁ ଅଲଗା ଓ ବ୍ୟତିକ୍ରମ। କେବେ ରାସ୍ତାକଡରୁ ରୋଗୀ ଓ ଅସହାୟ ଲୋକଙ୍କୁ ନିଜ କାରରେ ଉଠାଇ ମେଡିକାଲ ନିଅନ୍ତି ତ ପୁଣି କେବେ ସେମାନଙ୍କୁ ନେଇ ଘରେ ପହଞ୍ଚାନ୍ତି। ଅନେକ ଗରିବ ରୋଗୀ ଓ ଅସହାୟଙ୍କୁ ଆର୍ଥିକ ସହାୟତା ବି କରନ୍ତି। ଅନେକକ୍ଷେତ୍ରରେ ନିଜର ମାସକର ଦରମା ସମ୍ପୂର୍ଣ୍ଣ ଦାନ କରିଦେବା ମଧ୍ୟ ନଜିର ରହିଛି। ଏହିଭଳି ଭାବେ ସେ ତାଙ୍କ କାର୍ଯ୍ୟ ପାଇଁ ସବୁବେଳେ ଚର୍ଚ୍ଚାରେ ରହନ୍ତି। ଏଇ ନିକଟରେ ସେ କାରରେ ଯାଉଥିବା ବେଳେ ବୁର୍ଲା କୁଷ୍ଠ କଲୋନୀ ପାଖରେ ଜଣେ କୁଷ୍ଠ ରୋଗୀ (ବୃଦ୍ଧ) ରାସ୍ତା ପାର ହୋଇ ପାରୁ ନ ଥିବା ଦେଖିଥିଲେ। ଏହାପରେ ସେ କାରକୁ ସାଇଡ୍ କରି ସମ୍ପୃକ୍ତ ବୃଦ୍ଧଙ୍କୁ କୋଳେଇ ଧରି ରାସ୍ତା ସେପଟେ ଥିବା କୁଡିଆରେ ଛାଡିଥିଲେ। ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଦୈନିକ 'ଧରିତ୍ରୀ' ଓ 'ଓଡିଶା ପୋଷ୍ଟ' ସହ ଧରିତ୍ରୀ ଏବଂ ଓଡିଶା ପୋଷ୍ଟର ୱେବପୋର୍ଟାଲରେ ମଧ୍ୟ ପ୍ରଥମେ ଖବର ପ୍ରକାଶ ପାଇଥିଲା। ଏହା ଏବେ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିଛି। ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କ ଏହି ପେପର କ୍ଲିପିଂ ଏବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୱେବ୍‌ସାଇଟରେ ସ୍ଥାନ ପାଇଛି। ଅନ୍ୟମାନଙ୍କ ପାଇଁ ଏହା ଉଦାହରଣ ବୋଲି ଦର୍ଶାଯାଇଛି। ଏଣୁ ଏବେ ଡାକ୍ତର ରାମଚନ୍ଦାନୀ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଏ ନେଇ ତାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ସରକାର ଏହାକୁ ଅନ୍ୟମାନଙ୍କ ପାଇଁ ଉଦାହରଣ ଦେଇଥିବାରୁ ସମାଜକୁ ଏକ ଭଲ ବାର୍ତ୍ତା ଯାଇଛି। ଆମେମାନେ କୁଷ୍ଠରୋଗୀଙ୍କୁ ଆଦୌ ଘୃଣା କରିବା ଅନୁଚିତ। ଛୁଇଁଲେ କୁଷ୍ଠରୋଗ ବ୍ୟାପେ ନାହିଁ। ହେଲେ ଆମମାନଙ୍କ ଭିତରେ ଥିବା ଭୁଲ୍ ଧାରଣ ଯୋଗୁ ଆମ ଚାରିପାଖ, ପରିବାର ଓ ସମାଜରେ ଥିବା କୁଷ୍ଠରୋଗୀମାନେ ଆଜି ଅବହେଳିତ ଆଉ ଘୃଣାର ପାତ୍ର। ଶିକ୍ଷିତ ସମାଜରେ ଆମେମାନେ ପରିବର୍ତ୍ତନ ଆଣିବାକୁ ସେ ଆହ୍ୱାନ ଦେଇଛନ୍ତି।

# ଜିଲା କଂଗ୍ରେସ ନେତାଙ୍କ ଉପରେ ଦୋଷ ଲଦିଲେ ଜର୍ଜ ତିର୍କୀ

**ରାଉରକେଲା ଅଫିସ/ ଭୁବନେଶ୍ୱର(ବ୍ୟୁରୋ), ୫।୬**



ଖବରଦାତା ସମ୍ମିଳନୀରେ ଜର୍ଜ ତିର୍କୀ ଓ ଅନ୍ୟମାନେ।

■ଇଭିଏମ୍ ଟାମ୍ପରିଂ ଅଭିଯୋଗ ଆଣିଲେ

■ହାରିଲେ କଂଗ୍ରେସ ଏମିତି କଥା କୁହେ:ଭାଜପା

ନିର୍ବାଚନରେ ପରାଜୟ ପରେ ବୁଧବାର ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଜର୍ଜ ତିର୍କୀ। ଏଥର କଂଗ୍ରେସ ଟିକେଟରେ ସୁନ୍ଦରଗଡ଼ ଲୋକ ସଭା ଆସନରୁ ନିର୍ବାଚନ ଲଢ଼ିଥିବା ତିର୍କୀ ରାଉରକେଲାର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିଜ ପରାଜୟ ପାଇଁ ଜିଲା କଂଗ୍ରେସ ନେତାଙ୍କ ବିଶ୍ୱାସଘାତକତାକୁ ଦାୟୀ କରିଛନ୍ତି । ଅନ୍ୟପକ୍ଷେ ଇଭିଏମ୍ ଟାମ୍ପରିଂ ହୋଇଥିବା ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସୁନ୍ଦରଗଡ ଜିଲାରେ ଆଦୌ ନରେନ୍ଦ୍ର ମୋଦିଙ୍କ ହାୱା ନ ଥିଲା। ଭାଜପା ପ୍ରାର୍ଥୀ ଜୁଏଲ ଓରାମ ଭୋଟ ମାଗିବାକୁ ଆସି ନ ଥିବା ବେଳେ ଏତେ ସଂଖ୍ୟାରେ ଭୋଟ ହାତେଇବା ସନ୍ଦେହ ସୃଷ୍ଟି କରିଛି। ଏହାବ୍ୟତୀତ ଜିଲାବାସୀ ଭିନ୍ନ ଭିନ୍ନ ଦଳ ଓ ପ୍ରାର୍ଥୀଙ୍କୁ ଚଳିତ ନିର୍ବାଚନରେ ଭୋଟ ଦେଇଛନ୍ତି। ଏପରି ଅବସ୍ଥାରେ ଜୁଏଲ ବାବୁ ଆଶ୍ଚର୍ଯ୍ୟଜନକ ଭାବେ ଭୋଟ ପାଇବା ଚକିତ କରିଛି। ଦଳ ଭିତରୁ ଛୁରିକାଘାତ ସତ୍ତ୍ୱେ କଂଗ୍ରେସ ପାଇଥିବା ଭୋଟ ନେଇ ମୁଁ ସନ୍ତୁଷ୍ଟ। ରଘୁନାଥପାଲ୍ଲୀ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ୨୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇବା କମ ବଡ କଥା ନୁହେଁ। ବିରୋଧ, ଷଡଯନ୍ତ୍ର ସତ୍ତ୍ୱେ ମତଦାନ ହାରକୁ ନେଇ ଆମେ ସନ୍ତୁଷ୍ଟ ବୋଲି ଜର୍ଜ କହିଛନ୍ତି ।

ନିର୍ବାଚନ ବେଳେ ସୋସିଆଲ ମିଡିଆରେ ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତି ଆମକୁ ବିକାଶ ବିରୋଧୀ ଆଖ୍ୟା ଦେଇ ଅପପ୍ରଚାର କଲେ। ଅନ୍ୟ ଦ୍ୱାରା ପରିଚାଳିତ ହୋଇ ଯେଉଁମାନେ ଏପରି ସମସ୍ୟା ସୃଷ୍ଟି କଲେ ସେମାନେ ଜାଣି ରଖିବା ଉଚିତ ଯେ ଜର୍ଜ ତିର୍କୀ କେବେ ବିକାଶ ବିରୋଧୀ ନୁହେଁ। ଯେଉଁଠି ଆଦିବାସୀଙ୍କ ସ୍ୱାର୍ଥ ଭୂଲୁଣ୍ଠିତ ହେବା ମୁଁ ଅନୁଭବ କରିଛି ସେଠି କେବଳ ସ୍ୱର ଉତ୍ତୋଳନ କରିଛି। ସାମ୍ବିଧାନ ଓ ଆଇନକୁ ସମ୍ମାନ ଦେବାକୁ ମୁଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଚାପ ସୃଷ୍ଟି କରିଛି। ଯେଉଁମାନେ ଦ୍ୱିତୀୟ ବ୍ରାହ୍ମଣୀ ସେତୁର ସ୍ଥାନ ଓ କୃଷି ବିଜ୍ଞାନ କେନ୍ଦ୍ର ନିରୂପଣ ନେଇ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଲେ ମୁଁ ତାଙ୍କୁ ବିରୋଧ କରିଛି। ଯିଏ ଆଦିବାସୀଙ୍କ ଜମି ଦଖଲ କରି କାରଖାନା କଲା, ପ୍ରଦୂଷଣ ସୃଷ୍ଟି ହେଲା, କ୍ଷେତବାଡି ଉଜାଡିଲା ମୁଁ ତାଙ୍କୁ ବିରୋଧ କରିଛି। ଏହାକୁ କିପରି ବିକାଶ ବିରୋଧୀ କୁହାଯିବ ବୋଲି ଜର୍ଜ ପାଲଟା ପ୍ରଶ୍ନ କରିଥିଲେ। ଦ୍ୱିତୀୟ ବ୍ରାହ୍ମଣୀ ସେତୁ, ମେଡିକାଲ କଲେଜ, କୃଷି ବିଜ୍ଞାନ କେନ୍ଦ୍ର, ବିମାନ ବନ୍ଦର, କୋଏଲ ବ୍ୟାରେଜ, ମହାନଗର ନିର୍ବାଚନ ଆଦି କରାଇବାରେ ଯେଉଁମାନେ ବିଫଳ ହେଲେ ସେମାନଙ୍କୁ ବିକାଶ ବିରୋଧୀ କୁହା ନ ଯିବା ବିଡମ୍ବନା ବୋଲି ଜର୍ଜ କହିଥିଲେ।

ଜନମତ ଯାହା ସପକ୍ଷରେ ଯାଇଛି ସେମାନଙ୍କୁ ଆମେ ସ୍ୱାଗତ କରୁଛୁ। ଜିଲାର ସାମଗ୍ରିକ ବିକାଶ ନେଇ ଆମ ସହଯୋଗ ଅତୁଟ ରହିବ। ଏଥିସହ ଜିଲାବାସୀଙ୍କ ସ୍ୱାର୍ଥ ନେଇ କଂଗ୍ରେସ ଦଳ କେବେ ସାଲିସ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ସେ ଦଳରେ ଥାଇ ବିଶ୍ୱାସଘାତକ କାର୍ଯ୍ୟ କରିଥିବା କେତେଜଣ ବରିଷ୍ଠ ନେତାଙ୍କୁ ଇଙ୍ଗିତ କରିଥିଲେ । ସେମାନଙ୍କୁ ଦଳରୁ ବହିଷ୍କାର କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏନେଇ ସେ ପ୍ରଦେଶ କଂଗ୍ରେସ ଓ କେନ୍ଦ୍ର ପ୍ରଭାରୀଙ୍କୁ ଜଣାଇ ସାରିଥିବା ପ୍ରକାଶ କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ କଂଗ୍ରେସ ଟିକଟରୁ ପ୍ରାର୍ଥୀ ହୋଇଥିବା ରଘୁନାଥପାଲ୍ଲୀର ପ୍ରଶାନ୍ତ ସେଠୀ, ରାଉରକେଲାର ବୀରେନ ସେନାପତି ଓ ବୀରମିତ୍ରପୁର ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ମଞ୍ଚାସୀନ ଥିଲେ।

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ଗତଥର ଅପେକ୍ଷା ଏଥର ଜୁଏଲ ଓରାମ ନିଜ ନିର୍ବାଚନମଣ୍ଡଳୀକୁ ଯାଇ ଲୋକମାନଙ୍କ ବହୁ କାମ କରିଛନ୍ତି। ସୁପରସ୍ପେଶିଆଲିଟି ହସ୍ପିଟାଲ କାର୍ଯ୍ୟ ଆରମ୍ଭ ହୋଇଛି। ବ୍ରାହ୍ମଣୀ ଦ୍ୱିତୀୟ ସେତୁ ଓ ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟ ମଧ୍ୟ କରାଯାଇଛି। ପ୍ରଧାନମନ୍ତ୍ରୀ ମଧ୍ୟ ନିର୍ବାଚନ ପୂର୍ବରୁ ଗସ୍ତ କରିଥିଲେ। ଗତ ୫ବର୍ଷରେ ମୋଦିଙ୍କ ବିଭିନ୍ନ ଯୋଜନା ବଢିବା ଯୋଗୁ ଭାଜପା ଲୋକଙ୍କ ଆସ୍ଥାଭାଜନ ହୋଇପାରିଛି। ଯେତେବେଳେ କଂଗ୍ରେସ ଗୋଟିଏ ଜାଗାରେ ଜିତିବ ସେଠାରେ ଇଭିଏମ୍ ଟାମ୍ପରିଂ ହୁଏ ନାହିଁ। ଯେଉଁଠି କଂଗ୍ରେସ ହାରେ ସେଠାରେ ଇଭିଏମ୍ ଟାମ୍ପରିଂ ହୋଇଥାଏ। ଏଭଳି ଅଭିଯୋଗ କରିବା କଂଗ୍ରେସର ପୁରୁଣା ରୋଗ। ଏଭଳି ଅଭିଯୋଗର କୌଣସି ଯଥାର୍ଥତା ନ ଥିବା ଗୋଲକ କହିଛନ୍ତି।

# ଝାରସୁଗୁଡ଼ାରୁ ଉଡ଼ିଲା ଆଲାଏନ୍ସ ଏୟାର୍ ବିମାନ

**ଝାରସୁଗୁଡ଼ା ଅଫିସ/ ଲଖନପୁର,୫।୬(ଡି.ଏନ୍.ଏ.)**



■ଭିଏସ୍‌ଏସ୍ ବିମାନବନ୍ଦର

■ଭୁବନେଶ୍ୱର, ରାୟପୁରକୁ ଆରମ୍ଭ ହେଲା ସେବା

■ବେଙ୍ଗାଲୁରୁ, ମୁମ୍ବାଇକୁ ସେବା ଯୋଗାଇଦେବାକୁ ଦାବି

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ବୁଧବାର ଭୁବନେଶ୍ୱର ଓ ଛତିଶଗଡ଼ ରାଜଧାନୀ ରାୟପୁରକୁ ଆଲାଏନ୍ସ ଏୟାର ବିମାନସେବା ଆରମ୍ଭ କରିଛି। ଏହାସହ ଯାତ୍ରୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି।

ଆଲାଏନ୍ସ ଏୟାର୍‌ର ଏଟିଆର୍-୭୨ ବିମାନ ୪୦ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ ଉଡ଼ାଣ କରି ଭିଏସ୍‌ଏସ୍ ବିମାନବନ୍ଦରରେ ସକାଳ ୧୦ଟା ୪୫ରେ ପହଞ୍ଚିଥିଲା। ଏହି ବିମାନରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଉଷା ପାଢ଼ୀ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଭୁବନେଶ୍ୱରରୁ ଏଠାକୁ ଆସିଥିଲେ। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିମାନକୁ ୱାଟର ସାଲ୍ୟୁଟ୍ ଦିଆଯାଇଥିଲା। ପରେ ଉକ୍ତ ବିମାନ ପୁଣି ମଧ୍ୟାହ୍ନ ୧୨ଟାରେ ଭିଏସ୍‌ଏସ୍ ବିମାନବନ୍ଦରରୁ ୫୫ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା। ସେହିଭଳି ରାୟପୁରରୁ ଅନ୍ୟ ଏକ ବିମାନ ଭିଏସ୍‌ଏସ୍ ବିମାନବନ୍ଦରରେ ନିର୍ଦ୍ଧାରିତ ସମୟରୁ ବିଳମ୍ବରେ ପହଞ୍ଚିଥିଲା। ପୁଣି ନିର୍ଦ୍ଧାରିତ ସମୟରେ ଭିଏସ୍‌ଏସ୍ ବିମାନବନ୍ଦରରୁ ଯାତ୍ରୀଙ୍କୁ ନେଇ ରାୟପୁର ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଏହି କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଦାସ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଯୁଗ୍ମ ସଚିବ ପାଢୀ, ଭିଏସ୍‌ଏସ୍ ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ ଚୌହାନ, ଆଲାଏନ୍ସ ଏୟାର୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ସି.ଏସ୍. ସୁବେୟା, କମଳ ରାଉଳ, ମନୁ ଆନନ୍ଦ, ଟି.କେ. ଶାହ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଭିଏସ୍‌ଏସ୍ ବିମାନବନ୍ଦରରୁ ବେଙ୍ଗାଲୁରୁ ଓ ମୁମ୍ବାଇକୁ ବିମାନ ସେବା ଯୋଗାଇଦେବାକୁ ଯାତ୍ରୀଙ୍କ ଦାବି ରହିଛି। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ବିଭାଗୀୟ ଯୁଗ୍ମସଚିବ ପାଢ଼ୀଙ୍କୁ ପଚାରିବାରୁ ସେ କହିଲେ, ଝାରସୁଗୁଡ଼ାରେ ରାଜ୍ୟର ଦ୍ୱିତୀୟ ବିମାନବନ୍ଦର ନିର୍ମାଣ ହୋଇଛି। ବିଳମ୍ବରେ ହେଲେ ମଧ୍ୟ ଏଠାରୁ ଦିଲ୍ଲୀ, କୋଲକାତା, ହାଇଦ୍ରାବାଦ, ରାୟପୁର ଓ ଭୁବନେଶ୍ୱର ଆଦି ଦେଶର ୫ ସହରକୁ ବିମାନସେବା ଆରମ୍ଭ ହୋଇଛି। ବିମାନ ସେବାରୁ ବ୍ୟବସାୟିକ ସଫଳତା ମିଳୁଥିବାରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏହାକୁ ଅଧିକ ବୃଦ୍ଧି କରିବାକୁ ଯୋଜନା ଚଳାଇଛି। ବେଙ୍ଗାଲୁରୁ ଓ ମୁମ୍ବାଇ ଭଳି ସହରକୁ ସିଧାସଳଖ ବିମାନ ଯୋଗାଯୋଗ ହୋଇପାରିଲେ ଏଠାରେ ରିଜିଓନାଲ ହବ୍ ସୃଷ୍ଟି ହୋଇପାରିବ। ଆଗାମୀ ଦିନରେ ବିଭାଗ ପକ୍ଷରୁ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ ଅଧିକ ବିମାନ ଚଳାଚଳ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ପାଢ଼ୀ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୮ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଏସ୍‌ଏସ୍ ବିମାନବନ୍ଦରକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ କିଛିଦିନ ବିମାନ ଚଳାଚଳ କରି ବନ୍ଦ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଗତ ମାର୍ଚ୍ଚ ୩୧ରୁ ସ୍ପାଇସ୍‌ଜେଟ୍ କମ୍ପାନୀ ଦିଲ୍ଲୀ, କୋଲକାତା ଓ ହାଇଦ୍ରାବାଦକୁ ସେବା ଆରମ୍ଭ କରିଥିଲା। ଏବେ ଆଲାଏନ୍ସ ଏୟାର ଭୁବନେଶ୍ୱର ଓ ରାୟପୁରକୁ ଉଡ଼ାଣ କରିଛି।

# ଫନୀକୁ ନେଇ 'ଆଇ ଆମ୍ ଓଡ଼ିଶା'



୧୯୯୯ରୁ ୨୦୧୯ର ଯାତ୍ରା। ଏହାମଧ୍ୟରେ ଓଡ଼ିଶା ଦେଖିଛି ୫ରୁ ଅଧିକ ବାତ୍ୟା। 'ମହାବାତ୍ୟା'ରୁ ଆରମ୍ଭକରି 'ଫନୀ' ପର୍ଯ୍ୟନ୍ତ। ୨୦ ବର୍ଷ ମଧ୍ୟରେ ମହାବାତ୍ୟା ଓ ଏହାର ପ୍ରଳୟ ଓଡ଼ିଶାର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଆର୍ଥିକ ଅବସ୍ଥାକୁ ଶୋଚନୀୟ କରି ଦେଇଛି । କ୍ଷୟକ୍ଷତି ଆକଳନ ବାହାରେ ପହଞ୍ଚିଛି। ହେଲେ ଲୋକଙ୍କ ଦୃଢ ମନୋବଳ ଆଗରେ ସବୁକିଛି ହାର୍ ମାନିଛି। ଓଡ଼ିଶା ପୁଣିଥରେ ନିଜକୁ ସଜାଡ଼ିଛି। ଗର୍ବର ସହ ମୁଣ୍ଡଟେକି ଚାଲିଛି। ଏଭଳି ଏକ ଦୃଢ ବାର୍ତ୍ତା ନେଇ ପ୍ରସ୍ତୁତ ର୍‍ୟାପ୍ ସଙ୍ଗ୍ 'ଆଇ ଆମ୍ ଓଡ଼ିଶା' ଏବେ ଇଣ୍ଟରନେଟ୍‌ରେ ଚହଳ ସୃଷ୍ଟି କରିଛି।

ର୍‍ୟାପ୍ ସଙ୍ଗ୍ 'ୱାନ୍ କିଡ୍ ୱିଥ୍ ଏ ଡ୍ରିମ୍' ଏବଂ ପ୍ରଥମ ଓଡ଼ିଆ ର୍‍ୟାପ୍ 'ମୁଁ ହେଲି ଓଡ଼ିଆ' କରି ଚର୍ଚ୍ଚାରେ ଥିବା ସମୀର ରିଶୁ ମହାନ୍ତି ଓରଫ୍ ବିଗ୍‌ଡିଲ୍ ଏବେ ପୁଣିଥରେ ଚର୍ଚ୍ଚାରେ। ୟୁଟ୍ୟୁବ୍‌ରୁ ଆରମ୍ଭକରି ଫେସ୍‌ବୁକ୍ ପର୍ଯ୍ୟନ୍ତ, ଚାରିଆଡେ ବୁଲୁଛି ସମୀରଙ୍କ ଲ୍ୟାଟେଷ୍ଟ ର୍‍ୟାପ୍ ଗୀତ 'ଆଇ ଆମ୍ ଓଡ଼ିଶା'। ମେ' ୩ରେ ଓଡ଼ିଶା ଛୁଇଁଥିବା ବାତ୍ୟା ଫନୀକୁ ନେଇ ଏହି ଗୀତର ଥିମ୍ ପ୍ରସ୍ତୁତ ହୋଇଛି। ଶବ୍ଦ ସହ ଖେଳିବା ବେଶ୍ ଭଲଭାବେ ଜାଣିଥିବା ସମୀର ପୁଣିଥରେ ନିଜର ପ୍ରତିଭାକୁ ଏହି ଗୀତରେ ଦେଖିଛନ୍ତି। ୨୭ ବର୍ଷୀୟ ର୍‍ୟାପର୍‌ଙ୍କ ଏହି ଗୀତ ରିଲିଜ ହେବାର ମାତ୍ର କିଛିଦିନ ମଧ୍ୟରେ ଲକ୍ଷାଧିକ ଭ୍ୟୁ ସାଉଁଟିଛି। ମାତ୍ର ୨୦ବର୍ଷ ମଧ୍ୟରେ ମହାବାତ୍ୟା, ହୁଡ୍‌ହୁଡ୍, ଫାଇଲିନ୍, ତିତ୍‌ଲି ଓ ଫନୀ ଭଳି ୫ଟି ପ୍ରଳୟଙ୍କରୀ ବାତ୍ୟାର ସମ୍ମୁଖୀନ ହୋଇଥିବା ଓଡ଼ିଶା କିଭଳି ପ୍ରତିଥର ଦୃଢତାର ସହ ଅଣ୍ଟା ସଳଖିପାରିଛି ତାହା ଏଥିରେ ଦର୍ଶାଯାଇଛି। କେବଳ ଏତିକି ନୁହେଁ, ମହାବାତ୍ୟାରୁ ଅନେକ କିଛି ଶିକ୍ଷାପାଇଛି ରାଜ୍ୟ। ହାର୍ ମାନିନି, ବରଂ ଆହୁରି ସୁଦୃଢ ହୋଇଛି। ବାତ୍ୟାର ମୁକାବିଲା କରି ବିଶ୍ୱସ୍ତରରେ ପ୍ରଶଂସିତ ହୋଇଛି। ଏହାକୁ ସମଗ୍ର ଦେଶବାସୀଙ୍କ ନିକଟରେ ପହଞ୍ଚାଇବାକୁ ସମୀର ର୍‍ୟାପ୍ ମାଧ୍ୟମରେ ଏହି ପ୍ରୟାସ କରିଛନ୍ତି। ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିବାକୁ ଗୀତର ଲିରିକ୍ସ ଇଂଲିଶ ଏବଂ ହିନ୍ଦୀରେ କରାଯାଇଛି। ସମୀର ନିଜେ ଏହାକୁ ଲେଖିଥିବା ବେଳେ ନିଜେ ଗାଇଛନ୍ତି ମଧ୍ୟ। ଜାତୀୟ ଗଣମାଧ୍ୟମ ଫନୀକୁ ସେଭଳି ଗୁରୁତ୍ୱ ଦେଇ ନଥିବାରୁ ଏହାକୁ ଚ୍ୟାଲେଞ୍ଜ ଦେବାକୁ ଯାଇ ସମୀର ଏହି ଭିଡିଓ କରିଛନ୍ତି। ଏଥିରେ ତାଙ୍କୁ ଖ୍ୟାତନାମା ଫିଲ୍ମ ନିର୍ମାତା ପଦ୍ମଶ୍ରୀ ନୀଳମାଧବ ପଣ୍ଡା ଓ ତାଙ୍କ ଟିମ୍ ସହାୟତା କରିଛନ୍ତି।

ପ୍ରଥମେ ୟୁଟ୍ୟୁବ୍ ସେନ୍ସେସନ୍ ଓ ତା'ପରେ ଇଣ୍ଟରନ୍ୟାଶନାଲ ଆଇକନ୍ ଏବଂ ଏବେ ର୍‍ୟାପ୍ ଜଗତରେ ଜଣେ ଚର୍ଚ୍ଚିତ ଚେହେରା ପାଲଟିଛନ୍ତି ପୁରୀ ଜନ୍ମିତ ସମୀର। ଖାଣ୍ଟି ଓଡ଼ିଆ ଶୈଳୀରେ ଗୋଟିଏ ପରେ ଗୋଟିଏ ର୍‍ୟାପ୍ ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଏହି ଯୁବ ର୍‍ୟାପର୍। ତାଙ୍କ ପ୍ରତି ଗୀତରେ ଓଡ଼ିଆ ଭାଷା, ଚାଲିଚଳଣି, ଓଡ଼ିଆ କଳା, ସଂସ୍କୃତି ସହ ଓଡ଼ିଶାର ଝଲକ ଦେଖିବାକୁ ମିଳୁଛି।

**– ରିପୋର୍ଟ: ସସ୍ମିତା ପାଇକରାୟ**

# ମେଡିକାଲ ସାଇନ୍ସରେ ରିସର୍ଚ୍ଚ କରିବି: ଆଶୁତୋଷ


ମା' ବାପାଙ୍କ ସହ ଆଶୁତୋଷ।

ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପାଇଁ ଉଦ୍ଦିଷ୍ଟ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ୨୦୧୯ର ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ବଲାଙ୍ଗୀର ଯୁବୋଦୟ କଲେଜ ଛାତ୍ର ଆଶୁତୋଷ ପଣ୍ଡା ସମୁଦାୟ ୭୨୦ରୁ ୬୮୨ ମାର୍କ ରଖି ଓଡ଼ିଶା ଟପ୍ପର ହୋଇଛନ୍ତି। ସର୍ବଭାରତୀୟସ୍ତରରେ ଆଶୁତୋଷଙ୍କ ର୍‍ୟାଙ୍କ ୭୩ ରହିଛି। ଏହି ଅବସରରେ ଆଶୁତୋଷଙ୍କୁ ଭେଟିଥିଲେ ଧରିତ୍ରୀର ଖବରଦାତା। ତାଙ୍କ ପ୍ରତିକ୍ରିୟାକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା... ।

**ଓଡ଼ିଶା ଟପ୍ପର ହେବେ ବୋଲି ଭାବିଥିଲେ ?**

– ନିଟ୍ ପରୀକ୍ଷାରେ ଭଲ କରିବି ଓ ଭଲ ର୍‍ୟାଙ୍କ୍ ପାଇବି ବୋଲି ଆଶା ଥିଲା । କିନ୍ତୁ ଓଡ଼ିଶା ଟପ୍ପର ହେବି ବୋଲି ଆଶା ମୋର ନ ଥିଲା। ଏଭଳି ସଫଳତା ପାଇବା ପରେ ମୋତେ ଖୁସି ଲାଗୁଛି।

**ପରୀକ୍ଷା ପାଇଁ କି ଭଳି ପ୍ରସ୍ତୁତି କରିଥିଲେ?**

– ଯୁକ୍ତ୨ ପଢ଼ିବା ଦିନଠାରୁ ଡାକ୍ତରୀ ପଢ଼ିବା ପାଇଁ ଲକ୍ଷ୍ୟ ରଖିଥିଲି। ସେଥିପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲି। ପ୍ରତିଦିନ ମୁଁ ୮ରୁ ୯ ଘଣ୍ଟା ପଢୁଥିଲି। ଯୁକ୍ତ୨ ପରୀକ୍ଷାରେ ମୁଁ ୯୦ ପ୍ରତିଶତ ମାର୍କ ରଖି ପାସ୍ କଲାପରେ ଭୁବନେଶ୍ୱର ଯୁବୋଦୟ ଆଡ଼ଭାନ୍ସ କ୍ଲାସେସ୍‌ରେ ଗୋଟିଏ ବର୍ଷ କୋଚିଂ ନେଇଥିଲି। ସକାଳ ୮ଟାରୁ କୋଚିଂ କ୍ଲାସ୍‌କୁ ଯାଇ ମୁଁ ରାତି ୯ଟାରେ ଫେରୁଥିଲି। ସର୍ବଭାରତୀୟ ସ୍ତରରେ ଭଲ ର୍‍ୟାଙ୍କ୍‌ରେ ପାସ୍ କରିବା ମୋର ଏକମାତ୍ର ଲକ୍ଷ୍ୟ ଥିଲା।

**ବଲାଙ୍ଗୀରରୁ ଓଡ଼ିଶା ଟପ୍ପର କେତେ କଷ୍ଟକର ଥିଲା?**

– ପ୍ରତି ପରୀକ୍ଷା ପାଇଁ ଉଚିତ୍ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳତା ପାଇବା ପାଇଁ ମୁଁ କଠିନ ପରିଶ୍ରମ କରିଥିଲି। ସେଥିପାଇଁ ସବୁଦିନ ରୁଟିନ୍ ତିଆରି କରି ପାଠ ପଢ଼ିବା ଆରମ୍ଭ କରିଥିଲି।

**ଏହି ସଫଳତାର ଶ୍ରେୟ କାହାକୁ ଦେବେ ?**

–ସଫଳତାର ଶ୍ରେୟ ମୋର ମୁଁ ମୋ ମା' ବାପାଙ୍କୁ ଦେବି। ମୋର ଭଉଣୀ ଓ ପରିବାରବର୍ଗଙ୍କ ସହଯୋଗ ଯୋଗୁ ମୁଁ ସଫଳତା ପାଇଛି । ମୋ ବାପା ରାଜକିଶୋର ପଣ୍ଡା ଜଣେ ପ୍ରତିଷ୍ଠିତ ମେଡିସିନ୍ ରିଜିଓନାଲ୍ ସେଲ୍ସ ମ୍ୟାନେଜର ଓ ମା'ସୁଷମା ପାଢ଼ୀ ଜଣେ ଆଇସିଡିଏସ୍ ସୁପରଭାଇଜର। ମୁଁ ଡାକ୍ତର ହୁଏ ବୋଲି ସେମାନେ ସ୍ୱପ୍ନ ଦେଖିଥିଲେ। ମା'ବାପାଙ୍କ ସ୍ୱପ୍ନ ଓ ମୋର ନିଜସ୍ୱ ଲକ୍ଷ୍ୟ ହାସଲ କରିଥିବାରୁ ମୁଁ ଆଜି ଖୁବ୍ ଖୁସି। ଏହା ସହିତ ଯୁବୋଦୟ କଲେଜର ଅଧ୍ୟାପକ, କର୍ମଚାରୀ, କଦମପଡା ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ ଓ କର୍ମଚାରୀଙ୍କୁ ମୁଁ ସଫଳତାର ଶ୍ରେୟ ଦେବାକୁ ଚାହିଁବି।

**ଆଗକୁ କ'ଣ ଲକ୍ଷ୍ୟ ରଖିଛନ୍ତି ?**

– ଡାକ୍ତରୀ ପାଠ ପଢ଼ିବାର ଲକ୍ଷ୍ୟ ରହିଛି। ରୋଗୀଙ୍କ ପାଖରେ ଭଲ ଡାକ୍ତରଟିଏ ହୋଇ ସେବା କରିବି। ମେଡିକାଲ ସାଇନ୍ସରେ ଅଧିକ ରିସର୍ଚ୍ଚ କରି କିଭଳି ଅଧିକ ସଫଳତା ପାଇବି ତା'ମୋର ପ୍ରଥମ କାମ ହେବ ।

**ହବି କ'ଣ ରହିଛି?**

– ବ୍ୟାଡ଼ମିଣ୍ଟନ, ଫୁଟବଲ ଖେଳିବା, ଭିଡିଓ ଗେମ୍ ସହିତ ସିନେମା ଦେଖିବା ମୋର ପସନ୍ଦ। ପାଠ ପଢ଼ାରୁ ସମୟ ମିଳିଲେ ମୁଁ ଖେଳିବା ସହ ସିନେମା ଦେଖେ।

**ଉପସ୍ଥାପନା: ବୀରେନ୍ଦ୍ର କୁମାର ଝାଙ୍କର**

# ୧୦ ହଜାର ଟଙ୍କା ଦିଅ, ମାର୍କ ବଢ଼ିଯିବ

**ସମ୍ବଲପୁର,୫।୬(ବ୍ୟୁରୋ)**

୧୦ ହଜାର ଟଙ୍କା ଦିଅ । ପରୀକ୍ଷାରେ ମାର୍କ ବଢିଯିବ । ତମେ ପରୀକ୍ଷା ଦେଇଥିବା ବିଷୟର ଅନେକ ପେପରରେ ଭଲ ମାର୍କ ନାହିଁ। ଯଦି ଟଙ୍କା ନ ଦେବ ତାହା ହେଲେ ଫେଲ୍ ହୋଇଯିବ । ମୁଁ ରାଜ୍ୟ ପରୀକ୍ଷା ନିୟନ୍ତ୍ରଣ ବୋର୍ଡର ସଦସ୍ୟ । ଗଙ୍ଗାଧର ମେହେର ଯୁକ୍ତ ୨ ବାଣିଜ୍ୟ ଛାତ୍ର ଆକାଶ ଓରାମ, ପ୍ରହଲ୍ଲାଦ ତାଣ୍ଡି, ସୁଦାମ ଜଗଦଲା, ଆଶିଷ କୁମାର ମିଞ୍ଜ, ସୁମିତ ବାର୍ଲାଙ୍କୁ ଏଭଳି ଫୋନ୍ ଆସିଛି। ଏ ନେଇ ଛାତ୍ରମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ କିଏ ଏହି ଛାତ୍ରମାନଙ୍କୁ ଫୋନ୍ କରିଥିଲେ ତାହା ଜଣାପଡିନାହିଁ । ପୋଲିସ ଉକ୍ତ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି ।

## ■ ଶପଥଗ୍ରହଣ, ବିଭାଗ ବଣ୍ଟନକୁ ସପ୍ତାହେ ପୂରିଲା

# ନୂଆ ମନ୍ତ୍ରୀମାନଙ୍କୁ ମିଳିନାହିଁ ଅଫିସ

**ଭୁବନେଶ୍ୱର,୫।୬(ବ୍ୟୁରୋ)**

**ରାଜ୍ୟ ମନ୍ତ୍ରିମଣ୍ଡଳ**

■ଓସୱାସଠୁ ଏବେ ବି ଦୂରରେ ମନ୍ତ୍ରୀ

■ସଚିବାଳୟ ନୁହେଁ, ନିର୍ବାଚନମଣ୍ଡଳୀରେ ବିତୁଛି ସମୟ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ମେ ୨୯ରେ ରାଜ୍ୟର ନୂତନ ମନ୍ତ୍ରିମଣ୍ଡଳ ଶପଥ ନେଇଛି। ଏହି କାର୍ଯ୍ୟକ୍ରମକୁ ସପ୍ତାହେ ପୂରିଗଲାଣି। ଶପଥ ଗ୍ରହଣ ଦିନ ଅପରାହ୍ନରେ ହିଁ ସମସ୍ତ ମନ୍ତ୍ରୀଙ୍କୁ ବିଭାଗ ବଣ୍ଟନ କରାଯାଇଥିଲା। ଏମିତିକି ମନ୍ତ୍ରୀମାନେ ପ୍ରତି ମାସ ୭ ତାରିଖ ପୂର୍ବରୁ ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ରିପୋର୍ଟ ଦେବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତାଗିଦ କରାଯାଇଛି। ହେଲେ ଶପଥ ନେଇଥିବା ସବୁ ମନ୍ତ୍ରୀ ଏ ପର୍ଯ୍ୟନ୍ତ ବିଧିବଦ୍ଧଭାବେ ଫାଇଲ କାର୍ଯ୍ୟ କରିପାରିନାହାନ୍ତି। କେବଳ ପୁନର୍ବାର ଦାୟିତ୍ୱ ଗ୍ରହଣ କରିଥିବା କେତେକ ମନ୍ତ୍ରୀ ବିଧିବଦ୍ଧ ଫାଇଲ କାର୍ଯ୍ୟ କରିପାରୁଛନ୍ତି।

କ୍ୟାବିନେଟ୍, ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ଏବଂ ରାଷ୍ଟ୍ରମନ୍ତ୍ରୀମାନଙ୍କୁ କାର୍ଯ୍ୟାଳୟ ମିଳିବାର ନିୟମ ରହିଛି। ହେଲେ ସଚିବାଳୟରେ ନୂତନ ମନ୍ତ୍ରୀମାନଙ୍କୁ ଏଯାଏ ଚାମ୍ବର ମିଳିନାହିଁ। ସେହିପରି ମନ୍ତ୍ରୀଙ୍କୁ ଜଣେ ବ୍ୟକ୍ତିଗତ ସହାୟକ, ଅତିରିକ୍ତ ସହାୟକ, ଅଫିସ ପିଅନ, ଆବାସିକ କାର୍ଯ୍ୟାଳୟରେ ଫୋନ୍ ସୁବିଧା ମଧ୍ୟ ପ୍ରଦାନ କରାଯାଇନାହିଁ। ଯାହା ଦ୍ୱାରା ଅନେକ ମନ୍ତ୍ରୀ ଭଲ ବିଭାଗ ପାଇଥିଲେ ବି ନିଜ ଅଞ୍ଚଳ ବୁଲିବାରେ ନିଜକୁ ବ୍ୟସ୍ତ ରଖୁଛନ୍ତି। ପୂର୍ବ ସରକାରରେ ଥିବା କେତେଜଣ ମନ୍ତ୍ରୀ ସଚିବାଳୟକୁ ଆସି ନିଜ ପୁରୁଣା ଚାମ୍ବରରେ ବସି ଯାଉଥିବା ଲକ୍ଷ୍ୟ କରାଯାଉଛି। ଏହି ମନ୍ତ୍ରୀମାନେ ହେଉଛନ୍ତି- ନିରଞ୍ଜନ ପୂଜାରୀ, ପ୍ରଫୁଲ୍ଲ ମଲିକ, ସୁଶାନ୍ତ ସିଂ, ପ୍ରତାପ ଜେନା , ବିକ୍ରମ କେଶରୀ ଆରୁଖ ଏବଂ ଅଶୋକ ଚନ୍ଦ୍ର ପଣ୍ଡା ପ୍ରମୁଖ। ସେହିପରି ମନ୍ତ୍ରୀ ପଦ ପାଇଁ ଏଯାଏ ସମସ୍ତ ସୁବିଧା ପାଇ ନ ଥିବା ମନ୍ତ୍ରୀମାନେ ହେଉଛନ୍ତି– ପଦ୍ମନାଭ ବେହେରା, ଅରୁଣ କୁମାର ସାହୁ, ସୁଦାମ ମାରାଣ୍ଡି, ନବ କିଶୋର ଦାସ, ଟୁକୁନି ସାହୁ, ଜଗନ୍ନାଥ ସାରକା, ଦିବ୍ୟ ଶଙ୍କର ମିଶ୍ର, ସମୀର ରଞ୍ଜନ ଦାସ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପ୍ରେମାନନ୍ଦ ନାୟକ, ରଘୁନନ୍ଦନ ଦାସ, ପଦ୍ମିନୀ ଦିଆନ ଏବଂ ତୁଷାରକାନ୍ତି ବେହେରା। ଅବଶ୍ୟ କେତେକ ବିଭାଗ ଅଧୀନସ୍ଥ ନିର୍ଦ୍ଦେଶାଳୟ ଥିବା ମନ୍ତ୍ରୀଙ୍କ ଚାମ୍ବର ବ୍ୟବହାର କରି ହେଉଥିବା ଜଣାପଡିଛି। କାହାକୁ କ'ଣ ମିଳିଛି, ସେ ସମ୍ପର୍କରେ ଏକାଧିକ ମନ୍ତ୍ରୀଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା।

ଯୋଗାଯୋଗ କରାଯାଇଥିବା ସମସ୍ତ ମନ୍ତ୍ରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟାଳୟ ନିହାତି ଆବଶ୍ୟକ। କାରଣ ଚାମ୍ବରରେ ହିଁ ଓସୱାସ ଥିବା କମ୍ପ୍ୟୁଟର ରହିଥାଏ। ଏହାର ପାସୱାର୍ଡ ଗୋପନୀୟ। ଅନ୍ୟ କେଉଁ ସ୍ଥାନରେ ବା କାର୍ଯ୍ୟାଳୟ ବାହାରେ ଓସୱାସ ଖୋଲିବା ଉଚିତ ନୁହେଁ। ସେହିପରି ଜଣେ ମନ୍ତ୍ରୀ ଏକାଧିକ ଦାୟିତ୍ୱରେ ରହିଥାନ୍ତି। ତେଣୁ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରଖାଯାଇଥାଏ। ଏଯାବତ୍ ସମସ୍ତ ମନ୍ତ୍ରୀଙ୍କୁ ବ୍ୟକ୍ତିଗତ ସଚିବ ମିଳି ନାହାନ୍ତି। ଓସୱାସକୁ ଆସେସ୍ କରିବା ପାଇଁ ସୁଯୋଗ ନାହିଁ। ତେଣୁ ଫାଇଲ କାର୍ଯ୍ୟ ବିଧିବଦ୍ଧଭାବେ ଆରମ୍ଭ ହୋଇ ପାରି ନ ଥିବା ଅନେକେ ମତାମତ ଦେଇଛନ୍ତି। ଅପରପକ୍ଷରେ ନିର୍ବାଚିତ ବିଧାୟକମାନଙ୍କୁ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ଯୋଗାଇ ଦିଆଯାଇଛି। ଅନେକ ନବନିର୍ବାଚିତ ବିଧାୟକଙ୍କୁ ସରକାରୀ କ୍ୱାର୍ଟର୍ସ ମିଳି ନାହିଁ। ପୂର୍ବରୁ ବିଧାୟକ, ମନ୍ତ୍ରୀ ଓ ଅନେକ ସାମ୍ବିଧାନିକ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ଘର ଖାଲି କରିନାହାନ୍ତି। ଏକାଧିକ ନୂଆ ମନ୍ତ୍ରୀ ରାଜ୍ୟ ଅତିଥି ଭବନରେ ରହୁଥିବା ଜଣାପଡିଛି। ପ୍ରଶାସନିକ ସମୀକ୍ଷକଙ୍କ କହିବାନୁଯାୟୀ, ନିର୍ବାଚିତ ପ୍ରତିନିଧି ଏବଂ ମନ୍ତ୍ରିପରିଷଦ ସମସ୍ତ ବିଭାଗର ସାମ୍ବିଧାନିକ ମୁଖ୍ୟ। ପ୍ରଶାସକ ସେମାନଙ୍କୁ ସହଯୋଗ କରିଥାଏ। ତେଣୁ ମନ୍ତ୍ରୀମାନଙ୍କୁ ସମସ୍ତ ସରକାରୀ ସୁବିଧା ସହ ଓସୱାସ ବ୍ୟବହାର ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ଉଚିତ।

## ସଂକ୍ଷେପରେ

### ବିଶ୍ୱ ପରିବେଶ ଦିବସ

**ଜଗତ୍‌ସିଂହପୁର ଅଫିସ, ୫।୬:** ଜଗତ୍‌ସିଂହପୁରରେ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଜିଲା ଆଇନସେବା ପ୍ରାଧିକରଣ ତରଫରୁ ନୂଆ କୋର୍ଟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ପ୍ରାଧିକରଣ ସମ୍ପାଦକ କମଳାକାନ୍ତ ରାଉତ ବୃକ୍ଷରୋପଣ କରିବା ସହ ସମସ୍ତେ ଏଥିପ୍ରତି ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୪୦ ଜଣ ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ସେହିପରି ଜିଲା ଶିକ୍ଷା କାର୍ଯ୍ୟାଳୟରେ ସ୍କାଉଟ୍‌ସ ଓ ଗାଇଡ୍‌ସ, ଜୁନିୟର ରେଡକ୍ରସ୍ ସଙ୍ଗଠନ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଓଡ଼ିଶୋସ୍ଥିତ କୁତାମଚଣ୍ଡୀ ବିଦ୍ୟାପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବାରିକ ପୌରୋହିତ୍ୟ କରିଥିଲେ। ଏଥିରେ ଜିଲା ସ୍କାଉଟ୍‌ସ ଓ ଗାଇଡ୍‌ସ ସଙ୍ଗଠନର ସମ୍ପାଦକ ସୁଭାଷ ଚନ୍ଦ୍ର ରାଉତ ମୁଖ୍ୟଅତିଥି, ଶାରୀରିକ ଶିକ୍ଷା ପରିଦର୍ଶକ ଅକ୍ଷୟ କୁମାର ମହାନ୍ତି ମୁଖ୍ୟବକ୍ତା, ଜିଲା ସ୍କାଉଟ୍‌ସ ସଙ୍ଗଠନ କମିଶନର ବିଜୟ କୁମାର ରଥ, ଜୁନିୟର ରେଡକ୍ରସ୍ ପରାମର୍ଶଦାତା ଅମୂଲ୍ୟ କୁମାର ମିଶ୍ର ଓ ତ୍ରିଲୋଚନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସୁନିଲ କୁମାର ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଶିକ୍ଷକ ବସନ୍ତ କୁମାର ଲେଙ୍କା ସ୍ୱାଗତ ଭାଷଣ ଓ ଶିକ୍ଷକ ଦେବେନ୍ଦ୍ରନାଥ ବେହେରା ଧନ୍ୟବାଦ ଦେଇଥିଲେ।

**କୁଜଙ୍ଗ,(ସ୍ୱ.ପ୍ର):** କୁଜଙ୍ଗ ବ୍ଲକ୍ ପନ୍ଦର ନମ୍ବରସ୍ଥିତ ପ୍ରମୁଖ ଶିକ୍ଷାକେନ୍ଦ୍ର ଦୀନବନ୍ଧୁ ଏକାଡେମୀ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଅନଙ୍ଗ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରବୀନ୍ଦ୍ରନାଥ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସର୍ବେଶ୍ୱର ସ୍ୱାଇଁ, ସୁଧାକର ବିଶ୍ୱାଳ, ପପୁନ ତରାଇ, ଜୀବନ ସେଠୀ, ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ମହାପାତ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଓ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପ୍ରାରମ୍ଭରେ ମହାନଦୀ କୂଳ ସଫେଇ ସହ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ କୁହାଯାଇଥିଲା। ପରେ ଗ୍ରାମର ବିଭିନ୍ନ ଅଞ୍ଚଳରେ ଚାରା ବଣ୍ଟନ କରାଯାଇଥିଲା। ସତ୍ୟସାଈ ଅନୁଷ୍ଠାନ, ହସିଣା ବଳଦେବ ଜୀଉ କ୍ଲବ୍ ମଧ୍ୟ ଚାରା ବଣ୍ଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ରଜତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପୌର ନିର୍ବାଚନ ଉପରେ ନଜର

■ଆଉ ୧୦ ମାସ ରହିଲା ନିର୍ବାଚନ
■ଝୁଲନ୍ତା ଅବସ୍ଥାରେ ପୌର ଆଇନ, ଅଧାରେ ଅଟକିଛି ସମ୍ପ୍ରସାରଣ

**ପାରାଦୀପ,୫।୬(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନକୁ ନେଇ ସୃଷ୍ଟି ହୋଇଥିବା ଉଷ୍ମତା ଏବେ ଏକ ପ୍ରକାର ଶାନ୍ତ ପଡିଲାଣି। ରାଜ୍ୟ ଓ କେନ୍ଦ୍ରରେ ନୂଆ ସରକାର ଦାୟିତ୍ୱ ନେଇସାରିଲେଣି। ସେହି ଉଷ୍ମତା ପ୍ରଶମିତ ହେବା ପରେ ଏବେ ରାଜ୍ୟରେ ପୌର ନିର୍ବାଚନକୁ ନେଇ ଆଲୋଚନା ଆରମ୍ଭ ହେଲାଣି। ଅର୍ଥାତ୍ ଗତବର୍ଷଠାରୁ ଖାଲି ପଡ଼ିଥିବା ୯୮ ପୌର ପରିଷଦ/ବିଜ୍ଞପିତ ଅଞ୍ଚଳ ଓ ୨୦୨୦ରେ ହେବାକୁ ଥିବା ୭ ପୌର ପରିଷଦ/ବିଜ୍ଞପିତ ଅଞ୍ଚଳ ନିର୍ବାଚନ ପାଇଁ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ନିଜ ଅଞ୍ଚଳରେ ଥିବା ପୌରପାଳିକା/ଏନ୍‌ଏସି ପାଇଁ କର୍ମୀମାନେ ନୂତନ ବିଧାୟକଙ୍କ ଆଗରେ ପ୍ରସ୍ତାବ ରଖିଲେଣି। ଅନ୍ୟପକ୍ଷରେ ଉକ୍ତ ନିର୍ବାଚନ ପାଇଁ ଆସନ ସଂରକ୍ଷଣ ବିବାଦ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି ଓ ରାଜ୍ୟ ସରକାରଙ୍କ ପୂର୍ବଘୋଷିତ ଅଧକ୍ଷ ନିର୍ବାଚନ ପ୍ରକ୍ରିୟା ଅଧାରେ ରହିଛି। ଉକ୍ତ ସମସ୍ତ ଆଇନଗତ କଟକଣା ଓ ଅଧକ୍ଷ ଚୟନ ପ୍ରସଙ୍ଗ ଏବେ ନଗର ଉନ୍ନୟନ ବିଭାଗ ପାଖରେ ଅଟକିଛି। ଏ ସମସ୍ତ ପ୍ରକ୍ରିୟାକୁ ନେଇ ଏବେ ପୌରାଞ୍ଚଳର ଆଶାୟୀ କାଉନ୍‌ସିଲର ପ୍ରାର୍ଥୀ ଓ ଦଳୀୟ କର୍ମୀଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। ସୂଚନାଯୋଗ୍ୟ, ପୌରାଞ୍ଚଳରେ ଆସନ ସଂରକ୍ଷଣ ପ୍ରସଙ୍ଗ ସୁପ୍ରିମକୋର୍ଟକୁ ଯିବା ପରେ ୯୮ ପୌରାଞ୍ଚଳର ନିର୍ବାଚନ ଅଟକିରହିଛି। ସେହି ସ୍ଥାନରେ ଏବେ ପ୍ରଶାସନିକ ଅଧିକାରୀମାନେ ଦାୟିତ୍ୱରେ ଅଛନ୍ତି। ମହିଳା ଆସନ ୫୦ ପ୍ରତିଶତରୁ ଅଧିକ ହେବ ନାହିଁ ବୋଲି ସୁପ୍ରିମକୋର୍ଟ ମତ ଦେଇସାରିଛନ୍ତି। ଏହାବାଦ୍ ୭ ପୌରାଞ୍ଚଳ/ଏନ୍‌ଏସିର କାର୍ଯ୍ୟକାଳ ୨୦୨୦ ଏପ୍ରିଲ ୧୭ରେ ସରିବ। ସେହି ୭ଟି ହେଲା ପାରାଦୀପ, ପଟ୍ଟାମୁଣ୍ଡଇ, ସୁନାବେଡା, ବେଲପାହାଡ, ପାରଳାଖେମୁଣ୍ଡି, ହିନ୍ଦୋଳ ଓ ବଡ଼ବିଲ। ଧାର୍ଯ୍ୟ ଦିନର ୨ ମାସ ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାରୁ ଆଉ ୮ ମାସ ପରେ ପ୍ରକ୍ରିୟା ଆରମ୍ଭ ହେବ। ଉକ୍ତ ନିର୍ବାଚନକୁ ନେଇ ପାରାଦୀପରେ ଗୋଟି ଚାଳନା ଆରମ୍ଭ ହେଲାଣି।

ପୂର୍ବରୁ ବିଧାୟକ ଥିବା ଦାମୋଦର ରାଉତ ଉକ୍ତ ନିର୍ବାଚନରେ ବିଜେଡି ପାଇଁ ସମସ୍ତ ନିଷ୍ପତ୍ତି ନେଇଥାନ୍ତି। ଏବେ ଦାମଙ୍କ ବଦଳରେ ତାଙ୍କ ପୁତ୍ର ସମ୍ବିତ ରାଉତରାୟ ନୂଆ ବିଧାୟକ ହୋଇଛନ୍ତି। ତେଣୁ ସେ କିଭଳି ରଣନୀତି ପ୍ରସ୍ତୁତ କରୁଛନ୍ତି ତାହା ଦେଖିବାର ଅଛି। ୨୦୦୪ରୁ ପୌରଶାସନ ବିଜେଡି କବ୍‌ଜାରେ ରହିଛି। କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ଥିଲା। ୨୦୧୫ ପୌର ନିର୍ବାଚନରେ ଭାଜପା ଗୋଟିଏ ୱାର୍ଡ ହାତେଇଥିଲା ଓ ଦ୍ୱିତୀୟ ସର୍ବାଧିକ ଭୋଟ ପାଇଥିଲା। ୨୦୧୯ ସାଧାରଣ ନିର୍ବାଚନ ବେଳେ ଜଣେ କଂଗ୍ରେସ କାଉନସିଲର ବିଜେଡିରେ ମିଶିଛନ୍ତି। ସେପଟେ ଏକମାତ୍ର ଭାଜପା କାଉନସିଲର କଂଗ୍ରେସରେ ମିଶିଛନ୍ତି। ଏମିତି ଦେଖିଲେ ରାଜନୀତି ଏକ ପ୍ରକାର ଗୋଳିଆ ରହିଛି।

ଆଉ ଏକ କଥା ହେଲା ପାରାଦୀପ ପୌରାଞ୍ଚଳର ସମ୍ପ୍ରସାରଣ। ୨୦୧୫ରୁ ପାରାଦୀପ ପୌରାଞ୍ଚଳରେ ଇଫ୍‌କୋ, ଏସାରଷ୍ଟିଲ, ୨ଟି କାର୍ବନ କାରଖାନା, ତୈଳ ବିଶୋଧନାଗାର ସମେତ ନୂଆଗଡ଼ ଓ ପାରାଦୀପ ଗଡ଼ ପଞ୍ଚାୟତର କିଛି ଅଞ୍ଚଳ ସାମିଲ ହେବାର ଫାଇଲ ନଗର ଉନ୍ନୟନ ବିଭାଗରେ ପଡ଼ିରହିଛି। ପୂର୍ବତନ ବିଧାୟକଙ୍କ ଦମ୍ଭୋକ୍ତି ଓ କେତେକ ସଙ୍ଗଠନର ବିରୋଧ ଯୋଗୁ ମିଶ୍ରଣ ସମ୍ପ୍ରସାରଣ ସମସ୍ୟା ସମାଧାନ ହୋଇନାହିଁ। ୨୦୨୦ ପୌର ନିର୍ବାଚନ ପୂର୍ବରୁ ତାହା ସମ୍ଭବ ହେବ କି ନାହିଁ ତାହା ଅନିଶ୍ଚିତତାରେ ରହିଛି। ପୌରାଞ୍ଚଳ ସମ୍ପ୍ରସାରଣ ନ ହେବା ଫଳରେ ଉଦୟ ବିହାରରେ ଥିବା ୫୦୦ରୁ ଊର୍ଦ୍ଧ୍ୱ ବାସିନ୍ଦା ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। କାରଣ ଗତ ୧୦ ବର୍ଷ ମଧ୍ୟରେ ସୃଷ୍ଟ ଏହି କଲୋନୀ ପଞ୍ଚାୟତ କିମ୍ବା ପୌର ପରିଷଦରେ ସାମିଲ ହୋଇନାହିଁ। ଶିଳ୍ପଗୁଡିକ ପୌରାଞ୍ଚଳରେ ସାମିଲ ହୋଇ ନ ଥିବା ଯୋଗୁ ସେହି ଅଞ୍ଚଳରେ ପୌରସେବା ପହଞ୍ଚି ପାରୁନାହିଁ କି ସେମାନେ ଟିକସ ଦେଉନାହାନ୍ତି। ଏମିତି ଅନେକ ଅଡୁଆ ପୌର ନିର୍ବାଚନ ପାଇଁ ରହିଛି। ତାହାକୁ ଏବେର ସରକାର କିପରି ସମାଧାନ କରୁଛନ୍ତି ଦେଖିବାକୁ ରହିଲା।

### ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ବୃକ୍ଷରୋପଣ



**ବିରିଡ଼ି,୫।୬(ଡି.ଏନ.ଏ.)** ବିରିଡ଼ି ବ୍ଲକ ଅନ୍ତର୍ଗତ ବାଲିଆ ହାଟ ଶାଖା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ବ୍ୟାଙ୍କ ପରିସରରେ ବୃକ୍ଷରୋପଣ ଓ ରାସ୍ତା ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶାଖା ପରିଚାଳକ ଶର୍ମିଷ୍ଠା ମହାପାତ୍ର, ସହ ପରିଚାଳକ ଚୈତନ୍ୟ ସାହୁ ପ୍ରମୁଖ ଯୋଗଦେଇ ୧୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ବ୍ୟାଙ୍କ କର୍ମଚାରୀ ପ୍ରଶାନ୍ତ ନାୟକ, ସୁକାନ୍ତ କୁମାର ଦାଶ, ମାନସ କୁମାର ପାଇକରାୟ, ଅରବିନ୍ଦ ଦାସ, ସନ୍ତୋଷ କୁମାର ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ରୋପଣ କରାଯାଇଥିବା ଚାରାର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରିବାକୁ ସେମାନେ ଶପଥ ନେଇଥିଲେ।

■ ଢିଅସାହିବିରି ପ୍ରାଥମିକ ବିଦ୍ୟାଳୟ ବନ୍ଦ ନିର୍ଦ୍ଦେଶ

# ପ୍ରତିବାଦ ଜଣାଇଲେ ଅଭିଭାବକ



ବିଦ୍ୟାଳୟ ବନ୍ଦ ନିର୍ଦ୍ଦେଶକୁ ବିରୋଧ କରି ଅଭିଭାବକମାନେ ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି।

**ବାଲିଆ,୫।୬**

ବିରିଡ଼ି ବ୍ଲକ ୨୨ ମୌଜା ବାରେଡ଼ିଆ ପଞ୍ଚାୟତର ଢିଅସାହିବିରି ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରୀଛାତ୍ର ସଂଖ୍ୟା କମ୍ ଥିବା ଦର୍ଶାଇ ବନ୍ଦ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ତେବେ ଏହାକୁ ବିଦ୍ୟାଳୟରେ ପଢୁଥିବା ୯ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ଓ ଗ୍ରାମବାସୀ ବିରୋଧ କରିଛନ୍ତି। ବହୁ ପୁରାତନ ଏହି ବିଦ୍ୟାଳୟରେ ହିଁ ସେମାନଙ୍କ ପିଲାମାନେ ପଢିବେ ବୋଲି ଅଭିଭାବକମାନେ ପ୍ରକାଶ କରିବା ସହ ବିଦ୍ୟାଳୟ ବନ୍ଦ ନିର୍ଦ୍ଦେଶ ପ୍ରତ୍ୟାହାର କରିନେବାକୁ ଦାବି କରିଛନ୍ତି। ଯଦି ଏହା ନ ହୁଏ, ତେବେ ଅଭିଭାବକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଦ୍ୟାଳୟର ଚେୟାରମ୍ୟାନ୍ ଅନୁସୟା ମହାପାତ୍ର, ପ୍ରମିଳା ମହାପାତ୍ର, ମଧୁସ୍ମିତା ମହାପାତ୍ର, ସରୋଜିନୀ ମହାପାତ୍ର, ଶୈଳବାଳା ମହାପାତ୍ର, ରେଣୁବାଳା ମହାପାତ୍ର, ସୌଦାମିନୀ ମହାପାତ୍ର, କାଞ୍ଚନବାଳା ମହାପାତ୍ର, ଜୋସ୍ନାରାଣୀ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ମୁରଲୀପାଣି ମିଶ୍ର, ସୁକାନ୍ତ ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି। ସେମାନେ କହିଛନ୍ତି ଯେ, ଏହି ବିଦ୍ୟାଳୟ ବହୁ ପୁରୁଣା। ଏଠାରୁ ଗେଲପୁର ଉଚ୍ଚ ବିଦ୍ୟାଳୟ ପ୍ରାୟ ୨ କିଲୋମିଟର ଦୂର ହୋଇଥିବାବେଳେ ବାରେଡିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟ ୩ କିଲୋମିଟର ଦୂର। ତେଣୁ ଏହି ବିଦ୍ୟାଳୟ ବନ୍ଦ ହୋଇଗଲେ ଛୋଟ ପିଲାମାନେ ଏତେ ଦୂର ଯାଇପାରିବେ ନାହିଁ। ତେଣୁ ଏହି ଆଦେଶ ପ୍ରତ୍ୟାହାର କରି ବିଦ୍ୟାଳୟରେ ପଢା ଚାଲୁ ରଖିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଇଓ କହିଛନ୍ତି ଯେ, ସରକାରଙ୍କ ନିୟମ ଅନୁଯାୟୀ ଉକ୍ତ ବିଦ୍ୟାଳୟ ବନ୍ଦ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୯ ଛାତ୍ରୀଛାତ୍ର ପଢୁଛନ୍ତି। ଆଉ ୧୦ ଜଣ ପିଲା ଉକ୍ତ ବିଦ୍ୟାଳୟରେ ନାମ ଲେଖାଇବେ। ତେଣୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଆବଶ୍ୟକ ଅନୁଯାୟୀ ପୂରଣ ହେବାକୁ ଥିବାରୁ ଏହା ଉପରେ ପୁନର୍ବିଚାର କରିବାକୁ ଅଭିଭାବକମାନେ କହିଛନ୍ତି।

# ବିପଦ ସୃଷ୍ଟି କରୁଛି ମୁକୁଳା ଟ୍ରାନ୍ସଫର୍ମର

**ତିର୍ତ୍ତୋଲ,୫।୬(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଜଡ଼ତିରା ପଞ୍ଚାୟତ ପଞ୍ଚେଇ ଗ୍ରାମରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଥିବାରୁ ଗ୍ରାମବାସୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଟ୍ରାନ୍ସଫର୍ମରଟି ଗାଁ ମୁଣ୍ଡ ପଡିଆ ମଝିରେ ଖୋଲା ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମର ଉପରେ ଥିବା କେବୁଲ ତାର ମଧ୍ୟ ଖୋଲା ରହିଛି। ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱ ଆବଦ୍ଧ ନ ଥିବାରୁ ଗୃହପାଳିତ ପ୍ରାଣୀ ଚରିବାବେଳେ ବିପଦରେ ପଡୁଛନ୍ତି। ଏଥିସହ ଏବେ ଖୋଲା ରହିଥିବା କେବୁଲରୁ ସ୍ପାର୍କିଂ ହୋଇ ନିଆଁ ବାହାରୁଛି। ଅନେକ ସମୟରେ ନିଆଁ ପିଣ୍ଡୁଳା ତଳକୁ ଖସୁଥିବାରୁ ସେଠାରେ ଥିବା ଘାସ ସବୁ ପୋଡ଼ିଯାଇଛି। ଏହାବାଦ ଉକ୍ତ ପଡିଆରେ ଗ୍ରାମର ପିଲାମାନେ ଖେଳକୁଦ କରୁଛନ୍ତି। ସେମାନଙ୍କ ପ୍ରତି ମଧ୍ୟ ଏହି ଟ୍ରାନ୍ସଫର୍ମର ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଏ ସମ୍ପର୍କରେ ଗ୍ରାମବାସୀ ଏକାଧିକବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପ୍ରତିକାର କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ୍ ବିଭାଗ ଏହି ଟ୍ରାନ୍ସଫର୍ମର ଚାରିପାଖରେ ତାର ବାଡ଼ କରିବା ସହ ସୁରକ୍ଷା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

■ ବିଶ୍ୱ ପରିବେଶ ଦିବସ

# ବାୟୁ ପ୍ରଦୂଷଣ ରୋକିବାକୁ ଗୁରୁତ୍ୱ




ବିଶ୍ୱ ପରିବେଶ ଦିବସ ପାଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ।

**ପାରାଦୀପ,୫।୬(ସ୍ୱ.ପ୍ର.)**

ପାରାଦୀପର ବିଭିନ୍ନ ସ୍ଥାନରେ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ର ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟା ସଦସ୍ୟଙ୍କୁ ନେଇ ବୋର୍ଡ କାର୍ଯ୍ୟାଳୟଠାରୁ ମଧୁବନ ଅଫିସର୍ସ କ୍ଲବ ପର୍ଯ୍ୟନ୍ତ ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ପରେ ଚଳିତବର୍ଷର ପରିବେଶ ଦିବସ ବାର୍ତ୍ତା ବାୟୁ ପ୍ରଦୂଷଣ ନିୟନ୍ତ୍ରଣକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଓ ପରେ ସାଧାରଣ ସଭା କରାଯାଇଥିଲା। ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ କୁମାର ଏକ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଇଫ୍‌କୋର ଡିଜିଏମ୍ ଜେ.ପି. ଶ୍ରୀବାସ୍ତବ, ତୈଳ ବିଶୋଧନାଗାରର ଏଲ୍.ଏନ୍. ଫୁକନ, ପୋର୍ଟ ଯନ୍ତ୍ରୀ କେ. ରାମଚନ୍ଦ୍ର ରାଓ, ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ପରିବେଶବିତ୍ ଡା. ଦେବଦତ୍ତ ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିବେଶ ଯନ୍ତ୍ରୀ ଟ୍ୱିଙ୍କିଲ ମହାନ୍ତି ଧନ୍ୟବାଦ ଦେଇଥିଲେ। ସେହିପରି ଅନ୍ୟତମ ସ୍ୱେଚ୍ଛାସେବୀ ସଙ୍ଗଠନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ବିଶ୍ୱାଳିଠାରେ ପଦଯାତ୍ରା, ବୃକ୍ଷରୋପଣ ଆଦି କରାଯାଇଥିଲା। ସଙ୍ଗଠନର ପ୍ରତିଷ୍ଠାତା ଇଂ.ଅମରେଶ ନରେଶ ସାମନ୍ତ, ଅଜୟ ତରାଇ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଅନ୍ୟତମ ସଙ୍ଗଠନ ଆଦର୍ଶ ପ୍ରୟାସ ପକ୍ଷରୁ ବଡ଼ପଡ଼ିଆ ଥାନା ଛକଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ବାୟୁ ପ୍ରଦୂଷଣ ରୋକିବା ନିମନ୍ତେ ଗାଡି ଚଳାଚଳ ହ୍ରାସ କରିବାକୁ କୁହାଯାଇଥିଲା। ଇଣ୍ଡିଆନ ଅଏଲ ପାଇପଲାଇନ ପକ୍ଷରୁ ମଧୁବନ ମାଉସୀ ମା'ଛକଠାରେ ପରିବେଶ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଚାରା ଓ ଅଖା ବ୍ୟାଗ୍ ବଣ୍ଟନ କରାଯାଇଥିଲା। ପରିବେଶ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଷଣ୍ଢକୁଦ ଓ ଆହ୍ୱାନ କମ୍ପାଇନ୍ସ ପକ୍ଷରୁ ମଧୁବନ କବରଖାନା ମାର୍କେଟଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା।

# ହରିଶ୍ଚନ୍ଦ୍ର ଯୋଜନାରେ ମିଳୁନି ସହାୟତା

**ନାଉଗାଁ,୫।୬(ସ୍ୱ.ପ୍ର.)**

ସରକାର ଗରିବ ଜନସାଧାରଣଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ ସେସବୁ ଯୋଜନା ପ୍ରଶାସନିକସ୍ତରରେ ଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଜନସାଧାରଣ ଯୋଜନାର ସୁଫଳ ପାଇପାରୁନାହାନ୍ତି। ସେଥିମଧ୍ୟରୁ ହରିଶ୍ଚନ୍ଦ୍ର ଯୋଜନା ହେଉଛି ଗୋଟିଏ, ଯେଉଁଥିରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ମୃତଦେହ ସତ୍କାର ପାଇଁ ପରିବାରକୁ ୨ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥାଏ। ନାଉଗାଁ ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ଏହି ବ୍ଲକର ପ୍ରତି ପଞ୍ଚାୟତରେ ୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ସହାୟତା ପାଇଁ ଆବେଦନ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମିଳି ନ ଥିବା ଅଭିଯୋଗ କରିଛନ୍ତି। ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀଙ୍କୁ ଟଙ୍କା ମିଳୁ ନ ଥିବା ସମ୍ପର୍କରେ ବ୍ଲକ ଭାଜପା ସଭାପତି ଶ୍ରୀକାନ୍ତ ସ୍ୱାଇଁ ଜିଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗ କରିଥିଲେ। କିନ୍ତୁ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଡେରିକି ପଞ୍ଚାୟତରେ ୪୦ରୁ ଊର୍ଦ୍ଧ୍ୱ, ତିରୁଣାରେ ୬୨, ଓଷକଣାରେ ୪୫, ଶିଖର ପଞ୍ଚାୟତରେ ୫୦, ଏହିପରି ୧୬ ପଞ୍ଚାୟତରେ ୫ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ଆବେଦନ କରିଛନ୍ତି। ସେମାନେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନିରାଶ ହେଲେଣି। ଏ ସମ୍ପର୍କରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦିନେଶ ରାୟଙ୍କୁ ପଚାରିବାରେ ସେ କହିଲେ ଯେ, ଆଗରୁ ଯିଏ ବିଡିଓ ଥିଲେ ତାଙ୍କ ନାମରେ ଥିବା ଅନ୍‌ଲାଇନ୍ ପାଶୱାର୍ଡ ଏ ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇନାହିଁ। ଫଳରେ ହିତାଧିକାରୀମାନେ ସହାୟତା ପାଇପାରିନାହାନ୍ତି। ପାଶୱାର୍ଡ ପରିବର୍ତ୍ତନ ପାଇଁ ଆମେ ଆବେଦନ କରିବା ସହିତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ଆଗାମୀ ଗୋଟିଏ ସପ୍ତାହ ମଧ୍ୟରେ ନୂତନ ପାଶୱାର୍ଡ ଆସିଲେ ହିତାଧିକାରୀଙ୍କୁ ସହାୟତା ଦିଆଯିବ।

# ଶୃଙ୍ଖଳାର ସହ ଇଦ୍ ପର୍ବ ପାଳିତ

**ବିରିଡ଼ି/ବାଲିଆ,୫।୬(ଡି.ଏନ.ଏ.)**

ବିରିଡ଼ି ଅଞ୍ଚଳର ପ୍ରତ୍ୟେକ ମୁସଲମାନ ବସ୍ତିରେ ଥିବା ମସଜିଦରେ ବୁଧବାର ଇଦ୍ ପର୍ବ ପାଳିତ ହୋଇଛି। ମହାପୁରୁଷ ମହମ୍ମଦଙ୍କ ଦ୍ୱାରା ଏହି ମାସରେ କୋରାନ ସମ୍ପୂର୍ଣ୍ଣ କରାଯାଇଥିଲା। ଏଥିପାଇଁ ସାରା ମାସଟି ମୁସଲମାନ ଭାଇ ଭଉଣୀମାନେ ରୋଜା ରଖନ୍ତି। ଦିବସ ସାରା ଉପବାସ ରହି ସନ୍ଧ୍ୟାରେ ରୋଜା ଫିଟାଇ ଖାଦ୍ୟ ପାନୀୟ ଗ୍ରହଣ କରନ୍ତି। ଏହା ଦ୍ୱାରା ଇନ୍ଦ୍ରୀୟମାନଙ୍କୁ ଆୟତରେ ରଖାଯାଇଥାଏ ବୋଲି ଭବାନୀପୁର ଗ୍ରାମର ଆୟୁବ ଶାହ ପ୍ରକାଶ କରିଛନ୍ତି। ମଣିଷ ତାର ଜୀବନରେ ଯଦି କିଛି ଭୁଲ କରିଥାଏ, ତେବେ ଏହି ଧାରାରେ ଆଲ୍ଲାଙ୍କ ପାଖରେ କ୍ଷମା ପ୍ରାର୍ଥନା କରିଥାଏ। ମାନବ ଜାତିକୁ ଭଲ ପଥ ଦେଖାଇବା ପାଇଁ ୧ ମାସ ଧରି ପ୍ରାର୍ଥନା କରାଯାଇଥାଏ। ମୁସଲମାନ ଭାଇମାନେ ନିଜ ନିଜ ମସଜିଦ୍‌ରେ ଏକତ୍ରିତ ହୋଇ ଇଦ୍ ନମାଜ ପାଠ କରିଥିଲେ। ନମାଜ ପରେ ପରସ୍ପରକୁ ଅଭିନନ୍ଦନ ଜଣାଇ ଆଲିଙ୍ଗନ କରି ମଙ୍ଗଳ କାମନା କରିଥିଲେ। ଏହି ଇଦ୍ ପର୍ବ ବିରିଡ଼ି ବ୍ଲକର ହାଜିପୁର, ବେତମାଳିଆ, ତାଞ୍ଚଣା, ଭବାନୀପୁର, ଅଢଙ୍ଗଗଡ଼, ଅମୂଲ ସାହି, ବାରାହପୁର, ତଳପାଟକ, ନୂଆଡଣା ଆଦି ମୁସଲମାନ ବସ୍ତିରେ ପାଳିତ ହୋଇଛି। ଶାନ୍ତି ଶୃଙ୍ଖଳାର ସହ ଏହି ପର୍ବ ଶେଷ ହୋଇଥିବାରୁ ଜଗତ୍‌ସିଂହପୁର ଜିଲା ବିଜେଡି ସଂଖ୍ୟାଲଘୁ ସେଲର ସଭାପତି ମୀର ଆଜମୀର ଅଲ୍ଲୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ବିରିଡ଼ିରେ ଇଦ୍ ପାଳନ ଅବସରରେ ଉପସ୍ଥିତ ମୁସଲମାନ ଭାଇମାନେ।

■ ନବନିର୍ବାଚିତ ଲୋକପ୍ରତିନିଧିଙ୍କୁ ବିଜେଡିର ସମ୍ବର୍ଦ୍ଧନା

# ସହଯୋଗ ହିଁ ବିକାଶର ମୂଳମନ୍ତ୍ର

**ଏରସମା,୫।୬(ସ୍ୱ.ପ୍ର.)**

ଏରସମା ବ୍ଲକ ସଦରମହକୁମାସ୍ଥିତ ବସଷ୍ଟାଣ୍ଡରେ ମଙ୍ଗଳବାର ରାତିରେ ଜଗତ୍‌ସିଂହପୁର ଜିଲାର ନବନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବାଲିକୁଦା-ଏରସମା ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସ, ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ପ୍ରମୁଖଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମନ୍ତ୍ରୀ ଦାସ କହିଲେ ଯେ, ଉପଯୁକ୍ତ ସହଯୋଗ ହିଁ ବିକାଶର ମୂଳମନ୍ତ୍ର। ବାଲିକୁଦା-ଏରସମାବାସୀ ତାଙ୍କୁ ଯେପରି ସହଯୋଗ କରିଛନ୍ତି, ପ୍ରତ୍ୟକ ବିକାଶ ମୂଳକ କାର୍ଯ୍ୟରେ ସେଭଳି ସହଯୋଗ କଲେ ଉନ୍ନତି ସମ୍ଭବ ହୋଇପାରିବ। ବିଧାୟକ ମୁଦୁଲି କହିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ସେ ଚ୍ୟାଲେଞ୍ଜ ବୋଲି ଭାବି ଯେଉଁଭଳି ଭାବରେ ବିଜୟଲାଭ କଲେ ତାହା ତାଙ୍କ ପାଇଁ ଗୌରବର ବିଷୟ। ପାରାଦୀପ ବିଧାୟକ ରାଉତରାୟ କହିଲେ, ସ୍ୱପ୍ନ ଦେଖିଲା କିଏ ଆଉ ସଫଳତା ପାଇଲା କିଏ। ରାଜନୈତିକ ଦୃଶ୍ୟପଟ୍ଟ ଯେଭଳି ଅଦଳବଦଳ ହୋଇଗଲା, ତାହା ଆଶ୍ଚର୍ଯ୍ୟଜନକ। ଏମପି ରାଜଶ୍ରୀ ମଲ୍ଲିକ ସବୁ ସଫଳତା ଜନସାଧାରଣଙ୍କର ବୋଲି କହିଥିଲେ। ବିଜେଡି ବ୍ଲକ ସଭାପତି ପୀତବାସ ଗଛାୟତ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା, ବିଜେଡି ଜିଲା ସଭାପତି ଅମରେନ୍ଦ୍ର ଦାସ, ଏରସମା ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ବେଉରା, ବାଲିକୁଦା ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ବାଲିକୁଦା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପରିଷଦ ସଭ୍ୟ ଦୀପ୍ତି ରଞ୍ଜନ କୁଅଁର ଅତିଥି ପରିଚୟ ପ୍ରଦାନ ଓ ବିଜେଡି ଉପସଭାପତି ବିଜୟ ପାଳ ଧନ୍ୟବାଦ ଦେଇଥିଲେ।



ଏରସମାରେ ବିଜେଡିର ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଏମ୍‌ପି, ମନ୍ତ୍ରୀ ଓ ବିଧାୟକ।

**ବିରିଡ଼ି/ବାଲିଆ,(ଡି.ଏନ.ଏ.):** ଏମପି ଡା. ରାଜଶ୍ରୀ ମଲ୍ଲିକଙ୍କୁ ବୁଧବାର ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ବିରିଡ଼ି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉଳ, ଆମ୍ବ ଅଧ୍ୟକ୍ଷା ସବିତା ଦାସ, ଦରଡ଼ା ସରପଞ୍ଚ ଧନଞ୍ଜୟ ମହାପାତ୍ର, ବିଧାନ ଜେନା, ସରପଞ୍ଚ ଅମିତ ରାଉଳ, ପୁଷ୍ପ ପ୍ରକାଶ ପ୍ରଧାନ, ସମିତିସଭ୍ୟା ମିତାଞ୍ଜଳି ଭୋଇ, କମଳା ଭୋଇ, ଅନୁସୂୟା ରାଉତରାୟ, ସରପଞ୍ଚ ସ୍ୱର୍ଣ୍ଣଲତା ସେଠୀ, ପ୍ରବୀର ଦାସ, ଗଗନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଖାଦ୍ୟରୁଚି

ସମ୍ବଲପୁର ଜିଲା ପର୍ଯ୍ୟଟନ କ୍ଷେତ୍ରରେ ଆଗକୁ ବଢ଼ିଛି । ଏହାସହ ଅନେକ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ ଗଢି ଉଠୁଛି । ହୋଟେଲ ଶିଳ୍ପ ମଧ ସେହି ହିସାବରେ ବଢି ଚାଲିଛି । ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ହୋଟେଲରେ ଆରାମଦାୟକ ରହଣି ସହ ଖାଦ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ସହରର ପ୍ରତିଷ୍ଠିତ ହୋଟେଲ ଗ୍ରାଣ୍ଡ ଶିବାରେ ସ୍ପିନ୍ଅଚ୍ କଟେଜ୍ ଚିଜ୍ ରୋଲ ମଖନୀ ନାମକ ଡିସ୍‌ର ଚାହିଦା ବଢ଼ିଛି । ସେହି ଡିସ୍‌ର ମୂଲ୍ୟ ଗୋଟିଏ ପ୍ଲେଟ୍‌କୁ ୨୯୯ ଟଙ୍କା ରହିଛି । ଏହାକୁ ୨ ଜଣ ବ୍ୟକ୍ତି ଡିନର କିମ୍ବା ଲଞ୍ଚରେ ଖାଇ ପାରିବେ । ଏହାର ପ୍ରସ୍ତୁତି ପ୍ରଣାଳୀ ଓ ଆବଶ୍ୟକ ସାମଗ୍ରୀ ସଂକ୍ରାନ୍ତରେ ସେଫ୍ ରବୀନ୍ଦ୍ର ସାମଲ ଯାହା କୁହନ୍ତି..।

ରିପୋର୍ଟ: ଶୁଭାଶିଷ ପାଢ଼ୀ

## ସ୍ପିନ୍ଅଚ କଟେଜ୍ ଚିଜ୍ ରୋଲ୍ ମଖନୀ

### ଆବଶ୍ୟକ ସାମଗ୍ରୀ

- କଞ୍ଚା ପନିର– ୫୦ ଗ୍ରାମ
- ସ୍ପିନ୍ଅଚ୍ (ପାଲକ) – ୧୫୦ ଗ୍ରାମ
- ଅମୂଲ ଚିଜ୍ – ୭୫ ଗ୍ରାମ
- ଫ୍ରେସ୍ ଅମୂଲ କ୍ରିମ– ୨୫ ଗ୍ରାମ
- ପିଆଜ– ୩୦ ଗ୍ରାମ୍
- କାଜୁ– ୫୦ ଗ୍ରାମ
- ଟମାଟୋ– ୧୦୦ ଗ୍ରାମ
- ଲୁଣ– ସ୍ୱାଦ ଅନୁସାରେ
- ରସୁଣ– ୨୦ ଗ୍ରାମ
- ଅଦା– ୨୦ ଗ୍ରାମ
- କିସମିସ – ୧୦ ଗ୍ରାମ
- ବଟର – ୫ ଗ୍ରାମ
- ରିଫାଇନ ତେଲ – ୨୦ ଗ୍ରାମ







ମୁଖ୍ୟ ସେଫ୍
ରବୀନ୍ଦ୍ର ସାମଲ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପିଆଜ,ରସୁଣ ଓ ସ୍ପିନ୍ଅଚ(ପାଳଙ୍ଗ)କୁ ଛୋଟ ଛୋଟ ଖଣ୍ଡ କରି କାଟି ତେଲରେ ଭାଜି କାଢ଼ି ଦିଅନ୍ତୁ। ପନିର, ଚିଜ୍, କାଜୁ କିସ୍‌ମିସକୁ ଛୋଟ ଛୋଟ କାଟି ରଖନ୍ତୁ। ପିଆଜ,ରସୁଣ ଓ ସ୍ପିନ୍ଅଚ(ପାଳଙ୍ଗ)ରେ ରୋଲ୍ ତିଆରି କରି ବଏଲ କରାଯାଇ ଏକ ପାତ୍ରରେ ରଖାଯିବ । ପରେ ରୋଲକୁ ୬ ଖଣ୍ଡରେ କାଟି ଦିଆଯିବ । ଟମାଟୋ କାଜୁକୁ ବଟାଯାଇ ତେଲରେ ଫ୍ରାଏ କରି ଗ୍ରେଭି ପ୍ରସ୍ତୁତି କରାଯିବ । ରୋଲ ଉପରେ ପ୍ରସ୍ତୁତି ଗ୍ରେଭିକୁ ଦିଆଯାଇ ପରସା ଯିବ ।

# ଆତ୍ମବିଶ୍ୱାସରୁ ମିଳେ ସଫଳତା

ନିଷ୍ଠା, ଏକାଗ୍ରତା, କଠିନ ପରିଶ୍ରମ ହିଁ ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ। ଏହାକୁ ବାସ୍ତବରେ ପ୍ରମାଣ କରି ଦେଖାଇଛନ୍ତି ଗଞ୍ଜାମ ଜିଲା ଭଞ୍ଜନଗର ବେଲଗୁଣ୍ଠା ବ୍ଲକ ଟିକରପଡା ଗ୍ରାମର ଯୁବକ ମାଧବ ସାହୁ। ବାପା ବାଉରୀ ବନ୍ଧୁ ସାହୁ, ମା' ଚନ୍ଦ୍ରମାଙ୍କ ସନ୍ତାନ ମାଧବଙ୍କ ମଧରେ ରହିଥିବା ପ୍ରଗାଢ ଆତ୍ମବିଶ୍ୱାସ ତାଙ୍କୁ ବିଦେଶରେ ପରିଚିତ କରାଇପାରିଛି। ସେ ହାସଲ କରିଛନ୍ତି 'ମିଷ୍ଟର ଓଡିଶା ଇଣ୍ଟର ନ୍ୟାଶନାଲ ୨୦୧୯' ଟାଇଟଲ। ଗତ ମେ ୨୫ରେ ଗୋଆର ଜିଭା ରିସୋର୍ଟରେ ଗ୍ଲୋବାଲ ଇଣ୍ଡିଆ ଏଣ୍ଟରଟେନମେଣ୍ଟ ପକ୍ଷରୁ ହୋଇଥିବା ମିଷ୍ଟର ଏଣ୍ଡ ମିସ୍ ଇଣ୍ଟରନ୍ୟାଶନାଲ ଇଣ୍ଡିଆ ୟୁନିଭର୍ସ ୨୦୧୯ କାର୍ଯ୍ୟକ୍ରମରେ ର୍ୟାମ୍ପ ଶୋ ମଡେଲିଂରେ ଭାଗ ନେଇ ସେ ଏହି ଟାଇଟଲ ହାସଲ କରିଛନ୍ତି। ଏହି ଅବସରରେ ତାଙ୍କ ସହ ଧରିତ୍ରୀର ଆଳାପ...



ମାଧବ ସାହୁ

## ଧରିତ୍ରୀ ଆଳାପ

**★ଟାଇଟଲକୁ ନେଇ କ'ଣ କହିବେ ?**

ଏଇ ଟାଇଟଲ ପାଇବା ମୋ ଜୀବନର ବହୁତ ବଡ ସ୍ୱପ୍ନ ଥିଲା। ଛୋଟ ବେଳୁ ହିଁ ମଡେଲିଂ ଓ ଅଭିନୟ ପ୍ରତି ଆଗ୍ରହ ଥିଲା। ସେହି ସମୟରୁ ହିଁ ଏହାକୁ ନେଇ କ୍ୟାରିୟର ଗଢିବାକୁ ସ୍ୱପ୍ନ ଦେଖୁଥିଲି। କେବଳ ସୁଯୋଗ ଅପେକ୍ଷାରେ ଥିଲି। ଏବେ ସୁଯୋଗ ମିଳିଲା ଏବଂ ସ୍ୱପ୍ନ ପୂରଣକୁ ନେଇ ବେଶ ଖୁସି ଅଛି।

**★ଟାଇଟଲର ଶ୍ରେୟ କାହାକୁ ଦେବାକୁ ଚାହିଁବେ ?**

ମଡେଲିଂ ପାଇଁ ପରିବାର, ବନ୍ଧୁମାନଙ୍କଠାରୁ ସର୍ବଦା ସମର୍ଥନ ପାଇଛି। ଷ୍ଟାଇଲ ଓ ଚାଲି ଦେଖି ମୋର ବନ୍ଧୁ ଏପରିକି ଅଫିସ ମ୍ୟାନେଜର ମଧ ବେଳେ ବେଳେ କୁହନ୍ତି, ମୁଁ ଚାକିରି କରିବା ପରିବର୍ତ୍ତେ ମଡେଲିଂରେ କ୍ୟାରିୟର କରିବା ଭଲ। ତେବେ ଏହି ଟାଇଟଲ ପାଇଁ ଅଡିଶନ ସମ୍ପର୍କରେ ମୋର ବନ୍ଧୁ ପିଙ୍କି ଗିରି ମୋତେ ପ୍ରଥମେ ସୂଚନା ଦେଇଥିଲେ। ଯଦି ସେ ସୂଚନା ଦେଇ ନ ଥାନ୍ତେ ହୁଏତ ମୁଁ ଏ ସମ୍ପର୍କରେ ଜାଣି ପାରି ନ ଥାନ୍ତି । ତେଣୁ ଏହି ଟାଇଟଲର ଶ୍ରେୟ ମୁଁ ପିଙ୍କିଙ୍କୁ ଦେବାକୁ ଚାହୁଁଛି। ଏଥିସହ ମୋର ସଫଳତା ପଛରେ ବନ୍ଧୁ ଉମା ଶଙ୍କର ଏବଂ ମନୋଜ ପ୍ରଧାନଙ୍କର ବହୁତ ବଡ଼ ଭୂମିକା ରହିଛି।

**★ମଡେଲିଂ କରିବାକୁ କାହିଁକି ଆଗ୍ରହ ଆସିଲା ?**

ଛୋଟ ବେଳୁ ଗ୍ଲାମର ଇଣ୍ଡଷ୍ଟ୍ରି ପ୍ରତି ଦୁର୍ବଳତା ରହିଛି। ମୁଁ ଅନୁଭବ କରୁଥିଲି, ଦୁନିଆରେ ନିଜର ସ୍ୱତନ୍ତ୍ର ପରିଚୟ ଓ ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରିବାକୁ ହେଲେ ଏହି ଇଣ୍ଡଷ୍ଟ୍ରି ବଡ଼ ମାଧ୍ୟମ। ପୁଣି ଅଭିନୟ କରିବାକୁ ହେଲେ ମଡେଲିଂର ଆବଶ୍ୟକତା ରହିଥାଏ। ତେଣୁ ମୁଁ ମଡେଲିଂ ପାଇଁ ଇଚ୍ଛା ପ୍ରକାଶ କରିଥିଲି।

**★ଆଗକୁ କ'ଣ ଲକ୍ଷ୍ୟ ରଖିଛନ୍ତି ?**

ଏବେ ବଡ଼ ମେଡେଲିଂ ର୍ୟାମ୍ପ ଶୋ'ରେ ଓଡ଼ିଶା ଓ ଇଣ୍ଡିଆକୁ ପୁଣି ରିପ୍ରେଜେଣ୍ଟ କରିବି। ଅଭିନୟରେ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଛି।

**★ମଡେଲିଂରେ କ୍ୟାରିୟର କରିବାକୁ କ'ଣ ଦରକାର ବୋଲି ଭାବୁଛନ୍ତି?**

ନିଷ୍ଠା, ପରିଶ୍ରମ ସହ ନିଜ ମଧରେ ଦୃଢ ଆତ୍ମବିଶ୍ୱାସ ରହିବା ଜରୁରୀ। ମଡେଲିଂ ପାଇଁ ସୁସ୍ଥ ଶରୀର, ସ୍ମାର୍ଟନେସ, କମ୍ୟୁନିକେଶନ, ବଡି ଲାଙ୍ଗୁଏଜ, ୱାର୍କିଂ ଷ୍ଟାଇଲ ପ୍ରତି ଧ୍ୟାନ ଦେବାକୁ ହେବ। ଏଥିପାଇଁ ଆତ୍ମବିଶ୍ୱାସ ରହିଲେ ନିଶ୍ଚୟ ସଫଳତା ମିଳିବ।

**★ପ୍ରତିଯୋଗିତା ପାଇଁ କିପରି ନିଜକୁ ପ୍ରସ୍ତୁତ କରୁଥିଲେ ?**

ସୋସିଆଲ ମିଡିଆ ୟୁ ଟ୍ୟୁବରୁ ମଡେଲିଂ କରିବାର ବିଭିନ୍ନ ତରିକା ଶିଖି ତାକୁ ଅଭ୍ୟାସ କରୁଥିଲି। ଏହାକୁ ନେଇ 'ଏମ ଏକ୍ସ କ୍ରିଏଶନ' ନାମରେ ଏକ ୟୁଟ୍ୟୁବ ଚ୍ୟାନେଲ ଖୋଲିଛି। ପ୍ରତିଯୋଗିତା ପାଇଁ ଅଡିଶନରେ ଚୟନ ହେବା ପରେ ଦିନକୁ ଅଫିସ ସମୟ ୯ ଘଣ୍ଟା ବାଦ ଦେଲା ପରେ ଜିମ ପାଇଁ ଦେଢ ଘଣ୍ଟା, ଡ୍ୟାନ୍ସ ଅଭ୍ୟାସ ପାଇଁ ଏକ ଘଣ୍ଟା ପରିଶ୍ରମ କରୁଥିଲି।

**★ପ୍ରତିଯୋଗିତା ସମୟର କିଛି ଅଭୁଲା ଅନୁଭୂତି ?**

ଅଡିଶନରେ ସିଲେକ୍ସନ ହେବା ପରେ ଗୋଆ ଯିବାକୁ କୁହାଯାଇଥିଲା। ଗୋଆରେ ୫ ଦିନ ରହିବାର ଥିଲା। ତେଣୁ ମୁଁ ଅଫିସରୁ ୫ ଦିନ ଛୁଟି ମାଗିଥିଲି, କିନ୍ତୁ ଛୁଟି ମିଳି ନ ଥିଲା। ଶେଷରେ ଦେହ ଖରାପ କହି ଛୁଟି ନେବାକୁ ପଡିଥିଲା। କିନ୍ତୁ ପ୍ରତିଯୋଗିତା ଶେଷ ହେବାର ଦିନକ ପୂର୍ବରୁ ଅଫିସରୁ କଲ ଆସିଥିଲା ରେଜିଗନେଶନ ଦେବାକୁ। କିନ୍ତୁ ଏଥିରେ ବିଚଳିତ ନ ହୋଇ ପ୍ରତିଯୋଗିତାରେ ଭାଗ ନେଲି। ଆଉ ଜିତିଲି ମଧ। କିନ୍ତୁ ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଲି ଚାକିରି ଆଉ ମୋର ନାହିଁ। ତେବେ ଏହା ମୋର ଜୀବନର ଏକ ବଡ ଅନୁଭୂତି ହୋଇ ରହିବ।

# ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ
latecityselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଦେବରାଜ



ପୀୟୂଷ



ଟ୍ୱିଙ୍କିଲ



ସିପୁ



ଲିପିଶ୍ରୀ



ଲୁବୁନ



ଶୁଭଶ୍ରୀ



ବନ୍ଦିତା



ଅଭିଷେକ



ଶୁଭମ

# ଦୋକାନୀଙ୍କ ତାଗିଦ ଆମକୁ ସଚେତନ କରିଥିଲା

## ନିଜ କଥା



ଡ.ବିଜୟ କୁମାର ମହାରଣା

॥ ରିପୋର୍ଟ
ଶଶାଙ୍କ ଶେଖର ଝାଙ୍କର ॥

ଡ.ବିଜୟ୍ କୁମାର ମହାରଣା, ଦେବଗଡ଼ ମଡେଲ କଲେଜର ଅଧ୍ୟକ୍ଷ। କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଭଗତପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ବିଜୟ୍‌ଙ୍କ ପ୍ରାଥମିକ ଶିକ୍ଷା ଗାଁ ସ୍କୁଲରୁ ହିଁ ଆରମ୍ଭ ହୋଇଥିଲା। ଏହାପରେ କଙ୍ଗେଇପୁର ଗ୍ରାମ ପଞ୍ଚାୟତ ହାଇସ୍କୁଲରେ ମାଟ୍ରିକ ପାସ୍ କରିବା ପରେ ଜାତୀୟ କବି ବୀରକିଶୋର କଲେଜ, ରେଭେନ୍ସା କଲେଜରେ ତାଙ୍କର ଉଚ୍ଚତର ଶିକ୍ଷା ସମାପ୍ତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟରେ ସେ ଓଡ଼ିଆରେ ଏମ୍.ଫିଲ୍ କରିବା ପରେ ବ୍ରହ୍ମପୁର ବିଶବିଦ୍ୟାଳୟରୁ ତୁଳନାତ୍ମକ ଭାଷା ସାହିତ୍ୟ ଉପରେ ଗବେଷଣା କରି ପିଏଚ୍‌ଡି ଲାଭ କରିଥିଲେ।

❑ ଆପଣଙ୍କ ପ୍ରଥମ ଚାକିରି କେଉଁଠି ହୋଇଥିଲା ?

❍ ୧୯୯୬ ମସିହାରେ ଗଞ୍ଜାମ ଜିଲା ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲି।

❑ ଦରମା କିପରି ଖର୍ଚ୍ଚ କରିଥିଲେ ?

❍ ପ୍ରଥମ ଦରମାରେ ମୋ ମାଆଙ୍କ ପାଇଁ ଖଣ୍ଡେ ଶାଢ଼ି କିଣିଥିଲି। ସାଙ୍ଗମାନଙ୍କ ସହ ମିଶି କଟକରେ ସିନେମା ଦେଖିଥିଲି।

❑ ଆପଣଙ୍କ ଆଦର୍ଶ କିଏ ?

❍ ମୋର ଆଦର୍ଶ ସ୍ୱାମୀ ବିବେକାନନ୍ଦ ଓ ମହାତ୍ମା ଗାନ୍ଧୀ। ସେମାନଙ୍କ ସରଳ ନିରାଡମ୍ବର ଜୀବନଚର୍ଯ୍ୟା, ଉଚ୍ଚ ଆଧାତ୍ମିକ ଦର୍ଶନ , ସେବା ମନୋଭାବ , ଅହିଂସା ମାର୍ଗ ମତେ ସର୍ବଦା ପ୍ରଭାବିତ କରିଛି

❑ ଆପଣଙ୍କ ଜୀବନରେ ଘଟିଥିବା କିଛି ଅଭୁଲା କଥା ?

❍ ନିଶ୍ଚୟ। ଦିନେ ମୁଁ ମୋର ସାଙ୍ଗ ପ୍ରିୟବ୍ରତ ପାତ୍ରଙ୍କ ସହ ଛତିଶଗଡ଼ର ଅମରକଣ୍ଟକ ଯାଇଥାଉ। ସେଠାକାର ଏକ ଛୋଟ ହୋଟେଲରେ ଆମେ ଖାଇବାକୁ ବସିଥାଉ। ଜଣେ ଯୁବକ ନିଜ ଖାଦ୍ୟ ଅଧା ଖାଇ ଉଠିଯାଇଥିଲେ। ଏହା ଦେଖି ଦୋକାନୀ ଜଣକ ଚିତ୍କାର କଲେ, ଆପଣ ଖାଦ୍ୟ ଫିଙ୍ଗିଲେ ମୁଁ ଦୁଇ ଗୁଣ ପଇସା ନେବି। ଖାଇବାକୁ ଇଚ୍ଛା ନ ଥିଲେ ଅଳ୍ପ ଖାଦ୍ୟ ନେଇଥାନ୍ତେ। ଖାଦ୍ୟ ନଷ୍ଟ କରିବାର ଅଧିକାର ତୁମର ନାହିଁ। ସେଦିନ କଥା ଆଜି ବି ମୋର ମନ ଅଛି। ସେହି ଦୋକାନୀଙ୍କ ତାଗିଦ୍ ଆମକୁ ବି ସଚେତନ କରିଥିଲା।

❑ କଳା ପ୍ରତି ରୁଚି ରଖନ୍ତି କି ?

❍ ନିଶ୍ଚୟ। କଳା ମୋର ଆତ୍ମା କହିଲେ ଭୁଲ୍ ହେବ ନାହିଁ। ମୁଁ କ୍ଲାସିକାଲ ନାଚ ଗୀତ ଦେଖିବାକୁ ଓ ଶୁଣିବାକୁ ବହୁତ ଭଲ ପାଏ। ଉଭୟ ହିନ୍ଦୀ ଓ ଓଡ଼ିଆ ଭାଷାରେ କବିତା ଓ ପ୍ରବନ୍ଧ ଲେଖେ।

❑ କେଉଁ ଫିଲ୍ମ ଦେଖିବାକୁ ଆପଣ ପସନ୍ଦ କରନ୍ତି ?

❍ ସାମାଜିକ ସମସ୍ୟାମୂଳକ ବାସ୍ତବବାଦୀ ଓ କଳାତ୍ମକ ଫିଲ୍ମ ମୋର ପସନ୍ଦ। ରିମେକ ଆକ୍ସନ ମୁଭି ମତେ ଭଲ ଲାଗେନା।

❑ ଅବସର ସମୟରେ କ'ଣ କରନ୍ତି ?

❍ ସମୟ ମିଳିଲେ ମୁଁ ବୁଲାବୁଲି କରି ଲୋକ ଜୀବନ ଓ ସଂସ୍କୃତିକୁ ଅଧ୍ୟୟନ କରେ। ଟିଭିରେ ନିଉଜ ଓ ଖେଳ ଦେଖେ।

❑ ପରିବାର ପାଇଁ କେତେ ସମୟ ଦିଅନ୍ତି ?

❍ ମା ,ସ୍ତ୍ରୀ,ଝିଅ ଓ ପୁଅକୁ ନେଇ ମୋର ଛୋଟ ପରିବାର। ଟିକିଏ ସମୟ ମିଳିଲେ ସେମାନଙ୍କ ସହିତ ଗପ କରେ। ଏକାଠି ବସି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁ।

❑ ଆପଣଙ୍କ ରୁଚି ?

❍ ପୁସ୍ତକ ପଢିବାକୁ ଭଲ ପାଏ। ଉଭୟ ଓଡ଼ିଆ ଓ ହିନ୍ଦୀ ଭାଷାର ବହି ପଢିଥାଏ।

ଅପେରା ହାଲ୍‌ଚାଲ୍

# ବାପିଙ୍କ ନୂଆ ଅବତାର

ବାପି ପଣ୍ଡା। ଜଲିଉଡ୍‌ର ଏହି ଅନ୍ୟତମ ଲୋକପ୍ରିୟ ଅଭିନେତାଙ୍କୁ ଆସନ୍ତା ଯାତ୍ରା ସିଜନରେ ଏକ ନୂଆ ଗେଟଅପରେ ଦେଖିବାକୁ ମିଳିବ। ଏପରି ଭୂମିକାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ନାଟକଟି ହେଲା 'ସୀତାର ଜଳୁଛି ଚିତା'। ଅରୁଣ ନାୟକଙ୍କ ରଚିତ ତଥା ବାଘାଯତୀନ ଲୋକନାଟ୍ୟ ଦ୍ୱାରା ପରିବେଷିତ ହେବାକୁ ଥିବା ଏହି ନାଟକର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିବେ ମହେଶ ହାଜରା। କେବଳ ଏହି ଭୂମିକା ନୁହେଁ ଗେଟ୍‌ଅପ୍‌କୁ ନେଇ ମଧ୍ୟ ଚର୍ଚ୍ଚା। ଏହା ପଛରେ କ'ଣ ରହିଛି ପ୍ରଶ୍ନର ଉତ୍ତରରେ ବାପି କହନ୍ତି, 'ଏହି ନାଟକରେ ମୁଁ ଜଣେ ଏସ୍‌ପି (ପୋଲିସ ସୁପରିଣ୍ଟେଣ୍ଡେଣ୍ଟ) ଭୂମିକାରେ ଅଭିନୟ କରୁଛି। ସ୍ଥାନୀୟ ବିଧାୟକଙ୍କ ଗୁଣ୍ଡାରାଜ ବିରୋଧରେ ସାହସର ସହ ଲଢୁଛି। ହେଲେ ବଳିଦାନ ସ୍ୱରୂପ ତାକୁ ଅନେକ କିଛି ହରାଇବାକୁ ପଡୁଛି। ଆଉ ତା'ପରେ ସେ ନିଜର ମାନସିକତା ପରିବର୍ତ୍ତନ କରି ଜଣେ ଅର୍ଦ୍ଧ ପାଗଳ ଭାବରେ ଘୂରି ବୁଲୁଛି। ହେଲେ କ'ଣ ପାଇଁ ? ଅପେକ୍ଷା କରନ୍ତୁ ନା ! ମାସ କେଇଟା ପରେ ମଞ୍ଚ ଉପରେ ଦେଖିପାରିବେ।' ଆସନ୍ତା ଯାତ୍ରା ସିଜନ ପାଇଁ ବାଘାଯତୀନ ଲୋକାନାଟ୍ୟ ଆଉ ଦୁଇଟି ନାଟକ-'ସିନ୍ଦୂର ସାଜିଛି କନିଆ ରାଣୀ' (ରଚନା-ଅଧ୍ୟାପକ କୃଷ୍ଣ ପାତ୍ର, ନିର୍ଦ୍ଦେଶନା-ବିନୋଦ ରାଉତ) ଏବଂ 'ମୋ ସିନ୍ଦୂର କେଉଁ ସ୍ୱାମୀର' (ରଚନା-ସୁକାନ୍ତ ମଲ୍ଲିକ, ନିର୍ଦ୍ଦେଶନା-ରଞ୍ଜନ ବିଶ୍ୱାଳ)ର ପ୍ରସ୍ତୁତିରେ ଲାଗିପଡିଛି। ଏହାପୂର୍ବରୁ ଅନେକ ନାଟକରେ ବାପି ନିଜ ଅଭିନୟ ଦକ୍ଷତା ବଳରେ ଅପେରାପ୍ରେମୀଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ତେବେ ଏପରି ଚ୍ୟାଲେଞ୍ଜିଂ ଭୂମିକା ତାଙ୍କୁ ନିଶ୍ଚୟ ମାଇଲେଜ ଦେବ ବୋଲି ଆଶା ରଖିଛନ୍ତି ଜଲିଉଡ୍‌ର ଏହି ଆକ୍ସନ ଷ୍ଟାର।





# ଆଶାରେ ରାଣୀ

ପ୍ରଥମେ ଆଲବମ୍ ଆଉ ଏବେ ଓଡ଼ିଆ ଚଳଚ୍ଚିତ୍ର। ବଡ଼ ପରଦାରେ ଏକ ଲମ୍ବା ଇନିଂସ ଖେଳିବାକୁ ଆଶା ରଖିଛନ୍ତି ଏହି ନବାଗତା। ଏ ପର୍ଯ୍ୟନ୍ତ ତିନୋଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଲେଣି ଏବଂ ଆଉ ଦୁଇଟି ଚିତ୍ରରେ କାମ କରିବା ପାଇଁ ଅଫର ରହିଛି। ସେ ହେଲେ ରାନୀ ପ୍ରିୟଦର୍ଶିନୀ ସାହୁ। ନିଜର କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ପ୍ରଯୋଜକ ନାରାୟଣ ଘଡ଼େଇ ମୋତେ ପ୍ରଥମେ 'ଜ୍ୟୋସ୍ନା ଭିଜା ରାତି'ର ନାୟିକା ହେବାର ସୁଯୋଗ ଦେଇଥିଲେ। ଏଭଳି ସୁଯୋଗ ପାଇବା ପରେ ନାୟିକା ହେବାର ଆଶା ମୋର ଦ୍ୱିଗୁଣିତ ହୋଇଯାଇଥିଲା। ତା'ପରେ ନିକଟରେ ରିଲିଜ ହୋଇଥିବା 'କଟି ପତଙ୍ଗ' ରେ ମୋ ଭୂମିକା ମୋତେ ଆହୁରି ପ୍ରେରଣାଦାୟକ ହୋଇଥିଲା। ଆଲବମ୍‌ରେ ଅଭିନୟ କରିବା ସମୟରେ ମୋତେ ଆଲବମ୍ କୁଇନ୍ ବୋଲି ସମ୍ବୋଧନ କରୁଥିଲେ। ଓଡ଼ିଆ ସିନେମାରେ ମୋତେ ଯେଉଁଭଳି ଭୂମିକା ମିଳିଲେ ତାହାକୁ ତୁଲାଇବାର ଦକ୍ଷତା ରହିଛି।' ତେବେ ନାୟିକା ଭାବରେ ରାନୀ ଆଗକୁ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# କେବଳ ବନ୍ଧୁତା

କ'ଣ କରିବେ ଦିଶା ପଟାନି- ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଅର୍ଥାତ୍ ସେ ଦୋଛକିରେ ପଡିଯାଇଛନ୍ତି। ଟାଇଗର ଶ୍ରଫଙ୍କ ସହ ତାଙ୍କ ଇଲୁ ଇଲୁକୁ ନେଇ କଥା ଦାଣ୍ଡରେ ପଡି ହାଟରେ ଗଡିଲାଣି। ହେଲେ ତାହା ସତ ନୁହେଁ ବୋଲି ଦିଶା ସଫେଇ ଦେବା ପରେ ଆଲୋଚନା ନୂଆ ମୋଡ ନେଇଛି। ଗତ କିଛି ବର୍ଷ ଧରି ଏହି ଯୋଡି ଚର୍ଚ୍ଚାରେ ରହିଛନ୍ତି। ଏପରି କଥା ଶୁଣି ଆଉ କେତେ ଦିନ ଅବା ସେ ମୁହଁ ବନ୍ଦ କରି ବସିବେ କହିଲେ ? ଶେଷକୁ ବାଧ ହୋଇ ସଫେଇ ଦେଇଛନ୍ତି। 'ଆପଣମାନେ ଯାହା ଶୁଣୁଛନ୍ତି ତାହା ସତ ନୁହେଁ। ଟାଇଗରଙ୍କ ସହ ମୋ ନାମକୁ ଯୋଡି ଅନେକ କଥା ଆଲୋଚନା ହେଉଛି। ହେଲେ ଅଯଥା କଥାରେ ମୁଣ୍ଡ ଖେଳାଇବା ଠିକ୍ ବୋଲି ମୁଁ ଭାବେନାହିଁ। ତଥାପି କିଛି କହିବାକୁ ବାଧ ହେଉଛି। ଆମ ଭିତରେ କେବଳ ବନ୍ଧୁତା ଅଛି। ତାକୁ ଅନ୍ୟ ଦୃଷ୍ଟିରେ ଦେଖିବା ଆଦୌ ଠିକ୍ ନୁହେଁ। ଟାଇଗର ଜଣେ ଭଲ ମଣିଷ। ତାଙ୍କର ଫିଟ୍‌ନେସ ମୋତେ ଅଧିକ ପ୍ରଭାବିତ କରିଛି। କେବଳ ସେତିକି ନୁହେଁ, ତାଙ୍କର ଫିଟ୍‌ନେସ ଟିପ୍ସ ମୋତେ ଫିଟ୍ ଆଣ୍ଡ ଫାଇନ୍ ରହିବାକୁ କେତେ ସାହାଯ୍ୟ କରିଛି ତାହା ବର୍ଣ୍ଣନା କରିପାରିବି ନାହିଁ ବୋଲି କହିଛନ୍ତି ଦିଶା।'



ଦିଶା ପଟାନି

# ଅନ୍ଧାରକୁ ଡରନ୍ତି କ୍ୟାଟ୍ରିନା



ବଲିଉଡ୍‌ର ଆଗଧାଡିର ଅନ୍ୟତମ ଅଭିନେତ୍ରୀ କ୍ୟାଟ୍ରିନା କୈଫ। ଚଳିତବର୍ଷ ଇଦ୍ ଅବସରରେ ତାଙ୍କ ଅଭିନୀତ 'ଭାରତ' ରିଲିଜ ହୋଇଛି। ଗୋଟିଏ ଜିନିଷକୁ ନେଇ ତାଙ୍କ ମନରେ ଭୟ ରହିଛି। ସେ କାହାକୁ ବେଶି ଭୟ କରନ୍ତି ଜାଣନ୍ତି ? ଅନ୍ଧାରକୁ। ତାଙ୍କ ବ୍ୟକ୍ତିଗତ ହେଉ ଅବା ଅଭିନୟ ଜୀବନରେ ଅନେକ ରୋଚକ କଥା ରହିଛି। କ୍ୟାଟ୍ରିନାଙ୍କୁ ଯେତେବେଳେ ମାତ୍ର ୧୪ବର୍ଷ ସେତେବେଳେ ସେ ମଡେଲିଂ ଆରମ୍ଭ କରିଥିଲେ। ନିକଟରେ ସେ ତାଙ୍କର ୩୫ତମ ଜନ୍ମଦିନ ପାଳନ କରିଛନ୍ତି। ହଂକଂରେ ଜନ୍ମିତା ଏହି ଅଭିନେତ୍ରୀଙ୍କର ପ୍ରକୃତ ନାମ ହେଲା କ୍ୟାଟ୍ରିନା ଟୋରକୁଟ୍ଟେ। 'ବୁମ୍' ସିନେମାର ପ୍ରଯୋଜିକା ଅୟେଶା ଶ୍ରଫ ତାଙ୍କ ନାମକୁ ପରିବର୍ତ୍ତନ କରି କ୍ୟାଟ୍ରିନା କୈଫ ରଖିଥିଲେ। ବମ୍ବେ ଆସି ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ସେ କିଛି ବର୍ଷ ଲଣ୍ଡନରେ ରହିଥିଲେ। ୨୦୦୪ରେ ସେ 'ମାଲେଶ୍ୱରୀ' ଟାଇଟଲବିଶିଷ୍ଟ ଏକ ତେଲୁଗୁ ଫିଲ୍ମରେ ଅଭିନୟ କରି ପାରିଶ୍ରମିକ ଭାବରେ ୭.୫ ମିଲିୟନ ପାଇଥିଲେ। ସେ ସମୟରେ ଜଣେ ଦକ୍ଷିଣ ଭାରତୀୟ ଅଭିନେତ୍ରୀଙ୍କର ଏହା ଥିଲା ସର୍ବାଧିକ ପାରିଶ୍ରମିକ। ସେ ସ୍ପଷ୍ଟ ଭାବରେ ହିନ୍ଦୀ କହିପାରନ୍ତି ନାହିଁ। ଫଳରେ ତାଙ୍କର ପ୍ରାୟ ଅଧିକାଂଶ ଫିଲ୍ମରେ ଭଏସ ଡବିଂ କରାଯାଇଥାଏ। ସେ ନାଚିଥିବା ସୁପରହିଟ୍ ଗୀତ 'ଚିକନି ଚମେଲି'ର ଶୁଟିଂ ଦଶ ଦିନ ପର୍ଯ୍ୟନ୍ତ ଚାଲିଥିଲା। ଚିତ୍ର ଆଙ୍କିବାକୁ କ୍ୟାଟ୍ରିନା ଭଲ ପାଆନ୍ତି। ଜଣେ ପରିଚିତା ଚେସ୍ ଖେଳାଳି ଭାବରେ ତାଙ୍କର ସୁଖ୍ୟାତି ରହିଛି। ଜଣେ ବ୍ୟକ୍ତିଙ୍କର ମାନସିକତାକୁ ସେ ସାଙ୍ଗେ ସାଙ୍ଗେ ଅନୁଧ୍ୟାନ କରି ଜାଣିପାରନ୍ତି। ସଲମାନ ଖାଁଙ୍କ ସହ ତାଙ୍କର ପ୍ରେମ ସମ୍ପର୍କକୁ ନେଇ ବେଶ୍ କିଛି ବର୍ଷ ହେଲା ଚର୍ଚ୍ଚାରେ ଅଛନ୍ତି କ୍ୟାଟ୍ରିନା। ଏହାପୂର୍ବରୁ ତାଙ୍କ ନାମ ସହ ରଣବୀର କପୁରଙ୍କ ନାମକୁ ଯୋଡା ଯାଇଥିଲା। ହେଲେ ଏହି ପ୍ରେମରେ କେବେଠାରୁ ବ୍ରେକଅପ ହୋଇସାରିଛି। ବାନ୍ଦ୍ରାରେ କ୍ୟାଟ୍ରିନା ଏକ ଭଡ଼ା ଘରେ ରହୁଛନ୍ତି।

# ଭଲ ପାଠ ପଢ଼ିଲେ..

ବଲିଉଡ୍ ଷ୍ଟାରଙ୍କ ବ୍ୟକ୍ତିଗତ ଜୀବନରେ ଅନେକ ରୋମାଞ୍ଚକର କଥା ଲୁଚି ରହିଛି। ଉଦାହରଣ ସ୍ୱରୂପ ଶାହରୁଖଙ୍କୁ ନିଆଯାଇପାରେ। ସେତେବେଳେ ସେ ସ୍କୁଲରେ ପଢୁଥାଆନ୍ତି। ସେହି ସମୟରେ ଶାହରୁଖଙ୍କର ସବୁଠାରୁ ପ୍ରିୟ ବିଷୟ ଥିଲା ହିନ୍ଦୀ। କିନ୍ତୁ ଏହି ସମୟରେ ତାଙ୍କର ମା' ଗୋଟିଏ ଅଜବ ସର୍ତ୍ତ ରଖିଥିଲେ। ଯଦି ଶାହରୁଖ ସବୁ ବିଷୟରେ ଭଲ ନମ୍ବର ରଖନ୍ତି ତେବେ ତାଙ୍କୁ ମାସକୁ ଗୋଟିଏ ହିନ୍ଦୀ ସିନେମା ଦେଖିବାର ସୁଯୋଗ ମିଳିବ। ଏହି କଥା ଶାହରୁଖଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସମୟ ଗଡି ଚାଲିଲା। ଦିନ ଆସିଲା ବଡ ପରଦାରେ ସେ ପାଲଟି ଗଲେ ଜଣେ ଲୋକପ୍ରିୟ ନାୟକ। 'ଦିୱାନା', 'ୟଶ ବସ୍', 'ବାଜିଗର', 'କରନ ଅର୍ଜୁନ', 'ଦିଲୱାଲେ ଦୁଲହନିୟାଁ ଲେ ଜାୟେଙ୍ଗେ', 'ଦିଲ୍ ତୋ ପାଗଲ୍ ହେ' ପରି ଶତାଧିକ ସିନେମାରେ ତାଙ୍କର ଅଭିୟନ ଦକ୍ଷତା ପ୍ରମାଣ ଦେଇଥାଏ।

ନାଟକ ସମୀକ୍ଷା

# ଅନ୍ୟ ଏକ ନିର୍ଭୟା

ନାରୀକୁ ଦୟା, କ୍ଷମା, କରୁଣାର ପ୍ରତୀକ ଭାବରେ ବିବେଚନା କରାଯାଏ। ସେ ଜାୟା, ଜନନୀ, ଭଗିନୀ। ହେଲେ ନାରୀର ରୂପ ଲାବଣ୍ୟ ବେଳେବେଳେ ଅନେକ ପୁରୁଷଙ୍କ ମନରେ ସୃଷ୍ଟି କରେ କ୍ଷଣିକ ଉତ୍ତେଜନା। ଏହାର ବଶବର୍ତ୍ତୀ ହୋଇ କେତେକ ପୁରୁଷ ନାରୀଙ୍କର ସର୍ବନାଶ କରିବାକୁ ପଛାଇ ନ ଥାନ୍ତି। ଏହାପରେ ସେହି ପୁରୁଷ ସିନା ମୁଣ୍ଡଟେକି ଚାଲେ, ହେଲେ ନାରୀ ? ଅପବାଦର କଳାବାଦଲ ତା' ଉପରକୁ ମାଡି ଆସିବା ପରେ ସେ ସମାଜରେ କିପରି ବଞ୍ଚିବ ତାହାର ରାସ୍ତା ଖୋଜିଥାଏ। ଠିକ୍ ସେହିପରି ଜଣେ ପଥଭ୍ରଷ୍ଟ ଯୁବକ ନିଜ କାମନା ନିଆଁକୁ ପ୍ରଶମିତ କରିବା ପାଇଁ ଜଣେ ନିରୀହ ଅପ୍ରାପ୍ତ ବୟସ୍କା ଶିଶୁ କନ୍ୟାକୁ ବଳାତ୍କାର କରୁଛି। ଆଉ ତା'ପରେ କ'ଣ ଘଟୁଛି ତାହାକୁ ନେଇ ପ୍ରସ୍ତୁତ ହୋଇଛି ମଞ୍ଚ ନାଟକ 'ଅନ୍ୟ ଏକ ନିର୍ଭୟା'। ନିକଟରେ ଭୁବନେଶ୍ୱରସ୍ଥ ଭଞ୍ଜକଳା ମଣ୍ଡପରେ ଥିଏଟର ଅନୁଷ୍ଠାନ 'ଅଭିଳାଷା'ର ଅଭିଜ୍ଞ କଳାକାରଙ୍କ ଦ୍ୱାରା ଏହି ନାଟକ ପରିବେଷିତ ହୋଇ ବେଶ୍ ପ୍ରଶଂସିତ ହୋଇଛି। ନାଟକର ପ୍ରତିଟି ଦୃଶ୍ୟରେ ଭରି ରହିଥିଲା ରୋମାଞ୍ଚ ଆଉ ସସପେନ୍ସ, ଯାହା ଉପସ୍ଥିତ ଦର୍ଶକଙ୍କୁ ନାଟକ ଶେଷ ହେବା ପର୍ଯ୍ୟନ୍ତ ଅଡିଟୋରିୟମରେ ବାନ୍ଧି ରଖିବାକୁ ସକ୍ଷମ ହୋଇଥିଲା। ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜଙ୍କ ଦ୍ୱାରା ରଚିତ ଏବଂ ନିର୍ଦ୍ଦେଶିତ ଏହି ଭିନ୍ନ ସ୍ୱାଦର ନାଟକରେ ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ (ପାଗଳ), ରଜତ କୁମାର ପାଢ଼ୀ (ମୋହନ), ସତ୍ୟବ୍ରତ ସାହୁ (ରଙ୍ଗା), ପ୍ରଦୀପ ଦାସ (ହାବିଲଦାର), ଜ୍ୟୋତି ପଣ୍ଡା (ଧର୍ମଧ୍ୱଜ), ପ୍ରଦୀପ ସ୍ୱାଇଁ (ହରିଆ), ସରୋଜ ଶତପଥୀ (ଆନନ୍ଦ) ଏବଂ ବିଦ୍ୟା ଭାରତୀ ଦାସ (ବନ୍ଦନା) ଭୂମିକାରେ ଅଭିନୟ କରି ନାଟକଟିକୁ ସଫଳ କରିବାରେ ସାହାଯ୍ୟ କରିଥିଲେ। ଏହାର ସଙ୍ଗୀତ ଦାୟିତ୍ୱରେ ଥିଲେ ବିନୟ ଦାଶ।



ନାଟକର ଏକ ଦୃଶ୍ୟ।



“ପରବର୍ତ୍ତୀ ପିଢ଼ିର ଇଲେକ୍ଟ୍ରିକ ଯାନ ନିର୍ମାଣ ଲାଗି ବିଏମ୍‌ଡବ୍ଲ୍ୟୁ ସହ ଜାଗୁଆର ଲ୍ୟାଣ୍ଡ ରୋଭର ଚୁକ୍ତିସ୍ୱାକ୍ଷର କରିଛି। ଏହାଦ୍ୱାରା ଉଭୟ କମ୍ପାନୀକୁ ଫାଇଦା ମିଳିବ।

**–ନିକ୍ ରୋଜର୍ସ, ଇଞ୍ଜିନିୟରିଂ ଡାଇରେକ୍ଟର, ଜେଏଲଆର୍**



“ଆଲ୍ଲାହାବାଦ୍ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଲାଭ ହାସଲ କରିବ ବୋଲି ଆଶାକରୁଛି। ୪୦୦୦ କୋଟି ଟଙ୍କାର ଋଣ ସଂଗ୍ରହ ଲାଗି ବ୍ୟାଙ୍କ ବୋର୍ଡ ଅନୁମତି ପ୍ରଦାନ କରିଛି।

**–ଏସ୍.ଏସ୍.ମଲ୍ଲିକାର୍ଜୁନ ରାଓ, ଏମ୍‌ଡି ତଥା ସିଇଓ, ଆଲ୍ଲାହାବାଦ୍ ବ୍ୟାଙ୍କ**

## ସଂକ୍ଷେପରେ

### ଜି-୨୦ ଅର୍ଥମନ୍ତ୍ରୀ ସମ୍ମିଳନୀରେ ଯୋଗ ଦେବେ ସୀତାରାମନ୍



ନୂଆଦିଲ୍ଲୀ,୫-୬: ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଜି-୨୦ ଦେଶର ଅର୍ଥମନ୍ତ୍ରୀ ତଥା କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନରଙ୍କ ସମ୍ମିଳନୀରେ ଯୋଗଦେବେ। ଜାପାନରେ ଆସନ୍ତା ୮ରୁ ଦ୍ୱିଦିବସୀୟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଅର୍ଥମନ୍ତ୍ରୀ ଭାବେ ସୀତାରାମନ୍‌ଙ୍କ ଏହା ପ୍ରଥମ ବିଦେଶ ଗସ୍ତ ହେବ। ତାଙ୍କ ସହିତ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ମଧ୍ୟ ଜାପାନର ଫୁକୁଓକାରେ ହେବାକୁ ଥିବା ସମ୍ମିଳନୀରେ ଯୋଗଦେବେ। ଏହି ସମ୍ମିଳନୀରେ ବିଶ୍ୱ ଅର୍ଥ ବ୍ୟବସ୍ଥା ସମ୍ମୁଖରେ ଦେଖାଦେଇଥିବା ଆହ୍ୱାନ ଓ ବିପଦ, ଢାଞ୍ଚାଗତ ନିର୍ମାଣରେ ନିବେଶ ତଥା ଅନ୍ତଃରାଷ୍ଟ୍ରୀୟ ଟିକସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଆଲୋକପାତ କରାଯିବ। ଏହାଛଡ଼ା ବିଶ୍ୱ ସଂରକ୍ଷଣବାଦ୍ ତଥା ବିଶ୍ୱ ବାଣିଜ୍ୟରେ ଏହାର ପ୍ରଭାବ ନେଇ ମଧ୍ୟ ଆଲୋଚନା କରାଯିବ।

# ଗଡ଼କରୀଙ୍କ ୧୫ ଲକ୍ଷ କୋଟିର ନିବେଶ ବ୍ଲୁପ୍ରିଣ୍ଟ

- ୫ ବର୍ଷ ଲାଗି ଯୋଜନା ତିଆରି ହୋଇଛି
- ୨୨ ଗ୍ରୀନ ଏକ୍ସପ୍ରେସ୍‌ୱେ ନିର୍ମାଣ ହେବ
- ୧୦୦ ଦିନ ଭିତରେ ଅଟକିଥିବା ପ୍ରକଳ୍ପ ଆରମ୍ଭ କରାଯିବ
- ୨୨୫ ପ୍ରକଳ୍ପ ଅଟକିଛି



ନୂଆଦିଲ୍ଲୀ,୫-୬

କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଦାୟିତ୍ୱ ସମ୍ଭାଳିବା ପରେ ଆସନ୍ତା ୫ ବର୍ଷ ପାଇଁ ଆର୍ଥିକ ବିକାଶରେ ସଡ଼କ ପରିବହନ ଏବଂ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଯୋଗଦାନ ନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ମିଡିଆ ସହ ସାକ୍ଷାତକାର ବେଳେ ସେ କହିଛନ୍ତି ଯେ, ଜାତୀୟ ରାଜପଥ ନିର୍ମାଣରେ ୧୫ ଲକ୍ଷ କୋଟି ଟଙ୍କାର ନିବେଶ କରାଯିବ। ଏଥିସହ ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ବିଶ୍ୱ ବଜାରରେ ଉପଲବ୍ଧ କରାଇ ଜିଡିପିକୁ ଗତିଶୀଳ କରିବା ଲାଗି ସେ ଯୋଜନା ପ୍ରସ୍ତୁତ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଗଡ଼କରୀ କହିଛନ୍ତି ଯେ, ଜିଡିପିର ବୃଦ୍ଧି କରିବା ତାଙ୍କର ମିଶନ ହେବ। ଜାତୀୟ ରାଜପଥ ନିର୍ମାଣ ଏବଂ ଏମ୍‌ଏସ୍‌ଏମ୍‌ଇ ସେକ୍ଟର ଜରିଆରେ ଏହି ଲକ୍ଷ୍ୟକୁ ପୂରଣ କରାଯିବ। ରାଜପଥ ନିର୍ମାଣ ଲାଗି ସେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିସାରିଛନ୍ତି। ତଦନୁଯାୟୀ ପ୍ରାୟ ୧୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। ମୋଦି ସରକାର ଅମଳରେ ୨୨ ଗ୍ରୀନ ଏକ୍ସପ୍ରେସ୍‌ୱେ ନିର୍ମାଣ ସହ ରୋକି ହୋଇଥିବା ସମସ୍ତ ପ୍ରକଳ୍ପକୁ ଆସନ୍ତା ୧୦୦ ଦିନ ଭିତରେ ପୁନର୍ବାର ଆରମ୍ଭ କରାଯିବ। ପାୱାରଗ୍ରୀଡ଼ ଢାଞ୍ଚାରେ ସଡ଼କର ମଧ୍ୟ ଗ୍ରୀଡ଼ ତିଆରି କରାଯିବ। ସେ କହିଛନ୍ତି ଯେ, ପୂର୍ବ ସରକାରର ଅମଳରେ ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ ୧୭ ଲକ୍ଷ କୋଟି ଟଙ୍କାର ଖର୍ଚ୍ଚ କରାଯାଇଛି। ତନ୍ମଧ୍ୟରୁ ୧୧ ଲକ୍ଷ କୋଟି ଟଙ୍କା କେବଳ ରାଜପଥ ନିର୍ମାଣରେ ଖର୍ଚ୍ଚ ହୋଇଛି। ଆସନ୍ତା ୧୦୦ ଦିନ ଭିତରେ ଆଇଏଲ୍‌ଏଫ୍‌ଏସ୍ ଦ୍ୱାରା ଆରମ୍ଭ କରାଯାଇଥିବା ଏବଂ ଠପ୍ ପଡ଼ିଥିବା ସମସ୍ତ ପ୍ରକଳ୍ପକୁ ଆରମ୍ଭ କରିବା ତାଙ୍କର ପ୍ରାଥମିକତା ହେବ। ସେହିପରି ଆର୍ଥିକ ଅଭାବ କାରଣରୁ ୨୨୫ ପ୍ରକଳ୍ପ ଅଧାରେ ବନ୍ଦ ହୋଇଛି। ଅସୁବିଧାକୁ ଦୂର କରାଯାଇଛି। କେବଳ ୨୦-୨୫ ପ୍ରକଳ୍ପ ବନ୍ଦ ହୋଇପଡିରହିଛି। ଆସନ୍ତା ୧୦୦ ଦିନ ଭିତରେ ସେଗୁଡ଼ିକୁ ପୁନର୍ବାର ଚାଲୁ କରାଯିବ। ସେ କହିଛନ୍ତି ଯେ, ଦେଶର ସୀମାରେ ୧୭ ଏଭଳି ପ୍ରକଳ୍ପ ରହିଛି, ଯାହା କି ରନ୍‌ୱେ ଭାବେ କାର୍ଯ୍ୟ କରିପାରିବ। ତନ୍ମଧ୍ୟରୁ ୧୩ଟିର ନିର୍ମାଣ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଦିଲ୍ଲୀ-ମିରଠ୍ ଏକ୍ସପ୍ରେସୱେ ଆସନ୍ତା ୨ ମାସ ଭିତରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ ଏବଂ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ ନିର୍ମାଣ ଜୋରସୋରରେ ଚାଲିଛି। ଦୁର୍ଘଟଣାକୁ କମାଇବା ତାଙ୍କର ପ୍ରାଥମିକତା ରହିଛି। ଦେଶରେ ଏବେ ପ୍ରାୟ ୭୦୪ ବ୍ଲାକ୍ ସ୍ପଟ୍ ରହିଛି। ଏହାବ୍ୟତୀତ ପ୍ରାୟ ୮ହଜାର ଏଭଳି ବ୍ଲାକ୍‌ସ୍ପଟ ଚିହ୍ନଟ କରାଯାଇଛି। ଖୁବଶୀଘ୍ର ଏଗୁଡ଼ିକୁ ଠିକ୍ କରାଦିଆଯିବ। ସେହିପରି ଜଏଣ୍ଟ ଭେଞ୍ଚର୍ସ ମାଧ୍ୟମରେ ଏମ୍‌ଏସ୍‌ଏମ୍‌ଇ ଏବଂ ଖଦି ଉତ୍ପାଦଗୁଡ଼ିକୁ ସାରା ବିଶ୍ୱର ବଜାରରେ ପହଞ୍ଚାଯିବ।

## ଅନ୍ତରୀଣ ବଜେଟ ଆବଣ୍ଟନ ରହିପାରେ ଜାରି

ନୂଆଦିଲ୍ଲୀ,୫-୬

ଚଳିତ ବର୍ଷ ଫେବୃୟାରୀ ପହିଲାରେ ଉପସ୍ଥାପିତ ଅନ୍ତରୀଣ ବଜେଟରେ ଦିଆଯାଇଥିବା ଆବଣ୍ଟନକୁ ଚଳିତ ଆର୍ଥିକ ବର୍ଷ ଲାଗି ଜାରି ରଖିବାକୁ ଅର୍ଥ ମନ୍ତ୍ରଣାଳୟ ସଙ୍କେତ ଦେଇଛି। ନୂଆ ସରକାର କ୍ଷମତାକୁ ଆସିବା ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଜୁଲାଇ ୫ରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ କରିବାକୁ ଯାଉଛନ୍ତି। ଏକ ସର୍କୁଲାର ଜାରି କରି ଅର୍ଥ ମନ୍ତ୍ରଣାଳୟ କହିଛି ଯେ, ଅନ୍ତରୀଣ ବଜେଟରେ ଆବଣ୍ଟିତ ହୋଇ ନ ଥିବା କ୍ଷେତ୍ରଗୁଡ଼ିକ ଲାଗି ପୂର୍ଣ୍ଣାଙ୍ଗ ବଜେଟରେ ଅତିରିକ୍ତ ବ୍ୟବସ୍ଥା କରାଯିବ। ଅନ୍ତରୀଣ ବଜେଟ ୨୦୧୯-୨୦ରେ ହୋଇଥିବା ଆବଣ୍ଟନରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ସୂଚନାଥାଉ କି, ସୀମାରାମନ୍‌ଙ୍କ ବଜେଟ ଟିମ୍‌ରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର ଏବଂ ମୁଖ୍ୟ ଆର୍ଥିକ ପରାମର୍ଶଦାତା କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟମ ସାମିଲ ହୋଇଛନ୍ତି। ସୀତାରାମନ୍‌ଙ୍କ ସମ୍ମୁଖରେ ଧୀମା ପଡିଥିବା ଅର୍ଥନୀତି, ଏନ୍‌ପିଏ ବୃଦ୍ଧି, ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାଗୁଡ଼ିକ ସମ୍ମୁଖୀନ ହେଉଥିବା ନଗଦ ସଙ୍କଟ, ନିଯୁକ୍ତି ସୃଷ୍ଟି, ଘରୋଇ ନିବେଶ ବୃଦ୍ଧି, ରପ୍ତାନିରେ ସୁଧାର, କୃଷି ସଙ୍କଟ ତଥା ରାଜସ୍ୱ ନିଅଣ୍ଟ ଭଳି ଆହ୍ୱାନ ରହିଛି।

## ମେ’ରେ ସର୍ଭିସ ସେକ୍ଟର ସର୍ବନିମ୍ନ ସ୍ତରରେ

ନୂଆଦିଲ୍ଲୀ,୫-୬

ଦେଶର ସେବା କ୍ଷେତ୍ର ଗତିବିଧି ବୃଦ୍ଧି ହାର ମେ’ର ଏକ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସାଧାରଣ ନିର୍ବାଚନ ଯୋଗୁ ଏହା ପ୍ରଭାବିତ ହୋଇଛି ବୋଲି କୁହାଯାଉଛି। ବୁଧବାର ଜାରି ମାସିକ ସର୍ବେକ୍ଷଣ ରିପୋର୍ଟରୁ ଏହା ଜଣାପଡିଛି। ନିକ୍କେଇ ଇଣ୍ଡିଆ ସର୍ଭିସେସ୍ ବିଜନେସ ଆକ୍ଟିଭିଟି ସୂଚକାଙ୍କ ମେ’ରେ ହ୍ରାସ ପାଇ ୫୦.୨୦ରେ ପହଞ୍ଚିଛି। ଏହା ଗତ ୧୨ ମାସ ମଧ୍ୟରେ ସବୁଠାରୁ ଧୀମା କୁହାଯାଉଛି। ଏପ୍ରିଲରେ ଏହା ୫୧ ପ୍ରତିଶତ ରହିଥିଲା। ତେବେ ସେବା କ୍ଷେତ୍ର ଧୀମା ହୋଇଥିଲେ ହେଁ ଏ କ୍ଷେତ୍ରରେ ବ୍ୟାପକ ବିସ୍ତାର ହୋଇଛି।। ସୂଚକାଙ୍କ ୫୦ ଉପରେ ରହିବା ବିସ୍ତାର ସଙ୍କେତ ଦେଇଥାଏ।

## ଅର୍ଥର ଅର୍ଥ

# ଇଏଲ୍‌ଏସ୍‌ଏସ୍ ସ୍କିମ୍‌ରେ ନିବେଶ କରି ସମ୍ପତ୍ତି ବଢ଼ାନ୍ତୁ



Rupkumar Pradhan
CERTIFIED FINANCIAL PLANNER$^{CM}$ ,CHARTERED WEALTH MANAGER
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▶ ମୁଁ ନିବେଶ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ନୂଆ। ଏବେ ଯେଉଁ କମ୍ପାନୀରେ କାମ କରୁଛି, ସେମାନେ ମୋ ଦରମାରୁ ମାସିକ ୩୦୦୦ ଟଙ୍କା କାଟି ଏନପିସିଏସ୍ ସ୍କିମରେ ନିବେଶ କରୁଛନ୍ତି । କିନ୍ତୁ ଏହି ସ୍କିମରେ ନିବେଶ ସବୁ ବନ୍ଧନଯୁକ୍ତ ରହିଛି ଓ ଅବସରଗ୍ରହଣ କରିବା ପରେ ଟଙ୍କା ଉଠାଣ କରିପାରିବି। ମୁଁ ସ୍ୱଳ୍ପକାଳୀନ ୩-୪ ବର୍ଷ ପାଇଁ ମାସିକ ନିବେଶ କରିବାକୁ ଚାହୁଁଛି। କିନ୍ତୁ ସ୍ୱଳ୍ପକାଳୀନ ବନ୍ଧନଯୁକ୍ତ ସ୍କିମ୍‌ରେ ନିବେଶ କରିବି। ଏତେ ବର୍ଷ ପର୍ଯ୍ୟନ୍ତ ଦୀର୍ଘକାଳୀନ ବନ୍ଧନଯୁକ୍ତ ସ୍କିମ୍‌ରେ ନିବେଶ କରିବି ନାହିଁ। ଏ ବିଷୟରେ ଆପଣଙ୍କ ପରାର୍ମଶ ଓ କିଛି ଭଲ ସ୍କିମ୍ ବିଷୟରେ ଲେଖିବା ପାଇଁ ଅନୁରୋଧ ।**

**ମାନସୀ ମିଶ୍ର, ଅନୁଗୁଳ**

➥ ଆପଣ କିଛି ବି ନିବେଶ କରିବା ପୂର୍ବରୁ ନିଜର ଆର୍ଥିକ ଲକ୍ଷ୍ୟସବୁ ହିସାବ କରିବା ଓ ଅଗ୍ରାଧିକାର ଲକ୍ଷ୍ୟ ଅନୁଯାୟୀ ନିବେଶ କରିବା ଏକାନ୍ତ ଆବଶ୍ୟକତା ରହିଥାଏ। ଏକ ଉପଯୁକ୍ତ ନିବେଶ ପୋର୍ଟଫୋଲିଓ ରଣନୀତି ସହିତ ସମସ୍ତ ଆସେଟ୍ ଶ୍ରେଣୀର ମିଶ୍ରଣ କରିବା କ୍ଷେତ୍ରରେ ଆପଣଙ୍କ ଆର୍ଥିକ ଲକ୍ଷ୍ୟସବୁ ହିଁ ବାସ୍ତବରେ ସାହାଯ୍ୟ କରିଥାଏ । ଏନପିଏସ୍ (ନ୍ୟାସ୍‌ନାଲ ପେନସନ ସିଷ୍ଟମ)ରେ ନିବେଶ କରିବାର ୨ଟି ମୁଖ୍ୟ ଉଦ୍ଦେଶ୍ୟ : ଏହା ଆୟକର ଛାଡ ପାଇଁ ନିବେଶ କରିବା ସହିତ ଅତିରିକ୍ତ ୫୦,୦୦୦ ଟଙ୍କାର ଆୟକର ଛାଡ ୟୁ/ଏସ୍ ୮୦ସିସି(ଡି) ଅନୁଯାୟୀ ମିଳିଥାଏ ଏବଂ ଏହା ଏକ ଅବସରକାଳୀନ ପୋର୍ଟଫୋଲିଓରେ ନିବେଶ କରି ଅବସରକାଳୀନ ପାଣ୍ଠି ଗଠନ କରିବାରେ ସାହାଯ୍ୟ କରିଥାଏ। ଏନ୍‌ପିଏସ୍ ସ୍କିମ ପାରମ୍ପରିକ ଅବସରକାଳୀନ ସ୍କିମ୍ ସବୁ ଠାରୁ ଭଲ ସ୍କିମ୍ ହେବ। ଏହା ବାର୍ଷିକ ୧୦% + ଲାଭପ୍ରଦାନ କରିବାର ସମ୍ଭାବନା ରହିଛି। ଏହି ସ୍କିମ ମାଧ୍ୟମରେ ଆପଣ ନିଜର ଆସେଟ୍ ଆଲୋକେଶନ ମଧ୍ୟ କରିପାରିବେ। ଯଦି ଆପଣ ସ୍ୱଳ୍ପକାଳୀନ ସ୍କିମ୍ ସବୁରେ ନିବେଶ କରି ଆୟକର ଛାଡ ସୁବିଧା ପାଇବା ପାଇଁ ଚାହୁଁଛନ୍ତି ତେବେ ଆପଣ ଟ୍ୟାକ୍ସସେଭିଙ୍ଗ୍ ଫଣ୍ଡ ସବୁ ଚୟନ କରିପାରନ୍ତି। ଏହି ସ୍କିମ୍ ସବୁର ବନ୍ଧନ ଯୁକ୍ତ ସମୟସୀମା ହେଉଛି ମାତ୍ର ୩ ବର୍ଷ । ଏହି ଇକ୍ୟୁଟି ଡାଇଭର୍ସିଫାଏଡ୍ ଫଣ୍ଡସବୁ ଆପଣଙ୍କୁ ମୁଦ୍ରାସ୍ଫୀତି ହାରଠାରୁ ଅଧିକ ଲାଭପ୍ରଦାନ କରିପାରିବ। ଏହି ସ୍କିମ୍ ସବୁକୁ ମ୍ୟୁଚୁଆଲ ଫଣ୍ଡରେ ଇକ୍ୟୁଟି ଲିଙ୍କଡ୍ ସେଭିଙ୍ଗସ୍ ସ୍କିମ୍ (ଇଏଲ୍‌ଏସ୍‌ଏସ୍) କୁହାଯାଏ। ଆପଣ ଏହି ସ୍କିମ୍ ମାଧ୍ୟମରେ ନିବେଶ କରି ସମ୍ପତ୍ତି ସୃଷ୍ଟି କରିପାରିବେ। ଆପଣ ନିବେଶ କରିବା ସମୟରେ ଆକ୍ସିସ୍ ଲଙ୍ଗ-ଟର୍ମ ଇକ୍ୟୁଟି ଫଣ୍ଡ ମିରାଇ ଆସେଟ ଟ୍ୟାକ୍ସ ସେଭର ଫଣ୍ଡ, ଡିଏସ୍‌ପି ଟ୍ୟାକ୍ସ ସେଭର ଫଣ୍ଡ ସବୁ ଦୃଷ୍ଟି ଦେଇ ନିବେଶ ପାଇଁ ଚୟନ କରିପାରନ୍ତି । ଯଦି ଆପଣଙ୍କର ବାର୍ଷିକ ୧.୫ ଲକ୍ଷ ଟଙ୍କା ୟୁ/ଏସ୍ ୮୦ସି ଅନୁଯାୟୀ ପୂରଣ ହୋଇଯାଇଛି ତେବେ ଆପଣ ବନ୍ଧନ-ମୁକ୍ତ ଇକ୍ୟୁଟି ଡାଇଭର୍ସିଫାଏଡ ଫଣ୍ଡ ସବୁ ନିବେଶ ପାଇଁ ଚୟନ କରନ୍ତୁ ।

**▶ ମୋର ବୟସ ୩୩ ବର୍ଷ। ବିବାହିତ ଓ ୨ ଝିଅ (୨ବର୍ଷ ୪ବର୍ଷ) ଅଛନ୍ତି । ବାପା ମା’ମଧ୍ୟ ଅଛନ୍ତି । ବ୍ୟାପକ ଆର୍ଥିକ ଯୋଜନା କ’ଣ ସବୁ ସୁବିଧା ଦେବ ଓ କେଉଁ ଦିଗ ସବୁକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯିବ? ସବୁଠାରୁ ସହଜ ଉପାୟ କିପରି ପ୍ରସ୍ତୁତ କରି ନିବେଶ କରାଯିବ?**

**ସରୋଜ ସାହୁ, ବଲାଙ୍ଗୀର**

➥ ବ୍ୟାପକ ଆର୍ଥିକ ଯୋଜନା ଆପଣଙ୍କୁ ଅନେକ ଦିଗ ସବୁ ବିଷୟରେ ସୂଚିତ କରାଇଥାଏ। ଏହି ସବୁ ଦିଗକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା ‘ବ୍ୟାପକ ଆର୍ଥିକ ଯୋଜନା’ ଆପଣଙ୍କ ଜୀବନରେ ଥିବା ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବାରେ ସାହାଯ୍ୟ କରିଥାଏ। ଆପଣ ନିମ୍ନଲିଖିତ ସହଜ ପଦକ୍ଷେପ ସବୁ ଦୃଷ୍ଟି ଦେଇ ଏକ ଯୋଜନା ପ୍ରସ୍ତୁତ କରିପାରିବେ।

**ଆର୍ଥିକ ଯୋଜନା ସହଜ ପଦକ୍ଷେପ:**

- **ବର୍ତ୍ତମାନ ଆପଣଙ୍କ ନେଟ୍ ଅର୍ଥ (ଶୁଦ୍ଧ ସମ୍ପତ୍ତି) କେତେ ଅଛି?**
- **ଆପଣଙ୍କ ଆର୍ଥିକ ଲକ୍ଷ୍ୟ ସବୁ କ’ଣ? ଏହା ସ୍ୱଳ୍ପକାଳୀନ, ମଧ୍ୟକାଳୀନ ଓ ଦୀର୍ଘକାଳୀନ ଆର୍ଥିକ ଲକ୍ଷ୍ୟ କି?**
- **ଆପଣଙ୍କ କେତେ ଟଙ୍କା ବା ପାଣ୍ଠି ଆବଶ୍ୟକ ଓ କେବେ ଆବଶ୍ୟକ ଅଛି?**
- **ଆପଣ ନିବେଶ କରିବା ସମୟରେ କେତେ ରିସ୍କ ବହନ କରିପାରିବେ?**
- **ଆପଣ କେଉଁ ସ୍କିମ୍‌ରେ ନିବେଶ କରିବେ?**

**ବିଭିନ୍ନ ଆସେଟ୍ ଶ୍ରେଣୀ ଯଥା ‘ଇକ୍ୟୁଟି, ଡେଟ୍, ରିୟଲ ଇଷ୍ଟେଟ, ସୁନା କିମ୍ବା ନଗଦ ଟଙ୍କା ଇତ୍ୟାଦି।**

ବ୍ୟାପକ ଆର୍ଥିକ ଯୋଜନା ହେଉଛି ଏକ ସକ୍ରିୟ ଓ ଗତିଶୀଳ ଯୋଜନା, ଯାହାକି ଜୀବନର ସମସ୍ତ ଦିଗକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥାଏ। ସମସ୍ତ ପରିସ୍ଥିତିକୁ ଖାପଖୁଆଇ ଆପଣଙ୍କୁ ଆପଣଙ୍କର ସମସ୍ତ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବାରେ ଏହା ସାହାଯ୍ୟ କରିଥାଏ। ନିୟମିତ ବ୍ୟବଧାନରେ ସମୀକ୍ଷା କରିବା ସହିତ ଉଚିତ ପଦକ୍ଷେପ ନେବା ଜରୁରୀ। ବ୍ୟାପକ ଆର୍ଥିକ ଯୋଜନା ଅନୁଯାୟୀ ନିବେଶ କରି ଶାନ୍ତି ଓ ଖୁସିରେ ଜୀବନର ସମସ୍ତ ଆର୍ଥିକ ଲକ୍ଷ୍ୟ ସବୁ ହାସଲ କରନ୍ତୁ। ଆମର ପରାମର୍ଶ ଆପଣ ଜଣେ ସାର୍ଟିଫାଏଡ୍ ଫାଇନାନସିଆଲ ପ୍ଲାନର କିମ୍ବା ଚାର୍ଟାର୍ଡ ୱେଲ୍‌ଥ ମ୍ୟାନେଜରଙ୍କ ପରାମର୍ଶ ନେବା ଉଚିତ ହେବ।

**▶ ପିଏମ୍‌ଏସ୍ ଫଣ୍ଡ ୨୫ ଲକ୍ଷ ଟଙ୍କାର ଏହା ନିବେଶ ପାଇଁ ଭଲ ହେବକି? ମ୍ୟୁଚୁଆଲ ଫଣ୍ଡ ଓ ଶେୟାର ତୁଳନାରେ କ’ଣ ଭଲ ହେବ? ଏଥିରେ କ’ଣ ସବୁ ରିସ୍କ ଏବଂ ସୁବିଧା ରହିବ?**

**–ମାନିନୀ ସ୍ୱାଇଁ, କଟକ**

➥ ଯଦି ଆପଣଙ୍କର ନିବେଶ କରିବା କ୍ଷେତ୍ରରେ ଅଭିଜ୍ଞତା ନାହିଁ ଓ ଶେୟାର ବିଷୟରେ ପଢି ଗବେଷଣା କରି ଚୟନ କରିବା ଦକ୍ଷତା ନାହିଁ ତେବେ ପୁଞ୍ଜି ବଜାରରେ ସିଧାସଳଖ ନିବେଶ କରିବା ଅପେକ୍ଷା ପିଏମ୍‌ଏସ୍(ପୋର୍ଟଫୋଲିଓ ମ୍ୟାନେଜମେଣ୍ଟ ସର୍ଭିସେସ୍)ରେ ନିବେଶ କରିବା ଭଲ ହେବ। ସିଧାସଳଖ ପୁଞ୍ଜିବଜାରରେ ନିବେଶ କରିବା ପାଇଁ ଜ୍ଞାନର ଆବଶ୍ୟକତା ଅଛି । ଭଲ ନିବେଶ ଅଭିଜ୍ଞତା ପାଇଁ ତଥ୍ୟସବୁ ବିଶ୍ଲେଷଣ କରିବା କ୍ଷମତା ରହିବା ନିହାତି ଜରୁରୀ। ଆପଣ ଏସବୁ ଜ୍ଞାନ, ଅଭିଜ୍ଞତା, ତଥ୍ୟ ବିଶ୍ଲେଷଣ ଓ ନିବେଶ କରିବାର ଦକ୍ଷତା ଶିଖିବା ଉଚିତ୍ ହେବ ନଚେତ ନିବେଶ କରିବା ପାଇଁ ଫଣ୍ଡ ମ୍ୟାନେଜରଙ୍କୁ ଦାୟିତ୍ୱ ଦେବା ବୁଦ୍ଧିମାନର କାମ ହେବ।

ଆପଣଙ୍କ ଜୀବନର ସମସ୍ତ ଆର୍ଥିକ ଲକ୍ଷ୍ୟସବୁ ହାସଲ କରି ସାରିବା ପରେ ମ୍ୟୁଚୁଆଲ ଫଣ୍ଡ ଅପେକ୍ଷା ପିଏମ୍‌ଏସ୍‌ରେ ନିବେଶ କରିବା ପାଇଁ ଚୟନ କରିବା ଉଚିତ ହେବ। ପିଏମ୍‌ଏସ୍ ବହୁତ ରିସ୍କି ସ୍କିମ୍ ଓ ମ୍ୟୁଚୁଆଲ ଫଣ୍ଡ ଅପେକ୍ଷା ବହୁତ କମ ଆୟକର ଛାଡ ମିଳିଥାଏ। ପିଏମ୍‌ଏସ୍ ସ୍କିମ୍‌ରେ କେନ୍ଦ୍ରୀଭୂତ ରିସ୍କ ଅଧିକ ରହିଥାଏ। ଆମର ପରାମର୍ଶ ଇକ୍ୟୁଟି ନିବେଶ କରିବା ସମୟରେ ନିବେଶ ସମୟସୀମା ୫ ବର୍ଷ +ରହିବା ଉଚିତ ଓ ଏହା ଉପରେ ଆପଣଙ୍କର ଧ୍ୟାନ ଦେବା ବୁଦ୍ଧିମାନର କାମ ହେବ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,**
**ଭୁବନେଶ୍ୱର – ୧୦**

## ଭାରତର ୭.୫%ବିକାଶ ହାର ପ୍ରତି ବିଶ୍ୱବ୍ୟାଙ୍କ କାଏମ

ନୂଆଦିଲ୍ଲୀ,୫-୬

ଭାରତର ଆର୍ଥିକ ଅଭିବୃଦ୍ଧି ହାର ଚଳିତ ଆର୍ଥିକ ବର୍ଷରେ ୭.୫% ରହିବ ବୋଲି ବିଶ୍ୱ ବ୍ୟାଙ୍କ ନିଜର ପୂର୍ବାନୁମାନରେ ଏବେ ସୁଦ୍ଧା କାଏମ ରହିଛି। ଆସନ୍ତା ୨ ବର୍ଷ ପର୍ଯ୍ୟନ୍ତ ଉକ୍ତ ଜିଡିପି ହାରରେ ଭାରତର ଅଭିବୃଦ୍ଧି ଘଟିବ ବୋଲି ବିଶ୍ୱ ବ୍ୟାଙ୍କ କହିଛି। ନିବେଶ ଏବଂ ବ୍ୟକ୍ତିଗତ ଉପଭୋଗ ବୃଦ୍ଧି ଯୋଗୁ ଏହି ହାର ବଜାୟ ରହିବ ବୋଲି ଏହା ଅନୁମାନ କରିଛି। ତେବେ ଆସନ୍ତା ୩ ବର୍ଷ ଭିତରେ ଚାଇନାର ଅଭିବୃଦ୍ଧି ହାର କ୍ରମାଗତ ହ୍ରାସ ପାଇବ ବୋଲି ବିଶ୍ୱ ବ୍ୟାଙ୍କ ଏହାର ଗ୍ଲୋବାଲ ଇକୋନୋମିକ ପ୍ରସ୍‌ପେକ୍ଟସ ରିପୋର୍ଟରେ ଦର୍ଶାଇଛି। ଏଥିରେ କୁହାଯାଇଛି ଯେ, ସ୍ଥିର ସରକାର କାରଣରୁ ଭାରତରେ ନିବେଶ ବୃଦ୍ଧି ପାଇବ। ଏହାବ୍ୟତୀତ ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କର ଲକ୍ଷ୍ୟଠାରୁ କମ୍ ରହିଛି। ଫଳରେ ମୁଦ୍ରାନୀତି ସୁଗମ ହେବ। ଏଥିସହିତ ଅଧିକ ଋଣ ପ୍ରଦାନ ଯୋଗୁ ବ୍ୟୟ ବୃଦ୍ଧି ପାଇବ ଏବଂ ନିବେଶକୁ ଫାଇଦା ମିଳିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ସୂଚନାଥାଉ କି, ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଗତ ସପ୍ତାହରେ ଦେଶର ଜିଡିପି ହାର ଘୋଷଣା କରାଯାଇଥିଲା। ମାର୍ଚ୍ଚ ତ୍ରୈମାସରେ ବିକାଶ ହାର ୫.୮% ଏବଂ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ(୨୦୧୮-୧୯) ପାଇଁ ଏହା ୬.୮% ରହିଛି ବୋଲି କୁହାଯାଇଛି। ଏହା ୫ ବର୍ଷର ବାର୍ଷିକ ଅଭିବୃଦ୍ଧିରେ ସର୍ବନିମ୍ନ କୁହାଯାଉଛି।


# ODISHA JOINT ENTRANCE EXAMINATION-2019 (OJEE - 2019)

No:- 232 /OJEE19 Date:04.06.2019

## Notice Regarding CBT (OJEE 2019)

As informed earlier, the **Computer Based Test (CBT) of OJEE – 2019** for admission to the courses of MBA, MCA, M.Tech, M.Arch, M.Plan, M.Pharm and LE – MCA will be conducted on **8th and 9th June, 2019. Fresh Admit cards are available since 27th May, 2019 in OJEE website 'www.ojee.nic.in'**. All the candidates concerned are informed to download the same by logging in using their user id and password. The shift and timings of entrance examinations for different courses will be mentioned in the respective admit cards.

**Admit cards downloaded before 27th June 2019 are not valid.**

A link, namely, **“PREP – TEST FOR CBT, OJEE - 2019”** has been made available in OJEE websites **(www.ojee.nic.in & www.odishajee.com)**, where the registered candidates can appear in a preparatory test in their subject in a **real-like test environment**. The link will remain available till 09.06.2019, but a candidate can appear the test **only once**.

However, candidates can continue to use the previously available 'MOCK TEST' link in **www.odishajee.com** for unlimited number of times.

Sd/-
CHAIRMAN, OJEE



**OFFICE OF THE PRINCIPAL**
**Ekalavya Model Residential School, Nuapada**
**(Supported by Govt. of Odisha ST/SC Dev. Dept.)**
**(Affiliated to CBSE, Delhi, Affiliation No. 1520009)**
**At: Sakhatara, P.O.- Maulibhatta, P.S.- Nuapada, Dist.- Nuapada - 766105 (Odisha)**
**E-mail ID: emrs.nuapada@gmail.com**
**Letter No.: 1121/2019-20 Date: 05.06.2019**

**NOTICE**

**Admission for Class - XI CHSE Science Stream for Academic Session 2019-20**

Applications are invited from interested candidates/ students desirous to take admission into CHSE (Class - XI) Science Stream of Ekalavya Model Residential School, Nuapada.

**Eligibility:**
- Only ST Students with 50% or above in Class - 10th Board are eligible to apply.
- Seats will be filled from among outside candidates provided the seats are falling vacant after giving priority to Ekalavya School Students.

**Date of Submission form:**
- Submission of forms from **06.06.2019 to 24.06.2019**.
- Last date of submission form on or before **24.06.2019** at School office from **09.00 A.M. to 01.00 P.M.** on all working days.
- Application form available in School office as well as in downloaded form available at the website of Nuapada district - **http://www.nuapada.nic.in**.

**Sd./- Principal, EMRS, Nuapada**



**THE ODISHA MINING CORPORATION LIMITED**
**OMC House, Bhubaneswar-751001, Odisha**
**CIN : U13100OR1956SGC000313, www.omcltd.in**
OMC | ODISHA NEW OPPORTUNITIES

**No.27/OMC Dtd.05.06.2019**

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries with an annual turnover of Rs.4053 Crores during Financial Year 2018-19.

The Corporation invites application from dynamic & competent professionals in different discipline as follows.

**1. VACANCY :-**

| Sl. No. | Name of the Post & Grade | Scale of Pay | Category of Posts | | | | Total Posts |
|---|---|---|---|---|---|---|---|
| | | | SC | ST | SEBC | UR | |
| 1 | Manager (Persnl.) E-3 Grade | Rs.67,700/- to 2,08,700/- | 1 | 1 | 1 | - | 3 |
| 2 | Dy. General Manager (Fin.), E-5 Grade | Rs.78,800/- to 2,09,200/- | - | - | - | 1 | 1 |
| 3 | Dy. Manager (Fin.), E-2 Grade | Rs.67,700/- to 2,08,700/- | 1 | - | - | 1 | 2 |
| Total | | | 2 | 1 | 1 | 2 | 6 |

Interested eligible candidates are required to download the application format from OMC website : **www.omcltd.in** and submit the same duly filled in & signed along with self-attested copy of mark-sheets and certificates, documents from HSC onwards towards proof of qualification, age, experience in support of their eligibility by **Speed Post / Courier** in a cover superscribed **“APPLICATION FOR THE POST OF ________”** so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 29.06.2019 positively.** Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

**Sd/-**
**Director (Personnel)**

# ବିଜୟ ସହ ଭାରତର ଅଭିଯାନ ଆରମ୍ଭ

**ସାଉଥାମ୍ପଟନ, ୫।୬**

ୟୁଜବେନ୍ଦ୍ର ଚହଲଙ୍କ ଯାଦୁକରୀ ସ୍ପିନ ପରେ ରୋହିତ ଶର୍ମାଙ୍କ ଶତକ ବଳରେ ଭାରତ ବିଜୟ ସହ ଏହାର ଆଇସିସି ବିଶ୍ୱକପ ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଭାରତ ୬ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୯ ଉଇକେଟ ହରାଇ ୨୨୭ ରନ କରିଥିବାବେଳେ ଭାରତ ୪୭.୩ ଓଭରରେ ୪ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରି ନେଇଥିଲା। ପ୍ରତିଯୋଗିତାରେ ଦକ୍ଷିଣ ଆଫ୍ରିକାର କ୍ରମାଗତ ୩ୟ ପରାଜୟ।

ରୋଜବାଉଲ୍‌ର ସ୍ଲୋ ପିଚ୍‌କୁ ଦୃଷ୍ଟିରେ ରଖି ଦକ୍ଷିଣ ଆଫ୍ରିକା ସ୍ପିନର ଇମ୍ରାନ ତାହିରଙ୍କ ସହ ବୋଲିଂ ଆକ୍ରମଣ ଆରମ୍ଭ କରିଥିଲା। ଏହି ପିଚ୍‌ରେ ରନ ସଂଗ୍ରହ କଷ୍ଟସାଧ ହୋଇଥିଲା। ଫଳରେ ଭାରତର ଆରମ୍ଭ ଧିମା ରହିଥିଲା। ୫ ଓଭର ଶେଷ ବେଳକୁ ମାତ୍ର ୧୩ ରନ କରିଥିବା ଭାରତ ୬ଷ୍ଠ ଓଭରର ପ୍ରଥମ ବଲ୍‌ରେ ଶିଖର ଧାୱନଙ୍କ ଉଇକେଟ ହରାଇ ଝଟ୍‌କା ଖାଇଥିଲା। ୧୨ ବଲ୍‌ର ସମ୍ମୁଖୀନ ହୋଇଥିବା ଧାୱନ ୧ ଚୌକା ସହାୟତାରେ ୮ ରନ କରିଥିବାବେଳେ କାଗିଶୋ ରାବାଡ଼ାଙ୍କ ବଲ୍‌ରେ ଉଇକେଟ କିପର କ୍ୱିଣ୍ଟନ ଡିକକ୍‌ଙ୍କୁ କ୍ୟାଚଦେଇ ପ୍ୟାଭିଲିୟନ ଫେରିଥିଲେ। ରୋହିତ ଶର୍ମା ଓ ଅଧିନାୟକ ବିରାଟ କୋହଲି ସତର୍କତାର ସହିତ ଇନିଂସ ଗଢ଼ିବା ଦିଗରେ ମନୋନିବେଶ କରିଥିଲେ। ଦୁହେଁ ଦ୍ୱିତୀୟ ଉଇକେଟରେ ୪୧ ରନ ସଂଗ୍ରହ କରିବାପରେ ବିରାଟ ବ୍ୟକ୍ତିଗତ ୧୮(୩୪ ବଲ, ୧ ଚୌକା) ରନ କରି ଆଉଟ ହୋଇଥିଲେ। କୋହଲିଙ୍କ ପ୍ରାଇଜ୍ ଉଇକେଟ ନେଇଥିଲେ ଆଣ୍ଡିଲେ ଫେଲୁକ୍ୱାୟୋ। ଧାୱନଙ୍କ ପରି କୋହଲି ମଧ ଡିକକ୍‌ଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ବହୁଚର୍ଚ୍ଚିତ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ ଲୋକେଶ ରାହୁଲ। ସେ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତିକୁ ଯଥାର୍ଥ ସାବ୍ୟସ୍ତ କରିଥିଲେ। ରୋହିତ ଓ ରାହୁଲ ୩ୟ ଉଇକେଟରେ ମୂଲ୍ୟବାନ ୮୫ ରନ ଯୋଗ କରି ଭାରତକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ୩୧.୩ ଓଭର ବେଳକୁ ଦଳୀୟ ସ୍କୋର ୧୩୯ ହୋଇଥିବାବେଳେ ରାବାଡ଼ାଙ୍କ ଦ୍ୱିତୀୟ ଶିକାର ବନିଥିଲେ ରାହୁଲ। ସେ ୪୨ଟି ବଲ୍‌ର ସମ୍ମୁଖୀନ ହୋଇ ୨ ଚୌକା ସହ ୨୬ ରନ କରିଥିଲେ। ରୋହିତଙ୍କ ସହ ମହେନ୍ଦ୍ର ସିଂ ଧୋନୀ କ୍ରିଜ୍‌ରେ ଯୋଗଦେଇ ଭାରତକୁ ବିଜୟ ଆଡ଼କୁ ନେଇ ଯାଇଥିଲେ। ଏହି ଅବସରରେ କ୍ୟାରିୟରର ୨୩ତମ ଦିନିକିଆ ଶତକ ହାସଲ କରିଥିଲେ ରୋହିତ। ଏଥିସହ ସଚିନ ତେନ୍ଦୁଲକର(୪୯) ଓ କୋହଲି(୪୧)ଙ୍କ ପରେ ରୋହିତ ଭାରତର ତୃତୀୟ ସର୍ବାଧିକ ଏକଦିବସୀୟ ଶତକହାସଲକାରୀ ହୋଇଛନ୍ତି। ଭାରତକୁ ବିଜୟ ପାଇଁ ୨୩ ବଲ୍‌ରୁ ୧୫ ରନ ଆବଶ୍ୟକ ଥିବାବେଳେ ଧୋନୀ ଆଉଟ ହୋଇଥିଲେ। ସେ ୪୬ ବଲ୍‌ରୁ ୨ ଚୌକା ସହାୟତାରେ ଅତି ମୂଲ୍ୟବାନ ୩୪ ରନର ଇନିଂସ ଖେଳିଥିଲେ। ୪ର୍ଥ ଉଇକେଟ ଯୋଡ଼ିରେ ରୋହିତ ଓ ଧୋନୀଙ୍କ ୭୪ ରନର ଭାଗୀଦାରି ଭାରତକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲା। ରୋହିତ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଭାରତ ବିଜୟରେ କର୍ଣ୍ଣଧାର ସାଜିଥିଲେ। ୧୪୪ ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୧୩ ଚୌକା ଓ ୨ ଛକା ସହାୟତାରେ ୧୨୨ ରନରେ ଅପରାଜିତ ରହିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୭ ବଲ୍‌ରୁ ୩ ଚୌକା ସହ ୧୫ ରନ କରି ଅପରାଜିତ ଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିଶୋ ରାବାଡା ୨ଟି ଏବଂ କ୍ରିସ୍ ମୋରିସ ଓ ଆଣ୍ଡିଲେ ଫେଲୁକ୍ୱାୟୋ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ରୋହିତଙ୍କ ଅପରାଜିତ ଶତକ

### ଆଜିର ମ୍ୟାଚ୍

ଅଷ୍ଟ୍ରେଲିଆ
ବନାମ
ୱେଷ୍ଟଇଣ୍ଡିଜ

ସ୍ଥାନ: ନଟିଂହାମ
ସମୟ: ଅପରାହ୍ଣ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଚହଲ ୪

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଦକ୍ଷିଣ ଆଫ୍ରିକାର ଆରମ୍ଭ କିନ୍ତୁ ଭଲ ହୋଇ ନ ଥିଲା। ଭାରତ ପକ୍ଷରୁ ଘାତକ ବୋଲିଂ କରିଥିଲେ ଯଶପ୍ରୀତ ବୁମ୍‌ରା। ସେ ୨୪ ରନ ମଧ୍ୟରେ ପ୍ରତିପକ୍ଷ ଦଳର ଦୁଇ ଓପନରଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ହାସିମ୍ ଅମ୍‌ଲା ୯ ବଲ୍‌ରୁ ୬ ରନ କରିଥିବାବେଳେ ବୁମ୍‌ରାଙ୍କ ବଲ୍‌ରେ ରୋହିତ ଶର୍ମାଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ସେହିପରି ଫର୍ମରେ ଥିବା କ୍ୱିଣ୍ଟନ ଡିକକ୍ ୧୭ ବଲ୍‌ରୁ ୧୦ ରନ କରିଥିବାବେଳେ ବୁମ୍‌ରାଙ୍କ ବଲ୍‌ରେ ବିରାଟ କୋହଲିଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ଫାଫ୍ ଡୁପ୍ଲେସି ଓ ରସେ ଭାନ୍ ଡର୍ ଡୁସେନ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ତେବେ ଉଭୟ ୩ୟ ଉଇକେଟ ଯୋଡ଼ିରେ ୫୪ ରନ ଯୋଗ କରିବାପରେ ଡୁସେନଙ୍କୁ ଆଉଟ କରି ଭାଗୀଦାରି ଭାଙ୍ଗିଥିଲେ ସ୍ପିନର ୟୁଜବେନ୍ଦ୍ର ଚହଲ। ଡୁସେନ ୩୭ ବଲ୍‌ରୁ ୧ ଚୌକା ସହ ୨୨ ରନ କରିଥିବାବେଳେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଭଲ ଆରମ୍ଭ କରିଥିଲେ ହେଁ ଡୁମିନି ମଧ ଚହଲଙ୍କୁ ମୁକାବିଲା କରି ନ ପାରି ୩୮ (୫୪ ବଲ, ୪ ଚୌକା) ରନରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ମିଡଲ ଅର୍ଡରରେ ଜନ୍ ପଲ୍ ଡୁମିନି(୩) ଫେଲ୍ ମାରିଥିବାବେଳେ ଡେଭିଡ ମିଲର ୩୧(୪୦ ବଲ, ୧ ଚୌକା) ରନର ଉପଯୋଗୀ ଇନିଂସ ଖେଳିଥିଲେ। ଟେଲ୍ ଏଣ୍ଡରମାନେ ଦକ୍ଷିଣ ଆଫ୍ରିକାର ସମ୍ମାନ ରଖିଥିଲେ। ଆଣ୍ଡିଲେ ଫେଲୁକ୍ୱାୟୋ, କ୍ରିସ୍ ମୋରିସ ଓ କାଗିଶୋ ରାବାଡାଙ୍କ ଅବଦାନ ଯୋଗୁ ଦକ୍ଷିଣ ଆଫ୍ରିକା ୨୨୭ ରନର ଏକ ସମ୍ମାନଜନକ ସ୍କୋର କରି ପାରିଥିଲା। ଫେଲିକ୍ୱାୟୋ ୬୧ ବଲ୍‌ରୁ ୨ ଚୌକା ଓ ୧ ଛକା ସହାୟତାରେ ୩୪ ରନ କରି ଚହଲଙ୍କ ଚତୁର୍ଥ ଶିକାର ବନିବାରୁ ୩୯.୩ ଓଭରରେ ଦକ୍ଷିଣ ଆଫ୍ରିକା ସ୍କୋର ୧୫୮/୭ ହୋଇ ଯାଇଥିଲା। ମୋରିସ ଓ ରାବାଡା ୮ମ ଉଇକେଟ ଯୋଡ଼ିରେ ମୂଲ୍ୟବାନ ୬୬ ରନ ଯୋଗ କରି ଦଳର ରନ ସଂଖ୍ୟାକୁ ୨୦୦ ଟପାଇଥିଲେ। ଦ୍ରୁତ ହାରରେ ରନ ସଂଗ୍ରହ କରୁଥିବା ମୋରିସଙ୍କୁ ଆଉଟ୍ କରି ଭୁବନେଶ୍ୱର କୁମାର ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ୩୪ଟି ବଲ୍ ଖେଳିଥିବା ମୋରିସ ୧ ଚୌକା ଓ ୨ ଛକା ସହାୟତାରେ ୪୨ ରନ କରିବାକୁ ସକ୍ଷମ ହୋଇଥିଲେ। ଅନ୍ୟପକ୍ଷରେ ରାବାଡା ୩୫ ବଲ୍‌ରୁ ୨ ଚୌକା ସହ ୩୧ ରନରେ ଅପରାଜିତ ରହିଥିଲେ। ୫୦ତମ ଓଭରର ଶେଷ ବଲ୍‌ରେ ଇମ୍ରାନ ତାହିରଙ୍କୁ ଆଉଟ କରିଥିଲେ ଭୁବନେଶ୍ୱର। ଭାରତୀୟ ବୋଲରଙ୍କ ମଧ୍ୟରେ ଚହଲ ୪ଟି, ଭୁବନେଶ୍ୱର ଓ ବୁମ୍‌ରା ୨ଟି ଲେଖାଏ ଏବଂ କୁଲଦୀପ ଯାଦବ ଗୋଟିଏ ଉଇକେଟ ନେଇଥିଲେ।

### ସ୍କୋର ବୋର୍ଡ

**ଦକ୍ଷିଣ ଆଫ୍ରିକା ଇନିଂସ**

ଅମଲା-କ-ରୋହିତ-ବୋ-ବୁମ୍‌ରା-୬
ଡିକକ୍-କ-କୋହଲି-ବୋ-ବୁମ୍‌ରା-୧୦
ଡୁପ୍ଲେସି-ବୋ-ଚହଲ-୩୮
ଡୁସେନ-ବୋ-ଚହଲ-୨୨
ମିଲର-କ ଆଣ୍ଡ ବୋ-ଚହଲ-୩୧
ଡୁମିନି-ଏଲବିଡବଲ୍ୟୁ-କୁଲଦୀପ-୩
ଫେଲୁକ୍ୱାୟୋ-ଷ୍ଟ-ଧୋନୀ-ବୋ-ଚହଲ-୩୪
ମୋରିସ-କ-କୋହଲି-ବୋ-ଭୁବନେଶ୍ୱର-୪୨
ରାବାଡା-ନଟଆଉଟ-୩୧
ତାହିର-କ-କେଦାର-ବୋ-ଭୁବନେଶ୍ୱର-୦
ଅତିରିକ୍ତ-୧୦
ମୋଟ(୯ ଉଇକେଟ, ୫୦ ଓଭର) ୨୨୭।
ଉଇକେଟ ପତନ: ୧/୧୧, ୨/୨୪, ୩/୭୮, ୪/୮୦, ୫/୮୯, ୬/୧୩୫, ୭/୧୫୮, ୮/୨୨୪, ୯/୨୨୭।

**ବୋଲିଂ(ଭାରତ)**

ଭୁବନେଶ୍ୱର ୧୦-୦-୪୪-୨
ବୁମ୍‌ରା ୧୦-୧-୩୫-୨
ହାର୍ଦ୍ଦିକ ୬-୦-୩୧-୦
କୁଲଦୀପ ୧୦-୦-୪୬-୧
ଚହଲ ୧୦-୦-୫୧-୪
କେଦାର ୪-୦-୧୬-୦।

**ଭାରତ ଇନିଂସ**

ଧାୱନ-କ-ଡିକକ୍-ବୋ-ରାବାଡା-୮
ରୋହିତ-ନଟଆଉଟ-୧୨୨
କୋହଲି-କ-ଡିକକ୍-ବୋ-ଫେଲୁକ୍ୱାୟୋ-୧୮
ରାହୁଲ-କ-ଡୁପ୍ଲେସି-ବୋ-ରାବାଡା-୨୬
ଧୋନୀ-କ ଆଣ୍ଡ ବୋ-ମୋରିସ-୩୪
ହାର୍ଦ୍ଦିକ-ନଟଆଉଟ-୧୫
ଅତିରିକ୍ତ-୭
ମୋଟ(୪୭.୩ ଓଭର, ୪ ଉଇକେଟ) ୨୩୦
ଉଇକେଟ ପତନ:୧/୧୩, ୨/୫୪, ୩/୧୩୯, ୪/୨୧୩।

**ବୋଲିଂ(ଦକ୍ଷିଣ ଆଫ୍ରିକା)**

ତାହିର ୧୦-୦-୫୮-୦
ରାବାଡା ୧୦-୧-୩୯-୨
ମୋରିସ ୧୦-୩-୩୬-୧
ଫେଲୁକ୍ୱାୟୋ ୮.୩-୦-୪୦-୧
ସାମ୍‌ସି ୯-୦-୫୪-୦

## ଅଜବ ସଂଯୋଗ

କ୍ରିକେଟ ବିଶ୍ୱକପର ଗତ ୩ ସଂସ୍କରଣରେ ଏକ ଅଜବ ସଂଯୋଗ ଦେଖାଦେଇଛି। ୨୦୦୭ (ୱେଷ୍ଟଇଣ୍ଡିଜ), ୨୦୧୧ (ଭାରତ) ଓ ୨୦୧୫ (ଅଷ୍ଟ୍ରେଲିଆ) ବିଶ୍ୱକପ୍‌ରେ ପ୍ରଥମ ଶତକ ଲଗାଇଥିବା ବ୍ୟାଟ୍ସମ୍ୟାନଙ୍କ ଦଳ ହିଁ ଚାମ୍ପିୟନ ହୋଇଛି। ୱେଷ୍ଟଇଣ୍ଡିଜଠାରେ ଆୟୋଜିତ ୨୦୦୭ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆନ ଅଧିନାୟକ ରିକି ପଣ୍ଟିଂ ସ୍କଟଲାଣ୍ଡ ବିପକ୍ଷରେ ୧୧୩ ରନ୍‌ର ଇନିଂସ ଖେଳିଥିଲେ। ଫାଇନାଲରେ ତାଙ୍କ ଦଳ ଶ୍ରୀଲଙ୍କାକୁ ହରାଇ ୪ର୍ଥ ଥର ଚାମ୍ପିୟନ ହୋଇଥିଲା। ପରବର୍ତ୍ତୀ ସଂସ୍କରଣ ୨୦୧୧ ବିଶ୍ୱକପ୍ ଭାରତରେ ଆୟୋଜିତ ହୋଇଥିଲା। ବାଂଲାଦେଶ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍‌ରେ ବୀରେନ୍ଦ୍ର ସେହ୍ୱାଗ ୧୭୫ ରନ୍‌ର ଇନିଂସ ଖେଳିଥିଲେ। ଏହି ମ୍ୟାଚ୍‌ରେ ବିରାଟ କୋହଲି ମଧ ଶତକ ଲଗାଇଥିଲେ। ହେଲେ ସେହ୍ୱାଗ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୨୦୧୧ ବିଶ୍ୱକପ୍‌ରେ ଶତକ ଅର୍ଜନ କରିଥିଲେ। ଏହି ଇଭେଣ୍ଟରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଚାମ୍ପିୟନ ହୋଇଥିଲା। ସେହିଭଳି ୨୦୧୫ ବିଶ୍ୱକପ୍‌ରେ ଆରୋନ ଫିଞ୍ଚ ଇଂଲଣ୍ଡ ବିପକ୍ଷରେ ୧୩୫ ରନ୍‌ର ଇନିଂସ ଖେଳିଥିଲେ। ଏହା ଥିଲା ଅଷ୍ଟ୍ରେଲିଆରେ ଆୟୋଜିତ ଇଭେଣ୍ଟର ପ୍ରଥମ ଶତକ। ଆୟୋଜକ ଦଳ ଫାଇନାଲରେ ପଡୋଶୀ ତଥା ଅନ୍ୟତମ ଆୟୋଜକ ନ୍ୟୁଜିଲାଣ୍ଡକୁ ହରାଇ ୫ମ ବିଶ୍ୱକପ୍ ହାତେଇଥିଲା। ଏହି ସଂଯୋଗକୁ ନଜରରେ ରଖିଲେ ଇଂଲଣ୍ଡ ପ୍ରଥମ ଥର ବିଶ୍ୱକପ୍ ଜିତିବ। କାରଣ ପାକିସ୍ତାନ ବିପକ୍ଷରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡର ଜୋ ରୁଟ୍ ଚଳିତ ବିଶ୍ୱକପ୍‌ର ପ୍ରଥମ ଶତକ ଲଗାଇଥିଲେ। ରୁଟ୍‌ଙ୍କ ବ୍ୟତୀତ ଜୋସ ବଟଲର ମଧ ଶତକୀୟ ଇନିଂସ ଖେଳିଥିଲେ।

## ବୁମ୍‌ରାଙ୍କ ୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍

ଭାରତୀୟ ପେସର ଯଶପ୍ରୀତ ବୁମ୍‌ରା ଏଠାରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ମୁକାବିଲାରେ କ୍ୟାରିୟରର ୫୦ତମ ମ୍ୟାଚ୍ ଖେଳିଛନ୍ତି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ସେ ଦକ୍ଷିଣ ଆଫ୍ରିକୀୟ ଓପ୍‌ନର ହାସିମ ଅମ୍‌ଲା ଓ କ୍ୱିଣ୍ଟନ ଡିକକ୍‌ଙ୍କ ଉଇକେଟ ନେଇଛନ୍ତି। ଏଥିଯୋଗୁ ତାଙ୍କ କ୍ୟାରିୟରର ଉଇକେଟ ସଂଖ୍ୟା ୮୬ରେ ପହଞ୍ଚିଛି। ୫୦ଟି ମ୍ୟାଚ୍ ସୁଦ୍ଧା ସର୍ବାଧିକ ଉଇକେଟ ନେଇଥିବା ଭାରତୀୟ ବୋଲରଙ୍କ ତାଲିକାରେ ବୁମ୍‌ରା ୩ୟ ସ୍ଥାନରେ ରହିଛନ୍ତି। ମହମ୍ମଦ ସାମି ୯୧ ଉଇକେଟ ନେବା ସହ ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ରହିଛନ୍ତି ଚାଇନା ମ୍ୟାନ୍ କୁଲଦୀପ ଯାଦବ। ସେ ଏପର୍ଯ୍ୟନ୍ତ ୪୫ଟି ମ୍ୟାଚ୍ ଖେଳି ୮୮ ଉଇକେଟ ନେଇସାରିଛନ୍ତି। ଏଣୁ ବୁମ୍‌ରା ସାମିଙ୍କୁ ଅତିକ୍ରମ କରିବେ ବୋଲି ଆଶା କରାଯାଉଛି।

## ୱେଷ୍ଟଇଣ୍ଡିଜ୍‌ର ବିପଜ୍ଜନକ ଖେଳ ନେଇ ଫିଞ୍ଚ୍ ଚିନ୍ତିତ

**ନଟିଂହାମ, ୫।୬ (ଏଏଫ୍‌ପି)**

ଚଳିତ ବିଶ୍ୱକପ୍‌ରେ ଗୁରୁବାର ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ଟ୍ରେଣ୍ଟ ବ୍ରିଜ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ଗୁରୁତ୍ୱବହନ କରୁଛି। ୱେଷ୍ଟଇଣ୍ଡିଜ ଏବେ ବିପଜ୍ଜନକ ଦଳ ଭାବେ ଉଭା ହୋଇଛି। ତେଣୁ ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ୍ ୱେଷ୍ଟଇଣ୍ଡିଜର ବିପଜ୍ଜନକ ଖେଳ ନେଇ ଚିନ୍ତିତ ଅଛନ୍ତି। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ତା'ର ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୭ ଉଇକେଟରେ ହରାଇ ଅଭିଯାନ ଆରମ୍ଭ କରିଛି। ଅନ୍ୟପଟେ ୱେଷ୍ଟଇଣ୍ଡିଜ ତା'ର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ମାତ୍ର ୧୦୫ ରନରେ ଅଲ୍‌ଆଉଟ କରି ବିପର୍ଯ୍ୟୟ ଘଟାଇବା ସହ ବିଜୟରୁ ଅଭିଯାନ ଆରମ୍ଭ କରିଛି।

ୱେଷ୍ଟଇଣ୍ଡିଜ ଅଭିଜ୍ଞ ଓପନର କ୍ରିସ୍ ଗେଲଙ୍କ ବିସ୍ଫୋରକ ବ୍ୟାଟିଂ ପ୍ରତି ଅଷ୍ଟ୍ରେଲିଆ ସତର୍କ ରହିଛି। ୱେଷ୍ଟଇଣ୍ଡିଜ ଏକ ବିପଜ୍ଜନକ ଦଳ ବୋଲି ଫିଞ୍ଚ୍ କହିଛନ୍ତି। ପ୍ରଥମେ ବୋଲିଂ ହେଉ କି ବ୍ୟାଟିଂ ହେଉ ବିଜୟରୁ ଅଭିଯାନ ଆରମ୍ଭ କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଇନିଂସର ପ୍ରଥମ ୧୦ ଓଭର ବେଶ୍ ଗୁରୁତ୍ୱବହନ କରୁଛି। ଏଥିରେ ୱେଷ୍ଟଇଣ୍ଡିଜ ବେଶ୍ ଉଚ୍ଚକୋଟୀର ବୋଲିଂ କରିଥାଏ। ଅନ୍ୟପଟେ ଯଦି ଆମେ ପ୍ରଥମେ ଭଲ ଆରମ୍ଭ କରୁ ତାହାଲେ ଆମେ ବଡ଼ ସ୍କୋର ହାସଲ କରିବୁ। ଧୈର୍ଯ୍ୟର ସହ ଖେଳିଲେ ଆମେ ୱେଷ୍ଟଇଣ୍ଡିଜ ଉପରେ ପ୍ରଭାବ ବିସ୍ତାର କରିପାରିବୁ ବୋଲି ଫିଞ୍ଚ୍ କହିଛନ୍ତି। ଟ୍ରେଣ୍ଟବ୍ରିଜ୍‌ର ଏହି ଗ୍ରାଉଣ୍ଡରେ ଇଂଲଣ୍ଡ ଗତବର୍ଷ ଦିନିକିଆର ସର୍ବାଧିକ ସ୍କୋର ୬ ଉଇକେଟ ହରାଇ ୪୮୧ ରନ ସଂଗ୍ରହ କରିଥିଲା। ତେଣୁ ଏହି ମ୍ୟାଚ୍ ହାଇସ୍କୋରିଂ ହେବ ବୋଲି ସେ ଆଶା କରୁଛନ୍ତି। ଦକ୍ଷତା ଅନୁରୂପ ଖେଳିଲେ ଆମେ ୱେଷ୍ଟଇଣ୍ଡିଜକୁ ହରାଇ ପାରିବୁ ବୋଲି ଫିଞ୍ଚ୍ କହିଛନ୍ତି।

## ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ ମ୍ୟାଚ୍ ଆଜି

**ନଟିଂହାମ, ୫।୬**

ଚଳିତ ଆଇସିସି ବିଶ୍ୱକପ୍‌ର ୧୦ମ ମ୍ୟାଚ୍‌ରେ ଗୁରୁବାର ଦୁଇ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ପରସ୍ପରକୁ ଭେଟିବେ। ଉଭୟ ଦଳ ବିଶ୍ୱକପ୍‌ରେ ବିଜୟରୁ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ଦଳ ବ୍ରିଷ୍ଟଲରେ ଖେଳାଯାଇଥିବା ମ୍ୟାଚ୍‌ରେ ୭ ଉଇକେଟ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା। ସେହିଭଳି ୱେଷ୍ଟଇଣ୍ଡିଜ ମଧ ଏହାର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ୭ ଉଇକେଟ୍‌ରେ ସମାନ ବ୍ୟବଧାନରେ ହରାଇଥିଲା। ତେଣୁ ଉଭୟ ଦଳ ଏହି ମ୍ୟାଚ୍‌ରେ ବିଜୟ ଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି।

ଗତବର୍ଷ ଅଳ୍ପକେ ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିଥିବା ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ଦଳକୁ ଡୋରେନ ବ୍ରାଭୋ, କ୍ରିସ ଗେଲ୍‌ଙ୍କ ପରି ବହୁ ଅଭିଜ୍ଞ ଖେଳାଳି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ ୱେଷ୍ଟଇଣ୍ଡିଜ ଏକ ମଜଭୁତ୍ ଦଳ ଭାବେ ବିଶ୍ୱକପ୍‌ରେ ପ୍ରବେଶ କରିଛି। ସାଧାରଣତଃ ଏକ ଟି୨୦ ଭିତ୍ତିକ ଦଳ ଭାବେ ପରିଚିତ ୱେଷ୍ଟଇଣ୍ଡିଜ ନଟିଂହାମ ପରି ଫ୍ଲାଟ୍ ପିଚ୍‌ରେ ବିସ୍ଫୋରକ ବ୍ୟାଟିଂ ପରି ସମାନ ଷ୍ଟ୍ରାଟେଜୀ ଆପଣେଇପାରେ। ପୂର୍ବରୁ ବିଶ୍ୱକପ୍‌ର ୱାର୍ମଅପ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ବୋଲିଂ ବାହିନୀକୁ ନିର୍ଦ୍ଧୁମ ପ୍ରହାର କରି ୱେଷ୍ଟଇଣ୍ଡିଜ ୪୨୧ ରନ ସଂଗ୍ରହ କରିଥିଲା। ଗେଲ୍, ଏଭିନ୍ ଲୁଇସ, ସାଇ ହୋପ୍, ଆନ୍ଦ୍ରେ ରସେଲ, ସିମରନ ହେଟ୍‌ମେୟରଙ୍କ ପରି ବ୍ୟାଟ୍ସମ୍ୟାନଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼ ରହିଛି। କିନ୍ତୁ ମିଚେଲ୍ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ, ନାଥନ କ୍ଲଟର୍-ନିଲ, ଆଡାମ ଜାମ୍ପାଙ୍କ ପରି ଅଷ୍ଟ୍ରେଲିଆର ଏକ କ୍ୱାଲିଟି ବୋଲିଂ ବାହିନୀ ୱେଷ୍ଟଇଣ୍ଡିଜ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ।

ଟାଇଟଲ୍ ଦୌଡ଼ରେ ରହିଥିବା ଅଷ୍ଟ୍ରେଲିଆ ବିଶ୍ୱକପ୍ ପୂର୍ବରୁ ଭାରତ ଓ ପାକିସ୍ତାନ ବିପକ୍ଷରେ ୮ଟି ଦିନିକିଆ ମ୍ୟାଚ୍ ଜିତିଥିଲା। ଆଫଗାନିସ୍ତାନକୁ ପ୍ରଥମ ମ୍ୟାଚ୍‌ରେ ହରାଇବା ପରେ ଦଳ ଅପରାଜେୟ ଧାରା ୯ରେ ପହଞ୍ଚିଛି। ଷ୍ଟିଭ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କ ପରି ଦକ୍ଷ ବ୍ୟାଟ୍ସମ୍ୟାନ ଏକ ବର୍ଷର ବ୍ୟବଧାନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନ୍‌ଅପ୍ ସୁଦୃଢ଼ ହୋଇଛି। ଅଧିନାୟକ ଆରୋନ୍ ଫିଞ୍ଚ୍‌ଙ୍କ ସମେତ ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ ବଡ଼ ଶଟ୍ ଖେଳିବାର କ୍ଷମତା ରଖିଛନ୍ତି। ଉଭୟ ବ୍ୟାଟିଂ ଓ ବୋଲିଂରେ ଅଷ୍ଟ୍ରେଲିଆ ବାଲାନ୍ସ ବହୁତ ଭଲ ରହିଛି। ତେଣୁ ଏଠାରେ ଏକ ରୋମାଞ୍ଚକ ମ୍ୟାଚ୍ ହେବ ବୋଲି ଆଶା କରାଯାଉଛି।

**ଅଷ୍ଟ୍ରେଲିଆ ଦଳ:** ଆରୋନ୍ ଫିଞ୍ଚ୍ (ଅଧିନାୟକ), ଡେଭିଡ୍ ୱାର୍ନର, ଉସମାନ ଖ୍ୱାଜା, ଷ୍ଟିଭ୍ ସ୍ମିଥ୍, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ଆଲେକ୍ସ କେରୀ, କେନ୍ ରିଚାର୍ଡଶନ୍, ପ୍ୟାଟ୍ କୁମିନ୍ସ, ନାଥନ କଲ୍ଟର-ନିଲ, ମିଚେଲ ଷ୍ଟାର୍କ, ଜାସନ ବେହରାନଡ୍ରଫ୍, ଆଡାମ ଜାମ୍ପା, ନାଥନ ଲିୟନ।

**ୱେଷ୍ଟଇଣ୍ଡିଜ ଦଳ:** ଜାସନ ହୋଲ୍ଡର (ଅଧିନାୟକ), କ୍ରିସ ଗେଲ, ଏଭିନ୍ ଲୁଇସ୍, ଆନ୍ଦ୍ରେ ରସେଲ, ଆସଲେ ନର୍ସ, କାର୍ଲୋସ ବାର୍ଥୱେଟ୍, ଡାରେନ ବ୍ରାଭୋ, କେମାର ରୋଚ୍, ନିକୋଲାସ ପୁରାନ, ସାଇ ହୋପ୍, ଶାନନ ଗ୍ରାବିଏଲ୍, ସେଲଡନ୍ କର୍ଟେଲ, ସିମରନ ହେଟ୍‌ମେୟର।

### ବିଶ୍ୱକପ ରେକର୍ଡ

- ମୋଟ୍ ମ୍ୟାଚ୍- ୯
- ଅଷ୍ଟ୍ରେଲିଆ ଜିତିଛି- ୪
- ୱେଷ୍ଟଇଣ୍ଡିଜ ଜିତିଛି- ୫
- ଟାଇ- ୦
- ବିନା ଫଳାଫଳ- ୦

### ଫ୍ୟାନ୍ କର୍ନର





ଦକ୍ଷିଣ ଆଫ୍ରିକା ମ୍ୟାଚ ଅବସରରେ ଦୁଇ ଭାରତୀୟ ପ୍ରଶଂସକ





## ସଂକ୍ଷେପରେ

### ସିନ୍ଧୁ, ସମୀରଙ୍କ ବିଜୟ ଅଭିଯାନ

ସିଡ୍‌ନୀ,୫।୬(ପିଟି)- ଭାରତୀୟ ଷ୍ଟାର ଶଟ୍‌ଲର ପି.ଭି. ସିନ୍ଧୁ ଓ ସମୀର ବର୍ମା ଏଠାରେ ଚାଲିଥିବା ଦେଢ଼ ଲକ୍ଷ ପୁରସ୍କାର ରାଶିବିଶିଷ୍ଟ ଅଷ୍ଟ୍ରେଲିଆ ଓପନ୍ ୱାର୍ଲ୍ଡ ଟୁର୍ ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଅଲିମ୍ପିକ୍ ତଥା ୨୦୧୭ ଓ ୨୦୧୮ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକଧାରୀ ସିନ୍ଧୁ ୨୧-୧୪, ୨୧-୯ ଗେମ୍‌ରେ ଇଣ୍ଡୋନେସିଆର ଚୋଇରୁନ୍ନିସାଙ୍କୁ ଏକତରଫା ମ୍ୟାଚ୍‌ରେ ହରାଇ ଦେଇଛନ୍ତି। ବିଶ୍ୱର ଏହି ୫ମ ର୍‍ୟାଙ୍କ୍ ଖେଳାଳି ପରବର୍ତ୍ତୀ ମ୍ୟାଚ୍‌ରେ ଥାଇଲାଣ୍ଡର ନିଚାନ ଜିନ୍ଦପଲଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସ ବର୍ଗରେ ୬ଷ୍ଠ ସିଡ୍ ସମୀର ୨୧-୧୫, ୧୬-୨୧, ୨୧-୧୨ ବ୍ୟବଧାନରେ ମାଲେସିଆର ଜି.ଲି. ଜିଆଙ୍କୁ ହରାଇ ପ୍ରତିଶୋଧ ନେଇଛନ୍ତି। ସମାନ ଖେଳାଳିଙ୍କଠାରୁ ସୁଦିରମାନ କପ୍‌ରେ ଭାରତୀୟ ଖେଳାଳି ପରାସ୍ତ ହୋଇଥିଲେ। ୨୫ ବର୍ଷୀୟ ସମୀର ଦ୍ୱିତୀୟ ରାଉଣ୍ଡରେ ଚାଇନିଜ୍ ତାଇପେର ୱାଙ୍ଗ ଜୁ ୱେଇଙ୍କ ସହ ମୁକାବିଲା କରିବେ। ପୂର୍ବତନ ସିଙ୍ଗାପୁର ଓପନ ଚାମ୍ପିୟନ ବି. ସାଇ ପ୍ରଣୀଥ କୋରିଆର ଲି ଡଙ୍ଗ କେଉନଙ୍କୁ ୨୧-୧୬, ୨୧-୧୪ ଗେମ୍‌ରେ ହରାଇ ଦେଇଛନ୍ତି। ସେ ଦ୍ୱିତୀୟ ସିଡ୍ ଆଣ୍ଟୋନୀ ସିନିସୁକା ଗିଣ୍ଟିଂଙ୍କ ସହ ମୁକାବିଲା କରିବେ।

### ଇନ୍‌ଫାଣ୍ଟିନୋ ପୁଣି ଫିଫା ସଭାପତି

ପ୍ୟାରିସ୍, ୫।୬(ପିଟି)- ଜିଆନ୍ନି ଇନ୍‌ଫାଣ୍ଟିନୋ ବୁଧବାର ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା 'ଫିଫା'ର ସଭାପତି ଭାବେ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଛନ୍ତି। ଏଠାରେ ଅନୁଷ୍ଠିତ ଫିଫା କଂଗ୍ରେସ ନିର୍ବାଚନ ପ୍ରକ୍ରିୟାରେ ସେ ସଭାପତି ପଦରେ ପୁନଃ ନିର୍ବାଚିତ ହୋଇଛନ୍ତି। ୨୦୧୬ ଫେବୃୟାରୀରେ ଫିଫା ସଭାପତି ଭାବେ ଦାୟିତ୍ୱ ନେଇଥିବା ୪୯ ବର୍ଷୀୟ କ୍ରୀଡ଼ା ପ୍ରଶାସକ ଇନ୍‌ଫାଣ୍ଟିନୋ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ୪ ବର୍ଷ ପାଇଁ ପୁଣି ନିର୍ବାଚିତ ହୋଇଛନ୍ତି। ସେ ୨୦୨୩ ପର୍ଯ୍ୟନ୍ତ କାର୍ଯ୍ୟଭାର ତୁଲାଇବେ। ଇନ୍‌ଫାଣ୍ଟିନୋଙ୍କ କାର୍ଯ୍ୟକାଳରେ କୌଣସି ଦୁର୍ନୀତି ହୋଇଥିବାବେଳେ ଆର୍ଥିକ ସଙ୍କଟରୁ ଫିଫା ମୁକ୍ତ ହୋଇଛି।

### ପରିବେଶଭିତ୍ତିକ ହେବ ସାଇର ସମସ୍ତ ଷ୍ଟାଡିୟମ

ନୂଆଦିଲ୍ଲୀ,୫।୬(ପିଟି)- ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ସମସ୍ତ ଷ୍ଟାଡିୟମ ଓ ଏକାଡେମୀ ପରିବେଶଭିତ୍ତିକ ହେବ ବୋଲି ନୂଆ କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ ବୁଧବାର ଘୋଷଣା କରିଛନ୍ତି। ବିଶ୍ୱ ପରିବେଶ ଦିବସ ଅବସରରେ ରିଜିଜୁ ଏଭଳି ସ୍ପଷ୍ଟ କରିଛନ୍ତି। ଦୀର୍ଘ ମିଆଦୀ ଯୋଜନାର ଏହା କେବଳ ଆରମ୍ଭ। ଆମେ ସାଇ ଷ୍ଟାଡିୟମ ଓ ଏକାଡେମୀରେ ଆହୁରି ବୃକ୍ଷ ରୋପଣ କରିବୁ। ଆମର ସମସ୍ତ ସଂସ୍ଥା ପରିବେଶଭିତ୍ତିକ ହେବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

## ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ

# କଳିଙ୍ଗରେ ଆଜିଠାରୁ ହକି ରୋମାଞ୍ଚ

ଭୁବନେଶ୍ୱର,୫।୬(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସିରିଜ ଫାଇନାଲ୍ସ। ୨୦୨୦ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ଭାରତ ପାଇଁ ଏହି ଟୁର୍ନାମେଣ୍ଟ ପ୍ରଥମ ପାହାଚ ସଦୃଶ ହୋଇଛି। ନୂଆ କୋଚ୍ ଗ୍ରାହମ ରିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତ ଏହି ଟୁର୍ନାମେଣ୍ଟରେ ଫେଭରାଇଟ ବିବେଚିତ ହେଉଛି ଓ ଭାରତ ପ୍ରଥମଥର ପାଇଁ କୌଣସି ମେଜର ଟୁର୍ନାମେଣ୍ଟ ଖେଳିବାକୁ ଯାଉଛି।

ଏସିଆ, ୟୁରୋପ, ଆଫ୍ରିକା ଓ ଉତ୍ତର ଆମେରିକାରୁ ୮ଟି ଦଳ ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସର ଦୁଇଟି ସ୍ଥାନ ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଏହି ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଚଳିତ ବର୍ଷ ଅକ୍ଟୋବର-ନଭେମ୍ବର ମାସରେ ଖେଳାଯିବ। ଭାରତ ସମେତ ପୋଲାଣ୍ଡ, ରୁଷିଆ ଓ ଉଜ୍‌ବେକିସ୍ତାନ ପୁଲ୍ ଏ'ରେ ସ୍ଥାନ ପାଇଛନ୍ତି। ସେହିପରି ପୁଲ୍ ବି'ରେ ସ୍ଥାନ ପାଇଥିବା ଦଳଗୁଡିକ ହେଲେ ଦକ୍ଷିଣ ଆଫ୍ରିକା, ଏସିଆନ ଗେମ୍ସ ଚାମ୍ପିୟନ ଜାପାନ, ଆମେରିକା ଓ ମେକ୍ସିକୋ। ଭାରତ ଏଫ୍‌ଆଇଏଚ୍ ର୍‍ୟାଙ୍କିଂରେ ପଞ୍ଚମ ସ୍ଥାନରେ ରହିଛି। ର୍‍ୟାଙ୍କିଂରେ ଅନ୍ୟଦଳଗୁଡିକ ଭାରତଠାରୁ ଯଥେଷ୍ଟ ନିମ୍ନରେ ରହିଛନ୍ତି। ପ୍ରତିଭା, ଦକ୍ଷତା ଓ କ୍ଷମତା ଦୃଷ୍ଟିକୋଣରୁ ଭାରତ ଏହି ଦଳଗୁଡିକଠାରୁ ଯଥେଷ୍ଟ ଉପରେ ରହିଛି। ର୍‍ୟାଙ୍କିଂରେ ଦକ୍ଷିଣ ଆଫ୍ରିକା ୧୬, ଜାପାନ ୧୮ତମ ସ୍ଥାନରେ ରହିଛି।

ଭାରତ ଗୁରୁବାର ତା'ର ପ୍ରଥମ ମ୍ୟାଚ୍‌ରେ ରୁଷିଆକୁ ଭେଟି ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍‌ରେ ଭାରତ ବୃହତ୍ ବ୍ୟବଧାନରେ ବିଜୟୀ ହେବ ଓ ଭାରତ ଶୀର୍ଷରେ ରହିବ ବୋଲି ଆଶା କରାଯାଉଛି। ଜାକର୍ତ୍ତା ଅଲିମ୍ପିକ୍ସ ଗେମ୍ସରେ ଭାରତ ଲାଗି ଅଲିମ୍ପିକ୍ସ ଯୋଗ୍ୟତା ହାସଲର ସୁଯୋଗ ଥିଲା। ତେବେ ସେମିଫାଇନାଲରେ ଭାରତ ମାଲେସିଆଠାରୁ ପରାସ୍ତ ହୋଇ ଫାଇନାଲକୁ ଉଠିବାର ବିଫଳ ହୋଇଥିଲା। ସେହିପରି ଚଳିତବର୍ଷ ଅନୁଷ୍ଠିତ ଆଜଲାନ ଶାହ କପ୍‌ରେ ଶ୍ରେଷ୍ଠ ଦଳ ହୋଇଥିଲେ ମଧ୍ୟ ଫାଇନାଲରେ କୋରିଆଠାରୁ ପରାସ୍ତ ହୋଇଥିଲା। ତେଣୁ ଏହି ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ଭାରତ ପାଇଁ ଅଲିମ୍ପିକ୍ସ ଯୋଗ୍ୟାତା ହାସଲ କରିବାର ପ୍ରଥମ ସୁଯୋଗ ସୃଷ୍ଟି କରିଛି। ଏହି ଟୁର୍ନାମେଣ୍ଟ କୋଚ୍ ତଥା ପୂର୍ବତନ ଅଷ୍ଟ୍ରେଲୀୟ ଖେଳାଳି ଗ୍ରାହମ ରିଡ୍‌ଙ୍କ ପାଇଁ ପ୍ରଥମ ପରୀକ୍ଷା ସଦୃଶ ହୋଇଛି। ଗତ ଡିସେମ୍ବରରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ ପରେ କୋଚ୍ ହରେନ୍ଦ୍ର ସିଂଙ୍କୁ ବହିଷ୍କାର କରାଯାଇଥିଲା ଓ ରିଡ୍‌ଙ୍କୁ ନୂଆ କୋଚ୍ ନିଯୁକ୍ତି କରାଯାଇଥିଲା। ପୂର୍ବରୁ ଟେରୀ ୱାଲ୍ସ, ପଲ ଭାନ ଆସ, ମାଇକେଲ ନୋବ୍ସ ଭାରତୀୟ କୋଚ୍ ରୂପେ ଯାହା କରିପାରି ନ ଥିଲେ ରିଡ୍ ତାହା କରିପାରିଛନ୍ତି କି ନା ତାହା ଦେଖିବାକୁ ବାକି ରହିଲା। ଫଳରେ ରିଡଙ୍କ ଉପରେ ଯଥେଷ୍ଟ ଆଶା ରହିଛି ଓ ସେଥିପାଇଁ ସେ ଚାପରେ ରହିଥିବେ।

ରିଡ ପୂର୍ବରୁ ଅଷ୍ଟ୍ରେଲୀୟ ପୁରୁଷ ଦଳର କୋଚ୍ ରହି ସାରିଛନ୍ତି। ତେବେ ତଙ୍କ ନିକଟରେ ପର୍ଯ୍ୟାପ୍ତ ସମୟ ନାହିଁ। ନିଯୁକ୍ତି ପାଇବା ପରେ ପରେ ତାଙ୍କୁ ଏହି ଗୁରୁଦାୟିତ୍ୱ ମିଳିଛି। ତେଣୁ ତାଙ୍କ ଯଥାଶୀଘ୍ର ଦକ୍ଷତା ଦେଖାଇବାକୁ ପଡିବ। ଖରାପ ପ୍ରଦର୍ଶନ ପରେ ହକି ଇଣ୍ଡିଆ ତା'ର କୋଚ୍‌ମାନଙ୍କୁ ବହିଷ୍କାର କରିବାର ଅଭ୍ୟାସ ରହିଛି। ତେଣୁ ଏଭଳି ପରିସ୍ଥିତିରେ ରିଡ୍‌ଙ୍କ ପାଇଁ ଜବରଦସ୍ତ ଚ୍ୟାଲେଞ୍ଜ୍ ରହିଛି। ପ୍ରଥମ ମ୍ୟାଚ୍‌ରେ ରୁଷିଆକୁ ଭେଟିବା ପରେ ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ଶୁକ୍ରବାର ପୋଲାଣ୍ଡକୁ ଭେଟିବ। ସେହିପରି ଜୁନ୍ ୧୦ ତାରିଖରେ ଭାରତ ଅନ୍ତିମ ପୁଲ୍ ଗେମ୍‌ରେ ୧୦ ତାରିଖରେ ଉଜ୍‌ବେକିସ୍ତାନକୁ ଭେଟିବ। ଯଦି ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୁଏ ତା'ହେଲେ ଭାରତ ପାଇଁ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି ହେବ। ଅଲିମ୍ପିକ୍ସ କ୍ୱାଲିଫାୟର ଖେଳିବାକୁ ହେଲେ ଭାରତକୁ ଏହି ଟୁର୍ନାମେଣ୍ଟରେ ଅତିକମ୍‌ରେ ଫାଇନାଲରେ ପ୍ରବେଶ କରିବାକୁ ହେବ।

ଏକ ଶକ୍ତିଶାଳୀ ଦଳ ସହ ଭାରତ ପଡିଆକୁ ଓହ୍ଲାଇବ। ଷ୍ଟ୍ରାଇକର ରମନଦୀପ ସିଂ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଭିଜ୍ଞ ଗୋଲ କିପର ପି. ଆର. ଶ୍ରୀଜେସଙ୍କ ପାଇଁ ବଡ଼ ପରୀକ୍ଷା ସୃଷ୍ଟି ହୋଇଛି। କ୍ୟାରିୟର ଆଗକୁ ବଢାଇବାକୁ ହେଲେ ତାଙ୍କୁ ଭଲ ପ୍ରଦର୍ଶନ କରବାକୁ ହେବ। ଅଭିଜ୍ଞ କିମ୍ବା ବଡ଼ ତାରକା ଖେଳାଳି ହୁଅନ୍ତୁ ପଛେ ରିଡ୍ ଫର୍ମକୁ ଅଗ୍ରାଧିକାର ଦେଇଛନ୍ତି। ସେଥିପାଇଁ ସେ ରୂପିନ୍ଦର ପାଲ ସିଂଙ୍କୁ ଦଳରେ ସାମିଲ କରିନାହାନ୍ତି। ବଦଳରେ ସେ ହରମନପ୍ରୀତ ସିଂ, ବରୁଣ କୁମାର ଓ ଅମିତ ରୋହିଦାସଙ୍କୁ ଦଳରେ ସାମିଲ କରିଛନ୍ତି। ପେନାଲ୍ଟି କର୍ନରରେ ଏହି ଖେଳାଳିମାନେ ସଫଳ ହେବେ ବୋଲି ଆଶା କରାଯାଉଛି। ମିଡ୍‌ଫିଲ୍ଡରେ ଅଧିନାୟକ ମନପ୍ରୀତ ସିଂଙ୍କୁ ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା ଓ ହାର୍ଦ୍ଦିକ ସିଂ ସହଯୋଗ କରିବେ। ସେହିପରି ଆକାଶଦୀପ ସିଂ, ମନଦୀପ ସିଂ ଷ୍ଟ୍ରାଇକର ହିସାବରେ କମାଲ କରିବା ଆଶା କରାଯାଉଛି। ଭାରତୀୟ ଖେଳାଳିଙ୍କୁ ଫିନିଶିଂରେ ଉନ୍ନତି ଆଣିବାକୁ ହେବ। ପୁଣି ଅନ୍ତିମ ମିନିଟ୍‌ରେ ଗୋଲ ବରଣ କରିବାର ଅଭ୍ୟାସକୁ ବଦଳାଇବାକୁ ପଡିବ। ଗତ ୩ ସପ୍ତାହ ହେବ ଆମେ ଫିନିଶିଂରେ ଉନ୍ନତି ଆଣିବା ଉପରେ କାର୍ଯ୍ୟ କରୁଛୁ। ସବୁ ଦୁର୍ବଳତାକୁ ଦୂରେଇବା ପାଇଁ ଆମେ ପ୍ରୟାସ କରିବୁ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ କହିଛନ୍ତି।

ଗୁରୁବାର ବାକି ଦୁଇଟି ମ୍ୟାଚ୍‌ରେ ଆମେରିକା ଓ ଦକ୍ଷିଣ ଆଫ୍ରିକା, ପୋଲାଣ୍ଡ ଓ ଉଜ୍‌ବେକିସ୍ତାନ ପୁଲ୍ ବି'ରେ ପରସ୍ପରକୁ ଭେଟିବେ। ଏହି ଟୁର୍ନାମେଣ୍ଟ ହେଉଛି ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସର ଦ୍ୱିତୀୟ ଟୁର୍ନାମେଣ୍ଟ। ପୂର୍ବରୁ ପ୍ରଥମ ଟୁର୍ନାମେଣ୍ଟ ମାଲେସିଆରେ ଏପ୍ରିଲ ୨୬ରୁ ମେ ୪ ତାରିଖ ମଧ୍ୟରେ ଖେଳାଯାଇଥିଲା। ସେହିପରି ତୃତୀୟ ଟୁର୍ନାମେଣ୍ଟ ଫ୍ରାନ୍ସରେ ଜୁନ ୧୫ରୁ ୨୩ ତାରିଖ ମଧ୍ୟରେ ଖେଳାଯିବ। ମୋଟ ଉପରେ ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସରେ ୧୪ଟି ଦଳ ସାମିଲ ରହିବେ। ଏଥିମଧ୍ୟରୁ ଟୋକିଓ ଅଲିମ୍ପିକ୍ସ ପାଇଁ ୧୪ଟି ଦଳ କ୍ୱାଲିଫାଏ କରିବେ।



କଳିଙ୍ଗ ଷ୍ଟାଡିୟମରେ ପୋଲାଣ୍ଡ ଦଳର ଖେଳାଳିଙ୍କ ଅଭ୍ୟାସ।

### କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ସମୟ |
|---|---|---|
| ଜୁନ ୬ | ଦକ୍ଷିଣ ଆଫ୍ରିକା ବନାମ ଆମେରିକା | ସକାଳ ୮ଟା ୪୫ |
| | ପୋଲାଣ୍ଡ ବନାମ ଉଜ୍‌ବେକିସ୍ତାନ | ଅପରାହ୍ଣ ୫ଟା |
| | ଭାରତ ବନାମ ରୁଷିଆ | ରାତି ୭ଟା |
| ଜୁନ ୭ | ଜାପାନ ବନାମ ମେକ୍ସିକୋ | ସକାଳ ୮ଟା ୪୫ |
| | ରୁଷିଆ ବନାମ ଉଜ୍‌ବେକିସ୍ତାନ | ଅପରାହ୍ଣ ୫ଟା |
| | ଭାରତ ବନାମ ପୋଲାଣ୍ଡ | ରାତି ୭ଟା |
| ଜୁନ ୮ | ଆମେରିକା ବନାମ ମେକ୍ସିକୋ | ଅପରାହ୍ଣ ୫ଟା |
| | ଜାପାନ ବନାମ ଦକ୍ଷିଣ ଆଫ୍ରିକା | ରାତି ୭ଟା |
| ଜୁନ ୯ | ରୁଷିଆ ବନାମ ପୋଲାଣ୍ଡ | ରାତି ୭ଟା |
| ଜୁନ ୧୦ | ଆମେରିକା ବନାମ ଜାପାନ | ସକାଳ ୮ଟା ୪୫ |
| | ଦକ୍ଷିଣ ଆଫ୍ରିକା ବନାମ ମେକ୍ସିକୋ | ଅପରାହ୍ଣ ୫ଟା |
| | ଭାରତ ବନାମ ଉଜ୍‌ବେକିସ୍ତାନ | ରାତି ୭ଟା |
| ଜୁନ ୧୧ | ବିଶ୍ରାମ ଦିବସ | |
| ଜୁନ ୧୨ | ୭-୮ ପ୍ଲେସିଂ ମ୍ୟାଚ | ସକାଳ ୮ଟା୪୫ |
| | କ୍ରସ୍ ଓଭର-୧ | ଅପରାହ୍ଣ ୫ଟା |
| | କ୍ରସ୍ ଓଭର-୨ | ରାତି ୭ଟା୧୫ |
| ଜୁନ ୧୩ | ବିଶ୍ରାମ ଦିବସ | |
| ଜୁନ ୧୪ | ୫-୬ ପ୍ଲେସିଂ ମ୍ୟାଚ | ସକାଳ ୮ଟା ୪୫ |
| | ସେମିଫାଇନାଲ-୧ | ଅପରାହ୍ଣ ୫ଟା |
| | ସେମିଫାଇନାଲ-୨ | ରାତି ୭ଟା୧୫ |
| ଜୁନ ୧୫ | ତୃତୀୟ ସ୍ଥାନ ପ୍ଲେ-ଅଫ୍ | ଅପରାହ୍ଣ ୫ଟା |
| | ଫାଇନାଲ | ରାତି ୭ଟା ୧୫ |



## ମେକ୍ସିକୋ ଦଳ ପହଞ୍ଚିଲା

ଭୁବନେଶ୍ୱର, ୫।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଖେଳିବା ପାଇଁ ମେକ୍ସିକୋ ଦଳ ବୁଧବାର ଭୁବନେଶ୍ୱରରେ ପହଞ୍ଚିଛି। ଏହି ଦଳର ୫ ଖେଳାଳି ସୋମବାର ଆସିଥିବାବେଳେ ଅବଶିଷ୍ଟ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ବୁଧବାର ମନ୍ଦିରମାଳିନୀ ସହରରେ ପହଞ୍ଚିଛନ୍ତି। ଆମେରିକା, ଦକ୍ଷିଣ ଆଫ୍ରିକା ଓ ଜାପାନ ସହିତ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି ମେକ୍ସିକୋ। ପ୍ରତିଯୋଗିତାରେ ଅଣ୍ଡରଡଗ୍ ବିବେଚିତ ହେଉଥିବା ମେକ୍ସିକୋ ପ୍ରତିଯୋଗିତାରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ପ୍ରସ୍ତୁତ ବୋଲି ଦଳ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ''ଫୁଟବଲ ସଂସ୍କୃତି ପାଇଁ ଆମ ଦେଶ ପରିଚିତ। ଆମେ ଏଠାକୁ ହକି ଖେଳିବାକୁ ଆସିଛୁ ଏବଂ ଏଥିପାଇଁ ଉତ୍ସର୍ଗୀକୃତ। ଅନ୍ତର୍ଜାତୀୟ ହକିରେ ଆମେ ନିଜ ଉପସ୍ଥିତି ଜାହିର କରିବୁ'' ବୋଲି ମେକ୍ସିକୋ ଖେଳାଳି ମିଗୁଏଲ ଲିଅନ ପ୍ରକାଶ କରିଛନ୍ତି। ଏଠାରେ ଅନୁଷ୍ଠିତ ହକି ବିଶ୍ୱକପ ଉପରେ ଆମେ ନଜର ରଖିଥିଲୁ। ଏଠାରେ ହକି ପାଇଁ ସୁନ୍ଦର ମାହୋଲ ରହିଛି। ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସରୁ ବିଶେଷ କରି ଭାରତ ଓ ଜାପାନ ମ୍ୟାଚରୁ ଆମେ ଅନେକ କିଛି ଶିଖିବାକୁ ପାଇବୁ ବୋଲି ଲିଅନ କହିଛନ୍ତି। ମେକ୍ସିକୋ ଦଳ ଜୁନ ୭ରେ ଜାପାନ ସହିତ ଖେଳି ଏହାର ଅଭିଯାନ ଆରମ୍ଭ କରିବ।

# ଛେତ୍ରୀଙ୍କ ମାଇଲ୍‌ଖୁଣ୍ଟ ସତ୍ତ୍ୱେ ଭାରତ ହାରିଲା

ବୁରିରାମ(ଥାଇଲାଣ୍ଡ),୫।୬(ପି.ଟି)

ଏଠାରେ ଚାଲିଥିବା କିଙ୍ଗ୍ସ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ବୁଧବାର ଖେଳାଯାଇଥିବା ତା'ର ପ୍ରଥମ ମ୍ୟାଚ୍‌ରେ କୁରାକାଓଠାରୁ ପରାସ୍ତ ହୋଇଛି। ଅଧିନାୟକ ସୁନୀଲ ଛେତ୍ରୀ ଗୋଲ କରି ମାଇଲ ଖୁଣ୍ଟ ସ୍ଥାପନ କରିଥିଲେ ମଧ୍ୟ ଭାରତ ୩-୧ ଗୋଲରେ ମ୍ୟାଚ୍ ହାତଛଡ଼ା କରିଛି। ନୂଆ କୋଚ୍ ଆଇଗର ଷ୍ଟିମାକଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମ ପରାଜୟ ବରଣ କରିଛି।

ଏହି ମ୍ୟାଚ୍ ଖେଳିବା ସହ ଛେତ୍ରୀ ଭାରତର ସର୍ବାଧିକ ମ୍ୟାଚ୍ ଖେଳିଥିବା ଫୁଟବଲର ବିବେଚିତ ହୋଇଛନ୍ତି। ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୂଟିଆ ସର୍ବାଧିକ ୧୦୭ଟି ମ୍ୟାଚ୍ ଖେଳିଥିଲେ। ତେବେ ଛେତ୍ରୀ ଏହାକୁ ଅତିକ୍ରମ କରି ୧୦୮ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚ୍‌ରେ ଛେତ୍ରୀ ଭାରତ ତରଫରୁ ୩୧ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ଏଥିସହ ସେ ମୋଟ ଉପରେ କ୍ୟାରିୟରର ୬୯ତମ ଗୋଲ ସ୍କୋର କରିଛନ୍ତି।

ଫିଫା ର୍‍ୟାଙ୍କିଂରେ କାରିବିୟାନ ଦ୍ୱୀପ ଦେଶ କୁରାକାଓ ଏବେ ୮୨ତମ ସ୍ଥାନରେ ରହିଛି। କୁରାକାଓର ଦୁଇଜଣ ଖେଳାଳି ଇଂଲିଶ ପ୍ରିମିୟର ଲିଗ୍ ଖେଳୁଛନ୍ତି। ସେହିପରି ଆଉ କେତେକ ଖେଳାଳି ୟୁରୋପିଆନ୍ ଲିଗ୍ ଖେଳୁଛନ୍ତି। କୁରାକାଓ ୧୮ ମିନିଟ ମଧ୍ୟରେ ୩ଟି ଗୋଲ ସ୍କୋର କରିଥିଲା। ୧୬ତମ ମିନିଟ୍‌ରେ ରୋଲି ବୋନେଭାସିଆ, ୧୮ତମ ମିନିଟ୍‌ରେ ଏଲସନ ହୁଇ ଓ ୩୩ତମ ମିନିଟରେ ଲିଓନାର୍ଡ କୁରାକାଓ ତରଫରୁ ଗୋଲ ଦେଇଥିଲେ। ଫିଫା ର୍‍ୟାଙ୍କିଂରେ ଭାରତ ଏବେ ୧୦୧ତମ ସ୍ଥାନରେ ରହିଛି। ଡିଫେନ୍ସ ଓ ଆଟାକରେ ଭାରତ ଦୁର୍ବଳ ପ୍ରଦର୍ଶନ କରିଥିଲା। ଭାରତ ଉପରେ କୁରାକାଓ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଏବେ ଥାଇଲାଣ୍ଡ ଓ ଭିଏତ୍‌ନାମ ମୁହାଁମୁହିଁ ହେବେ। ଏହି ମ୍ୟାଚ୍‌ର ପରାଜିତ ଦଳକୁ ଭାରତ ତୃତୀୟ ସ୍ଥାନ ପ୍ଲେ ଅଫ୍ ପାଇଁ ଶୁକ୍ରବାର ଭେଟିବ।



## ରୋନାଲ୍ଡୋଙ୍କୁ ଆଶ୍ୱସ୍ତି

ବୁରିରାମ(ଥାଇଲାଣ୍ଡ), ୫।୬(ପି.ଟି.)

ପର୍ତ୍ତୁଗାଲ ତଥା ଜୁଭେଣ୍ଟସ୍ ଫୁଟ୍‌ବଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ବୁଧବାର ଆଶ୍ୱସ୍ତି ମିଳିଛି। ତାଙ୍କ ନାମରେ ବଳାତ୍କାର ଅଭିଯୋଗ ଆଣିଥିବା ମହିଳା କେସ୍ ପ୍ରତ୍ୟାହାର କରିନେଇଛନ୍ତି। ଗତ ମାସରେ ଲାସ୍ ଭେଗାସସ୍ଥିତ ନେଭାଡ ଷ୍ଟେଟ୍ କୋର୍ଟରେ ମାମଲାକୁ ଖାରଜ କରିବା ପାଇଁ ନୋଟିସ୍ ହୋଇଥିଲା। ତେବେ ଅଭିଯୋଗକାରିଣୀ ଆମେରିକୀୟ ମହିଳା କ୍ୟାଥରିନ ମେୟୋର୍ଗା ଓ ରୋନାଲ୍ଡୋଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଛି କି ନାହିଁ କିଛି ଜଣାପଡ଼ିନାହିଁ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ସେପ୍ଟେମ୍ବରରେ କ୍ୟାଥରିନ ଅଭିଯୋଗ ଆଣିଥିଲେ କି, ୨୦୦୯ରେ ଲାସ ଭେଗାସର ଏକ ହୋଟେଲରେ ରୋନାଲ୍ଡୋ ତାଙ୍କୁ ବଳତ୍କାର କରିଥିଲେ। ସେତେବେଳେ ରୋନାଲ୍ଡୋ ରିୟଲ୍ ମାଡ୍ରିଡ୍ କ୍ଲବରେ ସାମିଲ ହୋଇଥିଲେ। ତେବେ ରୋନାଲ୍ଡୋ ଏହି ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଆସିଥିଲେ।

# ଜାତୀୟ ସଫ୍ଟଟେନିସ ପାଇଁ ଓଡ଼ିଶା ଦଳ


ଓଡ଼ିଶା ବାଳିକା ଓ ବାଳକ ସଫ୍ଟଟେନିସ ଦଳର ଖେଳାଳିମାନେ।

ଭୁବନେଶ୍ୱର, ୫।୬(ସ୍ପୋର୍ଟ୍ସ ବ୍ୟୁରୋ)

ମଧ୍ୟପ୍ରଦେଶର ଭୋପାଳଠାରେ ଆସନ୍ତା ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ୧୪ତମ ଜାତୀୟ ଜୁନିୟର ସଫ୍ଟଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ବାଳିକା ଓ ବାଳକ ଦଳ ବୁଧବାର ଭୋପାଳ ଅଭିମୁଖେ ଗସ୍ତ କରିଛି। ଅଜିତ୍ ସାବରଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ବାଳକ ଦଳରେ ମହମ୍ମଦ ଅମନ୍, ଲକ୍ଷ୍ମନ ମୀନାକା, ବ୍ରଜ ହିମିରିକା, ହେମନ୍ତ ଛତ୍ରିଆ, କୃଷ୍ଣଧର ନାୟକ, ସୁଦାମ ମୁଣ୍ଡା ମାଝୀ ଓ ପ୍ରଦୀପ ମଣ୍ଡଳ ରହିଛନ୍ତି। ସେହିଭଳି କରିସ୍ମା କିସାନଙ୍କୁ ବାଳିକା ଦଳର ଅଧିନାୟିକା ନିଯୁକ୍ତ କରାଯାଇଛି। ମୋନାଲିସା ନାୟକ, ଲିସା ଜୁଲଣ୍ଡୀ, ସ୍ନେହଲତା ସିଂ, ଚୂଡ଼ାମଣୀ ସୋରେନ, ଆମିସା ମିଞ୍ଜ ଓ ରିଙ୍କି ମିଞ୍ଜ ବାଳିକା ଦଳରେ ସ୍ଥାନ ପାଇଛନ୍ତି। ମହମ୍ମଦ ଆଜାମ ଓ ରବୀନ୍ଦ୍ର ହାଂସଦା ଯଥାକ୍ରମେ କୋଚ୍ ଓ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିଛନ୍ତି। ମହମ୍ମଦ ଅନସାର ଉଲ୍-ହକ୍, କୁନାଲ ବିଶ୍ୱାଳ ଓ ସତୀଶ କୁମାର ବିଶ୍ୱକର୍ମା ଅମ୍ପାୟର ରହିଛନ୍ତି। ଓଡ଼ିଶା ସଫ୍ଟଟେନିସ ଆସୋସିଏଶନର ସାଧାରଣ ସମ୍ପାଦକ ମହମ୍ମଦ ଆଜାମ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆସୋସିଏଶନର ମୁଖ୍ୟ ପୃଷ୍ଠପୋଷକ ମନୋରଞ୍ଜନ ମହାନ୍ତି, ଅଧ୍ୟକ୍ଷ ରଞ୍ଜନ କୁମାର ନନ୍ଦ, ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ, ଉପସଭାପତି, ଦିଲୀପ କୁମାର ମହାନ୍ତି, ରମେଶ ଚନ୍ଦ୍ର ଦାସ, ନବରଞ୍ଜନ ପଟ୍ଟନାୟକ, କୃଷ୍ଣଚରଣ ପଣ୍ଡା, ରିଣ୍ଟୁ ମିତ୍ର ପ୍ରମୁଖ ଓଡ଼ିଶା ଦଳକୁ ଏହି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜୁନ୍ ୬/୨୦୧୯ Bhubaneswar, Thursday, June 6 / 2019




## ସଂକ୍ଷେପରେ

କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

### ବଜ୍ରପାତରେ ଜଳିଗଲା ଘର

**ଯାଜପୁରରୋଡ,୫।୬(ନି.ପ୍ର)**

ବ୍ୟାସନଗର ପୌର ପରିଷଦ ଅଞ୍ଚଳ ଓ ଏହାର ଆଖପାଖ କୋରେଇ ବ୍ଲକର ବିଭିନ୍ନ ଗ୍ରାମରେ ବୁଧବାର ସନ୍ଧ୍ୟାରେ କାଳବୈଶାଖି ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଦୀର୍ଘ ପ୍ରାୟ ୨ ଘଣ୍ଟା ଧରି ପ୍ରବଳ ଝଡ଼ ତୋଫାନ ସାଙ୍ଗକୁ ବିଜୁଳି ଘଡ଼ଘଡି ହୋଇଥିଲା। ରଣପୁର ଗ୍ରାମ ପଞ୍ଚାୟତର ମହୁଲିଆ ଗ୍ରାମର କ୍ଷେତ୍ରବାସୀ ରଥଙ୍କ ଘର ବଜ୍ରପାତରେ ସମ୍ପୂର୍ଣ୍ଣ ପୋଡିଯାଇଥିବା ଜଣାଯାଇଛି। କାଳବୈଶାଖୀ ଯୋଗୁ ବିଦ୍ୟୁତ୍ ସରବରାହ ଦୀର୍ଘ ସମୟ ଧରି ବ୍ୟାହତ ହୋଇଥିଲା। କୋରେଇ ବ୍ଲକର ଗୌରପୁର, ଅସନଝର, ରଣପୁର, ମକୁନ୍ଦପୁର, ବନ୍ଧାଳ, ବରୁଣ୍ଡେଇ ପ୍ରଭୃତି ଗ୍ରାମରେ ଅନେକ କ୍ଷତି ଘଟିଛି। ଏହାର ପ୍ରଭାବରେ ବହୁ ବଡ଼ ବଡ଼ ଗଛ ଉପୁଡି ପଡିଛି।

■ ସ୍ୱଚ୍ଛ ଭାରତ ଯୋଜନା ବାଟବଣା

# ହିତାଧିକାରୀଙ୍କ ଅର୍ଥ ହଡ଼ପ ଅଭିଯୋଗ

**ଚଣ୍ଡିଖୋଲ,୫।୬(ଡି.ଏନ.ଏ)**

ପ୍ରତ୍ୟେକ ପରିବାରରେ ପାଇଖାନା ନିର୍ମାଣ କରାଯାଇ ପରିବେଶକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ସ୍ୱଚ୍ଛ ଭାରତ ଯୋଜନା ବାଟବଣା ହେଉଛି। ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଇ ପାଇଖାନା ନିର୍ମାଣ କରାଗଲେ ପରିମଳ ସ୍ୱଚ୍ଛ ରହିପାରିବ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ଏହି ଯୋଜନା ପ୍ରଣୟନ କରାଯାଇଛି। ତେବେ ଦୀର୍ଘ ୫ ବର୍ଷ ପୂରଣ ହୋଇଥିଲେ ମଧ୍ୟ ଯାଜପୁର ଜିଲାର ବଡ଼ଚଣା ବ୍ଲକରେ ଏହି ଯୋଜନା କାର୍ଯ୍ୟକାରିତାରେ ସବୁଠାରୁ ପଛରେ ରହିଛି। ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମାଣ କରାଯାଉଥିବା ପାଇଖାନା ଦୁର୍ନୀତିକୁ ନେଇ ଗତବର୍ଷ ତଦନ୍ତରେ ଧରାପଡ଼ିବା ପରେ ବଡ଼ଚଣା ବ୍ଲକର ଏହି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ବେହେରାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିଲା। ତଥାପି ଏହି ଦୁର୍ନୀତି ଥମିବାର ନାଁ ନେଉନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଏହି ବ୍ଲକ ଅନ୍ତର୍ଗତ କୁନ୍ଦଳ ପଞ୍ଚାୟତରେ। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଫଳରେ ଏହି ଯୋଜନା ଏଠାରେ ବାଟବଣା ହୋଇଛି। କୁନ୍ଦଳ ପଞ୍ଚାୟତର ବହୁ ହିତାଧିକାରୀ ନିଜସ୍ୱ ଉଦ୍ୟମ ଓ ନିଜସ୍ୱ ଅର୍ଥରେ ଶୌଚାଳୟ ନିର୍ମାଣ କରିଥିଲେ। ତେବେ ଏଠାରେ ନିଯୁକ୍ତ ଠିକାଦାର କୁନ୍ଦଳ ପଞ୍ଚାୟତର ହରିପୁର ଗ୍ରାମର ଶ୍ୱେତାମ୍ବରୀ ପାଲଙ୍କୁ ତାଙ୍କ ନିଜ ଶୌଚାଳୟ ପାଖରେ ଛିଡ଼ା କରି ଫଟୋ ଉଠାଇ ସେହି ଶୌଚାଳୟ ବାବଦରେ ୧୨ ହଜାର ଟଙ୍କା ମିଳିବ ବୋଲି କହିଥିଲେ। ସେଥିପାଇଁ ଶ୍ୱେତାମ୍ବରୀଙ୍କଠାରୁ ଘର ପଟ୍ଟାର ନକଲ, ଆଧାର କାର୍ଡ଼, ଭୋଟ ପରିଚୟ ପତ୍ର ଇତ୍ୟାଦି ଠିକାଦାର ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଠିକାଦାର ଶୌଚାଳୟକୁ ସ୍ୱଚ୍ଛ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଅର୍ଥ ଉଠାଇ ନେଇଥିଲେ। ଏ ବାବଦ ଅର୍ଥ ହିତାଧିକାରୀଙ୍କୁ ଆଦୌ ନ ଦେଇ ହଡ଼ପ କରିଥିବା ଶ୍ୱେତାମ୍ବରୀ ଜାଣିବାକୁ ପାଇବା ପରେ ଚଣ୍ଡିଖୋଲସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିଥିଲେ। ସେଠାରେ ସମ୍ପୃକ୍ତ ଠିକାଦାର ଏହି ଅର୍ଥକୁ ଉଠାଇ ନେଇଥିବା କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଥିଲା। ଏହାପରେ ସେ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ଶ୍ୱେତାମ୍ବରୀ ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଚଣ୍ଡିଖୋଲ ଜଳ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସହିତ ଉକ୍ତ ଆର୍ଥିକ ଅନିୟମିତତାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରିଛନ୍ତି। ଏଥିସହିତ ୨୦୧୬ ଜାନୁୟାରୀଠାରୁ ୨୦୧୯ ମେ ପର୍ଯ୍ୟନ୍ତ ସ୍ୱଚ୍ଛଭାରତ ଯୋଜନା ମାଧ୍ୟମରେ ନିର୍ମାଣ ହୋଇଥିବା ଶୌଚାଳୟର ପ୍ରୋତ୍ସାହନ ରାଶି ବହୁ ସଂଖ୍ୟାରେ ହଡ଼ପ କରାଯାଇଥିବା ନେଇ କୁନ୍ଦଳ ପଞ୍ଚାୟତ ତରଫରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ସୋମବାର ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିତରଞ୍ଜନ ସାହୁଙ୍କୁ ପଚାରିବାରେ, ଅଭିଯୋଗ ଆସିଛି। ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି କହିଛନ୍ତି।




# ହାତୀ ମୃତଦେହ ଉଦ୍ଧାର

## ହତ୍ୟା ପରେ ଦାନ୍ତ କାଟି ନିଆଯାଇଥିବା ସନ୍ଦେହ



କୁଲଡ଼ିହା ଅଭୟାରଣ୍ୟରୁ ଦନ୍ତାହାତୀର ମୃତଦେହ

**ସଜନାଗଡ଼, ୫।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟର ଭାଲୁବସା ନିକଟରେ ବୁଧବାର ପୂର୍ବାହ୍ନରେ ଦନ୍ତାହାତୀର ମୃତଦେହ ପଡିଥିବା ଦେଖି ବନ କର୍ମଚାରୀମାନେ ଉଦ୍ଧାର କରିଥିଲେ। ହାତୀର ଦୁଇଦାନ୍ତ ନ ଥିବା ବେଳେ ତାହାର ମୃତ୍ୟୁ ଦୁଇଦିନ ପୂର୍ବରୁ ହୋଇଥିବା ଅନୁମାନ କରାଯାଉଛି। କେହି ହତ୍ୟା କରିବା ପରେ ଦାନ୍ତକୁ କାଟି ନେଇଥିବା ବନବିଭାଗ ପକ୍ଷରୁ ସନ୍ଦେହ କରାଯାଇଛି। ଉଚ୍ଚପଦସ୍ଥ କର୍ମଚାରୀ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତରେ ବାଲେଶ୍ୱର ଏସିଏଫ୍‌ଓ ସମୀର କୁମାର ସାହୁ, ଡିଏଫ୍‌ଓ ବିଶ୍ୱରାଜ ପଣ୍ଡା, ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନ, ଫରେଷ୍ଟର କିଶୋର ଭୂୟାଁ ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ନୀଳଗିରି ବନବିଭାଗ ଅଧିକାରୀଙ୍କ ସମେତ ପ୍ରାଣୀ ଚିକିତ୍ସା ଅଧିକାରୀ ବୁଦ୍ଧିରାମ ରାଉଳଙ୍କ ଉପସ୍ଥିତିରେ ହାତୀର ମୃତଦେହ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଛି। ହାତୀର ମୃତ୍ୟୁ ସମ୍ପର୍କରେ ବନବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

ନର୍ସିଂହୋମ ୩ ମହଲାରୁ ଖସି ସୁଇପରଙ୍କ ମୃତ୍ୟୁ ଘଟଣା

# ସନ୍ଦେହଘେରରେ ପୋଲିସର ଭୂମିକା

**ଭଦ୍ରକ ଅଫିସ, ୫।୬**

ଭଦ୍ରକ ନୂଆବଜାରସ୍ଥିତ ଏକ ନର୍ସିଂହୋମ ୩ ମହଲାରୁ ଖସି ପଡ଼ି ସୁଇପରଙ୍କ ମୃତ୍ୟୁ ଘଟଣାରେ ପୋଲିସର ଭୂମିକା ସନ୍ଦେହଘେରକୁ ଆସିଛି। ଗତ ୩୦ ତାରିଖ ଭୋର ସମୟରେ ସୁଇପର ବାଲେଶ୍ୱର ଜିଲା କୁପାରୀ ଏକଦୋଳି ଗାଁର ମହେଶ୍ୱର ଦାସ ୩ ମହଲାରୁ ଖସି ପ୍ରାଣ ହରାଇଥିଲେ। ଏହି ଘଟଣାରେ ଭଦ୍ରକ ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତକଙ୍କ ପରିବାର ଲୋକେ ଅଶିକ୍ଷିତ ହୋଇଥିବାରୁ ତାଙ୍କ ଏତଲାକୁ ଗ୍ରହଣ କରା ନ ଯାଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସୂଚନା ମୂଳେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ବସିଛି ବୋଲି ଜିଲାର କେତେକ ସାମାଜିକ ସଙ୍ଗଠନ ଅଭିଯୋଗ ଆଣିଛନ୍ତି। ଏପରିକି ପୋଲିସର ଆଭିମୁଖ୍ୟ ଉଦ୍ଦେଶ୍ୟମୂଳକ ରହିଥିବା ଅଭିଯୋଗ କରାଯାଇଛି। ଏ ନେଇ ଗୁରୁବାର ଭଦ୍ରକରେ ମାନବାଧିକାର ସୁରକ୍ଷା କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଉଥିବା ଜିଲା ସଭାପତି ରାଜଲକ୍ଷ୍ମୀ ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ କିଭଳି ମୃତକଙ୍କ ପରିବାର ଲୋକଙ୍କ ଏତଲାକୁ ଗୁରୁତ୍ୱ ନ ଦେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସୂଚନା ମୂଳେ ଅପମୃତ୍ୟୁ ମାମଲା ରୁଜୁ କଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀ ପରେ ମୃତକଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସଙ୍ଗଠନ ପକ୍ଷରୁ ସଂଗ୍ରାମ କରାଯିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ଥାନାଧିକାରୀ ସରୋଜିନୀ ସିଂଙ୍କୁ ପଚାରିବାରୁ ମୃତକଙ୍କ ପରିବାର ଲୋକଙ୍କ ମାନସିକ ସ୍ଥିତି ଭଲ ନ ଥିବାରୁ ସେମାନେ ଘଟଣା ଦିନ ଏତଲା ଦେଇ ନ ଥିବା କହିଛନ୍ତି।




# କୀଟନାଶକ ପିଇ ନାବାଳିକାଙ୍କ ଆତ୍ମହତ୍ୟା

**ବିଞ୍ଝାରପୁର,୫।୬(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ଗ୍ରାମପଞ୍ଚାୟତ ଅଧୀନ ବଣିଆପାଳ ଗ୍ରାମରେ ମଙ୍ଗଳବାର ରାତିରେ ଜଣେ ନାବାଳିକା କୀଟନାଷକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ଭାଗବତ ସେଠୀଙ୍କ ଝିଅ କଣ୍ଡେଇ ସେଠୀ (୧୭)। ବୁଧବାର ବିଞ୍ଝାରପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଛି। ଏଥିସହ ଏ ନେଇ ଏକ ଅପମୃତ୍ୟୁ ମାମଲା (୨୦/୧୯) ରୁଜୁ କରି ତଦନ୍ତ ଚଲାଇଛି। କଣ୍ଡେଇ ମାନସିକ ଅନଗ୍ରସର ଥିବାରୁ ଏପରି ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। କଣ୍ଡେଇ ରାତିରେ ଶୋଇବାର କିଛି ଘଣ୍ଟାପରେ ବାନ୍ତି କରିଥିଲେ । ପରିବାର ଲୋକେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବାଇକ୍‌କୁ ପିଟିଲା କାର: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**କୋରେଇ,୫।୬(ସ୍ୱ.ପ୍ର)**

କୋରେଇ ଥାନା ଅର୍ନ୍ତଗତ ୨୦ ନମ୍ବର ଜାତୀୟ ରାଜପଥ ରଗଡି ଛକ ପେଟ୍ରୋଲ ଟାଙ୍କି ସମ୍ମୁଖରେ ବୁଧବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଥିଲା। ଏଥିରେ ସ୍ତ୍ରୀ ମୃତ୍ୟୁବରଣ କରିଥିବାବେଳେ ସ୍ୱାମୀ ଗୁରୁତର ଥିବା ଜଣାପଡ଼ିଛି। ମୃତ ମହିଳା ହେଲେ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଗଁପୁର ପଞ୍ଚାୟତ ଅଙ୍ଗାରୁଆ ଗ୍ରାମର ସବିତା ଦାଶ(୪୫) ଓ ଗୁରୁତର ଥିବା ତାଙ୍କ ସ୍ୱାମୀ ହରେକୃଷ୍ଣ ଦାଶ। ଉଭୟ ଏକ ବାଇକ ଯୋଗେ ଯାଜପୁର ରୋଡରୁ ନିଜ ଗ୍ରାମକୁ ଫେରୁଥିବାବେଳେ ତାଙ୍କୁ ପଛପଟୁ ଏକ କାର୍ (ଓଆର୍୦୨ବିଏ୬୯୪୫) ଧକ୍କା ଦେଇଥିଲା। ଫଳରେ ସବିତାଙ୍କର ମୃତ୍ୟୁ ଘଟିଥିବାବେଳେ ବାଇକ୍ ଆରୋହୀ ହରେକୃଷ୍ଣ ଗୁରୁତର ଅବସ୍ଥାରେ ଯାଜପୁର ରୋଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଖବରପାଇ କୋରେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଉଭୟ କାର୍ ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।




# ୧୩ରୁ ୬୪ତମ ସର୍ବଭାରତୀୟ ପୁରୁଷ ଓ ରାଜ୍ୟସ୍ତରୀୟ ମହିଳା କବାଡ଼ି ଟୁର୍ନାମେଣ୍ଟ

**ରସୁଲପୁର,୫।୬(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତରଠାରେ ୬୪ତମ ସର୍ବ ଭାରତୀୟ ପୁରୁଷ ଓ ରାଜ୍ୟସ୍ତରୀୟ ମହିଳା କବାଡି ଟୁର୍ନାମେଣ୍ଟ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ। ଏନେଇ ଆୟୋଜକ ଯାଜପୁର କବାଡି ଆସୋସିଏଶନ ପକ୍ଷରୁ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦିଆଯାଇଛି। ଚଳିତବର୍ଷ ଟୁର୍ନାମେଣ୍ଟରେ ପୁରୁଷ ବିଭାଗରେ ଦିଲ୍ଲୀ, ହରିୟାଣା, ଛତିଶଗଡ଼, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଗୁଜରାଟ, ସିକନ୍ଦରାବାଦର ବିଭିନ୍ନ ଦଳ ଅଂଶଗ୍ରହଣ କରିବେ । ଏଥିସହ ଓଡିଶାରୁ ପୁରୁଷ ଦଳ ଭାବରେ ଓଡିଶା ପୋଲିସ, କଟକ, ପିପିଲ, ଭୁବନେଶ୍ୱରର କିଶୋର କ୍ଲବ ଓ ଜୟ ଓଡ଼ିଶା, ଅସ୍କା ଏବଂ ଯାଜପୁର ଆଦି ଟିମ୍ ଯୋଗଦାନ କରିବେ। ସେହିପରି ରାଜ୍ୟସ୍ତରୀୟ ମହିଳା କବାଡି ପ୍ରତିଯୋଗିତା ପାଇଁ ଓଡିଶା ପୋଲିସ, କଟକ, ପିପିଲି, କିଶୋରକ୍ଲବ, ଆସ୍କା, କଳିଙ୍ଗ କବାଡି ଏକାଡେମୀ, ଯାଜପୁର ଓ ଭୁବନେଶ୍ୱରରୁ ୨ଟି ଦଳ ଅଂଶଗ୍ରହଣ କରିବେ। ୪ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ପ୍ରାୟତଃ ୪୨୦ରୁ ଉର୍ଦ୍ଧ୍ୱ ଖେଳାଳି ଓ ୪୦ରୁ ଉର୍ଦ୍ଧ୍ୱ ଖେଳ ପରିଚାଳକ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ଟୁର୍ନାମେଣ୍ଟକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଦିଗରେ ଆସୋସିଏଶନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି ବୋଲି କମିଟିର ସମ୍ପାଦକ ରବୀନ୍ଦ୍ର କୁମାର ପୃଷ୍ଟି, ଉପସଭାପତି ସନ୍ତୋଷ ପୃଷ୍ଟି ପ୍ରମୁଖ ସୂଚନା ପ୍ରଦାନ କରିଛନ୍ତି। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



ଭଗବାନଙ୍କ ଦୁଇଟି ଘର ଅଛି, ଗୋଟିଏ ହେଉଛି ସ୍ୱର୍ଗରେ ଓ ଅନ୍ୟଟି କୃତଜ୍ଞତାପୂର୍ଣ୍ଣ ହୃଦୟରେ ।
- ଆଇଜାକ୍ ୱାଲ୍‌ଟନ



# ବିଧାୟିକାଙ୍କ ଯୋଗଦାନକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ

**ରସୁଲପୁର,୫।୬(ଡି.ଏନ୍.ଏ.)**

ରସୁଲପୁର ବ୍ଲକର ବ୍ରହ୍ମବରଦା ଅଞ୍ଚଳ ମୁସଲମାନ ବହୁଳ ଭାବରେ ଜଣାଶୁଣା। ବୁଧବାର ଇଦ୍-ଉଲ-ଫିତର ଉତ୍ସବକୁ ନେଇ ମହେଶ୍ୱରପୁର ଓ ବ୍ରହ୍ମବରଦା ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଥିଲା। ଏହି ଉତ୍ସବକୁ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରାଯାଇଥିଲା। ବିଧାୟିକା ଭାବରେ ନିର୍ବାଚିତ ହେବାପରେ ଦାସ ପ୍ରଥମଥର ପାଇଁ ସମାଜିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ। ହେଲେ ବିଧାୟିକା କାର୍ଯ୍ୟକ୍ରମସ୍ଥଳରେ ଯୋଗ ଦେବାକୁ ନେଇ ବିଜେଡିର ୨ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ମୁଖ୍ୟଅତିଥି ମହୋଦୟା ଆଗ କେଉଁ ସ୍ଥାନକୁ ଯିବେ ତାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଟଣାଓଟରା ପରିସ୍ଥିତି ଉପୁଜିଥିଲା। ବିଧାୟିକାଙ୍କୁ ବିଜେଡିର ଏକ ଗୋଷ୍ଠୀ ପ୍ରଥମେ ଜୋରଜବରଦସ୍ତ ସେମାନଙ୍କ କାର୍ଯ୍ୟକ୍ରମସ୍ଥଳକୁ ନେଇଯାଇଥିଲେ। ଏହାକୁ ଅନ୍ୟ ଗୋଷ୍ଠୀ ତୀବ୍ର ବିରୋଧ କରିଥିଲେ । ଫଳରେ ଘଟଣା ସ୍ଥଳରେ ପାଟିତୁଣ୍ଡ, ହୋହଲ୍ଲା, ଠେଲାପେଲା ଭଳି ସ୍ଥିତି ଉପୁଜିଥିଲା। ଏପରି କି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏହା ଦେଖି ବିଧାୟିକା ଘଟଣାସ୍ଥଳରୁ ଚାଲିଯାଇଥିଲେ। ପରେ ସ୍ଥାନୀୟ ଅଞ୍ଚଳର ମୁରବୀ ଓ ପୋଲିସ ପ୍ରଶାସନ ହସ୍ତକ୍ଷେପ ଯୋଗୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ । ତେବେ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ରଥ ପାଟିତୁଣ୍ଡ ହୋଇଥିବା ଘଟଣାକୁ ସ୍ୱୀକାର କରିଛନ୍ତି।




ଧ-୧୨୮୩୯

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



(ଚିପୁଲ୍)

**ବିଭାନ୍‌ସ ବିଦିତ୍ ଶତପଥୀ**

ଆଜି ତୋ ଜନ୍ମଦିନରେ ଅନେକ ଅନେକ ଆଶୀର୍ବାଦ, ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ବିଶ୍ୱନାଥ ଓ ଶ୍ରୀ ସାଇଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ, ବାବା ବୈଦ୍ୟନାଥଙ୍କ ଦୟାରୁ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
ଶୁଭେଚ୍ଛା ସହ: ବାବା, ମାମା, ମା, ବାପା, ମାଉସୀ, ଅଜା, ଆଈ, ମାମୁ, ମାଇଁ, ପୁପୁଲି, ଡୁଡୁଲି ଏବଂ ଅନ୍ୟାନ୍ୟ ପରିବାରବର୍ଗ।
ଧ-୬୩୭୭୨

**୫୦ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



**ପ୍ରଫୁଲ୍ଲ କୁମାର ମହାନ୍ତି**
**ଶ୍ରୀମତୀ ଆହ୍ଲାଦିନୀ ମହାନ୍ତି**
ଟିକରପଡ଼ା, ମହାନ୍ତି ସାହି, ପୁରୀ-୨
ଆପଣଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଧ-୬୪୦୬୪


**ସଂକ୍ଷେପରେ**

## ପ୍ରଣତି ପ୍ରୀତିନନ୍ଦା ପାଇଲେ ପ୍ରକୃତିବନ୍ଧୁ ପୁରସ୍କାର

**କାଳିଆପାଣି,୫।୬(ଡି.ଏନ୍.ଏ.):** ଯାଜପୁର ବୈଦ୍ୟରାଜ ନୋଡ଼ାଲ ଏମ୍‌ଇ ସ୍କୁଲ ପରିସରରେ ବୁଧବାର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାଳିଆପାଣି ଅଞ୍ଚଳର ପ୍ରଣତିପ୍ରୀତିନନ୍ଦା ନାୟକଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଙ୍କୁ ଓପଢୌକନ ଓ ଅର୍ଥରାଶି ପ୍ରଦାନ କରି ସମ୍ମାନିତ କରିଥିଲେ। ପ୍ରଣତିପ୍ରୀତିନନ୍ଦା ଖଣି ନିଗମ ବିଦ୍ୟୁତ୍ ବିଭାଗର ବରିଷ୍ଠ ପରିଚାଳକ ପ୍ରତାପ କିଶୋର ନାୟକଙ୍କ ସ୍ତ୍ରୀ । ୨୦୧୪ରେ ମଧ୍ୟ ତାଙ୍କୁ ବୃକ୍ଷରୋପଣ ପାଇଁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରୀ ବନାଞ୍ଚଳ ଏସ୍‌ସିଏଫ ମନୋରଞ୍ଜନ ସ୍ୱାଇଁ, ରାଜ୍ୟ ପ୍ରଦୂଷଣ ବିଭାଗର ଆଞ୍ଚଳିକ ଅଧିକାରୀ ପି.କେ.ବେହୁରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ଇମ୍ଫା ପକ୍ଷରୁ ବିଶ୍ୱ ପରିବେଶ ଦିବସ

**କାଳିଆପାଣି,୫।୬(ଡି.ଏନ୍.ଏ.):** ସୁକିନ୍ଦା ଖଣି ଅଞ୍ଚଳରେ ଇମ୍ଫା ପକ୍ଷରୁ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମାର୍ଦ୍ଧରେ ସ୍ଥାନୀୟ ଅଞ୍ଚଳର ୮ଟି ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଶ୍ୱ ପରିବେଶ ଦିବସର ସଚେତନାତ୍ମକ ବାର୍ତ୍ତାକୁ ନେଇ ନିର୍ମିତ ଏକ ଭ୍ରାମ୍ୟମାଣ ସଚେତନତା ରଥ ଶୁଭାରମ୍ଭ ହୋଇଥିଲା। ଅପରାହ୍ନରେ ସ୍ଥାନୀୟ ଗୁରୁଜଙ୍ଗ ଗ୍ରାମର ଦେହୁରୀସାହୀଠାରେ ମହିଳାଙ୍କୁ ନେଇ ଏକ ବିଶ୍ୱପରିବେଶ ସମ୍ବର୍ଦ୍ଧିୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖଣି ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ପାଇଁ ମହିଳାଙ୍କୁ ବିଭିନ୍ନ ଫଳ ଚାରା ବଣ୍ଟନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଇମ୍ଫା ଖଣି ଉପସଭାପତି ସୁଧାଂଶୁ ପାଟନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଶ୍ୱପରିବେଶ ଦିବସ ପାଳନ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ସରପଞ୍ଚ କଳ୍ପନା ଜେନା, ସମିତି ସଭ୍ୟା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଇମ୍ଫା ଖଣି ପରିଚାଳକ ଲଲାଟେନ୍ଦୁ ମହାପାତ୍ର, ମନୋଜ ସାମଲ ପରିବେଶ ବିଭାଗ ସହପରିଚାଳକ ସୁଦାମ ବାରିକ ବକ୍ତାଭାବେ ଯୋଗଦେଇଥିଲେ। ପରିବେଶ ବିଭାଗ ଅଧିକାରୀ ସମରେନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଲୋକ ସମ୍ପର୍କ ପରିଚାଳକ ଜଗନ୍ମୋହନ ମଲ୍ଲିକ, ଗିରଶ ପଟ୍ଟନାୟକ, ଶୁଭାଶିଶ ପଟ୍ଟନାୟକ, ଦେବାଶିଶ ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ■ ପରିବେଶ ଦିବସରେ ଡଙ୍କାରୀ ପାହାଡ଼ ସୁରକ୍ଷା ଚିନ୍ତା

# ବେଆଇନ ଖନନକୁ ଗ୍ରାମବାସୀଙ୍କ ବିରୋଧ

**ଯାଜପୁର ଅଫିସ/ ଧର୍ମଶାଳା /ଚଢ଼େଇଧରା(ଡି.ଏନ୍.ଏ.),୫।୬**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ରେ ବେଆଇନ ଖନନ ମାମଲା ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ବିଚାରାଧୀନ ରହିଛି। ଗତ ଅକ୍ଟୋବର ୧୫ତାରିଖରେ ପୋଲିସ, ଜଙ୍ଗଲ, ରାଜସ୍ୱ, ଏସ୍‌ପିସିବି(ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ) ଓ ଖଣି ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ସେଠାରେ ୧୪୪ ଧାରା ଜାରି ହୋଇଥିଲା। ଏହାବାଦ ୬ଟି ଖାଦାନକୁ ସିଲ୍ କରାଯାଇଥିଲା। ତେବେ ପ୍ରଶାସନର କୌଣସି କାର୍ଯ୍ୟାନୁଷ୍ଠାନକୁ ଖାତିର ନ କରି କେତେକ ପଥର ବ୍ୟବସାୟୀ ଡଙ୍କାରୀରେ ସିଲ୍ ହୋଇଥିବା ଖାଦାନରୁ ପଥର ଉତ୍ତୋଳନ କରିବାକୁ ଚେଷ୍ଟା କରିଛନ୍ତି। ଏହା ଜଣାପଡ଼ିବା ପରେ ବୁଧବାର ସକାଳେ ଗ୍ରାମବାସୀ ଉକ୍ତ ଖାଦାନରେ ପହଞ୍ଚି ଏକ ୱାଗନ ଡ୍ରିଲିଂ ମେସିନକୁ ଜବତ କରିବା ସହିତ ପୋଲିସ ହାତରେ ଜିମା ଦେଇଛନ୍ତି। ବିଶ୍ୱ ପରିବେଶ ଦିବସରେ ଡଙ୍କାରୀରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପରିବେଶ ସୁରକ୍ଷା ପାଇଁ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଥିବାବେଳେ ଜିଲା ପ୍ରଶାସନ ପାଇଁ ଅଡୁଆ ହୋଇଛି।

ଯାଜପୁର ଜିଲା ସୀମାନ୍ତ ଢେଙ୍କାନାଳ ଜିଲାର ଚଢ଼କମରା ଗ୍ରାମ ଡଙ୍କାରୀ ପାହାଡ଼ରେ ବେଆଇନ କଳାପଥର ଉତ୍ତୋଳନ ଉପରେ ରୋକ ଲଗାଇବାକୁ ଶନିବାର ଢେଙ୍କାନାଳ ପ୍ରଶାସନ ଦୃଢ଼ ପଦକ୍ଷେପ ନେଇଥିଲା। ଏହାପରେ ଧର୍ମଶାଳା ତହସିଲ ପକ୍ଷରୁ ସୋମବାର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୩ଟି ଗାଡ଼ି ଜବତ କରି ବାହବା ନେଇଥିଲେ। ହେଲେ ପ୍ରଭାବଶାଳୀ ପଥର ବ୍ୟବସାୟୀଙ୍କ କବ୍‌ଜାରେ ଥିବା ଡଙ୍କାରୀ ପଥର ଖାଦାନ ଉପରେ ପଦକ୍ଷେପ ନେବାକୁ କେହି ସାହାସ ଜୁଟାଇ ପାରି ନ ଥିଲେ। ଯାହାର ଫାଇଦା ନେଇ ସମ୍ପୃକ୍ତ ପଥର ବ୍ୟବସାୟୀ ଜଣକ ବୁଧବାର ସକାଳେ ଡଙ୍କାରୀ ପାହାଡ଼ରେ ୱାଗନ ଡ୍ରିଲିଂ ଦ୍ୱାରା ବ୍ଲାଷ୍ଟିଂ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଏ ଖବର ଜଣାପଡ଼ିବା ପରେ ଡଙ୍କାରୀ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ୱାଗନ ବ୍ଲାଷ୍ଟିଂକୁ ବିରୋଧ କରିଥିଲେ। ଯେହେତୁ ମାମଲା ଏନ୍‌ଜିଟି ଓ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି ସେଥିପାଇଁ କଳାପଥର ଉତ୍ତୋଳନ ହୋଇପାରିବ ନାହିଁ ବୋଲି ଗ୍ରାମବାସୀ ଯୁକ୍ତି ବାଢିଥିଲେ। ହେଲେ ପଥର ବ୍ୟବସାୟୀ ଓ ତାଙ୍କ ସମର୍ଥକ କେହି ନ ମାନିବାରୁ ଗ୍ରାମବାସୀ ୱାଗନ ବ୍ଲାଷ୍ଟିଂ ଗାଡ଼ିର ଚକରୁ ପବନ ବାହାର କରିଦେବା ସହ ଜେନାପୁର ଥାନା ପୋଲିସ ଓ ଧର୍ମଶାଳା ତହସିଲଦାରଙ୍କୁ ଖବର ଦେଇଥିଲେ। ଏହି ଘଟଣାର



■ପ୍ରଶାସନର କାମ କଲେ ଅଞ୍ଚଳବାସୀ
■୬ ଘଣ୍ଟା ପରେ ପହଞ୍ଚିଲେ ରାଜସ୍ୱ ବିଭାଗ ଅଧିକାରୀ
■ୱାଗନ ଡ୍ରିଲିଂ ମେଶିନ ଜବତ

୬ଘଣ୍ଟା ପରେ ଧର୍ମଶାଳା ତହସିଲର ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି ଓ ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ, ପରିବେଶଗତ କ୍ଷତି ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରି ଏନ୍‌ଜିଟି ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ଭାବେ ୨୫କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛି। ୬୦୪/୨୦୧୮ ନମ୍ବରରେ ହୋଇଥିବା ମାମଲାର ଶୁଣାଣି କରି ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ଏସ୍.ପି. ୱାଙ୍ଗଡି, ଜଷ୍ଟିସ ରାମକ୍ରିଷ୍ଣନ ଓ ନାଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ୪।୧।୨୦୧୯ ତାରିଖ ଶୁଣାଣିରେ ଏହି ରାୟ ପ୍ରକାଶ କରିଛନ୍ତି। ୨୦୦୨ ରୁ ୨୦୧୭ ପର୍ଯ୍ୟନ୍ତ କୌଣସି ପରିବେଶଗତ ଅନୁମତି ନ ନେଇ କୋଟି କୋଟି ଟଙ୍କାର କଳାପଥର ଉତ୍ତୋଳନ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀଙ୍କଠାରୁ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କ ଠାରୁ ଉପରୋକ୍ତ ଅର୍ଥ ଆଦାୟ କରି ପରିବେଶ ସୁରକ୍ଷା, ଲଘୁ ଖଣିଜ ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ହିତରେ ଖର୍ଚ୍ଚ କରାଯାଇ ପାରିବ ବୋଲି ଏନ୍‌ଜିଟି ରାୟରେ ପ୍ରକାଶ ପାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ପ୍ରତିନିଧି, ଧାନବାଦ ଇଣ୍ଡିଆନ ସ୍କୁଲ ଅଫ ମାଇନ୍ସ, ଡେହେରାଡୁନ ଫରେଷ୍ଟ ରିଶର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଏବଂ ଷ୍ଟେଟ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ କମିଟି(ସିଆ)ର ଅଧକ୍ଷଙ୍କୁ ନେଇ ଗଠିତ ଏକ କମିଟି କ୍ଷତିପୂରଣ ଅର୍ଥକୁ କେଉଁ ବାଟରେ ଖର୍ଚ୍ଚ ହେବ ସେ ନେଇ ନୀତି ନିର୍ଦ୍ଧାରଣ କରିବେ ବୋଲି ନିର୍ଦ୍ଦେଶ ହୋଇଥିଲା। ମାତ୍ର ଏନ୍‌ଜିଟିର ଉକ୍ତ ରାୟ ବିରୋଧରେ ପଥର ବ୍ୟବସାୟୀ ଓ ଜିଲା ପ୍ରଶାସନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଡଙ୍କାରୀ ପାହାଡ଼ରେ ୧୬ଟି ଖାଦାନ ମଧ୍ୟରୁ ୨, ୩, ୪, ୫, ୬ ଓ ୧୧ ନମ୍ବର ଖାଦାନ ମାଲିକମାନେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ପ୍ରତିଷ୍ଠା ଅନୁମତି ଏବଂ ପରିଚାଳନା ଅନୁମତି ନେଇ ନ ଥିଲେ। ଏନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସଙ୍କୁ ପଚାରିବାରେ ସେ କହିଛନ୍ତି ପଥର ବ୍ୟବସାୟୀ ରଞ୍ଜନ କୁମାର ଜେନା ୧୪୪ ଧାରା ଉପରେ ଏକ ସ୍ଥଗିତାଦେଶ ଆଣିଛନ୍ତି। ସେହି ବଳରେ ସେ ପଥର ଉତ୍ତୋଳନ କରିବାକୁ ସଜବାଜ ହେଉଥିଲେ। ତଥାପି ଆଇନ ଅନୁସାରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଦାସ କହିଛନ୍ତି।

## ୮ ବେଆଇନ ବାଲି ବୋଝେଇ ଟ୍ରାକ୍ଟରରୁ ୭୨ହଜାର ଟଙ୍କା ଜରିମାନା ଆଦାୟ

**ରସୁଲପୁର,୫।୬(ଡି.ଏନ୍.ଏ.)**

ରସୁଲପୁର ତହସିଲ ଅଞ୍ଚଳରେ ବ୍ୟାପକ ଚୋରା ବାଲି ଚାଲାଣ ହେଉଛି । ଏହାକୁ ରୋକିବା ଦିଗରେ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଓ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ମିଳିତ ଉଦ୍ୟମରେ ବେଆଇନ ବାଲିଘାଟ ଉପରେ ଚଢ଼ାଉ କରାଯାଇଛି । ମଙ୍ଗଳବାର ବିଭିନ୍ନ ପର୍ଯ୍ୟାୟରେ ରାତି ପର୍ଯ୍ୟନ୍ତ ଏହି ମିଳିତ ଟିମ୍ ପକ୍ଷରୁ ବିଭିନ୍ନ ବାଲି ଘାଟ ଉପରେ ଚଢାଉ କରାଯାଇଥିଲା । ବେଆଇନ ଭାବରେ ବାଲି ପରିବହନ କରୁଥିବା ୩ଟି ସ୍ଥାନରୁ ୧୧ଟି ଟ୍ରାକ୍ଟରକୁ ତହସିଲଦାର ଜବତ କରିଥିଲେ । ଉକ୍ତ ଟ୍ରାକ୍ଟର ଗୁଡିକ ମଧ୍ୟରୁ ୮ଟି ଟ୍ରାକ୍ଟରରୁ ୭୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏଥିସହ ସବୁ ଟ୍ରାକ୍ଟରର କାଗଜପତ୍ର ଯାଞ୍ଚ କରାଯାଇଛି। ବାକି ୩ଟି ଟ୍ରାକ୍ଟରର ମାଲିକ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ନ ଥିବାରୁ କୌଣସି ଫଇସଲା କରାଯାଇ ନ ଥିବା ତହସିଲଦାର ଭୁଜବଳ କହିଛନ୍ତି। ପ୍ରକାଶଥାଉ କି ମଙ୍ଗଳବାର ତହସିଲଦାର ଓ ପୋଲିସ ବାହିନୀ ମିଳିତ ଭାବରେ ଖରସ୍ରୋତା ନଦୀର କମାରପାଳ ଘାଟରୁ ୨ଟି, ବ୍ରାହ୍ମଣୀ ନଦୀର ରାଜେନ୍ଦ୍ରପୁର ଘାଟରୁ ଗୋଟିଏ ଓ କଲଣ ଘାଟରୁ ୮ଟି ଟ୍ରାକ୍ଟର ଜବତ କରିଥିଲେ।

# ସବୁଠି ପରିବେଶ ସୁରକ୍ଷା ଚିନ୍ତା

**ଯାଜପୁର ଅଫିସ,୫।୬**

ଯାଜପୁର ଜିଲାର ବିଭିନ୍ନ ଶିଳ୍ପ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଚାରାରୋପଣ କରିବା ସହିତ ସବୁଠି ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି । କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ଅନୁଷ୍ଠାନ ପକ୍ଷରୁ ବ୍ୟାପକ ଚାରା ବଣ୍ଟନ କରାଯାଇଛି। ବିଜୁ ପଟ୍ଟନାୟକ ମାର୍ଗ ଏବଂ ବିଜୁପଟ୍ଟନାୟକ ପାର୍କରେ ଶତାଧିକ ବୃକ୍ଷ ରୋପଣ କରାଯିବା ପରେ ଏକ ସଭାର ଆୟୋଜନ କରାଯାଇଥିଲା। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତିର ସଭାପତି ଅଶ୍ୱିନୀ କୁମାର ଧଳ ଏହି ଅବସରରେ ପରିବେଶ ସୁରକ୍ଷା ଉପରେ ସମ୍ୟକ ବିବରଣୀ ଦେଇ ବୃକ୍ଷ ହିଁ ଜୀବନ ଉକ୍ତିକୁ ପ୍ରତିପାଦିତ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସଭାରେ ସମିତିର ଅନ୍ୟାନ୍ୟ କର୍ମକର୍ତ୍ତା ଶକ୍ତି ପ୍ରସାଦ ବିଶ୍ୱାଳ, ସୌମ୍ୟଦୀପ ପୃଥ୍ୱୀରାଜ, ଶୁଭକାନ୍ତ ସାମଲ, ଶିବ ଦାସ, ଆଲୋକ ସିଅ, ସୁଜିତ ବେହେରା, ଲିପୁ ସାହୁ, ରଞ୍ଜନ ନାୟକ, ଶିବ ମହାନ୍ତି, ସୋନୁ ପଣ୍ଡା, ହାଉଲା ବେହେରା, ଭୀମ ପଣ୍ଡା, ଲାଲା ସାମଲ, ପ୍ରମୋଦ ନାୟକ, ଜଗା ଜେନା, ବିକାଶ ବୋଇତାଇ, ବୁଲା ବ୍ରହ୍ମ, ଆଶୁତୋଷ ନାୟକ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।




କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ବୃକ୍ଷ ଲଗାଇବାକୁ ଆହ୍ୱାନ ଦିଆଯାଉଛି।

# ପ୍ରଦୂଷଣମୁକ୍ତ ସମାଜ ପାଇଁ ଆହ୍ୱାନ

**ଧର୍ମଶାଳା,୫।୬(ଡି.ଏନ୍.ଏ.)**

ନେହେରୁ ଯୁବକେନ୍ଦ୍ର ଯାଜପୁର ପକ୍ଷରୁ ଧର୍ମଶାଳା ବ୍ଲକ ପଣ୍ଡୁଆସ୍ଥିତ ସୁକନ୍ୟା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯାଜପୁର ଜିଲା ଶିଶୁମଙ୍ଗଳ କମିଟି ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ଅତିଥିଭାବେ ଯୋଗଦେଇ ଚାରା (ବୃକ୍ଷ)ରୋପଣ କରିବା ସହିତ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ଚାରା ବଣ୍ଟନ କରିଥିଲେ। ଅନୁଷ୍ଠାନର ସଭାପତି ଅଜୟ ବାରିକଙ୍କ ଅଧ୍ୟକ୍ଷତାରେ ସମ୍ପାଦିକା ରଞ୍ଜିତା ବାରିକ ବିଶ୍ୱ ପରିବେଶ ଦିବସ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀପ୍ରସାଦ ନାୟକ, ନାରାୟଣ ବେହେରା, ବିକାଶ ବାରିକ, ଦୁର୍ଗାଦତ୍ତ ଦାଶ, କିରଣ ପରିଡା, ଜିନେଶ ବାରିକ ପ୍ରମୁଖ ଚାରାରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସେହିପରି ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କାନପୁରସ୍ଥିତ ପରିବେଶବିତ୍ କାର୍ଯ୍ୟାଳୟ ପରିସରରେ ପରିବେଶବିତ୍ ଶ୍ରୀନିବାସ ଜେନା ତାଙ୍କ ଜନ୍ମଦିନ ଉପଲକ୍ଷେ ସହସ୍ରାଧିକ ଚାରାଚୋପଣ କରିଥିଲେ। ଏଥି ଉପଲକ୍ଷେ ଆୟୋଜିତ ପଥପ୍ରାନ୍ତ ସଭାରେ ଜେନା ଅଧ୍ୟକ୍ଷତା କରି ସବୁଜ ସୁନ୍ଦର ସନ୍ତୁଳିତ ଓ ପ୍ରଦୂଷଣ ମୁକ୍ତ ପରିବେଶ ପାଇଁ ଆମେ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ ବୋଲି କହିଛନ୍ତି। ଏଥିସହ ଫନୀ ବାତ୍ୟାରେ ନଷ୍ଟ ହୋଇଥିବା ସବୁଜ ବନାନୀକୁ ପୁଣିଥରେ ଗଢି ତୋଳିବାକୁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଧର୍ମଶାଳା ଯୁବ ବିଜେଡି ସଭାପତି ପ୍ରସନ୍ନ କୁମାର ରାଉତ, ମାନସ ରଞ୍ଜନ ଜେନା, ଅଖିଳ କୁମାର ସ୍ୱାଇଁ, ଅନିଲ କୁମାର ନାୟକ, ଶକ୍ତିକାନ୍ତ ବଳ, ନିକୁଞ୍ଜ ରାଉତ, ରମେଶ ସେଠୀ, ସମରେନ୍ଦ୍ର ମାହାଲା, ପ୍ରସନ୍ନ କୁମାର ଜେନା, ସୌମ୍ୟରଞ୍ଜନ ଜେନା ପ୍ରମୁଖ ଉତ୍ସବରେ ଯୋଗଦେଇ ଚାରା ରୋପଣ କରିଥିଲେ।






## ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ଲିମିଟେଡ ପକ୍ଷରୁ ଚାରାରୋପଣ

କାରଖାନା ମୁଖ୍ୟ ଆର. ଏସ. ବୈଦ ମୁଖ୍ୟଅତିଥି ଭାବରେ ଯୋଗଦେଇ କାରଖାନା ପରିସରରେ ଆୟୋଜିତ ସାମୁହିକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଚଳିତ ବର୍ଷ ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ବିଷୟ ବସ୍ତୁ ଉପରେ ସେ ଆଲୋଚନା କରିଥିଲେ। ଇଏଚ୍‌ଏସ୍ ବିଭାଗର ମୁଖ୍ୟ ତୁଷାରକାନ୍ତି ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ପୃଥିବୀର ପରିବେଶ ଜନିତ କ୍ଷତି ଓ ତାହାର ପ୍ରତିକାର ବିଷୟରେ ଅଲୋକପାତ କରିଥିଲେ। ଏହି ଉତ୍ସବ ପାଳନ ଅବସରରେ କାରଖାନା ପରିସରରେ କର୍ମଚାରୀ ତଥା ଠିକା ଶ୍ରମିକଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବରେ କୋଲ୍ଡ ରୋଲିଂ ମିଲ୍‌ର ମୁଖ୍ୟ ଦୀପକ ଅଗ୍ରୱାଲ, ଷ୍ଟିଲ ମେଲ୍‌ଟିଂ ସପ୍ ମୁଖ୍ୟ କିଶୋର କୁମାର ଗୁରୁବକ୍ସାଣୀ, ଫେରୋଆଲଏଜ ପ୍ଲାଣ୍ଟ ମୁଖ୍ୟ ଆୟାପିଲା ଶ୍ରୀନିବାସ ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ମୋତିପ୍ରକାଶ ରଥ, ପାୱାର ପ୍ଲାଣ୍ଟ ମୁଖ୍ୟ କେ.କେ. ଭଟ୍ଟାଚାର୍ଯ୍ୟ, ପ୍ରବନ୍ଧକ ମିହିର କୁମାର ଦାସ, ପିତାମ୍ବର ବେହେରା, ରାଜୀବ ଦେ ଓ ବିଜୟାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲୋକନାଥ ସାହୁ, ବିପିନ ସିଂହ ଓ ବିଭାଗୀୟ ଅଧିକାରୀମାନେ ପରିଚାଳନା କରିଥିଲେ।




ଜିନ୍ଦଲ କାରଖାନା ମୁଖ୍ୟ ଆର.ଏସ. ବୈଦ ଚାରା ରୋପଣ କରୁଛନ୍ତି।


**ମନେ ପଡ଼ନ୍ତି**

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଲୋକନାଥ ରଥ**
ସିଦ୍ଧମହାବୀର ମୈତ୍ରୀବିହାର, ପୁରୀ
ଆବିର୍ଭାବ: ୨୭।୦୩।୧୯୪୩
ତିରୋଧାନ: ୦୯।୦୬।୨୦୧୩
ଆପଣଙ୍କ ତ୍ୟାଗ, ନିଷ୍ଠା, ଓ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ ପାଇଁ ଦିଗ୍‌ଦର୍ଶନ ହୋଇ ଚିରଦିନ ରହିବେ। ଷଷ୍ଠ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ସ୍ତ୍ରୀ, ପୁଅ, ବୋହୁ, ଝିଅ, ଜ୍ୱାଇଁ, ନାତିନାତୁଣୀବର୍ଗ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୩୭୭୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଉପେନ୍ଦ୍ର ବହିଦାର**
ଅବସରପ୍ରାପ୍ତ OSRTC କର୍ମଚାରୀ, ବଲାଙ୍ଗୀର
ଅସୁରମୁଣ୍ଡା, ସୋନପୁର
ଆବିର୍ଭାବ: ୧୫।୦୫।୧୯୩୫
ତିରୋଧାନ: ୨୬।୦୫।୨୦୧୯
ଚାଷକୁ ଅତିରିକ୍ତ କର୍ମମୟ ଜୀବନ ବୋଲି ବାଛିଥିଲେ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସାନପୁଅ- କଷ୍ଟ ବହିଦାର, ସାନବୋହୂ- ସଂଜୁ ବହିଦାର, ନାତୁଣୀ- ରେଶ୍ମା, ନାତି- ଶିବୁ, ସମୁଦୁଣୀ- ସୁଷମା ପଟ୍ଟନାୟକ ଓ ସମସ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୧୨୮୪୧

**ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅଂଶୁମାନ ସାହୁ**
ଆବିର୍ଭାବ: ୧୧।୦୫।୨୦୦୧
ତିରୋଧାନ: ୨୭।୦୫।୨୦୧୯
ଅଗ୍ନିବର୍ଷା ସମୟରେ କୋଳକୁ ଆସିଲୁ, ଜନ୍ମ ମାସର ୧୬ ଦିନ ପରେ ପରକରି ଚାଲିଗଲୁ, ଯୁକ୍ତ ୨ ପରୀକ୍ଷା ଦେଇଥିଲୁ, ଫଳାଫଳ ଶୁଣିବା ପୂର୍ବରୁ ଅକାଳରେ ଚାଲିଗଲୁ। ଫଳାଫଳ ଶୁଣିବାକୁ ଆମେ ସିନା ଅପେକ୍ଷା କଲୁ କିନ୍ତୁ ଦଇବ ତୋତେ ଆମ କୋଳରୁ ଛଡ଼ାଇ ନେଲା। ତୋର ଅକାଳ ବିୟୋଗ ଆମକୁ ଯେତିକି ମର୍ମାହତ କରିଛି ତାହାଠାରୁ ବେଶି ଦୁଃଖ ଆଣିଛି ଜେଜେ ମା' ଏବଂ ବାପାଙ୍କୁ ଆଣିଛି। ତୁ ସିନା ଛାଡ଼ିଗଲୁ କିନ୍ତୁ ତୁ ଗଲାଠାରୁ ଘରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ନିଷ୍ଠୁର ଭଗବାନଙ୍କ ନିକଟରେ ଏମିତି ପ୍ରାର୍ଥନା କରୁଛି, ତୋ ଆତ୍ମା ଯେଉଁଠାରେ ଥାଉ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଅମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ। ଏତିକି କାମନା କରୁଛି, ବୋଉ ଅନୁପମା ସାହୁ, ବାପା ସତ୍ୟାନନ୍ଦ ସାହୁ, ସାନଭାଇ ଆୟୁଷ୍ମାନ୍ ସାହୁ, ଭଉଣୀ ରୋଜି, ସୋମ୍, ଇଷା, ସୁମନ, ଶ୍ରଦ୍ଧା, ଖୁସୀ, ଓଁମ, ଶୁଭମ, ପୁନମ୍, ଓ ମାମୁ, ମାଇଁ ସପରିବାରବର୍ଗ।
ଧ-୧୨୮୪୨

## ସଂକ୍ଷେପରେ

### ରେନେସାଂ ଯୁକ୍ତ ୨ ବିଜ୍ଞାନ କଲେଜରେ ସମ୍ବର୍ଦ୍ଧନା ଉତ୍ସବ

**ରସୁଲପୁର,୫।୬(ଡି.ଏନ୍.ଏ.):** ରସୁଲପୁର ଓ ଧର୍ମଶାଳା ବ୍ଲକରେ ଥିବା ରେନେସାଂ ଯୁକ୍ତ ୨ ବିଜ୍ଞାନ ଘରୋଇ କଲେଜରେ ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ବିଦ୍ୟାର୍ଥୀଙ୍କୁ ବୁଧବାର କଲେଜ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି କଲେଜର ଛାତ୍ର ଅନ୍ତର୍ଯ୍ୟାମୀ ପଣ୍ଡା ସର୍ବାଧିକ ୫୨୨ ନମ୍ବର ରଖି ଦୁଇଟି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିବା ବେଳେ ଅନ୍ୟ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ବିଭୂତି ରାଉତ ବିଦ୍ୟାର୍ଥୀମାନଙ୍କ ସଫଳତା ଉପରେ ଖୁସି ପ୍ରକଟ କରିଛନ୍ତି । ୨୦୧୮-୧୯ ଶିକ୍ଷାବର୍ଷରେ କଲେଜର ପାସ୍ ହାର ୯୪ ଶତକଡ଼ା ରହିଛି ।

### ପୂର୍ବତନ ଡାକ୍ତରଙ୍କ ପରଲୋକ

**ରତ୍ନଗିରି,୫।୬(ଡିଏନଏ):** ବରୀ ଅଞ୍ଚଳର ଜଣାଶୁଣା ଆର୍ଯ୍ୟୁବେଦିକ ଡାକ୍ତର ପ୍ରଭାକର ନାଥଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ସମୟରେ ପୁଅ ନିତ୍ୟାନନ୍ଦ, ଧନେଶ୍ୱର, ମନୋରଞ୍ଜନଙ୍କ ସମେତ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବରୀ ବିଧାୟିକା ସୁନନ୍ଦା ଦାସ, ବରୀ ଭାଜପା ନେତା ବିଶ୍ୱ ମଲ୍ଲିକ, ସାଇ ଟ୍ରଷ୍ଟର ଆବାହକ ସୌମ୍ୟ ସାମଲ, ବରୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗଗନ ଜେନା, ଅଭିମନ୍ୟୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ର ସାମଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭଗବାନ ପଡିଆରୀ, ଭାସ୍କର ଚନ୍ଦ୍ର ନାଥ, ରବୀନ୍ଦ୍ର କଣ୍ଡ, ବ୍ରହ୍ମାନନ୍ଦ ପଡିଆରୀ ଓ ସୁଧାଂଶୁ ନାଥ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ମୃତ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ସ୍ଥାନୀୟ ରାଜାତୋଟାଠାରେ ସତ୍କାର କରାଯାଇଛି।

### ବିଶ୍ୱ ପରିବେଶ ଦିବସ

**ଯାଜପୁରରୋଡ,୫।୬(ନି.ପ୍ର):** ମଧୁସୂଦନ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବ୍ୟାସନଗର ଆଇନ ସେବା ପ୍ରାଧିକରଣ କମିଟି ତରଫରୁ ଅତିରିକ୍ତ ଜିଲା ଜଜ ଦେବଦତ୍ତ ଦାସ ମହାପାତ୍ରଙ୍କ ସଭାପତିତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସିଭିଲ୍ ଜଜ୍ ଜୁନିୟର ଡିଭିଜନ୍ ମୀନତି ମିଶ୍ର ଯୋଗଦେଇ ବିଶ୍ୱର ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ ଦ୍ୱାରା ପୃଥିବୀ ପୃଷ୍ଠରେ ଉତ୍ତାପ ବୃଦ୍ଧି ପାଉଛି। ଏଥିପାଇଁ ଜନସାଧାରଣ, ଶିଳ୍ପପତି , ଛାତ୍ରୀଛାତ୍ର ପରିବେଶ ସୁରକ୍ଷା ପ୍ରତି ସଚେତନ ହୋଇ ଏହାର ସୁରକ୍ଷା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଅନ୍ୟତମ ବକ୍ତା ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରସାଦ ପତି ବାୟୁ ପ୍ରଦୂଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ରାମଚନ୍ଦ୍ର ପହି, ନିହାର ରଞ୍ଜନ ଗୋସ୍ୱାମୀ, ସୁବାସ ବଳସାମନ୍ତ, ରମେଶ ପତି, ରଶ୍ମିରଞ୍ଜନ ବିଶ୍ୱାଳ, ଅଭିରାମ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜଙ୍ଗଲ ବିଭାଗ ତରଫରୁ ବୃକ୍ଷରୋପଣ କରାଯାଇଥିଲା।

### ବ୍ରାହ୍ମଣୀକୁ ପ୍ରଦୂଷଣ ମୁକ୍ତ ପାଇଁ ସୁରକ୍ଷା ଅଭିଯାନ

**ଧର୍ମଶାଳା/ଜେନାପୁର/ସୁକିନ୍ଦା, ୫।୬(ଡି.ଏନ୍.ଏ.):** ବିଶ୍ୱ ପରିବେଶ ଦିବସ ଅବସରରେ ବ୍ରାହ୍ମଣୀ ନଦୀ ସମେତ ରାଜ୍ୟରେ ଥିବା ଅନ୍ୟ ନଦୀଗୁଡିକର ସୁରକ୍ଷା ଦିଗରେ ମଙ୍ଗଳବାର ଓଡ଼ିଶା ନଦୀ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଯାଇଛି। ଲୋକଶକ୍ତି ଅଭିଯାନ, ସାମାଜିକ ସମତା ଅଭିଯାନ, ବାଜିରାଉତ ସ୍ମୃତି କମିଟି, କୃଷକ ସମାଜ ଭଳି କେତେଗୁଡିଏ ଅଷ୍ଠାନକୁ ନେଇଏହି ଅଭିଯାନ ଆରମ୍ଭ ହୋଇଛି। ଏ ନେଇ ବୃନ୍ଦାଦେଈପୁରସ୍ଥିତ ବ୍ରାହ୍ମଣୀ ନଦୀକୂଳ ଗଡ଼ଜାତ ସ୍ମାରକୀ ପୀଠ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଲୋକଶକ୍ତି ଅଭିଯାନର ରାଜ୍ୟ ଅଧ୍ୟକ୍ଷ ତଥା ଗ୍ରୀନ୍ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇଥିଲେ। ବ୍ରାହଣୀ ନଦୀ ପ୍ରଦୂଷିତ ହେବାରେ ଲାଗିଥିବାବେଳେ ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି। ଏହାକୁ ନେଇ ଆଗାମୀ ଦିନରେ ଜନଆନ୍ଦୋଳନ କରିବା ପାଇଁ ପ୍ରଫୁଲ ଆହ୍ୱାନ ଦେଇଛନ୍ତି। ବୃନ୍ଦାଦେଈପୁରଠାରୁ ଏକ ଶୋଭାଯାତ୍ରା ଶହୀଦ ବାଜି ରାଉତଙ୍କ ଜନ୍ମସ୍ଥଳୀ ନୀଳକଣ୍ଠପୁରରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ଲୋକଶକ୍ତି ଅଭିଯାନର ରାଜ୍ୟ ଉପସଭାନେତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତି, କାଳନ୍ଦୀ ମଲିକ, ଶଙ୍କର ପ୍ରତାପ ଦାସ ପ୍ରମୁଖ ଯୋଗଦେଇଥିଲେ।

## ପୁନରୁଦ୍ଧାର ହେବ ପୋତି ହୋଇପଡ଼ିଥିବା ନାଳ

# ଜଳ ନିଷ୍କାସନ ସମସ୍ୟା ଦୂର ହେବା ଆଶା

**ବରୀ,୫।୬ (ସ୍ୱ.ପ୍ର)**

- ଅନ୍ତର୍ଭୁକ୍ତ ରହିଛି ୧୧ଟି ନାଳ
- ହୋଇପାରେ ୫୦କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳ
- ବିଶେଷ ଉପକୃତ ହେବେ ଚାଷୀ

ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀରେ ବହୁ ପୁରାତନ ନାଳ ପୋତି ହୋଇପଡ଼ିଛି। ଏସବୁ ନାଳର ପୁନରୁଦ୍ଧାର ପାଇଁ ଦୀର୍ଘଦିନରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇଆସୁଛି। ଏସବୁ ଦାବିଗୁଡିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏନେଇ ବର୍ଷେକାଳ ତଦନ୍ତ ଚାଲିଥିଲାବେଳେ ବହୁବାର ବୁଦ୍ଧିଜୀବୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେଥିରୁ କେତେଗୁଡ଼ିଏ ନାଳ ପୁନରୁଦ୍ଧାର ହେବାକୁ ଯାଉଥିବା ସରକାରୀଭାବେ ସୂଚନା ମିଳିଛି। ପୁରୁଣା ନାଳ ପୁନରୁଦ୍ଧାର ହେଲେ ବର୍ଷାଦିନେ ବରୀରେ ଜମି ରହୁଥିବା ବର୍ଷାଜଳ ନିଷ୍କାସନ ସମସ୍ୟା ଦୂର ହେବ ବୋଲି ଜଣାପଡିଛି। ଯାଜପୁର ଡ୍ରେନେଜ ବିଭାଗ ପକ୍ଷରୁ ପୁରୁଣା ନାଳର ପୁନରୁଦ୍ଧାର ପାଇଁ ଜିଲାପାଳଙ୍କ ଜରିଆରେ ଏକ ସର୍ଭେ ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲା। ସେଥିରୁ କେତେକ ନାଳ ଖନନ କରାଯାଇ ପୁନରୁଦ୍ଧାର କରାଯିବା ସହିତ ଜଳ ନିଷ୍କାସନ କରାଯିବବୋଲି ଜଣାପଡିଛି। ବରୀ ଅଞ୍ଚଳର ୧୧ଟି ପୁରୁଣା ନାଳ ଏଥିରେ ଅନ୍ତର୍ଭୁକ୍ତ ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ୫୦କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳ କରିବାକୁ ପଡିବବୋଲି ସର୍ଭେ ସଂସ୍ଥାପକ୍ଷରୁ କୁହାଯାଇଛି। ଦୁଧେଇ ନାଳ, ବାଲିଆପାଟ, ସାରନ୍ଦାପାଟ, ଅରୁଆଳ ପାଟ, ଇଷାଣପୁର ପାଟ, ଗୋମୁହାଁ, ଗମ୍ଭୁ, ସେରପୁର ପାଟ ନାଳ, ପୁନରୁଦ୍ଧାର କରାଯିବ ବୋଲି ଦର୍ଶାଯାଇଛି। ଟେକନିକାଲ ଆଡଭାଇଜର କମିଟି ଏସବୁ ପ୍ରକଳ୍ପ ଅନୁମୋଦନ କରିବା ପରେ ରାଜ୍ୟ ସରକାର ଏହାକୁ ଅନୁମୋଦନ କରିବେ। ଏନେଇ ଡ୍ରେନେଜ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରକଳ୍ପର ସ୍ଥିତି, ଲମ୍ବ, ଓସାର, ଓ ଗଭୀରତା ଉପରେ ସର୍ଭେ କରାଯାଇଛି। ଏନେଇ ତଥ୍ୟଭିତ୍ତିକ କାଗଜ ପତ୍ର ଡ୍ରେନେଜ ବିଭାଗ ଦାଖଲ କରିଥିବା ଜଣାପଡିଛି। ନାଳଗୁଡିକ ପୁନରୁଦ୍ଧାର ହେଲେ ବରୀ ଅଞ୍ଚଳର ଚାଷୀ, ପଶୁ, ପକ୍ଷୀ ଉପକୃତ ହୋଇପାରିବେ। ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବା ସହିତ ବହୁ ଫସଲ ହଜି ଯାଉଥିଲାବେଳେ ଚାଷୀ ସେସବୁ ଫସଲକୁ ପୁନର୍ବାର ଚାଷ କରିବେ ବୋଲି ବରିଷ୍ଠ ସାମାଜିକ କର୍ମୀ ଲୋକନାଥ ଦାସ କହିଛନ୍ତି। ଅଲିଆବାଦର ଲଳିତା ଚାଷ ଧିରେଧିରେ ଲୋପ ପାଇବାକୁ ବସିଛି। ଅଲିଆବାଦ, କେଲୁଅ, ପାଟନାଳ, ପୁନରୁଦ୍ଧାର ହେଲେ ୧୦୦ ପରିବାର ପୁଣି ଲଳିତା ଚାଷ କରିବେବୋଲି ଦାସ କହିଛନ୍ତି। ପୁନରୁଦ୍ଧାର ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ, ରାଜନୈତିକ ନେତା ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସହଯୋଗ କରିବେବୋଲି ଦାସ ଏ ନେଇ ଏକ ଲିଖିତ ପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଡ୍ରେନେଜର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଭିରାମ ବେଉରିଆଙ୍କୁ ପଚାରିବାରୁ, ୧୧ଟି ନାଳ ଉପରେ ପ୍ରୋଜେକ୍ଟ ପ୍ରସ୍ତୁତ କରାଯାଇଛି। ଟେକନିକାଲ ଆଡ ଭାଇଜର କମିଟି ଏଥିରେ ମୋହର ମାରିଲେ ରାଜ୍ୟ ସରକାର ଏଥି ନିମନ୍ତେ ଅର୍ଥ ମଞ୍ଜୁର କରିବେବୋଲି କହିଛନ୍ତି।

## ପରିବେଶ ସନ୍ତୁଳନ ଅପରିହାର୍ଯ୍ୟ


ବଡ଼ଚଣା ଥାନା ପରିସରରେ ବୃକ୍ଷରୋପଣ କରାଯାଉଛି।

**ଚଣ୍ଡିଖୋଲ,୫।୬(ଡି.ଏନ.ଏ)**

ବିଶ୍ୱ ପରିବେଶ ଦିବସ ଅବସରରେ ବୁଧବାର ବଡ଼ଚଣା ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଣ୍ଡିଖୋଲ କୋର୍ଟ ପରିସରରେ ବିଚାରପତି ଇପ୍‌ସିତା ମହାନ୍ତି ବୃକ୍ଷରୋପଣ କରିବା ସହ ଏକ ସଚେତନତା ସଭାରେ ପରିବେଶ ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ କୋର୍ଟବାର ଆସୋସିଏଶନ ସଭାପତି ଜନ୍ ବେହେରା, ସମ୍ପାଦକ ଉଦୟନାଥ ସାହୁ, ପ୍ରଦୀପ୍ତ କୁମାର ପରିଡ଼ା, ପ୍ରତାପ କୁମାର ଦାସ, ରେଣୁବାଳା ମହାନ୍ତି, ଗୋପାଳ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ନେହରୁ ଯୁବକେନ୍ଦ୍ର ବ୍ଲକ ସଂଯୋଜିକା ସଂଘମିତ୍ରା ଦଲାଇଙ୍କ ଉଦ୍ୟମରେ ବଡ଼ଚଣା ଥାନା ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନାଧିକାରୀ ଦୀପକ କୁମାର ଜେନାଙ୍କ ସହ ବହୁ ବୁଦ୍ଧିଜୀବୀ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା ପାଇଁ ଶପଥ ନେବା ସହ ଥାନା ପରିସରରେ ବୃକ୍ଷରୋପଣ କରିଥିଲେ। ସେହିପରି ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଚଣ୍ଡିଖୋଲ ସ୍ଥିତ ଡିୟୁ ପବ୍ଲିକ୍ ସ୍କୁଲ ପରିସରରେ ବୃକ୍ଷରୋପଣ ସହ ପରିବେଶ ସଂକ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

## 'ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା' ଆଲୋଚନା



ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ଯାଜପୁରରୋଡ,୫।୬(ନି.ପ୍ର)**

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୁଧବାର ଉଦୟବଟ ତରଫରୁ ସ୍ଥାନୀୟ ପନାସିଆଠାରେ 'ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଦୁଷ୍ମନ୍ତ ରାଉତ ଅଧ୍ୟକ୍ଷତା କରିଥିବାବେଳେ ବିଶ୍ୱ ପରିବେଶ ଦିବସର ଅନୁଚିନ୍ତା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ପରିବେଶର ସୁରକ୍ଷା ଉପରେ ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଚନ୍ଦ୍ରମଣି ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲାବେଳେ ପରିବେଶବତ୍ ଲାଲବାହାଦୁର ମହାନ୍ତ ମୁଖ୍ୟବକ୍ତା, ଖବରଦାତା ଅଭିମନ୍ୟୁ ମିଶ୍ର, ପ୍ରଦ୍ୟୁମ୍ନ ବୋଇତାଇ, ବରିଷ୍ଠ ଭାଜପା ନେତା ନିରଞ୍ଜନ ଘଡାଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ ଉପରେ ପ୍ରାଥମିକତା ଦେବାକୁ ଆହ୍ୱାନ ଦେଇଥିଲେ। ବୃକ୍ଷ ଏକାଧାରାରେ ପରିବେଶ ସନ୍ତୁଳନ, ଖାଦ୍ୟ ଯୋଗାଇବା, ଔଷଧ ତିଆରି, ଗୋପାଳନ, ମୂଲ୍ୟବାନ କାଠ ଉତ୍ପାଦନ, ତାପମାତ୍ରାକୁ ସନ୍ତୁଳନ ରଖିବା ଦିଗରେ ସହାୟକ ହୋଇଥାଏ। ଚାରିଆଡେ କଂକ୍ରିଟକରଣ ହେଉଥିବାରୁ ଏବଂ କଳ କାରଖାନାର ଧୂଳିଧୂଆଁ, ଯାନବାହାନର ବହୁଳ ବ୍ୟବହାର ଯୋଗୁ ଆଜି ବିଶ୍ୱର ତାପମାତ୍ରା ସାଂଘାତିକ ଭାବେ ବୃଦ୍ଧି ପାଉଛି ଯାହା ଜନସାଧାରଣଙ୍କ ଜୀବନ ପାଇଁ ବିପଦପୂର୍ଣ୍ଣ ହେବାରେ ଲାଗିଛି। ଏଣୁ ସମସ୍ତେ ପରିବେଶ ପ୍ରତି ଉଦ୍‌ବେଗ ପ୍ରକାଶ କରି ଆନ୍ତରିକତାର ସହ ଏହାର ସୁରକ୍ଷା ପାଇଁ ଯତ୍ନଶୀଳ ହେବା ଉଚିତ୍ ବୋଲି ମତପ୍ରକାଶ ପାଇଥିଲା। ଉଦୟବଟ ତରଫରୁ ଆଗାମୀ ଦିନରେ ବ୍ୟାପକ ବୃକ୍ଷରୋପଣ କରାଯିବାକୁ ଯୋଜନା ରହିଛି ବୋଲି ରାଉତ କହିଥିଲେ। ବସନ୍ତ କୁମାର ପାତ୍ର କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିବାବେଳେ ଉପେନ୍ଦ୍ରନାଥ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟୁତ୍‌ପ୍ରଭା ରାୟ, ବିଶ୍ୱରଞ୍ଜନ ସ୍ୱାଇଁ, ସନାତନ ମଲ୍ଲିକ, ଦିଲୀପ କୁମାର ନାୟକ, ଜନେଶ ଦାସ, ସଞ୍ଜୟ କୁମାର ମହାନ୍ତି, ସୁମିତ୍ରା ମିଶ୍ର, ଗୋଲାପ ମଲ୍ଲିକ, କାଞ୍ଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଦୀପ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଡ଼ିହୋଇଥିବା ମହିଳାଙ୍କୁ ଚିକିତ୍ସା କଲା ଟାଟା ଷ୍ଟିଲ

**କଳିଙ୍ଗନଗର, ୫।୬(ଡି.ଏନ୍.ଏ.)**

ଗତ ବର୍ଷ ଜୁନ୍ ମାସରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ରଙ୍ଗିଟାଙ୍ଗର ଗ୍ରାମର ପ୍ରତିମା ଦାସ ଘରେ ରୋଷେଇ କରୁଥିବା ସମୟରେ ନିଆଁରେ ପୋଡି ଗୁରୁତର ହୋଇଥିଲେ। ତାଙ୍କ ଶରୀରର ଅଧିକାଂଶ ଭାଗ ପୋଡ଼ି ଯାଇଥିଲା। ସ୍ୱାମୀ ବଳରାମ ଅର୍ଥଭାବ କାରଣରୁ ପ୍ରତିମାଙ୍କ ଠିକ୍‌ଭାବେ ଚିକିତ୍ସା କରିପାରି ନ ଥିଲେ। ଫଳରେ ଦୀର୍ଘଦିନ ଧରି ଘରେ ପଡି ରହିବାରୁ ପ୍ରତିମାଙ୍କ ପୋଡ଼ିଯାଇଥିବା ସ୍ଥାନ ସଂକ୍ରମଣ ହୋଇଥିଲା। ଏନେଇ ବଳରାମ ଚିକିତ୍ସା ନିମନ୍ତେ ଟାଟାଷ୍ଟିଲ ଚିକିତ୍ସା ଦଳର ସହଯୋଗ ଲୋଡିଥିଲେ। ପ୍ରତିମାଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଚିକିତ୍ସକ ଦଳ ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ। ନିୟମିତଭାବେ ୫ ମାସର ଚିକିତ୍ସା ପରେ ପ୍ରତିମା ଏବେ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇ ପାରିଛନ୍ତି। ବର୍ତ୍ତମାନ ସେ ପୂର୍ବପରି ସମସ୍ତ କାର୍ଯ୍ୟ କରୁଥିବା ଜଣାପଡିଛି। ଟାଟା ଷ୍ଟିଲର ଏଭଳି କାର୍ଯ୍ୟ ପ୍ରଂଶସାର ପାତ୍ର ପାଲଟିଛି। ଟାଟା ଷ୍ଟିଲ ମେଡ଼ିକାଲ୍ ଟିମର ଡ଼. ଅଭିନାଶ ଚୌହାନ କୁହନ୍ତି, ଏହା ଏକ ଗୁରୁତର ଅଘାତ ଯେଉଁଥିରେ କି ତାଙ୍କର ପଛଭାଗ ସମ୍ପୂର୍ଣ୍ଣଭାବେ ଜଳିବା ସହିତ ହାଡ଼ ମଧ ଦେଖାଯାଉଥିଲା। ପ୍ରତିମାଙ୍କ ଚିକିତ୍ସା ତୁରନ୍ତ କରାଯାଇ ନ ଥିଲେ, ହୁଏତ ଏହା ଜୀବନଘାତକ ହୋଇଥାନ୍ତା। ଆଘାତ ସ୍ଥାନ ଯେପରି ଅଧିକ ସଂକ୍ରମିତ ନ ହେବ ସେଥିପାଇଁ ତାଙ୍କୁ ଘରେ ଅଲଗା ରଖାଯାଇଥିଲା ବୋଲି ସେ କହିଛନ୍ତି।

## ୧୧ନମ୍ବର ଜୋନ୍‌ରେ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଧର୍ମଶାଳା,୫।୬(ଡି.ଏନ୍.ଏ.)**

ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ମଙ୍ଗଳବାର ୧୧ନମ୍ବର ଜିଲା ପରିଷଦ ଜୋନର ବିଜେଡି କର୍ମୀ ଓ ସମର୍ଥକମାନେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ୧୧ନମ୍ବର ଜୋନ୍‌ର ରାଇଛନ୍ଦା, ଚକ୍ରଧରପୁର, ଅଞ୍ଜିରା, ମଧୁସୂଦନପୁର, କବାଟବନ୍ଧ ପଞ୍ଚାୟତର ବିଜେଡି କର୍ମୀମାନେ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଏହି ଅବସରରେ ବିଧାୟକ ଜନସାଧାରଣ ଓ ଭୋଟଦାତାଙ୍କୁ କୃତଜ୍ଞତା ଜଣାଇବା ସହ ନିର୍ବାଚନମଣ୍ଡଳୀର କୃଷି, କୃଷକ, ଜଳସେଚନ, ଶୀତଳଭଣ୍ଡା ପାନୀୟ ଜଳ ବ୍ୟବସ୍ଥା ଓ ବେକାରି ସମସ୍ୟାର ସମାଧାନ ଦିଗରେ ଉଦ୍ୟମ କରିବେ ବୋଲି କହିଥିଲେ। ବିଧାୟକଙ୍କ ସହ ନିର୍ବାଚନମଣ୍ଡଳୀ ସଭାପତି ଜଳଧର ମହାନ୍ତି, ଉତ୍କଳମଣି ଦାସ, ଜିଲାପରିଷଦ ସଭ୍ୟା ସୁରେଖା ନାୟକ, ନିରଞ୍ଜନ ରାଉତ, ନୀଳମଣି ପଣ୍ଡା, ପ୍ରତାପ ପ୍ରଧାନ, ଦିଲୀପ ବଳ, ଧବଳେଶ୍ୱର ପ୍ରଧାନ, ରବି ସାହୁ, କୃଷ୍ଣଚନ୍ଦ୍ର ସାହୁ, ରବୀନ୍ଦ୍ର ସାହୁ, ନିର୍ମଳ ପ୍ରଧାନ ପ୍ରମୁଖ ବିଭିନ୍ନ ପଞ୍ଚାୟତର ସମ୍ବର୍ଦ୍ଧନା ସଭାରେ ସାମିଲ ହୋଇଥିଲେ।


ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ଇଦ୍-ଉଲ-ଫିତର୍ ପାଳିତ

**ବିଞ୍ଝାରପୁର,୫।୬(ଡି.ଏନ.ଏ)**

ରମଜାନ ମାସରେ ନିଷ୍ଠାର ସହିତ ରୋଜା ପାଳନ ପରେ ବୁଧବାର ବହୁ ପ୍ରତିକ୍ଷୀତ ପବିତ୍ର ଇଦ୍ ଆନନ୍ଦ ଓ ଉତ୍ସାହର ସହ ବିଞ୍ଝାରପୁର ଅଞ୍ଚଳରେ ପାଳିତ ହୋଇ ଯାଇଛି। ମୁସଲିମ୍‌ମାନଙ୍କର ଏହି ପର୍ବ ବିଞ୍ଝାରପୁର, ସୟଦପୁର, ଅଳକୁଣ୍ଡ, ଶାସନ୍ଦା, ନୂଆଗାଁ, କଏଣା, ବାଙ୍କିପାଳ, ରଘୁନାଥପୁର, ନଥିପୁର ଅଞ୍ଚଳରେ ପାଳିତ ହୋଇଛି। ଏହି ଅବସରରେ ବିଞ୍ଝାରପୁରସ୍ଥିତ ପୁରୁଣା ଇଦ୍‌ଗାହ ମୈଦାନ ଓ ଜାମା ମସ୍‌ଜିଦ ନିକଟସ୍ଥ ପଡ଼ିଆରେ ସମୂହ ନମାଜ ପାଠ କରାଯାଇଥିଲା। ପୁରୁଣା ଇଦ୍‌ଗାହ ମୈଦାନରେ ମୌଲାନା ମୁଫ୍‌ତି ଗୁଫରାନ୍ ସାହେବ ଓ ନୂଆ ଇଦ୍‌ଗାହ ମୈଦାନ ନିକଟରେ ମୌଲାନା ଆର୍ଶାଦ ଜାକି ଶ୍ରଦ୍ଧାଳୁଙ୍କୁ ସମୁହ ନମାଜ ପାଠ କରାଇଥିଲେ। ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସମୁହ ନାମଜ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି ପବିତ୍ର ଇଦ୍ ଅବସରରେ ଶହ ଶହ ଉଠା ଦୋକାନୀ ଇଦଗାହ ପଡ଼ିଆ ସଂଲଗ୍ନ ଖରସ୍ରୋତା ନଦୀବନ୍ଧରେ ଡେରା ପକାଇଥିବାବେଳେ ଏହା କୃତ୍ରିମ ମେଳାର ଭ୍ରମ ସୃଷ୍ଟି କରିଥିଲା। ଶ୍ରଦ୍ଧାଳୁ ମାନଙ୍କ ସମୁହ ନମାଜ ପରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ବ୍ଲକ ଉପାଧ୍ୟକ୍ଷା କୁମୁଦିନୀ ଦାସ, ବିଞ୍ଝାରପୁର ସରପଞ୍ଚ ଆଶାଲତା ସାହୁ ପ୍ରମୁଖ ଉପସ୍ଥିତ ହୋଇ ଶ୍ରଦ୍ଧାଳୁଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଇଦ୍ ଅବସରରେ ସାମାଜିକ କର୍ମୀ ମୋଜାହିଦ ଖାଁ, ଲାୟକ ଅଲ୍ଲୀ ଖାଁ ପ୍ରମୁଖ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ସେହିପରି ଶାସନ୍ଦାସ୍ଥିତ ଇଦ୍ ମୈଦାନରେ ମୌଲାନା ରାହତ ଅଲ୍ଲୀ ଖାଁ ଶ୍ରଦ୍ଧାଳୁଙ୍କୁ ନମାଜ ପାଠ କରାଇଥିଲେ।


ବିଞ୍ଝାରପୁର ଇଦ୍‌ଗାହଠାରେ ସମୂହ ନମାଜ ପାଠ କରାଯାଉଛି।

### ରସୁଲପୁର

ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ ଇଦ୍ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ସଂଖ୍ୟାଲଘୁ ସମ୍ପ୍ରଦାୟ ମୁସଲମାନ ଭଉଣୀଭାଇଙ୍କର ଏହା ହେଉଛି ଏକ ବଡ଼ପର୍ବ। ବୁଧବାର ସକାଳୁ ସମସ୍ତେ ମସ୍‌ଜିଦ, ଦରଘା, ଇଦ୍‌ଗାହ ଆଦି ସ୍ଥାନରେ ଏକତ୍ରିତ ହେବା ସହ ସମୂହ ନମାନ ପାଠ କରିଥିଲେ। ପରସ୍ପର ମଧ୍ୟରେ ମିଠା ବାଣ୍ଟି ଖୁସି ମନାଇଥିଲେ। ବ୍ରହ୍ମବରଦା ଓ ମହେଶ୍ୱରପୁର ଅଞ୍ଚଳର ବଜାରଘାଟ, ଇଦ୍‌ଗା, ଇସ୍ତମା ପଡିଆ, ଆଜାଦ ନଗରସ୍ଥିତ ଜୁମା ମସ୍‌ଜିଦ୍ ଏତଦ୍‌ବ୍ୟତିତ ଅତଲାପୁର, ବଡକଇଁଚି ପଞ୍ଚାୟତର ଗୋପିନାଥପୁର, ରାହାମ୍ଭା ପଞ୍ଚାୟତର ମିର୍ଜାପୁର, ହାଜିବାଗ, ଶ୍ରୀବନ୍ତପୁର ପ୍ରଭୃତି ଅଞ୍ଚଳରେ ସମୂହ ନମାଜପାଠ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଭୋଜିଭାତ କରାଯାଇ ଦରୀଦ୍ର ନାରାୟଣଙ୍କୁ ଅନ୍ନବସ୍ତ୍ର ଦାନ କରାଯାଇଥିଲା। କୁଆଖିଆ ଥାନା ଓ ବ୍ରହ୍ମବରଦା ଫାଣ୍ଡି ପକ୍ଷରୁ ବିଭିନ୍ନ ଧର୍ମପୀଠ ସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା।

### ଚଣ୍ଡିଖୋଲ

ବଡ଼ଚଣା ବ୍ଲକର ବିଭିନ୍ନ ସ୍ଥାନରେ ମୁସଲମାନଙ୍କ ପବିତ୍ର ଇଦ୍ ପର୍ବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳସ୍ଥିତ ଇଦ୍‌ଗାହ ପଡ଼ିଆରେ ବୁଧବାର ୩ହଜାରରୁ ଅଧିକ ମୁସଲମାନମାନେ ଏକ ସଙ୍ଗେ ନମାଜ ପାଠ କରିଥିଲେ। ମୌଲାନା ଫକିରୁଉଦ୍ଦିନ୍ ହାସିମ୍ କାସିମ୍ ସମସ୍ତଙ୍କୁ ନମାଜ ପାଠ କରାଇଥିଲେ। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ସମସ୍ତଙ୍କୁ ଇଦ୍ ମୁବାରକ୍ ଜଣାଇଥିଲେ। ଇଦ୍‌ଗାହ କମିଟି ସଭାପତି ଅବଦୁଲ ହାଇ, ସାଧାରଣ ସମ୍ପାଦକ ସୁଲତାନ ସଇଫୁଲା ଖାଁ, ବଦରୁଦ ଦୋଜା, ମୌଲାନା ଲିଆସ, ମୌଲାନା ଅଜିଜ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଚଣ୍ଡିଖୋଲ ସୁଙ୍ଗୁଡ଼ା ଇଦ୍‌ଗାହ ପଡ଼ିଆରେ ଇଦ୍-ଉଲ-ଫିତର ପାଳିତ ହୋଇଯାଇଛି। ମୌଲାନା ସାହାବୁଦ୍ଦିନ୍‌ସମସ୍ତଙ୍କୁ ନମାଜ ପାଠ କରାଇଥିଲେ। ନମାଜ ପାଠ ଶେଷ ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ଏହି ଅବସରରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତେ ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ମୁସଲିମ୍ ଭାଇଙ୍କୁ ଇଦ୍ ମୁବାରକ୍ ଜଣାଇବା ସହ ଭାଇଚାରା ଅକ୍ଷୁର୍ଣ୍ଣ ରଖିବା ପାଇଁ ସଭିଙ୍କୁ ଅନୁରୋଧ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉତ୍ସବକୁ ସୁଙ୍ଗୁଡ଼ା ମସଜିଦ୍‌ର ମତୱାଲି ଅବଦୁଲ ରଜାକ୍, ମୁରବୀ ସେକ୍ କମାମୁଦ୍ଦିନ୍, ସରପଞ୍ଚ ଚାଚାଲିନ୍ ସ୍ୱାଇ, ନାଏବ ସରପଞ୍ଚ ମସିର ଆଲାମ୍, ବ୍ଲକ୍ ବିଜେଡି ସଭାପତି ଅରବିନ୍ଦ ସାମଲ, ସଞ୍ଜୟ ସ୍ୱାଇଁ, ବସ୍ତି ସର୍ଦ୍ଦାର ସେକ୍ ସବିରୁଦ୍ଦିନ୍ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### ଧର୍ମଶାଳା

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ପବିତ୍ର ଇଦ୍-ଉଲ୍-ଫିତର ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ମୁସଲ୍‌ମାନ ଭାଇମାନେ ୧ ମାସ ଧରି ଦିନବେଳା ଉପବାସ ରହିବା ପରେ ମଙ୍ଗଳବାର ରାତିରେ ଚାନ୍ଦ ଦେଖି ରୋଜା ସମ୍ପନ୍ନ କରିଥିଲେ। ମଙ୍ଗଳବାର ସକାଳୁ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ନୂତନ ବସ୍ତ୍ର ପରିଧାନ କରି ଇଦ୍‌ଗା ଓ ମସ୍‌ଜିଦ୍ ଠାରେ ସମୂହ ନମାଜ୍ ପାଠ କରିଥିଲେ। ନମାଜ୍ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ଧର୍ମଶାଳା ବ୍ଲକର ଚୋରମୁହାଁ, ଧର୍ମଶାଳା, ଚହଟା, ବଡମଙ୍ଗଳପୁର, ତରାପୁର, କାଏମା, ନେଉଳପୁରଠାରେ ସମୂହ ଇଦ୍-ଉଲ୍-ଫିତର୍ ଶାନ୍ତିଶୃଙ୍ଖଳାର ସହିତ ପାଳିତ ହୋଇଯାଇଛି। ପବିତ୍ର ଇଦୁଲ ଫିତର ଅବସରରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ମୁସଲମାନ ଭାଇମାନେ ଶାନ୍ତି, ମୈତ୍ରୀ, ହର୍ଷ ଉଲ୍ଲାସରେ ଇଦ୍‌ପର୍ବ ପାଳନ କରି ଭାଇଚାରା ସୃଷ୍ଟି କରିଛନ୍ତି ବୋଲି ଏକ ବାର୍ତ୍ତାରେ କହିଛନ୍ତି। ପିସିସି ମହିଳା ସାଧାରଣ ସମ୍ପାଦିକା ସ୍ମୃତିରେଖା ପହି ନେଉଳପୁର, ଚହଟା, ରାହାମ୍ଭା, ମିର୍ଜାପୁର, କୋଠଡିହ ବିଭିନ୍ନ ଇଦ୍‌ଗା ଓ ମସ୍‌ଜିଦରେ ପହଞ୍ଚି ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଧର୍ମଶାଳା ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା।

## ସଂକ୍ଷେପରେ

### ମନ୍ଦିର ପ୍ରତିଷ୍ଠାର ୨୫ ବର୍ଷ ପୂର୍ତ୍ତି
## ଗୋକୁଳାନନ୍ଦ ଜୀଉଙ୍କ ବାର୍ଷିକ ଉତ୍ସବ



**ଖଣ୍ଡପଡା,୫।୬(ସ୍ୱ.ପ୍ର.):** ନୟାଗଡ ଜିଲାର ଅନ୍ୟତମ ପର୍ଯ୍ୟଟନ ପୀଠ ଭାବରେ ପରିଚିତ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉଙ୍କ ବାର୍ଷିକ ଉତ୍ସବ ତଥା ମନ୍ଦିର ପ୍ରତିଷ୍ଠାର ୨୫ ବର୍ଷ ପୂର୍ତ୍ତି ପାରମ୍ପରିକ ରୀତିରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରତିଦିନ ପରି ବୁଧବାର ସକାଳୁ ଦ୍ୱାରଫିଟା ନୀତି ସମ୍ପନ୍ନ ପରେ ମଙ୍ଗଳ ଆଳତି, ମଇଲମ, ରୋଶ ହୋମ, ମନ୍ଦିର ଶୋଧନ ଆଦି ନୀତି ସମ୍ପନ୍ନ କରାଯାଇଥିଲା । ପରେ ଠାକୁରଙ୍କ ବାର୍ଷିକ ଉତ୍ସବ ଅବସରରେ ଶ୍ରୀଜୀଉଙ୍କୁ ଷୋଡଶ ଉପଚାରରେ ପୂଜା, ହୋମ ଅନୁଷ୍ଠିତ ହୋଇଥିଲା । ପରେ ମହିଳାମଣ୍ଡଳ ପକ୍ଷରୁ ନାମ ସଂକୀର୍ତ୍ତନ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳକ ଗଙ୍ଗାଧର ଷଡଙ୍ଗୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ହୋମ କାର୍ଯ୍ୟର ପୁରୋଧା ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ ।

## ପିଠା କାର୍ଯ୍ୟକ୍ରମରେ ଜିଲାରେ ପ୍ରଥମ ରଣପୁର ବ୍ଲକର ରାଇପଡ଼ା ପଞ୍ଚାୟତ

**ରଣପୁର, ୫।୬(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ବ୍ଲକର ୩୭ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ପିଠା କାର୍ଯ୍ୟକ୍ରମରେ ରାଇପଡା ପଞ୍ଚାୟତ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଗତ ୪ ତାରିଖରେ ଚିଠି ନମ୍ବର ୯୩୫୬ରେ ପ୍ରକାଶ କରିଛନ୍ତି। ଏହି ପଞ୍ଚାୟତର ପିଠା କାର୍ଯ୍ୟକ୍ରମ ଅତ୍ୟନ୍ତ ଆକର୍ଷଣୀୟ ଓ ଶାନ୍ତିଶୃଙ୍ଖଳାର ସହିତ ପରିଚାଳିତ ହୋଇଥିବାରୁ ରାଇପଡା ପଞ୍ଚାୟତକୁ ସରକାରଙ୍କ ତରଫରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ୫ ଲକ୍ଷ ଟଙ୍କା ଅର୍ଥ ରାଶି ସହିତ ପୁରସ୍କୃତ କରାଯିବା ପାଇଁ ଘୋଷଣା କରାଯାଇଛି । ପ୍ରକାଶ ଥାଉ କି, ଗତ ଫେବୃୟାରୀ ୨୦ ତାରିଖରେ ଏହି ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ପଞ୍ଚାୟତ ଅଧିକାରୀ ଗଙ୍ଗାଧର ପ୍ରଧାନ ଓ ସରପଞ୍ଚ ବ୍ରହ୍ମଚାରୀ ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ।

## ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ବିଧାୟକଙ୍କୁ ସମ୍ବର୍ଦ୍ଧନା

**ରଣପୁର, ୫।୬ (ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକର ୩୭ ପଞ୍ଚାୟତରେ କାର୍ଯ୍ୟ କରୁଥିବା ନିର୍ବାହୀ ଅଧିକାରୀମାନେ ବୁଧବାର ସ୍ଥାନୀୟ ନବନିର୍ବାଚିତ ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କୁ ତାଙ୍କ ନୟାଗଡସ୍ଥିତ ବାସ ଭବନରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ନୟାଗଡ ଜିଲା ସଂଘର କର୍ମକର୍ତ୍ତା ଓ ରାଜ୍ୟ ସଂଘ କାର୍ଯ୍ୟକାରୀ କମିଟି ସଭ୍ୟ ଗଙ୍ଗାଧର ପ୍ରଧାନ ଉପସ୍ଥିତ ଥିଲେ ।

# ମା' ବରାଳୋଇ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ

**ଭାପୁର/ଖଣ୍ଡପଡା, ୫।୬(ଡି.ଏନ.ଏ./ସ୍ୱ.ପ୍ର.)**

ନୟାଗଡ ଜିଲା ଭାପୁର ବ୍ଲକ ଖଇରଗାଡିଆ ଗ୍ରାମର ଆରାଧ୍ୟ ଦେବୀ ମା'ବରାଳୋଇ ଠାକୁରାଣୀଙ୍କ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବୁଧବାର ସକାଳଠାରୁ ମନ୍ଦିର ନିକଟରେ ପୂଜାର୍ଚ୍ଚନା ଆରମ୍ଭ ହୋଇ ମା'ଙ୍କ ବିଜେ ପ୍ରତିମା ଗ୍ରାମ ପରିକ୍ରମା କରି ରତ୍ନମୁଦ କାର୍ଯ୍ୟ ସମ୍ପନ୍ନ କରାଯାଇଛି। ଗ୍ରାମର ସମସ୍ତ ପରିବାର ଧାନ, ସୁନା, ରୁପା ଓ ଅନ୍ୟ ଧାତୁ ସହ ଅର୍ଥ ଉତ୍ସର୍ଗ କରିବା ପରେ ମନ୍ଦିରରେ ରତ୍ନମୁଦ କରାଯାଇଥିଲା। ଗ୍ରାମର ଶ୍ୟାମସୁନ୍ଦର ପ୍ରଧାନ ଓ ତାଙ୍କ ସ୍ତ୍ରୀ ଚମ୍ପା ପ୍ରଧାନ କର୍ତ୍ତା କର୍ତ୍ତ୍ରୀ ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ । ଅଞ୍ଚଳର ବିଶିଷ୍ଟ ବ୍ରାହ୍ମଣ ରଘୁନାଥ ନନ୍ଦ, ଚନ୍ଦ୍ରକାନ୍ତ ଆଚାର୍ଯ୍ୟ ଓ ଉଦ୍ୟନାଥ ଆଚାର୍ଯ୍ୟ ସମସ୍ତ ପୂଜା ରୀତିନୀତି ଅନୁଯାଇ ସମ୍ପନ୍ନ କରିଥିଲେ । ଏହି ଧାର୍ମିକ କାର୍ଯ୍ୟରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ମନ୍ଦାରବେରେଣୀ ଓ ନିହଳପ୍ରସାଦ ଗ୍ରାମର ବହୁ ବ୍ୟକ୍ତି ଯୋଗଦେଇଥିଲେ ।



ନୂତନ ମନ୍ଦିରର ରତ୍ନମୁଦ କରାଯାଉଛି।




Priyanka Priyadarshini
23rd HAPPY BIRTHDAY!
People generally say "Thank God for giving me such wonderful parents". We want to break this rule on your birthday and want to say "Thank God for giving us such a wonderful daughter".
ଧ-୧୨୮୩୯

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



(ଟିପୁଲ୍)
**ବିଭାନ୍ସ ବିଦିତ୍ ଶତପଥୀ**
ଆଜି ତୋ ଜନ୍ମଦିନରେ ଅନେକ ଅନେକ ଆଶୀର୍ବାଦ, ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ବିଶ୍ୱନାଥ ଓ ଶ୍ରୀ ସାଇଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ, ବାବା ବୈଦ୍ୟନାଥଙ୍କ ଦୟାରୁ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
ଶୁଭେଚ୍ଛା ସହ: ବାବା, ମାମା, ମା, ବାପା, ମାଉସୀ, ଅଜା, ଆଈ, ମାମୁ, ମାଇଁ, ପୁପୁଲି, ଡୁଡୁଲି ଏବଂ ଅନ୍ୟାନ୍ୟ ପରିବାରବର୍ଗ।
ଧ-୬୩୭୭୨

**୫୦ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



**ପ୍ରଫୁଲ୍ଲ କୁମାର ମହାନ୍ତି**
**ଶ୍ରୀମତୀ ଆହ୍ଲାଦିନୀ ମହାନ୍ତି**
ଟିକରପଡ଼ା, ମହାନ୍ତି ସାହି, ପୁରୀ-୨
ଆପଣଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଧ-୬୪୦୬୪


### ବିଶ୍ୱ ପରିବେଶ ଦିବସ
# ହାତଗଣତି ଲୋକରେ ପାଳନ ହେଲା

**ନୟାଗଡ଼ ଅଫିସ,୫।୬**

କେତେଜଣ ହାତଗଣତି ଲୋକଙ୍କୁ ନେଇ ବୁଧବାର ଜିଲା ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପୂର୍ବରୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ବନ୍ଦ କୋଠରିରେ ଦିବସ ନ କରି ଖୋଲା ସ୍ଥାନରେ କରିବାକୁ ଦାବି କରାଯାଇଥିଲା। ହେଲେ ବିଭାଗ ଏହାକୁ ଅଗ୍ରାହ୍ୟ କରି ପଠାଣି ସାମନ୍ତ ଅଡିଟୋରିୟମଠାରେ ପାଳନ କରିଛି। ସେହିପରି ଦୁଇଦିନ ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ହେବା ପାଇଁ ବିଭାଗ ପକ୍ଷରୁ ସ୍ଥିର ହୋଇଥିଲା। ତଦନୁଯାୟୀ ପୂର୍ବାହ୍ନରେ ଖବରଦାତାଙ୍କଠାରୁ ଆରମ୍ଭ କରି ପରିବେଶବିତ୍‌ମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ସେଠାରେ କାହାର ଦେଖା ମିଳି ନ ଥିଲା। ପରେ ବୁଝିବାରୁ ଜଣାପଡ଼ିଲା ଯେ ପଠାଣି ସାମନ୍ତ ଅଡିଟୋରିୟମଠାରେ କାର୍ଯ୍ୟକ୍ରମ ପାଳନ କରାଯାଉଛି। ଏ ନେଇ କିଛି ଖବରଦାତା ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ଯୋଗାଯୋଗ କରିବାରୁ ବନ ବିଭାଗ ପଠାଣି ସାମନ୍ତ ଅଡିଟୋରିୟମଠାରେ ହେଉଥିବା ନେଇ କୌଣସି ସୂଚନା ଦେଇ ନ ଥିବା କୁହାଯାଇଥିଲା। ଖବରଦାତାମାନେ ଖବର ସଂଗ୍ରହ ପାଇଁ ଉକ୍ତ ଅଡିଟୋରିୟମକୁ ଯାଇଥିଲେ। ହେଲେ ପରିବେଶବିତ୍‌ମାନେ ବିଭାଗର ଏଭଳି କାର୍ଯ୍ୟକଳାପକୁ ନିନ୍ଦା କରି ଘରକୁ ଫେରିଯାଇଥିଲେ। କାର୍ଯ୍ୟକ୍ରମରେ ହାତଗଣତି ଲୋକ ଥିବା ଦେଖାଯାଇଥିଲା। ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଧନରାଜ ଧନଧୀର ହନୁମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର, ଏସିଏଫ୍ ଅରବିନ୍ଦ ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାଷଣ ପ୍ରସଙ୍ଗରେ ଅତିଥିମାନେ କହିଥିଲେ, ପ୍ରତିବର୍ଷ ଆମେ ବିଶ୍ୱ ପରିବେଶ ଦିବସ ପାଳନ କରୁଛେ। ଏହି ଗୋଟିଏ ଦିନ ପରିବର୍ତ୍ତେ ବର୍ଷର ସବୁଦିନ ପରିବେଶକୁ କିପରି ସୁରକ୍ଷିତ ରଖିବା, ଆବର୍ଜନା ଏଣେତେଣେ ନ ଫିଙ୍ଗିବା ନେଇ ଶପଥ ନେବା ଦରକାର। ଆମେ ନିଜେ ସଚେତନ ହେଲେ ଦିବସ ପାଳନର ଯଥାର୍ଥତା ପ୍ରତିପାଦିତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସକାଳେ ବ୍ରଜେନ୍ଦ୍ର ହାଇସ୍କୁଲଠାରୁ ପରିବେଶ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପଠାଣି ସାମନ୍ତ ଅଡିଟୋରିୟମଠାରେ ପହଞ୍ଚିଥିଲା। ରାଲିରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ବନ ବିଭାଗ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ୭ଜଣଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେମାନେ ହେଲେ ନୟାଗଡ଼ ବ୍ଲକ କେନ୍ଦୁଡ଼ିପି ଗ୍ରାମର ଅକ୍ରୁର ବେହେରା, ଓଡ଼ଗାଁ ବ୍ଲକ ଦଣ୍ଡୁର ଗ୍ରାମର ବିଜୟ କୁମାର ବେହେରା, ଶରଣକୁଳ ପଞ୍ଚାୟତ ଭିକାରୀପଡ଼ା ଗ୍ରାମର ପ୍ରଶାନ୍ତ କୁମାର ଦାଶ, ଭାପୁର ବ୍ଲକର ପ୍ରଭାତୀ ମହାପାତ୍ର, ଦଶପଲ୍ଲା ବ୍ଲକ ନୂଆଗାଁ ଗ୍ରାମର କିଶୋର ଚନ୍ଦ୍ର ଦଳବେହେରା, ଖଣ୍ଡପଡ଼ା ବ୍ଲକ ଖଳିସାହି ଗ୍ରାମର ବସନ୍ତ କୁମାର ସାହୁ, ରଣପୁର ବ୍ଲକ ବଜ୍ରକୋଟ ଗ୍ରାମର ଦିଲୀପ କୁମାର ସାମନ୍ତରାୟ। ବିଶ୍ୱ ପରିବେଶ ଦିବସ ପାଳନ ସ୍ଥାନ ପରିବର୍ତ୍ତନ ସମ୍ପର୍କରେ ଡିଏଫ୍‌ଓ ହନୁମନ୍ତ କହନ୍ତି, ଯେଉଁ ସ୍ଥାନରେ କାର୍ଯ୍ୟକ୍ରମ ହେବାର ଥିଲା ସେହି ସ୍ଥାନରେ କରାଯାଇଛି।





ପରିବେଶ ସଚେତନତା ଶୋଭାଯାତ୍ରା।

- ଜିଲାପାଳଙ୍କ କାର୍ଯ୍ୟାଳୟ ବଦଳରେ ପଠାଣି ସାମନ୍ତ ଅଡିଟୋରିୟମରେ ହେଲା କାର୍ଯ୍ୟକ୍ରମ
- ୭ ଜଣ ପାଇଲେ ପ୍ରକୃତିବନ୍ଧୁ ପୁରସ୍କାର

### ଶବଦାହ ପିଣ୍ଡି ଭଙ୍ଗାକୁ ନେଇ ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ
# ଅଭିଯୁକ୍ତଙ୍କୁ ଗିରଫ କରିବା ପ୍ରତିଶ୍ରୁତି ପରେ ରାସ୍ତାରୋକୋ ପ୍ରତ୍ୟାହୃତ

**ରଣପୁର,୫।୬(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ରମ୍ଭାପଲ୍ଲୀ ଗ୍ରାମରେ ଥିବା ଏକ ଶ୍ମଶାନ ଜମିକୁ ଜମି ବେପାରୀ ନିଜ ନାମରେ କରାଇ ନେଇ ମଙ୍ଗଳବାର ଶ୍ମଶାନ ପିଣ୍ଡିକୁ ଭାଙ୍ଗି ଦେଇଥିଲେ । ଏଥିରେ ଉତ୍ତେଜିତ ହୋଇ ଗ୍ରାମବାସୀ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଘଟଣାର କୌଣସି କାର୍ଯ୍ୟାନୁଷ୍ଠାନ ନ କରିବାରୁ ଗ୍ରାମବାସୀଙ୍କ ସହିତ ପଞ୍ଚାୟତର ଅନ୍ୟ ଗ୍ରାମର ଲୋକେ ମିଶି ରାତ୍ର ସାଢେ ୧୦ଟାରେ ରାସ୍ତାରୋକୋ କରିଥିଲେ । ଘଟଣା ସ୍ଥଳରେ ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ, ଶରଣକୁଳ ଏସ୍‌ଡିପିଓ ଏସ୍. ଟପୋ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଗ୍ରାମବାସୀ ଫାଣ୍ଡିରେ କରିଥିବା ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ୨୪ ଘଣ୍ଟା ଭିତରେ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାତ୍ର ୨ଟାରେ ଗ୍ରାମବାସୀ ରାସ୍ତାରୋକୋ ପ୍ରତ୍ୟାହୃତ କରିଥିଲେ। ଏହା ପରେ ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଶହ ଶହ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା । ସୂଚନାଯୋଗ୍ୟ ରମ୍ଭାପଲ୍ଲୀ ଗ୍ରାମ ରାସ୍ତାରେ ବହୁ ବର୍ଷ ଧରି ଏକ ଶ୍ମଶାନ ରହିଛି । ଏହି ଶ୍ମଶାନ ଜମିକୁ ସ୍ଥାନୀୟ କିଛି ଜମି ବେପାରୀ ତହସିଲ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ହାତ କରି ନିଜ ନାମରେ କରାଇ ନେବାର ଚକ୍ରାନ୍ତ କରୁଥିଲା ବେଳେ ଏହି ଘଟଣା ଗ୍ରାମବାସୀ ଜାଣିପାରି ଥିଲେ। ଏ ନେଇ ସେମାନେ ସ୍ଥାନୀୟ ତହସିଲଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମରେ ଦୀର୍ଘଦିନ ହେବ ଚାପା ଉତ୍ତେଜନା ଲାଗି ରହିଥିଲା । ଗତ ମଙ୍ଗଳବାର ଗ୍ରାମର ରଜତ ମହାପାତ୍ର ନାମକ ଜଣେ ଜମି ବେପାରୀ ଶ୍ମଶାନରେ କରାଯାଇଥିବା ଶବଦାହ ପିଣ୍ଡିକୁ ଜୋର ଜବରଦସ୍ତ ଭାଙ୍ଗି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ସେମାନେ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ସ୍ଥାନୀୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ରାତ୍ର ୧୦ଟାରୁ ଟାୟାର ଜାଳି ଅବରୋଧ କରି ବସି ରହିଥିଲେ। ସ୍ଥାନୀୟ ତହସିଲର କର୍ମଚାରୀମାନେ ଜମି ବେପାରୀଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ଏହି ଶ୍ମଶାନ ଜମିକୁ ତାଙ୍କ ନାମରେ କରି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ତହସିଲ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସହିତ ସ୍ଥାନୀୟ ଫାଣ୍ଡି ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଶ୍ମଶାନ ପିଣ୍ଡି ଭାଙ୍ଗିଥିବା ରଜତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଗ୍ରାମବାସୀଙ୍କ ରାସ୍ତାରୋକୋ ଯୋଗୁ ରାତ୍ରରେ ଦୂର ଦୂରାନ୍ତକୁ ଯାତ୍ରା କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଯାନବାହନ ଭିତରେ ଛୋଟ ଛୋଟ ପିଲାମାନେ ଅସହ୍ୟ ଗରମରେ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା।

# ପରିବେଶ ପାଇଁ ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା ଜରୁରୀ

**ଖଣ୍ଡପଡା,୫।୬(ସ୍ୱ.ପ୍ର.)**

ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ । ବୁଧବାର ବିଶ୍ୱ ପରିବେଶ ଦିବସ ସାରା ଦେଶରେ ପାଳନ କରାଯାଉଛି। ମାତ୍ର ବିଶ୍ୱ ପରିବେଶ ଦିବସ ପାଳନ କେବଳ ଜିଲା ହେଡ କ୍ୱାର୍ଟରରେ ପାଳନ କରା ନ ଯାଇ ବିଭିନ୍ନ ଗ୍ରାମାଞ୍ଚଳରେ କରାଗଲେ ଏହାର ପ୍ରଭାବ ଅଧିକ ହେବ ବୋଲି କଣ୍ଟିଲୋ ଅଞ୍ଚଳର ଗଛ ସାର୍ ତଥା ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ ଭାପୁର ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମରେ ଆୟୋଜିତ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସେ ଏ ସମ୍ପର୍କରେ ଜଙ୍ଗଲ ବିଭାଗର ବିଭିନ୍ନ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଜିଲା ପ୍ରଶାନର ଦୃଷ୍ଟିଆକର୍ଷଣ କରିଥିବା ପ୍ରକାଶ କରଥିଲେ। ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ ଏବଂ ବୃକ୍ଷ ସୁରକ୍ଷା ପ୍ରତି ଜାଗ୍ରତ ହେବା, ବିଶେଷ କରି ବନ୍ୟଜନ୍ତୁ ତଥା ଘରଚଟିଆ ପ୍ରଭୃତି ବିଲୁପ୍ତ ପ୍ରାୟ ପକ୍ଷୀଙ୍କର ସୁରକ୍ଷା ପ୍ରତି ସଚେତନ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଗ୍ରାମାଞ୍ଚଳରେ ପ୍ଲାଷ୍ଟିକ ଦ୍ରବ୍ୟ ବ୍ୟବହାର ନ କରିବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଅତିଥି ଓ ଛାତ୍ରୀଛାତ୍ରମାନେ ଶପଥ ପାଠ କରିବା ସହ ଗ୍ରାମ ପରିବେଶକୁ ନଷ୍ଟ ନ କରିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଗଛ ସାର୍ ଅନ୍ତର୍ଯ୍ୟାମୀ ସାହୁ ବନ୍ୟ ପଶୁପକ୍ଷୀଙ୍କ ସୁରକ୍ଷାର ଉପାୟ କହିବା ସହ ଘରେ ଘରେ ପକ୍ଷୀମାନଙ୍କ ପାଇଁ ଜଳପାତ୍ର ରଖିବାକୁ ପରାର୍ମଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ତିରୁପତି ରଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାରତ ଭୂଷଣ ରଥ ଯୋଗଦେଇ ବୈଦିକ କାଳରୁ ପରିବେଶ ସୁରକ୍ଷା ପ୍ରତି ମୁନି ଋଷିମାନେ ଧ୍ୟାନ ଦେଇଥିବା ବେଳେ ବର୍ତ୍ତମାନର ମାନବ ସମାଜ ପରିବେଶକୁ ନଷ୍ଟକରି ପ୍ରାକୃତିକ ବିପର୍ଯ୍ୟୟକୁ ଆହ୍ୱାନ କରୁଛି ବୋଲି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୁଶାନ୍ତ ବାରିକ, ସତ୍ୟପ୍ରିୟ ଷଡଙ୍ଗୀ, ବଟକୃଷ୍ଣ ପଟ୍ଟନାୟକ, ନୀଳକଣ୍ଠ ବେହେରା, ମାଧବ ଚନ୍ଦ୍ର ରଥ, ରମେଶ ଚନ୍ଦ୍ର ରଥ, ପଞ୍ଚୁ ବସନ୍ତରାୟ, କାଳିନ୍ଦୀ ବସନ୍ତରାୟଙ୍କ ସମେତ ଗ୍ରାମବାସୀବୃନ୍ଦ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ । ପରିବେଶ ପ୍ରେମୀ ଭରତ ସାହୁ ଧନ୍ୟବାଦ ଦେଇଥିଲେ ।





ପରିବେଶ ସୁରକ୍ଷା ପାଇଁ ସଚେତନତା କରାଯାଉଛି।

# ଇଦ୍‌ଗାହ ପଡ଼ିଆରେ ସମୂହ ନମାଜ ପାଠ

**ନୟାଗଡ଼ ଅଫିସ,୫।୬**

ନୟାଗଡ଼ ସହର ଉପକଣ୍ଠ ସିନ୍ଦୂରିଆସ୍ଥିତ ଇଦ୍‌ଗାହ ପଡ଼ିଆଠାରେ ବୁଧବାର ଜିଲାସ୍ତରୀୟ ଇଦ୍ ପାଳିତ ହୋଇଯାଇଛି। ମୁସଲିମ୍ ଧର୍ମର ଲୋକମାନେ ମଙ୍ଗଳବାର ସନ୍ଧ୍ୟାରେ ଚାନ୍ଦ ଦର୍ଶନ କରିସାରିଥିବାବେଳେ ବୁଧବାର ସକାଳେ ପଡିଆରେ ଏକାଠି ହୋଇ ସମୂହ ନମାଜ ପାଠ କରିଥିଲେ। ପ୍ରକାଶ ଯେ, ଇସ୍‌ଲାମିକ୍ କ୍ୟାଲେଣ୍ଡରରେ ବର୍ଷର ସବୁଠାରୁ ପବିତ୍ର ମାସ ହେଉଛି ରମଜାନ୍ ମାସ। ଏହି ମାସ ଆରମ୍ଭରୁ ଶେଷ ଯାଏ ମୁସଲିମ୍ ଧର୍ମର ଲୋକମାନେ ଖୁବ୍ ନିଷ୍ଠାର ସହିତ ରୋଜା ପାଳନ କରନ୍ତି। ମାସର ଶେଷ ଦିନ ଚନ୍ଦ୍ର ଦେଖିଲା ପରେ ରୋଜା ବା ଉପବାସ ଭଙ୍ଗ କରି ପରଦିନ ଇଦ୍ ପାଳନ କରାଯାଇଥାଏ। ଇଦ୍‌ଗାହ ପଡ଼ିଆଠାରେ ସ୍ଥାନୀୟ ବିଧାୟକ ତଥା କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ, ପଶୁସମ୍ପଦ ଏବଂ ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ପରସ୍ପର ମଧ୍ୟରେ ସ୍ନେହ ଓ ଶୁଭେଚ୍ଛାର ବାର୍ତ୍ତା ପ୍ରଦାନ କରାଯାଇଥିଲା।



ଦୁଇ ଜଣ ପିଲା ପରସ୍ପରକୁ ଇଦ୍ ମୁବାରକ ଜଣାଉଛନ୍ତି।

# ୮ରୁ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନ

**ଖଣ୍ଡପଡା,୫।୬(ସ୍ୱ.ପ୍ର.)**

କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ୪୭ତମ ରାଜ୍ୟ ସ୍ତରୀୟ ବାର୍ଷିକ ଅଧିବେଶନ ଚଳିତ ମାସ ୮ ଓ ୯ ତାରିଖ ଦୁଇଦିନ ଧରି ନୟାଗଡ ଜିଲା କଣ୍ଟିଲୋ ଠାରେ ଅନୁଷ୍ଠିତ ହେବ। ଏହି ଅଧିବେଶନରେ କଂସାରି କାରିଗର ଓ କଂସାରି ଜାତି ଭାଇମାନଙ୍କର ଉନ୍ନତି ସମ୍ପର୍କରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ, କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା ୫ଗୋଟି ଜିଲା ଯଥା ନୟାଗଡ଼, କଟକ, ବୌଦ୍ଧ, ଫୁଲବାଣୀ ଓ ଅନୁଗୋଳ ଜିଲାର କେତେକ ଅଞ୍ଚଳର ଜାତି ଭାଇମାନଙ୍କୁ ସଂଗଠିତ କରି ଆଜକୁ ପ୍ରାୟ ୪୭ବର୍ଷ ଧରି ବାର୍ଷିକ ଅଧିବେଶନ ଯଥାରୀତି ଭାବରେ କରିଆସୁଛି। ଚଳିତ ବର୍ଷ ଏହି ଅବସରରେ ରାଜ୍ୟରେ ଥିବା ସମସ୍ତ ଅଞ୍ଚଳର କଂସାରି ଜାତି ଭାଇ ତଥା ବିଭିନ୍ନ କଂସାରି ସମାଜ ସଂଗଠନକୁ ନେଇ ଆଗାମୀ ୮ ଓ ୯ ତାରିଖ ଦୁଇଦିନ ଧରି କଣ୍ଟିଲୋ ଯାତ୍ରାପଦା ବଜାର ଓ ତାରିଣୀ ମନ୍ଦିର ନିକଟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ନିର୍ଘଣ୍ଟ କରାଯାଇଛି। ରାଜ୍ୟସ୍ତରୀୟ ଆଲୋଚନା ସଭାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରହିଥିବା ସମସ୍ତ କଂସାରି ଜାତି ଭାଇମାନେ ଯୋଗଦେବାକୁ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ସଭାପତି ଅଖିଳ କୁମାର ମହାରଣା ଓ ସମ୍ପାଦକ ଶ୍ରୀପତି ମହାରଣା ନିବେଦନ କରିଛନ୍ତି ।






## ମନେ ପଡ଼ନ୍ତି

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଲୋକନାଥ ରଥ**
ସିଦ୍ଧମହାବୀର ମୈତ୍ରୀବିହାର, ପୁରୀ
ଆବିର୍ଭାବ: ୨୭।୦୩।୧୯୪୩
ତିରୋଧାନ: ୦୯।୦୬।୨୦୧୩
ଆପଣଙ୍କ ତ୍ୟାଗ, ନିଷ୍ଠା, ଓ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ ପାଇଁ ଦିଗ୍‌ଦର୍ଶନ ହୋଇ ଚିରଦିନ ରହିବେ। ଷଷ୍ଠ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀବର୍ଗ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୩୭୭୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଉପେନ୍ଦ୍ର ବହିଦାର**
ଅବସରପ୍ରାପ୍ତ OSRTC କର୍ମଚାରୀ, ବଲାଙ୍ଗୀର
ଅସୁରମୁଣ୍ଡା, ସୋନପୁର
ଆବିର୍ଭାବ: ୧୫।୦୫।୧୯୩୫
ତିରୋଧାନ: ୨୬।୦୫।୨୦୧୯
ଚାଷକୁ ଅତିରିକ୍ତ କର୍ମମୟ ଜୀବନ ବୋଲି ବାଛିଥିଲେ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସାନପୁଅ- କଷ୍ଟ ବହିଦାର, ସାନବୋହୂ- ସଂଜୁ ବହିଦାର, ନାତୁଣୀ- ରେଶ୍ମା, ନାତି- ଶିବୁ, ସମୁଦୁଣୀ- ସୁଷମା ପଟ୍ଟନାୟକ ଓ ସମସ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୧୨୮୪୧

**ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅଂଶୁମାନ ସାହୁ**
ଆବିର୍ଭାବ: ୧୧।୦୫।୨୦୦୧
ତିରୋଧାନ: ୨୭।୦୫।୨୦୧୯
ଅଗ୍ନିବର୍ଷା ସମୟରେ କୋଳକୁ ଆସିଲୁ, ଜନ୍ମ ମାସର ୧୬ ଦିନ ପରେ ପରକରି ଚାଲିଗଲୁ, ଯୁକ୍ତ ୨ ପରୀକ୍ଷା ଦେଇଥିଲୁ, ଫଳାଫଳ ଶୁଣିବା ପୂର୍ବରୁ ଅକାଳରେ ଚାଲିଗଲୁ। ଫଳାଫଳ ଶୁଣିବାକୁ ଆମେ ସିନା ଅପେକ୍ଷା କଲୁ କିନ୍ତୁ ଦଇବ ତୋତେ ଆମ କୋଳରୁ ଛଡ଼ାଇ ନେଲା। ତୋର ଅକାଳ ବିୟୋଗ ଆମକୁ ଯେତିକି ମର୍ମାହତ କରିଛି ତାହାଠାରୁ ବେଶି ଦୁଃଖ ଆଣିଛି ଜେଜେ ମା' ଏବଂ ବାପାଙ୍କୁ ଆଣିଛି। ତୁ ସିନା ଛାଡ଼ିଗଲୁ କିନ୍ତୁ ତୁ ଗଲାଠାରୁ ଘରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ନିଷ୍ଠୁର ଭଗବାନଙ୍କ ନିକଟରେ ଏମିତି ପ୍ରାର୍ଥନା କରୁଛି, ତୋ ଆତ୍ମା ଯେଉଁଠାରେ ଥାଉ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଅମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ। ଏତିକି କାମନା କରୁଛି, ବୋଉ ଅନୁପମା ସାହୁ, ବାପା ସତ୍ୟାନନ୍ଦ ସାହୁ, ସାନଭାଇ ଆୟୁଷ୍ମାନ୍ ସାହୁ, ଭଉଣୀ ରୋଜି, ସୋମ୍, ଇଷା, ସୁମନ, ଶ୍ରଦ୍ଧା, ଖୁସୀ, ଓଁମ୍, ଶୁଭମ, ପୁନମ୍, ଓ ମାମୁ, ମାଇଁ ସପରିବାରବର୍ଗ।
ଧ-୧୨୮୪୨



ଭଗବାନଙ୍କ ଦୁଇଟି ଘର ଅଛି, ଗୋଟିଏ ହେଉଛି ସ୍ୱର୍ଗରେ ଓ ଅନ୍ୟଟି କୃତଜ୍ଞତାପୂର୍ଣ୍ଣ ହୃଦୟରେ ।

- ଆଇଜାକ୍ ୱାଲ୍‌ଟନ

## ସଂକ୍ଷେପରେ

### ଗାଁ ବିକାଶ ପାଇଁ ସମିତି ଗଠିତ

**ପୁରୀ ଅଫିସ, ୫।୬:** ପୁରୀ ସଦର ବ୍ଲକ ବାସୁଦେବପୁର ପଞ୍ଚାୟତ ଗୋକୁଳପୁର ଗ୍ରାମରେ ଏବେ ବି ଅନେକ ମୌଳିକ ସେବା ଏବଂ ସରକାରୀ ଯୋଜନା ଅପହଞ୍ଚ ରହିଛି। ଏହି ଗ୍ରାମରେ କାଁ ଭାଁ କେବେ କେମିତି ରାଜନେତାଙ୍କ ପାଦ ପଡ଼େ। ବାତ୍ୟା ଫନୀରେ ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ହେଲେ ଗୋକୁଳପୁରକୁ ସେମିତି କୌଣସି ସହାୟତା ମିଳିଲା ନାହିଁ। ତେଣୁ ନିଜ ଗାଁର ବିକାଶ ପାଇଁ ଲୋକେ ଗୋକୁଳପୁର ବିକାଶ ସମିତି ଗଠନ କରିଛନ୍ତି। ଗତ ରବିବାର ଗାଁର ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସମିତି ସଭାପତି ରମେଶ ଚନ୍ଦ୍ର ମହାପାତ୍ର ଓ ସମ୍ପାଦକ ରଘୁନାଥ ମିଶ୍ରଙ୍କ ନେତୃତ୍ୱରେ ଗ୍ରାମବାସୀ ଏକାଠି ହୋଇ ଗାଁର ସାମଗ୍ରିକ ବିକାଶ ପାଇଁ ସଂକଳ୍ପ ନେଇଛନ୍ତି। ଏହି ବୈଠକରେ ସମିତି ଉପଦେଷ୍ଟା ରାମଚନ୍ଦ୍ର ମିଶ୍ର, ଫକୀର ମିଶ୍ର, ସଦାଶିବ ମହାପାତ୍ର, ବୃନ୍ଦାବନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସେବା ଉତ୍ସବ ସମିତି ପକ୍ଷରୁ ଚିକିତ୍ସା ଶିବିର



**ଦଶପଲ୍ଲା,୫।୬(ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକ କୁଜାମେଣ୍ଡିଠାରେ ବୁଧବାର ନୟାଗଡ଼ ସେବା ଉତ୍ସବ ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧୁଷିତ ଅଞ୍ଚଳର ୨୫୦ ଜଣ ରୋଗୀଙ୍କୁ ଚିକିତ୍ସା ସୁବିଧା ଦିଆଯିବା ସହ ୭୦ଜଣଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ସମିତି ଅଧକ୍ଷ ଶିବରାମ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସାମାଜିକ କର୍ମୀ ରଶ୍ମି ରଞ୍ଜନ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ଟି ଅଭିମନ୍ୟୁ ଦୋରା ପ୍ରମୁଖ ଯୋଗଦାନ କରି ସମିତି ତରଫରୁ କରାଯାଉଥିବା ଏହି ସେବା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶିବିରରେ ଚକ୍ଷୁ ବିଶେଷଜ୍ଞ ଅରବିନ୍ଦ ଦାଶ, ଆୟୁର୍ବେଦ ବିଶେଷଜ୍ଞ ରମେଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସାମାଜିକ କର୍ମୀ ବଂଶୀଧର ସାହୁ, ଭଗବାନ ବେହେରା, ବ୍ରଜେନ୍ଦ୍ର ପ୍ରସାଦ ଧଳ, ସୁଜିତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିବ ବିବାହ ନିମନ୍ତେ ଗୁଆ ନିମନ୍ତ୍ରଣ ଆରମ୍ଭ

**ଗଣିଆ,୫।୬(ଡି.ଏନ.ଏ.):** ଚଳିତ ମାସ ୭ତାରିଖରେ ହେବାକୁ ଥିବା ପ୍ରଭୁ ଗୁପ୍ତେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ନିମନ୍ତେ ମଙ୍ଗଳବାର ଠାରୁ ଗୁଆ ନିମନ୍ତ୍ରଣ ଆରମ୍ଭ ହୋଇଛି। ପଞ୍ଚୁପଲ୍ଲୀ ପ୍ରଗଣାସ୍ଥିତ ପୁରାଣପ୍ରସିଦ୍ଧ ଶ୍ରୀଶ୍ରୀ ଗୁପ୍ତେଶ୍ୱର ମହାଦେବ ମନ୍ଦିର ପରିସରରେ ପତରପିଣ୍ଡି ନିର୍ବନ୍ଧ କାର୍ଯ୍ୟ ଅନୁଷ୍ଠିତ ହେବା ପରେ ଅଞ୍ଚଳର ବିଭିନ୍ନ ଦେବଦେବୀଙ୍କୁ ଦେବ ନିମନ୍ତ୍ରଣ ଆରମ୍ଭ ହୋଇଛି। ଏଥିସହ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବନ୍ଧୁ ଗୁଆ ନିମନ୍ତ୍ରଣ ଓ ମାନ୍ୟଗଣ ବ୍ୟକ୍ତି ମାନଙ୍କୁ ନିମନ୍ତ୍ରଣ ପତ୍ର, ପାନ ଓ ଗୁଆ ଦେଇ ନିମନ୍ତ୍ରଣ କାର୍ଯ୍ୟ ଆରମ୍ଭ ହୋଇଛି। ଚଳିତ ବର୍ଷ ବରପିତା ଭାବେ ଛାମୁଣ୍ଡିଆ ଗ୍ରାମର କୃଷ୍ଣଚନ୍ଦ୍ର ସାହୁ ଓ କନ୍ୟାପିତା ଭାବେ ରାଜିଙ୍ଗି ଗ୍ରାମର ଭାବଗ୍ରାହୀ ବେହେରା ସୌଭାଗ୍ୟ ଲାଭ କରିଛନ୍ତି। ବିଧିମୁତାବକ ଜ୍ୟୋତିଷଙ୍କ ଗଣନା ଅନୁଯାୟୀ ଗୁରୁବାର ମଙ୍ଗଳକୃତ୍ୟ ଓ ଶୁକ୍ରବାର ଅପରାହ୍ନ ୩ଟାରେ ବରାନୁଗମନ ଏବଂ ୫ଟାରେ ଦେବ ଦମ୍ପତିଙ୍କ ବିବାହ ପାଣିଗ୍ରହଣ ଉତ୍ସବ ବିଧିବିଧାନରେ ସମାପନ ହେବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

### ପୂଜକଙ୍କ ପରଲୋକ

**ନୟାଗଡ଼ ଅଫିସ,୫।୬:** ନୟାଗଡ଼ ଜିଲା ଶରଣକୁଳ ବାଉଁଶିଆ ଗ୍ରାମର ବିଶିଷ୍ଟ ଚଣ୍ଡୀପାଠକ ତଥା ପୂଜକ ବିନାୟକ ଦାଶଙ୍କ ବୁଧବାର ପରଲୋକ ଘଟିଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। କୌଣସି ରୋଗ ନ ଥିବାବେଳେ ବୁଧବାର ଅପରାହ୍ନରେ ହଠାତ୍ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ଦାଶ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମନ୍ଦିରରେ ପୂଜାପାଠ କରିବା ସହିତ ଚଣ୍ଡୀ ପାଠକ ଥିଲେ। ଗ୍ରାମ ଶଶ୍ମାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପଲିଥିନ ବ୍ୟବହାରରେ ଲାଗିବ କଟକଣା

**ନୟାଗଡ଼ ଅଫିସ,୫।୬**



ପୌର ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ।

- ବ୍ୟବସାୟୀଙ୍କଠାରୁ ଆଦାୟ ହେବ ୨୫ ହଜାର ଜରିମାନା
- ୪ଦିନ ମଧରେ ନିର୍ମାଣ ହେବ ୧୦୦ ଖତଗଦା

ଆଗାମୀ ଦିନରେ ନୟାଗଡ଼ ପୌର ପରିଷଦର ସମସ୍ତ କର୍ମଚାରୀ ୧ମାସ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ନ ରହି ପ୍ରତି ୱାର୍ଡ଼ର ଗଳିକନ୍ଦି ବୁଲି ସମସ୍ୟା ଓ ଅବ୍ୟବସ୍ଥା ସମ୍ପର୍କରେ ତୁରନ୍ତ ହ୍ୱାଟସ୍‌ଆପ୍ ଜରିଆରେ ଫିଲଡ଼ରୁ ରିପୋର୍ଟ ଦେବେ। ବର୍ଜ୍ୟବସ୍ତୁ ପରିଚାଳନାରେ ତ୍ରୁଟି ରହୁଥିବାରୁ ଏହାର ନିରାକରଣ ପାଇଁ ୧୦ ତାରିଖ ସୁଦ୍ଧା ସହରରେ ୧୦୦ଟି ଅଳିଆଗଦା ବା ଖତଗଦା ନିର୍ମାଣ କରାଯିବ। ୮ ତାରିଖରେ ସଫେଇ କର୍ମଚାରୀ, ଟ୍ରାକ୍ଟର ଡ୍ରାଇଭର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଏକ ତାଲିମ ଶିବିର କରାଯିବ। ବୁଧବାର ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପଟେ ବର୍ଷାଦିନ ପୂର୍ବରୁ ସମସ୍ତ ଡ୍ରେନ୍ ସଫା ସହ ମରାମତି କରିବାକୁ ନିଷ୍ପତ୍ତି ହୋଇଛି। ସହରରେ ପଲିଥିନ୍ ନିଷିଦ୍ଧ ହୋଇଥିବାବେଳେ କେତେକ ବ୍ୟବସାୟୀ ଆଇନ ହାତକୁ ନେଇ ପଲିଥିନ ବ୍ୟବହାର କରୁଥିବା ଜଣାପଡ଼ିଛି। କିଛିଦିନ ଭିତରେ ସମ୍ପୃକ୍ତ ବ୍ୟବସାୟୀ ପ୍ରତିଷ୍ଠାନ ଗୁଡ଼ିକରେ ଚଢ଼ାଉ କରାଯାଇ ଜଣ ପିଛା ୨୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରିବାକୁ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ମାର୍କେଟ ସୁପରଭାଇଜର କୈଳାସ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ୧୦ ଜଣିଆ ଫ୍ଲାଇଂସ୍କ୍ୱାଡ୍ ଗଠନ କରାଯାଇଛି। ସେହିପରି ଯେଉଁମାନେ ହୋଲ୍‌ଡିଂ ଟ୍ୟାକ୍ସ ଦେଉନାହାନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସହମତି ପ୍ରକାଶ ପାଇଛି। ବର୍ଜ୍ୟବସ୍ତୁ ପରିଚାଳନାରେ ସହଯୋଗ ପାଇଁ ଆଗ୍ରହୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ପୌରପରିଷଦ କାର୍ଯ୍ୟାଳୟରେ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପ୍ରତ୍ୟେକ ସ୍କୁଲ ଓ କଲେଜରେ ତାଲିମ ଶିବିରମାନ କରାଯିବାକୁ ନିଷ୍ପତ୍ତି ହୋଇଛି। କର୍ତ୍ତବ୍ୟରେ ଅବହେଳା କଲେ କର୍ମଚାରୀଙ୍କୁ ତତ୍କାଳ ନିଲମ୍ବନ କରାଯିବ ବୋଲି ନିର୍ବାହୀ ଅଧିକାରୀ ଜେନା ସତର୍କ କରାଇ ଦେଇଛନ୍ତି। ଅଳିଆ ଆବର୍ଜନା କୌଣସି ସ୍ଥାନରେ ନ ପଡ଼ିବା ପାଇଁ ୧୩ ଜଣ ବରିଷ୍ଠ କର୍ମଚାରୀଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌରଯନ୍ତ୍ରୀ ବାଇଧର ରାଉତ, କନିଷ୍ଠଯନ୍ତ୍ରୀ ସନାତନ ଭୋଳ, ପରିମଳ ନିରୀକ୍ଷକ ଲକ୍ଷ୍ମୀଧର ସାହୁ, ଗୋଷ୍ଠୀ ସଙ୍ଗଠିକା ପୁଷ୍ପାଞ୍ଜଳି ମହାନ୍ତି, ମାନସ ରଞ୍ଜନ ଦାସ, ଲକ୍ଷ୍ମୀଧର ମହାପାତ୍ର, ଶରତ ଚନ୍ଦ୍ର ପାଣି, ନଳିନୀକାନ୍ତ ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗୁରୁବାରଠାରୁ ସହରରେ ପଲିଥିନ ବିରୋଧରେ ଚଢ଼ାଉ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ରଥଖଳାରୁ....
# ଅଖ ହଣା ଚାଲିଛି, ୩୯ ଚକ ତିଆରି ସରିଲା

**ପୁରୀ ଅଫିସ, ୫।୬**

ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥ କାମ। ତୁମ୍ବ ତିଆରି ସରିବା ପରେ ଏବେ ଚକ ନିର୍ମାଣ କରାଯାଉଛି। ବୁଧବାର ସୁଦ୍ଧା ୩୯ଟି ଚକ ତିଆରି ସରିଛି। ନନ୍ଦିଘୋଷ ରଥର ୧୬ରୁ ୧୫, ତାଳଧ୍ୱଜର ୧୪ରୁ ୧୩ ଏବଂ ଦର୍ପଦଳନ ରଥର ୧୨ରୁ ୧୧ଟି ଚକ ନିର୍ମାଣ ଶେଷ ହୋଇଛି। ପାର୍ଶ୍ୱ ମୁହାଁଟ କାମ ଆରମ୍ଭ ହେବ ବୋଲି ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର କହିଛନ୍ତି। ସେହିପରି ୧୮ଟି ଅଖ ହଣା ଚାଲିଛି। ନନ୍ଦିଘୋଷର ୮, ତାଳଧ୍ୱଜର ୭ ଓ ଦର୍ପଦଳନ ରଥର ୬ ସମେତ ମୋଟ ୨୧ଟି ଅଖ ଲାଗିଥାଏ। ଭଉଁରୀରେ ୨ଟି ଚକ ଅଖ ଡେରା ହୋଇଥିଲା। ଅନ୍ୟପଟେ ମହାରଣା ସେବକମାନେ ପଇ ଓ ତୁମ୍ବରେ ଅଖ ବିନ୍ଧ ଏବଂ ରୂପକାର ସେବକମାନେ କଣଗୁଜରେ ସିଂହବିରାଳ ଖୋଦେଇ କରୁଛନ୍ତି। ଦୋଳମଣ୍ଡପ ଅସ୍ଥାୟୀ କମାରଶାଳରେ କମାର ସେବକମାନଙ୍କ ଦ୍ୱାରା ଲୁହାକଣ୍ଟା ପ୍ରସ୍ତୁତ ଚାଲିଛି। ସେହିପରି ଗୟଲ କାଠ ଚିରଟ ହେଉଛି। ତାଳଧ୍ୱଜ ରଥର କମାର ସେବକ ଅର୍ଜୁନ ମହାରଣା କହିଛନ୍ତି, ପ୍ରତି ରଥରେ ୨ଟି ଲେଖାଏଁ ବଳା ଓ ପନ୍ଦାରୀ କଣ୍ଟା ଲାଗିଥାଏ। ବଳା, ପନ୍ଦାରୀ ବାବଦକୁ ୧୬୮ଟି କଣ୍ଟା ସରିଛି। ପ୍ରତି ରଥ ଚକରେ ୩୨ଟି ଅରକଣ୍ଟା ହିସାବରେ ୧୩୪୪ଟି କଣ୍ଟା ଲଗାଯାଇଛି। ଆଗକୁ ଦଣ୍ଡା ବିଡ଼ିଆ କଣ୍ଟା ଆରମ୍ଭ ହେବ। ଗୟଲ, ଯୋଖା ଓ ଚଣାକ ଭୂଇଁ କଣ୍ଟା ମଧ ପ୍ରସ୍ତୁତ କରାଯିବ।



କମାର ସେବକ ବିଡିଆ କଣ୍ଟା ପ୍ରସ୍ତୁତ କରୁଛନ୍ତି।

## ବିଶ୍ୱ ପରିବେଶ ଦିବସ ପାଳିତ
# ପରିବେଶ ସୁରକ୍ଷା ଲାଗି ସାମୂହିକ ପ୍ରୟାସ ଲୋଡ଼ା

**ପୁରୀ ଅଫିସ, ୫।୬**

**୬ ଜଣଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ**

ପରିବେଶ ସୁରକ୍ଷା ନିମନ୍ତେ ସାମୂହିକ ପ୍ରୟାସ ଆବଶ୍ୟକ। ବାତ୍ୟା ଫନୀରେ ପୁରୀ ଜିଲାରେ ପ୍ରାୟ ୪୦ ଲକ୍ଷ ଗଛ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି । ତେଣୁ ବୃକ୍ଷରୋପଣ ଲାଗି ସଚେତନତା ସୃଷ୍ଟି କରିବାକୁ ଜିଲାପାଳ ବଲୱନ୍ତ ସିଂ ଆହ୍ୱାନ ଦେଇଛନ୍ତି। ବୁଧବାର ଜିଲା ପରିବେଶ ସମିତି ପକ୍ଷରୁ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ କହିଛନ୍ତି, ବର୍ତ୍ତମାନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଜୀବଜଗତ ଉପରେ ଏହାର କୁପ୍ରଭାବ ପଡୁଛି। ଏଥିରୁ ବର୍ତ୍ତିବାକୁ ହେଲେ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସଂରକ୍ଷଣର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ ମହୁମାଛି ଏବଂ ସାମୁଦ୍ରିକ କଇଁଛଙ୍କ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ପରାଗ ସଙ୍ଗମ ମାଧ୍ୟମରେ ଶତକଡ଼ା ୬୫ଭାଗ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ମହୁମାଛିର ବଡ଼ ଭୂମିକା ରହିଛି। ସେହିପରି ପରିବେଶକୁ ହେନ୍ତାଳ ବଣ ସୁରକ୍ଷା ଦେଉଛି। ଅନ୍ୟତମ ଅତିଥି ଭାବେ ଶ୍ରୀମନ୍ଦିର ପ୍ରଶାସନର ରାଜସ୍ୱ ଉପପ୍ରଶାସକ ମଧୁସୂଦନ ଦାଶ ଯୋଗଦେଇ କବିତା ମାଧ୍ୟମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ହୃଷୀକେଶ କାଣ୍ଡି, ଡ. ଅନନ୍ତ କୁମାର ସାହୁ, ବୈଜ୍ଞାନିକ ଡ. ଦେବାଶିଷ ରାୟ, ପରିବେଶ ମନ୍ତ୍ରଣାଳୟର ପୱନ କୁମାର ଅଗ୍ରୱାଲ ଏବଂ ଜିଲା ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ପ୍ରମୁଖ ପରିବେଶ ସଂରକ୍ଷଣ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅସ୍ତରଙ୍ଗର ତିଳୋତ୍ତମା କାଣ୍ଡି, ଗୋପର ଜଗନ୍ନାଥ ମିଶ୍ର, ନିମାପଡ଼ାର ବାଉରୀବନ୍ଧୁ ବେହେରା, ଡେଲାଙ୍ଗର ସରୋଜିନୀ ଜେନା, କଣାସର ଅଜୟ କୁମାର ସେଠୀ, ବ୍ରହ୍ମଗିରିର ଚିତ୍ତରଞ୍ଜନ ସାହୁଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଜିଲାରୁ ମନୋନୀତ ହୋଇଥିବା କାକଟପୁରର ଫକୀରସାହି ଭାଗବତ ଟୁଙ୍ଗୀ ସୁରକ୍ଷା କମିଟି, ଗୋପର ରୁଦ୍ରାଣୀ ଉଚ୍ଚ ବିଦ୍ୟାପୀଠ, ପିପିଲିର ଓଡ଼ିଶା ଇଞ୍ଜିନିୟରିଂ କଲେଜ ଏବଂ କଣାସର ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟକୁ ରାଜ୍ୟସ୍ତରରେ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସକାଳେ ବେଳାଭୂମି ସଫେଇ ପରେ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଗୋଲ୍‌ଡେନ ପ୍ୟାଲେସଠାରୁ ବାହାରି ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ପହଞ୍ଚିଥିଲା। ସଚେତନତା ବାର୍ତ୍ତା ସହ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଥିଲା। ପରେ ଆୟୋଜିତ ସଭାକୁ ଏସିଏଫ୍ ପ୍ରଶାନ୍ତ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ବିରଞ୍ଚି ନାରାୟଣ ସାମଲ ଧନ୍ୟବାଦ ଦେଇଥିଲେ। ବୃକ୍ଷରୋପଣ ଓ ସାମାଜିକ ସଚେତନତା ସୃଷ୍ଟି କ୍ଷେତ୍ରରେ ଶିକ୍ଷକ ମହେଶ୍ୱର ନାୟକ, ନିରଞ୍ଜନ ପତି ଏବଂ ପ୍ରଫୁଲ୍ଲ କୁମାର ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା।

### ପୁରୀ ଜିଲା ହ୍ୟାଣ୍ଡବଲ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚିତ

**ପୁରୀ ଅଫିସ, ୫।୬**

ପୁରୀ ଜିଲା ହ୍ୟାଣ୍ଡବଲ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ବୀରେନ ବେହେରା ଯୋଗଦେଇଥିଲେ। ମହେଶ୍ୱର ମହାନ୍ତି ମୁଖ୍ୟ ଉପଦେଷ୍ଟା ରହିଥିବାବେଳେ ଉପଦେଷ୍ଟା ଭାବେ ଦ୍ୱାରିକାନାଥ ମିଶ୍ର ଓ ପ୍ରଦ୍ୟୁମ୍ନ ମିଶ୍ର ରହିଛନ୍ତି। ସଭାପତି ଭାବେ କାମରାଜ ସେନାପତି, ଉପସଭାପତି ଭାବେ ରାଜକିଶୋର ମହାନ୍ତି, ଦେବଦତ୍ତ ମହାପାତ୍ର ଓ ଦୁର୍ଗାପ୍ରସାଦ ପଟ୍ଟନାୟକ, ସମ୍ପାଦକ ଭାବେ ଗୋପୀନାଥ ସାହୁ, ସହସମ୍ପାଦକ ବଦ୍ରିକାନାଥ ମହାନ୍ତି, ଯୁଗ୍ମସମ୍ପାଦକ ଚନ୍ଦନ କୁମାର ସାହୁ (ଜିଲା କ୍ରୀଡ଼ା ଅଧିକାରୀ), ମହେନ୍ଦ୍ର ବିଶ୍ୱାଳ (ଆଇପିଇ) ଏବଂ ଅଭିମନ୍ୟୁ ଶତପଥୀ ନିର୍ବାଚିତ ହୋଇଛନ୍ତି । ସେହିପରି ୯ ଜଣ ସଭ୍ୟ ନିର୍ବାଚିତ ହୋଇଥିବା ସମ୍ପାଦକ ସାହୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

## ବାତ୍ୟାରେ କତାଶିଳ୍ପର ବ୍ୟାପକ କ୍ଷତି
# ସ୍ୱତନ୍ତ୍ର ସହାୟତା ଦେବାକୁ ନିବେଦନ

**ପୁରୀ ଅଫିସ, ୫।୬**

ବାତ୍ୟାରେ ଓଡ଼ିଶାର ଉପକୂଳ ଜିଲାଗୁଡ଼ିକ ବିଶେଷକରି ପୁରୀ, କଟକ, ଖୋର୍ଦ୍ଧା ଓ ଜଗତ୍‌ସିଂହପୁରରେ କତାଶିଳ୍ପର ବ୍ୟାପକ କ୍ଷତି ଘଟିଛି। କତାଶିଳ୍ପଗୁଡ଼ିକର କର୍ମଶାଳା, ଗୋଦାମ ଗୃହ, କାର୍ଯ୍ୟାଳୟ ଗୃହ ଓ ଯନ୍ତ୍ରପାତି ନଷ୍ଟ ହୋଇଯାଇଛି। ସେହିପରି ନଡ଼ିଆ ଚାଷୀଙ୍କର ବ୍ୟାପକ କ୍ଷତି ହୋଇଛି। ପ୍ରାୟ ୯୦ପ୍ରତିଶତ ନଡ଼ିଆଗଛ ନଷ୍ଟ ହୋଇଯାଇ ଥିବାରୁ କତାଶିଳ୍ପ ଉପରେ ନିର୍ଭର କରୁଥିବା ଶିଳ୍ପସଂସ୍ଥା, ସମବାୟ ସମିତି, ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ କାମ ନ ପାଇ ହାତବାନ୍ଧି ବସିଛନ୍ତି। ଉପରୋକ୍ତ ଜିଲାଗୁଡ଼ିକରେ ଲକ୍ଷାଧିକ ଲୋକ କତାଶିଳ୍ପ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। କତାରେ ବିଭିନ୍ନ ସାମଗ୍ରୀ, ଘର ଉପକରଣ ଜିନିଷ, ଖେଳଣା ଆଦି ପ୍ରସ୍ତୁତ କରି ଭଲ ଦି' ପଇସା ରୋଜଗାର କରିଥାନ୍ତି । ଏମାନେ କତା ଶିଳ୍ପକୁ ପାରମ୍ପରିକ ଶିଳ୍ପ ଭାବେ ଧରି ନେଇଥିଲେ । ହେଲେ ଫନୀ ସବୁକିଛି ଉଜାଡ଼ି ଦେଇଛି । ଓଡ଼ିଶା ସମବାୟ କତା ନିଗମର ବୀରପ୍ରତାପୁରଠାରେ ଥିବା କତା ବିଶୋଧନ ପ୍ରକଳ୍ପ ଓ ଚନ୍ଦକାଠାରେ ଥିବା ରବରାଇଜ୍ ପ୍ଲାଣ୍ଟ ଓ ସରକାରଙ୍କର ତେଇଶିପୁରଠାରେ ଥିବା କତା ତାଲିମ ପ୍ରତିଷ୍ଠାନରେ ବ୍ୟାପକ କ୍ଷତି ହୋଇଛି। ପୁରୀ ଜିଲାରେ ଫନୀର ବିଶେଷ ପ୍ରଭାବ ପଡିଥିବାରୁ ଏଠାରେ ଥିବା ୨୭ଟି ପାରୁ ଉତ୍ପାଦକ ଶିଳ୍ପ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ହେଲେ ଏଗୁଡ଼ିକ ଉପରେ ନିର୍ଭର କରୁଥିବା ଶିଳ୍ପସଂସ୍ଥା ପୁଣି ଠିଆ ହେଲା ପରେ ବି ପ୍ରାୟ ବର୍ଷେ ପର୍ଯ୍ୟନ୍ତ କଞ୍ଚାମାଲ (ପାରୁ) ପାଇପାରିବେ ନାହିଁ। ତେଣୁ ସରକାର ବାତ୍ୟାଜନିତ କ୍ଷୟକ୍ଷତିର ଆକଳନ କରି ସ୍ୱତନ୍ତ୍ର ସହାୟତା ସହିତ ବ୍ୟାପକ ଭାବେ ନଡ଼ିଆ ଚାରା ରୋପଣ ପାଇଁ ବ୍ୟବସ୍ଥା କରିବାକୁ ଓଡ଼ିଶା କୋଅପରେଟିଭ କୟର କର୍ପୋରେଶନର ସଭାପତି ପୂର୍ଣ୍ଣଚନ୍ଦ୍ର ନନ୍ଦ ଅନୁରୋଧ କରିଛନ୍ତି ।

### ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରା

**ବୋଲଗଡ଼,୫।୬(ଡି.ଏନ.ଏ.)**

ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ବୁଧବାର ବୋଲଗଡ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବଡକୁମାରୀ ପଞ୍ଚାୟତ ଅଞ୍ଚଳରେ ଏକ ବାଇକ୍ ଶୋଭାଯାତ୍ରା ପରେ ଏକ ସଭାରେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ବିଜେଡି ନେତା ପ୍ରଫୁଲ୍ଲ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ସୁବୁଦ୍ଧି, ସମିତି ସଭ୍ୟ କାହ୍ନୁଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟା ତିଳୋତ୍ତମା ସୁବୁଦ୍ଧି ଏବଂ ବ୍ଲକ ଅଧକ୍ଷ ଗୋପାଳ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଦଶପଲ୍ଲା: ବିଶ୍ୱ ପରିବେଶ ଦିବସ

**ଦଶପଲ୍ଲା,୫।୬(ଡି.ଏନ୍.ଏ.)**

ସ୍ଥାନୀୟ ତାଲୁକ ଆଇନସେବା କମିଟି ପକ୍ଷରୁ ବୁଧବାର ପଥୁରିଆଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଦଶପଲ୍ଲା ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ଜେଏମ୍‌ଏଫ୍‌ସି ଶରତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଆଇନଜୀବୀ ଆଲୋକ ସେନାପତି, ଦିଲୀପ କୁମାର ପଣ୍ଡା, ଚିତ୍ତରଞ୍ଜନ କର, ବିନୋଦ ବିହାରୀ ମିଶ୍ର, କେଶବ ଚନ୍ଦ୍ର ମିଶ୍ର, ବୀରେନ୍ଦ୍ର କୁମାର ନାୟକ, ଖବରଦାତା ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଯୋଗଦେଇ ବିଶ୍ୱ ପରିବେଶ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦିନକୁ ଦିନ ବଢିଚାଲିଥିବା ପ୍ରଦୂଷଣ ଓ ଏହାର ନିରାକରଣ ସମ୍ପର୍କରେ ବର୍ଣ୍ଣନା କରିବା ସହ ଏହାର ଆଇନଗତ ଦିଗ ଉପରେ ଆଲୋଚନା କରାଯାଇଥିଲା। ସଭା ଶେଷରେ ପଥୁରିଆ ଗ୍ରାମ୍ୟ ପୋଖରୀ ହୁଡ଼ାରେ ବୃକ୍ଷରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଥୁରିଆ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## କାଳବୈଶାଖୀ ଉଡ଼ାଇନେଲା ପ୍ରକଳ୍ପ ଲୁହା ସ୍ଲାବ୍
# ଜଳ ଯୋଗାଣ ବନ୍ଦ, ଚୁଆ ପାଣି ଭରସା

**ଖଣ୍ଡପଡା,୫।୬(ସ୍ୱ.ପ୍ର.)**



ମହିଳାମାନେ ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରୁଛନ୍ତି।

ଧାନଚାଙ୍ଗଡା ପଞ୍ଚାୟତର ଲକ୍ଷ୍ମୀପ୍ରସାଦ ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗତ ରବିବାର କାଳବୈଶାଖୀରେ ଉକ୍ତ ଗ୍ରାମକୁ ଯୋଗାଯାଉଥିବା ଜଳ ଯୋଗାଣ ପ୍ରକଳ୍ପର ଲୁହା ସ୍ଲାବ ସହ ଯୋଗାଣ ପାଇପ ଉଡିଯିବାରୁ ବର୍ତ୍ତମାନ ଜଳ ଯୋଗାଣ ବନ୍ଦ ରହିଛି । ଦୀର୍ଘ ୫ ବର୍ଷ ହେଲା ପାନୀୟ ଜଳ ପାଇବାରୁ ବଞ୍ଚିତ ଲକ୍ଷ୍ମୀପ୍ରସାଦବାସୀଙ୍କ ବାରମ୍ବାର ଦାବି ପରେ ଗତ ୧୫ ଦିନ ତଳେ କାର୍ଯ୍ୟକ୍ଷମ ହୋଇଥିବା ଜଳ ଯୋଗାଣ ପ୍ରକଳ୍ପଟି ସମ୍ପ୍ରତି ବନ୍ଦ ହୋଇ ଯାଇଛି। ଫଳରେ ଗ୍ରାମବାସୀ ପୂର୍ବପରି ପାଣି ମୁନ୍ଦେ ପାଇଁ ଦୀର୍ଘ ପ୍ରାୟ ଏକ କିଲୋମିଟର ଦୂର କମେଇ ନଦୀକୁ ଯାଇ ଦୂଷିତ ଚୁଆ ପାଣିକୁ ସଂଗ୍ରହ କରୁଥିବା ପରିଲକ୍ଷିତ ହୋଇଛି ।

ସୂଚନାଯୋଗ୍ୟ ଯେ, ଧାନଚେଙ୍ଗଡା ପଞ୍ଚାୟତର ୧, ୨ ଓ ୩ ନମ୍ବର ୱାର୍ଡର ଏକ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ନେଇ ଲକ୍ଷ୍ମୀପ୍ରସାଦ ଗ୍ରାମ ଗଠିତ । ଏହି ଗ୍ରାମରେ ୬ଟି ନଳକୂପ ରହିଥିଲେ ମଧ ତାହା ପାନୀୟ ଉପଯୋଗୀ ନୁହେଁ ଏବଂ ୨ଟି କୂଅ ରହିଥିଲେ ମଧ ସେଗୁଡିକ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନୂଆଗାଁ(ଲକ୍ଷ୍ମୀପ୍ରସାଦ) ଗ୍ରମବାସୀଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟ ନେଇ ଦୀର୍ଘ ବର୍ଷ ତଳେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରା ଯାଇଥିଲା । ଏହି ଯୋଜନାରେ କମେଇ ନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ନିକଟରେ ଏକ ବୋର ୱେଲ ଖନନ କରାଯାଇ ମୋଟର ପମ୍ପ ମାଧ୍ୟମରେ ଲକ୍ଷ୍ମୀ ପ୍ରସାଦ ଗ୍ରାମବାସୀଙ୍କୁ ଜଳ ଯୋଗାଇବାର ବ୍ୟବସ୍ଥା କରାଯାଇଥିଲା । ମାତ୍ର ଉକ୍ତ ଜଳ ପାନୀୟ ଉପଯୋଗୀ ହୋଇ ନଥିବାରୁ ଏହି ଜଳକୁ ବ୍ୟବହାର କରି ଅଧିକାଂଶ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିଲେ । ବିଶେଷ କରି ଏହି ପାଣିକୁ ବ୍ୟବହାର କରି ଗ୍ରାମର ଅଧିକାଂଶ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୦ରୁ ୧୫ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି । ଉକ୍ତ ପ୍ରକଳ୍ପଟି ଦୀର୍ଘ ବର୍ଷ ହେବ ଅକାମୀ ହୋଇ ପଡିଥିବା ବେଳେ ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ କମେଇ ନଦୀ କୂଳରେ ଅନ୍ୟ ଏକ ଇନଟେକ ୱେଲ ଖନନ କରାଯାଇଥିଲେ ମଧ୍ୟ ଦୀର୍ଘ ବର୍ଷ ହେଲା ତାହା କାର୍ଯ୍ୟକ୍ଷମ ହେଉ ନ ଥିଲା । ଏ ସମ୍ପର୍କରେ 'ନଳ କୂପ ଅଚଳ, ପାଣି ପାଇଁ ଲୋକେ ତହଳ ବିକଳ,

**ଲକ୍ଷ୍ମୀପ୍ରସାଦ ଜଳ ଯୋଗାଣ ପ୍ରକଳ୍ପ**

ଦୂଷିତ ଚୁଆପାଣି ବ୍ୟବହାର କରୁଛନ୍ତି ଲୋକେ' ଶୀର୍ଷକ ଖବର ଗତ ମେ ମାସ ୧୧ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ଗତ ୧୫ ଦିନ ତଳେ ଉକ୍ତ ପ୍ରକଳ୍ପଟି କାର୍ଯ୍ୟକାରୀ ହୋଇ ଲୋକମାନଙ୍କ ପାନୀୟ ଜଳ ଆବଶ୍ୟକତାକୁ ମେଣ୍ଟାଇଥିଲା। ମାତ୍ର ଗତ ୨ ତାରିଖ କାଳ ବୈଶାଖୀ କମେଇ ନଦୀ କୂଳରେ ଥିବା ଜଳ ଯୋଗାଣ ପ୍ରକଳ୍ପ ଟାଙ୍କିର ଉପରି ଭାଗ ଲୁହା ସ୍ଲାବ ସହ ସଂଯୋଗ ଥିବା ଜଳ ଯୋଗାଣ ପାଇପକୁ ଫୋପାଡି ନଷ୍ଟ କରି ଦେଇଛି। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ପୂର୍ବବତ ମହିଳା ମାନେ କମେଇ ନଦୀରେ ଚୁଆ ଖୋଳି ଦୂଷିତ ପାଣିକୁ ବ୍ୟବହାର ପାଇଁ ପାଣି ସଂଗ୍ରହ କରୁଥିବା ପରିଲକ୍ଷିତ ହୋଇଛି । ଏ ସମ୍ପର୍କରେ ନୟାଗଡ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ.ରାଜୀବ କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରେ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି ।